DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୮/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 28/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 122 | ମୂଲ୍ୟ ₹୭/-



**ହାର୍ଦ୍ଦିକଙ୍କୁ ହକି ଇଣ୍ଡିଆ ପୁରସ୍କାର**

ହକି ଇଣ୍ଡିଆ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି ଭାରତର ଷ୍ଟାର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ।

୧୬

୧୦

**ପ୍ରଶଂସକଙ୍କୁ ରାମ ଚରଣଙ୍କ ଉପହାର**

ରାମ ନବମୀରେ ସୁପରଷ୍ଟାର ରାମ ଚରଣଙ୍କ ଅଭିନୀତ ବିଗ୍ ବଜେଟ ଫିଲ୍ମ 'ପେଡ୍ଡି ପହଲୱାନ'ର ପ୍ରଥମ ଝଲକ ରିଲିଜ ହୋଇଛି।





ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ସଚେତନ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଶୁକ୍ରବାର ହାଓଡା ବ୍ରିଜ୍‌ରେ ଆୟୋଜିତ ସାଇକେଲ ଶୋଭାଯାତ୍ରାରେ ଛାତ୍ରୀମାନେ ଭାଗନେଇଛନ୍ତି।

# ୧ ଡଲାର=୯୪.୮୨ ଟଙ୍କା

**ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ସ୍ଥିତି ଯୋଗୁ ଅଶୋଧିତ ତୈଳ ମୂଲ୍ୟ ବଢ଼ିବାରେ ଲାଗିଛି। ଭାରତ ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ କରୁଛି। ଅନ୍ୟପକ୍ଷରେ ରପ୍ତାନି ବଢ଼ୁ ନ ଥିବାରୁ ଭାରତରେ ବାଣିଜ୍ୟ ନିଅଣ୍ଟ ଦେଖାଦେଉଛି। ବର୍ତ୍ତମାନର ଭୂରାଜନୈତିକ ସ୍ଥିତି ଅସ୍ଥିର ଥିବାରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଘରୋଇ ପୁଞ୍ଜିବଜାରରୁ ଅର୍ଥ ଉଠାଣ କରିଚାଲିଛନ୍ତି। ଫଳରେ ଭାରତୀୟ ମୁଦ୍ରା ଦୁର୍ବଳ ହେବାରେ ଲାଗିଛି। ଶୁକ୍ରବାର ଇଣ୍ଟରବ୍ୟାଙ୍କ ଫରେକ୍ସ ଏକ୍ସଚେଞ୍ଜରେ କାରବାର ବେଳେ ଟଙ୍କା ଡଲାର ତୁଳନାରେ ଏକସଙ୍ଗେ ୮୬ ପଇସା ଦୁର୍ବଳ ହୋଇଛି। ଫଳରେ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୪ ଟଙ୍କା ୮୨ ପଇସାରେ ପହଞ୍ଚି ସର୍ବକାଳୀନ ନିମ୍ନସ୍ତରକୁ ଆସିଯାଇଛି।**

**ଆହୁରି ୮୬ ପଇସା ଦୁର୍ବଳ ହେଲା**

ମୁମ୍ବାଇ,୨୭।୩(ପି.ଟି.)

ପଶ୍ଚିମ ଏସିଆ ସଂଘର୍ଷକୁ ନେଇ ଅଶୋଧିତ ତୈଳ ଦର ବୃଦ୍ଧି ସହ ଭୂରାଜନୈତିକ ଅନିଶ୍ଚିତତା ଆମେରିକୀୟ ଡଲାରକୁ ମଜଭୁତ କରିଥିବାବେଳେ ଏହା ତୁଳନାରେ ଭାରତୀୟ ମୁଦ୍ରା ଅଧିକରୁ ଅଧିକ ଦୁର୍ବଳ ହେବାରେ ଲାଗିଛି। ଇଣ୍ଟରବ୍ୟାଙ୍କ ଫରେକ୍ସ ଏକ୍ସଚେଞ୍ଜରେ ଶୁକ୍ରବାର କାରବାରବେଳେ ଟଙ୍କା ୮୬ ପଇସା ଦୁର୍ବଳ ହୋଇଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୪.୮୨ ପଇସା ରହିଛି।

ଘରୋଇ ଶେୟାର ବଜାର ଶୁକ୍ରବାର ପୁଣି କ୍ରାଶ୍ କରିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ବଜାରରୁ ମୁହଁ ଫେରାଇ ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଥିବାରୁ ଶେୟାର ମାର୍କେଟ ସମେତ ସ୍ଥାନୀୟ ମୁଦ୍ରା ଚାପଗ୍ରସ୍ତ ହୋଇଛି ବୋଲି ଫରେକ୍ସ ଟ୍ରେଡର୍ସ ମତ ଦେଇଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ୯୪.୧୮ରେ ଖୋଲିବା ପରେ ପ୍ରଥମ ଥର ୯୪.୫୦କୁ ଖସିଥିଲା। କାରବାର ଶେଷ ବେଳକୁ ଏହା ୯୪.୮୨ରେ ବନ୍ଦ ହୋଇଥିଲା, ଯାହାକି ପୂର୍ବ କ୍ଲୋଜ୍ ତୁଳନାରେ ୮୬ ପଇସା ଦୁର୍ବଳ। ବୁଧବାର ସେସନ୍‌ରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୩.୯୬ ଟଙ୍କା ରହିଥିଲା। ଗୁରୁବାର ରାମନବମୀ ଥିବାରୁ ଶେୟାର ମାର୍କେଟ ଓ କମୋଡିଟି ମାର୍କେଟ ବନ୍ଦ ରହିଥିଲା। ସମ୍ପ୍ରତି ଅନ୍ତର୍ଜାତୀୟ ତୈଳ ବଜାରରେ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୧୦୯.୮ ଆମେରିକୀୟ ଡଲାର ରହିଛି। ସେନ୍‌ସେକ୍ସ ୧,୬୯୦.୨୩ ପଏଣ୍ଟ (୨.୨୫%) ହ୍ରାସ ପାଇ ୭୩,୫୮୩.୨୨କୁ ଖସିଛି। ସେହିପରି ନିଫ୍ଟି ୪୮୬.୮୫ ପଏଣ୍ଟ (୨.୦୯%) ହ୍ରାସ ସହ ୨୨,୮୧୯.୬୦କୁ ଖସିଯାଇଛି। ବୁଧବାର ସେସନ୍‌ରେ ଏଫ୍ଆଇଆଇ ୧,୮୦୫.୩୭ କୋଟି ଟଙ୍କାର ଇକ୍ୱିଟି ବିକ୍ରି କରିଥିବା ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି।

# ଆଜିଠୁ ଆଇପିଏଲ୍

**ଆର୍‌ସିବି-ସନ୍‌ରାଇଜର୍ସ ଉଦ୍‌ଘାଟନୀ ମ୍ୟାଚ୍**

ବେଙ୍ଗାଲୁରୁ, ୨୭।୩

ଅନ୍ତର୍ଜାତୀୟ ଟି୨୦ରେ ସବୁଠାରୁ ବ୍ୟୟବହୁଳ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍)ର ୧୯ଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ମେ' ୩୧ ପର୍ଯ୍ୟନ୍ତ ଚାଲିବ। ଅଂଶଗ୍ରହଣକାରୀ ୧୦ଟି ଦଳକୁ ନେଇ ମୋଟ ୭୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ୍‌ଭିତ୍ତିକ ଏହି ଲିଗ୍‌ର ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁ, ଅହମଦାବାଦ, ଚେନ୍ନାଇ, ଦିଲ୍ଲୀ, ଧର୍ମଶାଳା, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, କୋଲକାତା, ଲକ୍ଷ୍ନୌ, ମୁଲାନପୁର, ମୁମ୍ବାଇ ଓ ରାୟପୁର ଆଦି ୧୩ ଭେନ୍ୟୁରେ ଅନୁଷ୍ଠିତ ହେବ। ଡିଫେଣ୍ଡିଂ ଚାମ୍ପିୟନ ରୟାଲ




ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ୨୦୧୬ ଚାମ୍ପିୟନ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନେତାଙ୍କୁ ଅନୁସରଣ

# ଲୋକାୟୁକ୍ତ: ୨୦୨୫ରେ ମାମଲା ସମାଧାନ ଶୂନ

**ସାଧାରଣ ପ୍ରଶାସନ ବିଭାଗର ବାର୍ଷିକ ରିପୋର୍ଟ**

ଭୁବନେଶ୍ୱର,୨୭।୩ (ରବିନାରାୟଣ ଜେନା)

ରାଜ୍ୟରେ ୨୦୧୯ ମାର୍ଚ୍ଚ ୨୦ରୁ ବିଭିନ୍ନ ସରକାରୀ କର୍ମଚାରୀଙ୍କ ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତୀୟ ମାମଲାର ସମାଧାନ ଲାଗି ଲୋକାୟୁକ୍ତ କାର୍ଯ୍ୟକାରୀ ହେଉଛି। ହେଲେ ୨୦୨୫ ବର୍ଷରେ ଲୋକାୟୁକ୍ତଙ୍କ ପକ୍ଷରୁ ଗୋଟିଏ ହେଲେ ବି ମାମଲାର ସମାଧାନ ହୋଇନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗର ବାର୍ଷିକ ରିପୋର୍ଟରୁ ଜଣାଯାଇଛି। ବିଧାନସଭାରେ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ, ୨୦୨୫ ଜାନୁଆରୀ ପହିଲାରୁ ୨୦୨୬ ଜାନୁଆରୀ ୫ତାରିଖ ମଧ୍ୟରେ ୯୭ଟି ଦୁର୍ନୀତି ସମ୍ପର୍କିତ ନୂତନ ଅଭିଯୋଗ ପଞ୍ଜୀକୃତ ହୋଇଛି। ଏହାବାଦ୍ ୬୯ଟି ଅଭିଯୋଗ ଲୋକାୟୁକ୍ତଙ୍କୁ ମିଳିଥିଲେ ହେଁ ତାହା ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇନାହିଁ। ଏହି ସମୟ ମଧ୍ୟରେ ଗୋଟିଏ ବି ମାମଲାର ସମାଧାନ ହୋଇ ନ ଥିବାବେଳେ କୌଣସି ମାମଲାରେ ତଦନ୍ତ ନିର୍ଦ୍ଦେଶ ଲୋକାୟୁକ୍ତଙ୍କ ପକ୍ଷରୁ ଦିଆଯାଇନାହିଁ। ରାଜ୍ୟରେ ଲୋକପାଳ ନ ଥିବାରୁ ପୁରୁଣା ମାମଲା ମଧ୍ୟ ସମାଧାନ ହୋଇପାରୁ ନ ଥିବା ରିପୋର୍ଟରୁ ଜଣାଯାଇଛି।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେଉଛି। ବର୍ଷକ ମଧ୍ୟରେ ୧ଲକ୍ଷ ୨ହଜାର ୭୩୪ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିମଧ୍ୟରୁ ୯୩ହଜାର ୮୨୨ଟିର ଫଇସଲା ହୋଇଛି। ୪ହଜାର ୮୭୮ଟି ଅଭିଯୋଗରେ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି ଏବଂ ୧ହଜାର ୪୪୩ଟି ଖାରଜ କରାଯାଇଛି। ଏହାବାଦ୍ ୮ହଜାର ୩୮୬ ଅଭିଯୋଗ ପୁନଃ ଆସିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ଟି ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିଥିବା ରିପୋର୍ଟରୁ ଜଣାଯାଇଛି।

ରିପୋର୍ଟ ଅନୁଯାୟୀ, ଛତିଶଗଡ଼ର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଥଇଥାନ ଓ ପୁନରୁଦ୍ଧାର ଲାଗି ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ମାତ୍ର ଓଡ଼ିଶାର ଗରିବ ଓ ଜଟିଳ ରୋଗୀଙ୍କ ☞ପୃଷ୍ଠା-୪

# ୪ ରାଜ୍ୟରେ ଖୋଲିବ ନୂଆ ଓଡ଼ିଶା ଭବନ

ଭୁବନେଶ୍ୱର,୨୭।୩(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୪ଟି ରାଜ୍ୟରେ ନୂତନ ଓଡ଼ିଶା ଭବନ ଖୋଲିବାର ପ୍ରସ୍ତାବ ରହିଛି। ଏନେଇ ଗୃହ ବିଭାଗ ପକ୍ଷରୁ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତେଲଙ୍ଗାନା ଓ ଗୁଜରାଟ ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଛି ବୋଲି ଗୃହବିଭାଗର ବାର୍ଷିକ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଉତ୍ତରପ୍ରଦେଶର ଅଯୋଧ କିମ୍ବା ପ୍ରୟାଗରାଜ, ତେଲଙ୍ଗାନାର ହାଇଦ୍ରାବାଦ୍ ଏବଂ ଗୁଜରାଟର ସୁରଟଠାରେ ଓଡ଼ିଶା ଭବନ ଖୋଲିବା ପାଇଁ ଜମି ଯୋଗାଇବାକୁ ଅନୁରୋଧ କରାଯାଇଛି। ଏହାବ୍ୟତୀତ ମୁମ୍ବାଇରେ ଦ୍ୱିତୀୟ ଓଡ଼ିଶା ଭବନ ନିର୍ମାଣ ପାଇଁ ଜମି ଯୋଗାଇବାକୁ ମହାରାଷ୍ଟ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ସେହିପରି କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ବେଙ୍ଗାଲୁରୁଠାରେ ଓଡ଼ିଶା ଭବନ ନିର୍ମାଣ ପାଇଁ ସାମ୍ପିକେହଲ୍ଲୀର ଅର୍କବତୀ ଲେ-ଆଉଟ୍‌ର ତୃତୀୟ ବ୍ଲକରେ ୩,୭୪୮.୫୦ ବର୍ଗମିଟର ଜମି ରାଜ୍ୟ ସରକାରଙ୍କୁ ଲିଜ୍ ସୂତ୍ରରେ ମିଳିଛି। ଏହାର ଅବଧି ୩୦ବର୍ଷ ପାଇଁ ରହିଛି। ଏହି ଭବନର ଜମି କ୍ରମ ବାବଦକୁ ୩କୋଟି ୯୮ଲକ୍ଷ ୧୦ହଜାର ୯୪ଟଙ୍କା ସରକାର ପ୍ରଦାନ କରିଛନ୍ତି। ଭବନ ନିର୍ମାଣ ପାଇଁ ୨୭କୋଟି ୬୨ଲକ୍ଷ ୩୨ହଜାର ୯୯୭ଟଙ୍କାର ପ୍ରଶାସନିକ ଅନୁମୋଦନ ରାଜ୍ୟ ସରକାର ଦେଇଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନ କରିବ।

ରିପୋର୍ଟ ଅନୁଯାୟୀ, ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇଠାରେ ଓଡ଼ିଶା ଭବନ ରହିଛି। ଏହି ଭବନରେ ଗୁଣବତ୍ତା ବୃଦ୍ଧି ଲାଗି ଇ-ଭବନ ପୋର୍ଟାଲ ଆପ୍ ଖୋଲାଯାଇ ଅତିଥିମାନଙ୍କଠାରୁ ମତାମତ ସଂଗ୍ରହ କରାଯାଉଛି। ରାଜ୍ୟ ଅତିଥି ଭବନରେ ୯୫ଟି ଡବଲ୍ ବେଡ୍ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ରହିଛି। ଏହାବାଦ୍ ପୁରୁଣା କମ୍ପ୍ଲେକ୍ସ କୋଠାରେ ଗୋଟିଏ ଭିଭିଆଇପି ପ୍ରକୋଷ୍ଠ, ୧୦ଟି ଭିଆଇପି ପ୍ରକୋଷ୍ଠ ଏବଂ ୨୮ଟି ଡିଲକ୍ସ ପ୍ରକୋଷ୍ଠ ରହିଛି। ଏହାସହିତ ନୂତନ ଆନେକ୍ସ ବିଲ୍ଡିଂରେ ୧୫ଟି ଭିଆଇପି ଓ ୪୧ଟି ଡିଲକ୍ସ ରୁମ୍ ରହିଥିବା ରିପୋର୍ଟରୁ ଜଣାଯାଇଛି।




# ବିବାହିତ ପୁରୁଷ, ସହମତ ମହିଳାଙ୍କ ଲିଭ୍-ଇନ୍ ସମ୍ପର୍କ ଅପରାଧ ନୁହେଁ: ହାଇକୋର୍ଟ

ପ୍ରୟାଗରାଜ,୨୭।୩(ପି.ଟି.)

ଜଣେ ବିବାହିତ ପୁରୁଷ ଓ ଜଣେ ପ୍ରାପ୍ତ ବୟସ୍କା ମହିଳା ସହମତି ଭିତ୍ତିରେ ଲିଭ୍-ଇନ୍ ସମ୍ପର୍କରେ ରହିଲେ ତାହା ଆଇନ ଅନୁଯାୟୀ ଅପରାଧ ପଦବାଚ୍ୟ ହେବନାହିଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର ରାୟ ଦେଇଛନ୍ତି। ଆଲୋଚ୍ୟ ମାମଲାରେ ଜଷ୍ଟିସ୍ ଜେ.ଜେ. ମୁନିର ଏବଂ ତରୁଣ ସକ୍ସେନାଙ୍କ ଖଣ୍ଡପୀଠ ୨ ଜଣ ଆବେଦନକାରୀଙ୍କୁ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବାହିତ ପୁରୁଷ ଜଣକ ପ୍ରାପ୍ତବୟସ୍କା ମହିଳାଙ୍କ ସହମତି



ନେଇ ତାଙ୍କ ସହ ଲିଭ୍-ଇନ୍ ସମ୍ପର୍କ ରଖିଥିବାରୁ ସେମାନଙ୍କୁ ଗିରଫ କରାଯାଇପାରିବ ନାହିଁ। ନୈତିକତା ଓ ଆଇନକୁ ପୃଥକ୍ ରଖାଯିବା ଆବଶ୍ୟକ। ଆଇନ ଅନୁସାରେ ଯଦି କୌଣସି କାର୍ଯ୍ୟ ଅପରାଧ ନୁହେଁ ତେବେ ସାମାଜିକ ମତାମତ ଓ ନୈତିକତା କୋର୍ଟଙ୍କୁ ପଥପ୍ରଦର୍ଶନ କରିପାରିବ ନାହିଁ। ଏହି ମାମଲାରେ ମହିଳାଙ୍କ ମା' ଏଫ୍ଆଇଆର୍‌ରେ ଉଲ୍ଲେଖ କରିଥିଲେ, ତାଙ୍କ ୧୮ ବର୍ଷୀୟା ଝିଅଙ୍କୁ ଜଣେ ପୁରୁଷ ନେଇଯାଇଛନ୍ତି। ତେବେ ଉତ୍ତର ପ୍ରଦେଶର ଶାହଜାହାନପୁର ଏସ୍‌ପିଙ୍କ ନିକଟରେ ମହିଳା ଜଣକ ଦାଖଲ କରିଥିବା ଆବେଦନ ଅନୁସାରେ ସେ ଜଣେ ପ୍ରାପ୍ତବୟସ୍କା ଏବଂ ସମ୍ପୃକ୍ତ ପୁରୁଷଙ୍କ ସହ ସେ ସ୍ୱଇଚ୍ଛାରେ ଲିଭ୍-ଇନ୍ ସମ୍ପର୍କରେ ରହୁଛନ୍ତି। ଏଥିରେ ସେ ଆହୁରି ଅଭିଯୋଗ ଆଣିଥିଲେ ଯେ ତାଙ୍କ ପରିବାର ଲୋକେ ଏହି ସମ୍ପର୍କକୁ ବିରୋଧ କରି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ସେ ଅନର କିଲିଂର ଶିକାର ହେବା ଆଶଙ୍କା କରୁଥିବାବେଳେ ତାଙ୍କ ଅଭିଯୋଗ ଉପରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ ୨ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ୮ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ଅନ୍ୟାଦେଶ ଜାରି ହେବା ପର୍ଯ୍ୟନ୍ତ ଆବେଦନକାରୀ ଦ୍ୱୟଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ସଂକ୍ଷେପରେ

### ଲମ୍ଫଡିଆଁରେ ସ୍ୱର୍ଣ୍ଣପଦକ ଜିତିଲେ ସାରୁନ ପାୟାସିଂ

**ଭବାନୀପାଟଣା, ୨୭।୩ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ସାରୁନ ପାୟାସିଂ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଜାତୀୟ ଇନ୍‌ଡୋର



ଆଥେଲେଟିକ୍ସ ଚାମ୍ପିଆନଶିପର ଲମ୍ଫଡିଆଁ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେ ୭.୮୦ ମିଟର ଅତିକ୍ରମ କରି ପୁରୁଷ ଲମ୍ଫଡିଆଁ ଇଭେଣ୍ଟରେ ସଫଳତା ଆଣିଛନ୍ତି। ୨୦ବର୍ଷରୁ କମ୍ ବର୍ଗର ଏହି ପ୍ରତିଯୋଗିତାରେ ସାରୁନ ପାୟାସିଂଙ୍କ ସଫଳତା ନେଇ ଜିଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା ଓ କ୍ରୀଡା ସଂସ୍ଥାର କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

### ୮୦ ବର୍ଷ ବୟସ୍କଙ୍କ ପାଇଁ ଆରମ୍ଭ ହେବ 'ଅଭିଯାନ'

**ନୂଆପଡ଼ା, ୨୭।୩ (ମକାରୁ ବେମାଲ):** ନୂଆପଡ଼ା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲାପାଳ ଜିଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଜୋର ଦେଇଥିଲେ। ସମସ୍ତ ବିଦ୍ୟାଳୟରେ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରିଚୟ ପତ୍ର (ଆଭା ଆଇଡି) ସୃଷ୍ଟି କରି ତଥ୍ୟକୁ ଡିଜିଟାଲ ମାଧ୍ୟମରେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରୂପେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକଙ୍କ ପାଇଁ ଘରେ ଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ବିଶେଷ 'ଅଭିଯାନ' ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅଭିଯାନରେ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତିମାସ ଥରେ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ରକ୍ତଚାପ ଓ ମଧୁମେହ ପରୀକ୍ଷା କରିବେ। ଏହି ଅବସରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ ସମିତି ବୈଠକରେ ହସ୍ପିଟାଲ ଉନ୍ନୟନ ଓ ସେବା ସୁଧାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଡିଏମ୍‌ଓ କମ ସୁପରିଣ୍ଟେଣ୍ଡେଣ୍ଟ ଡା. ଲଳିତ ମୋହନ ବିଶି, ଡିପିଏଚ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡା. ଜ୍ୟୋତିର୍ମୟ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମୌଳିକ ଜୀବନ ସମର୍ଥନ ଓ ଆଶୁ ଚିକିତ୍ସା ପ୍ରଶିକ୍ଷଣ ଶିବିର



**ଭବାନୀପାଟଣା, ୨୭।୩ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ପୁରୁଷ ୟୁନିଟ-୧, ୟୁନିଟ-୨ ଓ ମହିଳା ୟୁନିଟ-୩ ଦ୍ୱାରା 'ମୌଳିକ ଜୀବନ ସମର୍ଥନ ଓ ଆଶୁ ଚିକିତ୍ସା ପ୍ରଶିକ୍ଷଣ ଶିବିର' ଅନୁଷ୍ଠିତ ହୋଇଯାଇଛି। କୁଳପତି ଡ. ନିବେଦିତା ନାଥ ଏହାକୁ ଉଦ୍‌ଘାଟନ କରି ଆଶୁ ଚିକିତ୍ସା ସମ୍ବନ୍ଧରେ ନିଜର ଅଭିମତ ପ୍ରକାଶ କରିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଜାତୀୟ ସେବା ଯୋଜନା ପ୍ରୋଗାମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ହୋଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନା ବ୍ୟୁରୋ ଜିଲା ପ୍ରୋଗ୍ରାମ ଅଫିସର ଓ ୟୁନିଟ-୧ ପ୍ରୋଗ୍ରାମ ଅଫିସର ଜୟନ୍ତ କୁମାର ଡନସନା, ପ୍ରୋଗ୍ରାମ ଅଫିସର ୟୁନିଟ-୨ ଡ. ପ୍ରିୟରଞ୍ଜନ ବେହେରା ଏବଂ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ରୋଜମେରୀ ରଶ୍ମିତା ଏକ୍କାଙ୍କ ସଂଯୋଜନାରେ ଶିବିର ଆରମ୍ଭ ହୋଇଥିଲା। ପ୍ରଶିକ୍ଷକ ବିଶେଷଜ୍ଞ ଭାବେ ଶାନ୍ତନୁ କୁମାର ପରିଡ଼ା (ଗୋଲାମୁଣ୍ଡା) ଯୋଗଦେଇ ଦୁର୍ଘଟଣା, ସର୍ପାଘାତ ତଥା ଅନ୍ୟ ସମସ୍ତ ଆଶୁ ଚିକିତ୍ସା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ୮୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଥିଲେ।

# କଳାହାଣ୍ଡିରେ ଏବେଠୁ କଳବଲ କଲାଣି ଖରା

**ଭବାନୀପାଟଣା, ୨୭।୩ (ଉତ୍ତମ କୁମାର ଦାଶ)**

## ଝାଞ୍ଜି ପବନ, ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜୀବନ

କଳାହାଣ୍ଡିଜିଲାରେ ମାର୍ଚ୍ଚଆରମ୍ଭରୁ କଳବଲ କଲାଣି ଖରା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେଉଛି ଜନଜୀବନ। ସତେ ଯେପରି ତତଲା କଡେଇରେ ଭାଜି ହୋଇଯାଉଛି ଜିଲାର ମୁଖ୍ୟାଳୟ ଭବାନୀପାଟଣା ସହର। ସହରର ତାପମାତ୍ରା ଏବେ ୪୦ ଡିଗ୍ରୀ ଛୁଇଁବାକୁ ବସିଲାଣି। ଗତ କିଛିଦିନ ହେଲା ଭବାନୀପାଟଣା ସହରର ତାପମାତ୍ରା ବଢ଼ିଚାଲିଛି। ତାପମାତ୍ରା ବୃଦ୍ଧି ସମୟରେ ବିଜୁଳି କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ସକାଳ ହେଲେ ଖରାକୁ ଦେଖି ଲୋକଙ୍କ ଚିନ୍ତା ବଢ଼ିଯାଉଛି। ଲସି ଓ ଆମ୍ବରସ ଦୋକାନରେ ଭିଡ ଜମିଲାଣି। ଜରୁରୀ କାମ ଥିଲେ ଲୋକେ ଛତା, ଟୋପି କିମ୍ବା ମୁଣ୍ଡରେ ଗାମୁଛା ପକାଇ ପଦାକୁ ବାହାରୁଛନ୍ତି। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଜିଲାର ଅଧିକାଂଶ ଦୋକାନ ବଜାର ବନ୍ଦ ରହୁଥିବା ଦେଖାଯାଉଛି।



ଖରା ଦାଉରୁ ରକ୍ଷା ପାଇଁ ଜଣେ ବୃଦ୍ଧା ଛତା ଧରି ଯାଉଛନ୍ତି।

ତେବେ ସବୁପ୍ରକାର ଜରୁରୀ ପରିସ୍ଥିତି ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀ ପ୍ରକାଶ କରିଛନ୍ତି। ଏନେଇ ଭବାନୀପାଟଣା ବାସିନ୍ଦା ମନ୍ଦାକିନୀ ବାଣୁଆ କହନ୍ତି, ମାର୍ଚ୍ଚ ଆରମ୍ଭରୁ ଖରା ତାତି ବଢ଼ିଲାଣି। ବାରମ୍ବାର ବିଜୁଳି କାଟ ହେଉଥିବାରୁ ଘରେ ମଧ୍ୟ ରହି ହେଉନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇନାହିଁ। ତାହାର ତୁରନ୍ତ ବ୍ୟବସ୍ଥା କରିବା କଥା। ସହରକୁ ଯେଉଁମାନେ ଆସୁଛନ୍ତି ସେମାନେ ମଧ୍ୟ ବହୁତ ହଇରାଣ ହେଉଛନ୍ତି। ସେହିପରି ଅନ୍ୟଜଣେ ବାସିନ୍ଦା ବାବା ଖାଁ କହନ୍ତି, ମାର୍ଚ୍ଚ ଆରମ୍ଭରୁ ଏଭଳି ଖରା ହେଉଛି। ଆଗକୁ ୩ ମାସ ବାକି ଅଛି। ଏବେ ଯେଉଁଭଳି ଭାବରେ ଖରା ହେଉଛି ବାହାରକୁ ବାହାରିବା ମଧ୍ୟ କଷ୍ଟ। ବିଜୁଳି ମଧ୍ୟ ଦିନକୁ ୨ରୁ ୩ ଘଣ୍ଟା ଲେଖାଏ କଟୁଛି। ଏପରି ସ୍ଥିତିରେ ନା ଘରେ ରହି ହେଉଛି ନା ବାହାରେ ବୁଲି ହେଉଚି। ଘରୁ ବାହାରିଲେ ପାଣି ବୋତଲ, କଳା ଚଷମା ନେଇ ବାହାରୁଛି ବୋଲି କହିଛନ୍ତି। ଏ ନେଇ ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ପାଢ଼ୀ କହିଛନ୍ତି ଯେ, ଭବାନୀପାଟଣା ସହରରେ ୧୩ରୁ ୧୪ଟି ଅମୃତ ଧାରା କାମ କରୁଛି। ଏହାସହ ସହରର ବିଭିନ୍ନ ସ୍ଥାନରେ ୫ରୁ ୮ଟି ଜଳଛତ୍ର ଖୋଲିବାର କାର୍ଯ୍ୟକ୍ରମ ରହିଛି। ଗୋରୁ, ପଶୁପକ୍ଷୀମାନଙ୍କ ପାଇଁ ମଧ୍ୟ ୫୦ଟି ଜଳକୁଣ୍ଡ କରାଯିବ। ଗ୍ରୀଷ୍ମ ପ୍ରବାହ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ ବୋଲି ସେ ପ୍ରକାଶ କରିଛନ୍ତି।

## ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା



ବୈଠକରେ ଶିଶୁ ବିକାଶ ଉପରେ ଆଲୋଚନା କରାଯାଉଛି।

**ନୂଆପଡ଼ା, ୨୭।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ଜିଲାସ୍ତରୀୟ ସମୀକ୍ଷା ବୈଠକ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଶିଶୁ ଓ ମାତୃ ମୃତ୍ୟୁହାର ଶୂନ୍ୟକୁ ଆଣିବା ପାଇଁ ସମସ୍ତ ବିଭାଗକୁ ମିଳିତ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ଓ ମାତୃମୃତ୍ୟୁ ଘଟଣା ପ୍ରତି ଅସନ୍ତୋଷ ବ୍ୟକ୍ତ କରି ସେ କହିଥିଲେ, କୌଣସି ଯୁକ୍ତିସଙ୍ଗତ କାରଣ ବିନା ଏପରି ମୃତ୍ୟୁ ଘଟିଲେ ତାହାକୁ ସାମୂହିକ ବିଫଳତା ଭାବେ ଗଣାଯିବ। ଏହି ପରିପ୍ରେକ୍ଷୀରେ କୋମନା ଅଞ୍ଚଳରେ ଜଣେ ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ମାର୍ଚ୍ଚ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସିଡିପିଓମାନଙ୍କୁ ନିୟମିତ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ଓ ଜଲା ସମାଜ କଲ୍ୟାଣ ଅଧିକାରୀ ଓ ଉପଜିଲାପାଳଙ୍କୁ ସର୍ବାଧିକ ସଂଖ୍ୟକ କେନ୍ଦ୍ର ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଦେଓବାହାଲ ଅଞ୍ଚଳର ପ୍ଲାଷ୍ଟିକ ମୁକ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦର୍ଶ ଭାବେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଉପଜିଲାପାଳ ସୁର୍ମି ସୋରେନ, ଜିଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅଧ୍ୟାପକମାନେ।

**ଖଡ଼ିଆଳ, ୨୭।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଜୈବ ବିବିଧତା ସଂରକ୍ଷଣ ଓ ସ୍ଥାୟୀ ପ୍ରୟୋଗର ଉଦ୍ଭବଶୀଳ ପ୍ରବୃତ୍ତି' ଶୀର୍ଷକ ଆଲୋଚନାଚକ୍ରକୁ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଆବାହକ ତଥା ବିଭାଗ ମୁଖ୍ୟ ଡ. ପ୍ରଦୀପ କୁମାର କାମିଲା ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ. ଆଦିତ୍ୟ ପ୍ରଧାନ ଓ ଡ. ସୀତାରାମ ପ୍ରସାଦ ପଣ୍ଡା, ଭାରତୀୟ ବୃକ୍ଷଶାସ୍ତ୍ର ସର୍ବେକ୍ଷଣ, କ୍ଷେତ୍ରୀୟ କେନ୍ଦ୍ର, ହାଇଦ୍ରାବାଦ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇ ହିମାଳୟର ଉଦ୍ଭିଦ ବିବିଧତା, ମ୍ୟାଙ୍ଗ୍ରୋଭ ବିବିଧତା ବିଷୟରେ ଆଲୋଚନା କରିଥିଲେ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ସହକାରୀ ପ୍ରଫେସର ଡ. ପ୍ରଦୋଷ କୁମାର ଆଚାର୍ଯ୍ୟ ଜୀବ ବିବିଧତାର ମୂଲ୍ୟାଙ୍କନ, ପରିଚାଳନା ଓ ବ୍ୟବହାର ବିଷୟରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ବିଶ୍ୱଜିତ ପ୍ରଧାନ, ମଡେଲ ଡିଗ୍ରୀ କଲେଜ, ରାୟଗଡ଼ା 'ଶୈବାଳ ଓ ଔଷଧୀୟ ମୂଲ୍ୟ' ଏବଂ ଡା. ପ୍ରମୋଦ କୁମାର କର, ଏମ୍‌ପିସି ସ୍ୱୟଂଶାସିତ କଲେଜ, ବାରିପଦା 'ଫଙ୍ଗସ ପ୍ରଜାତି ବିବିଧତା ଏବଂ ସେମାନଙ୍କର କ୍ୟାନ୍‌ସର ପ୍ରତିରୋଧକ ଗୁଣ' ଉପରେ ଆଲୋଚନା କରିଥିଲେ। ନ୍ୟାଶନାଲ ଡିଗ୍ରୀ କଲେଜ, ନୂଆପଡ଼ା, ପିଆଇ ଡିଗ୍ରୀ କଲେଜ, ଜୁନାଗଡ଼ ଏବଂ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣକରି ପୋଷ୍ଟର ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଖୋମନଲାଲ ଦେୱାଙ୍ଗନ ସଭାକୁ ସଞ୍ଚାଳନ କରିଥିଲେ। ଶେଷରେ ସହକାରୀ ପ୍ରଫେସର ସୁସନ୍ତ ସିଂହ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପାଳିତ

**କର୍ଲାମୁଣ୍ଡା, ୨୭।୩ (ପ୍ରଦୀପ କୁମାର ସାହୁ):** ପବିତ୍ର ଶ୍ରୀରାମ ନବମୀ ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ବ୍ଲକର ତେରେସିଂହା, ବିନ୍ଧାଣୀ, ରିଷିଡା, ବ୍ରାହ୍ମଣୀମୁଣ୍ଡା, ଓଡ଼ିଆମୁଣ୍ଡା, ସୁରୁଜୁଲି, ବଡ଼ଡୁଙ୍ଗୁରୀଗୁଡ଼ା, ପୌରକେଲା, ଝାରମୁଣ୍ଡା, ପୁଟିଗାଁ, ସରଗୁଲ ମାଳପଡ଼ା, କୁଶୁର୍ଲା, ଯୋରାଡବରା, କଣ୍ଡରେଇ ଆଦି ଗ୍ରାମରେ ଭକ୍ତି ଓ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ବିଷୟ ବସ୍ତୁକୁ ନେଇ ଶ୍ରୀରାମ ନବମୀ ସହ ୧୪ଦିନ ବ୍ୟାପି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ଏହି ଅବସରରେ ବ୍ଲକର ରିଷିଡା, କର୍ଲାମୁଣ୍ଡା, ଜୋରାଡବରା କୁଶୁର୍ଲା ଆଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭଉଣୀ ଭାଇମାନେ ରାମାୟଣର ବିଭିନ୍ନ ଚରିତ୍ରଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ।

## କବିଙ୍କ କାବ୍ୟକବିତାକୁ ସଂଗୀତର ରୂପଦେଲେ ସୁଦୂରପ୍ରସାରି ହେବ



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା କର୍ମକର୍ତ୍ତା ଓ କବିମାନେ।

**ସିନାପାଲି, ୨୭।୩ (ମନଫୁଲ ମେହେର)**

ଛତିଶଗଡ଼ ସୀମାରେ ଦିନେ ଭାଷା ସଙ୍କଟରେ ଥିବାବେଳେ ଠିକ୍ ସେହି ସମୟରେ ସାହିତ୍ୟ ଓ ଭାଷା ସୁରକ୍ଷାରେ କବି ମନୋହର ମେହେରଙ୍କ ସାରସ୍ୱତ ସାଧନା ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। କବିଙ୍କ ଜନ୍ମପୀଠ ସିନାପାଲିଠାରେ ଶୁକ୍ରବାର ତାଙ୍କ ୧୪୨ତମ ଜୟନ୍ତୀ ପାଳନ ଅବସରରେ ଏହି ମତପ୍ରକାଶ ପାଇଛି। ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ଥାନୀୟ ଏସ୍‌ଏସ୍‌କେପି ପରିସରରେ ସମିତିର ସଭାପତି ବୈଷ୍ଣବ ମେହେର ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକବି ପ୍ରଦ୍ୟୁମ୍ନ ସିଂହ ଚିନ୍ଦା କବି ମେହେରଙ୍କ ସାରସ୍ୱତ ସାଧନା ଓ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ସାହିତ୍ୟ ସାଧନାକରି ସମାଜ ପାଇଁ ଅନେକ ଉପାଦେୟ କାବ୍ୟକବିତା ରଚନା କରିଯାଇଥିବା କବି ମନୋହରଙ୍କ ପଦ୍ୟାବଳୀକୁ ସଂଗୀତର ରୂପ ଦେଲେ ତାଙ୍କ କୃତୀ ସୁଦୂରପ୍ରସାରି ହୋଇପାରିବ। ତେଣୁ ଏ ଦିଗରେ ସ୍ୱର ସଙ୍ଗମ କଳା ପରିଷଦ ଓ ଗଙ୍ଗାଧର ସାରସ୍ୱତ ସମିତି ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୁମୁଦବନ୍ଧୁ ଜୋଷୀ, ଏସ୍‌ଏସ୍‌କେପି ସଭାପତି ତ୍ରିନାଥ ମେହେର, ପ୍ରେମାନନ୍ଦ ମେହେର, ଅତୁଳ କୁମାର ପାତ୍ର, ଗୌତମ ମେହେର ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ କବି ରଶ୍ମିରଞ୍ଜନ ସା ଧନ୍ୟବାଦ ଦେଇଥିଲେ।

# ଆନ୍ଧ୍ରର ଗୁଣ୍ଟୁର ଗଲେ କଳାହାଣ୍ଡିର ୨ ଟୀରନ୍ଦାଜ

**୧୦ ବର୍ଷରୁ କମ୍ ଜାତୀୟ ଟୀରନ୍ଦାଜୀ ପ୍ରତିଯୋଗିତା**

**ଲାଞ୍ଜିଗଡ଼, ୨୭।୩ (ରମେଶ ଚନ୍ଦ୍ର ନାୟକ)**

ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ନାମ୍ବୁରୁ ଭାସିରେଡି ଭେଙ୍କଟାଦ୍ରି ଆନ୍ତର୍ଜାତୀୟ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ୨୬ ମାର୍ଚ୍ଚରୁ ୭ ଏପ୍ରିଲ ପର୍ଯ୍ୟନ୍ତ ୭ମ ଏନ୍‌ଟିପିସି ଜାତୀୟ ଟୀରନ୍ଦାଜୀ (୧୦ବର୍ଷରୁ କମ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ୨ ଜଣ ଟୀରନ୍ଦାଜ ଶୁକ୍ରବାର ଗୁଣ୍ଟୁର ଗସ୍ତ କରିଛନ୍ତି। ଏମାନେ ହେଲେ ବାଳକ ବିଭାଗର ଲାଞ୍ଜିଗଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଦ୍ୟୁମ୍ନ ଲେଙ୍କା ଓ ବାଳିକା ବିଭାଗର ଡ଼ିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ସିନ୍ଧୁ ତନୟା ନାୟକ। ଏମାନେ କୋଚ ସୀମାଞ୍ଚଳ କାଡରକା ଓ ଶମ୍ଭୁନାଥ ପରିଡାଙ୍କ ନେତୃତ୍ୱରେ ଗସ୍ତ କରିଛନ୍ତି। ସୂଚନାଥାଉକି ଏହି ପ୍ରତିଯୋଗୀମାନେ ଗତବର୍ଷ ଡିସେମ୍ବର ୨୭ ଓ ୨୮ରେ ଅନୁଷ୍ଠିତ ୨ୟ ରାଜ୍ୟ ୧୦ ବର୍ଷରୁ କମ



ଗୁଣ୍ଟୁର ଗସ୍ତ କରିଥିବା ୨ ପ୍ରତିଯୋଗୀ।

ବର୍ଗର ତିରନ୍ଦାଜୀ ଭାଗ ନେବା ପାଇଁ ଓଡ଼ିଶାର କଟକସ୍ଥିତ କୁରଙ୍ଗ ଶାସନ ମିନି ଷ୍ଟାଡିୟମ ଯାଇ ୧୦ ବର୍ଷରୁ କମ ବାଳିକା ବିଭାଗରେ ଗୋଟିଏ କାଂସ୍ୟ ପଦକ ଓ ବାଳକ ବିଭାଗରେ ୪ର୍ଥ ସ୍ଥାନ ହାସଲ କରିବା ସହିତ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଓଡିଶା ରାଜ୍ୟ ଟୀରନ୍ଦାଜୀ ସଂଘ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗୀ ଗସ୍ତ କରୁଥିବା ବେଳେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ମାନବିନ କୌର, ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଲାଞ୍ଜିଗଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାମାଧବ ରଥ ସେମାନଙ୍କ ସଫଳତା ପାଇଁ କାମନା କରିଛନ୍ତି।

## ଉଦନ୍ତୀ ମହୋତ୍ସବ ଉଦ୍‌ଘାଟିତ

**ସିନାପାଲି, ୨୭।୩ (ମନଫୁଲ ମେହେର):** କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ତଥା ସିନାପାଲି ଅଞ୍ଚଳର ପ୍ରାଚୀନ ପରମ୍ପରାର ପର୍ବ ଉଦନ୍ତୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ପରେ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଉତ୍ସବ କମିଟି ଉପଦେଷ୍ଟା ରବୀନ୍ଦ୍ର ନାଥ ଯୋଶୀ ସଭାପତିତ୍ୱ କରିଥିଲେ। ଜିଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟ ଅତିଥି, ଜିଲାପାଳ ମଧୁସୂଦନ ଦାସ ବିଶିଷ୍ଟ ଅତିଥି ଓ ଉପଦେଷ୍ଟା ଶଶୀଭୂଷଣ ମାଝୀ, ସିନାପାଲି ବ୍ଲକ ଉପାଧ୍ୟକ୍ଷ ମୀନା ଘିଭେଲା, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡ଼େନ ବ୍ଲକ ଅଧ୍ୟକ୍ଷା ପ୍ରେମଶୀଳା ନାଗ, ଜିଲାପରିଷଦ ସଦସ୍ୟା ଆଶା ଜୈନ, ପୁଷ୍ପାଞ୍ଜଳି ଗୁଆଲ, ସଦର ସରପଞ୍ଚ ସୁନୀତା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ସୁବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୯ ତାରିଖ ରବିବାର ମହୋତ୍ସବ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।

## ଏପ୍ରିଲ ୧ରୁ ମାରାଗୁଡ଼ା ଲୋକ ମହୋତ୍ସବ

**ନୂଆପଡ଼ା, ୨୭।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାର ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକ ମହୋତ୍ସବ ଆସନ୍ତା ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ନୂଆପଡ଼ାର ନ୍ୟାଶନାଲ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ମହୋତ୍ସବର ପ୍ରତ୍ୟହ ସାଂସ୍କୃତିକ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦେଇ ଦର୍ଶକମାନଙ୍କୁ ମନୋରଞ୍ଜନ କରିବେ। ଉଦ୍‌ଘାଟନୀ ଉତ୍ସବ ଦିନ ପ୍ରସିଦ୍ଧ ଗାୟକ ବିଷ୍ଣୁ ମୋହନ କବି ଓ ଅନ୍ୟ ଦିନମାନଙ୍କରେ ସ୍ୱୟମ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ଜୟଶ୍ରୀ ଧଳ, ଉମାକାନ୍ତ ବାରିକ ପ୍ରମୁଖ ଯୋଗଦେବେ। ମହୋତ୍ସବ ପୂର୍ବରୁ କଳାକାରମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ ନୂଆପଡ଼ାବାସୀଙ୍କୁ ଆମନ୍ତ୍ରଣ ଜଣାଇ ଉତ୍ସବରେ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ଏହି ଅବସରରେ ଲୋକକଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ହସ୍ତଶିଳ୍ପ ପ୍ରଦର୍ଶନୀ ଓ




ମାରାଗୁଡ଼ା ଲୋକ ମହୋତ୍ସବ ପୋଷ୍ଟର।

ଖାଦ୍ୟମେଳା ଆୟୋଜିତ ହେବ। ମାରାଗୁଡ଼ା ଅଞ୍ଚଳର ପୁରାତନ ଐତିହ୍ୟ ଓ ଲୋକସଂସ୍କୃତିକୁ ଜନମନରେ ପ୍ରଚାର କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ମହୋତ୍ସବକୁ ଜିଲା ସଂସ୍କୃତି ପରିଷଦ, ଜିଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜନ କରାଯାଉଛି।

# ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼, ୨୭।୩ (ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ୍ କାଉଗୁଡାସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ ବିଶିଷ୍ଟ ଅତିଥି ଓ ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର, ଏବିଇଓ ହେମସାଗର ମହାନନ୍ଦ, ତପିମଣି ଜାନି, ବିଇଓ ଗୁଷିଆ ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଅଭିଭାଷଣ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟବାଦୀ ନାଏକ, ନରେଶ ସାହୁ, ହିମାଞ୍ଚଳ ପୂଜାରୀ, ଜଗନ୍ନାଥ ନାୟକ, ଅଞ୍ଜଳି ସାହୁ, ନମିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ମନ୍ଦିର ଛକରୁ ସିଲେଟପଡ଼ା ରାସ୍ତା ଶୋଚନୀୟ

**କର୍ଲାମୁଣ୍ଡା, ୨୭।୩ (ପ୍ରଦୀପ କୁମାର ସାହୁ)**

କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ କୁଶୁର୍ଲା ହରଗୌରୀ ମନ୍ଦିର ଛକଠାରୁ ସିଲେଟପଡ଼ା ରାସ୍ତା ଶୋଚନୀୟ ହୋଇପଡିଛି। ୨୦୧୫ରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମରାମତି କାର୍ଯ୍ୟ ହୋଇପାରି ନାହିଁ। ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ଭାରିଯାନ ଯିବାଆସିବା କରିବା ଫଳରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ସାମାଜିକ କର୍ମୀ ଚୈତନ୍ୟ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତଠାରୁ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କେହି ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗକରି ଆସନ୍ତା ମାସ ୮ ତାରିଖରେ କୁଶୁର୍ଲା ସିଲେଟପଡ଼ା ଛକ ଜାତୀୟ ରାଜପଥରେ ଧାରଣା ଦେବାକୁ



ସିଲେଟପଡ଼ା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ।

ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ସେମାନେ କର୍ଲାମୁଣ୍ଡା ବିଡିଓ ଓ ତହସିଲଦାର, ଆର୍‌ଡି ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ, ମ.ରାମପୁର ଥାନା ଅଧିକାରୀଙ୍କୁ

**ଆନ୍ଦୋଳନ ପାଇଁ ସଜବାଜ**

ଲିଖିତ ଭାବେ ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ତତ୍କାଳୀନ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କର୍ଲାମୁଣ୍ଡା ଖ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଉକ୍ତ ରାସ୍ତା ନିର୍ମାଣ ପାଇଁ ଲିଖିତ ଦରଖାସ୍ତ କରିଥିଲେ। ପରେ ଆର୍‌ଡି ବିଭାଗ ପକ୍ଷରୁ କୁଶୁର୍ଲା-ସିଲେଟପଡ଼ା ୩.୪୦ କି.ମି. ରାସ୍ତା ଓ ସିଲେଟପଡ଼ା ଶୀଶାଖାଲ ଜୋରଠାରେ ବ୍ରିଜ୍ ନିର୍ମାଣ ପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଏ ନେଇ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଆର୍‌ଡି) ଦାୟିତ୍ୱରେ ଥିବା ଯନ୍ତ୍ରୀ ସୋସନ କୁଣ୍ଡୁଲୁଙ୍କୁ ପଚାରିବାରୁ ଉକ୍ତ ରାସ୍ତା ଓ ବ୍ରିଜ୍ ନିର୍ମାଣ ପାଇଁ ଆମ ସ୍ତରରେ ସମସ୍ତ ପ୍ରସ୍ତୁତି ସରିଛି, ରାଜ୍ୟ ସ୍ତରରେ ବ୍ରିଜ୍‌ନିର୍ମାଣ ପାଇଁ ଆବଶ୍ୟକ ଡ୍ରଇଂ ସିଟ୍ ଆସିବା ପରେ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ସଂକ୍ଷେପରେ

### କୋଏଲ ନଦୀ ବ୍ରିଜରୁ ଡେଇଁ ଯୁବତୀ ଗୁରୁତର

**ରାଉରକେଲା,୨୭।୩(ସଙ୍ଗୀତା ଜେନା):** ବିସ୍ରା ଥାନା ଅନ୍ତର୍ଗତ ମିଚ୍ଚୁଦେରୀ ନିକଟ କୋଏଲ ନଦୀ ବ୍ରିଜରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଯୁବତୀ ଡେଇଁପଡ଼ି ଗୁରୁତର ହୋଇଛନ୍ତି। ତାଙ୍କର ପ୍ରକୃତ ପରିଚୟ ମିଳିପାରି ନ ଥିବାବେଳେ ସେ ବିସ୍ରା ଥାନା ଅଞ୍ଚଳର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଉକ୍ତ ଯୁବତୀ ବ୍ରିଜରୁ ଡେଇଁ ପଡ଼ିଥିଲେ। ତାଙ୍କୁ ତୁରନ୍ତ କୋଏଲ ନଦୀ ପଠାରୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରାଯାଇଛି। ଉକ୍ତ ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। କେଉଁ କାରଣରୁ ସେ ଏପରି ପଦକ୍ଷେପ ନେଲେ ତାହା ତଦନ୍ତ ପରିସରଭୁକ୍ତ ରହିଛି। ଅପରପକ୍ଷେ ସେ ସେଲଫି ନେଉଥିବା ବେଳେ ଏପରି ଅଘଟଣର ଶିକାର ହୋଇଥିବା ଆଲୋଚନା ହେଉଛି।

### ଲାଠିକଟା ଅଞ୍ଚଳରେ ମା' ବାସନ୍ତୀ ଦୁର୍ଗାପୂଜା

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ):** ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ ପୁନର୍ବସତି କଲୋନୀରେ ମା' ବାସନ୍ତୀ ଦୁର୍ଗାଙ୍କ ପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏଥିପାଇଁ କମିଟି ପକ୍ଷରୁ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଛି। ୧୫ ଦିନ ବ୍ୟାପୀ ଏହି ମହୋତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଗତ ମଙ୍ଗଳବାରଠାରୁ ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଲ୍ୱାଧିବାସ, ବୁଧବାର ମହାସପ୍ତମୀରେ କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ, ଅଗ୍ନି ସ୍ଥାପନ, ସନ୍ଧ୍ୟାରେ ଆରତୀ ଓ ପୁଷ୍ପାଞ୍ଜଳି, ତୃତୀୟ ଦିବସ ଗୁରୁବାର ମହାଷ୍ଟମୀରେ ସନ୍ଧିପୂଜା ଆରମ୍ଭ, ବଳି ପ୍ରୋକ୍ଷଣ, ୧୦୮ ଦୀପଦାନ, ପଣା ଅର୍ପଣ ଓ ଚଣ୍ଡୀପାଠ, ଚତୁର୍ଥ ଦିବସ ଶୁକ୍ରବାର ମହାନବମୀରେ ମହାସ୍ନାନ, ଚଣ୍ଡୀପାଠ ଓ ହୋମଯଜ୍ଞ, ରାତ୍ରିରେ ପୂର୍ଣ୍ଣାହୁତି ହୋଇଥିଲା। ଦଶହରାରେ ଉପଚାର ପୂଜା ଓ ସ୍ନାନ, ଅପରାଜିତା ପୂଜନ ଘଟ ବିସର୍ଜନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି। ସୁବର୍ଣ୍ଣ ଜୟନ୍ତୀକୁ ଆକର୍ଷଣୀୟ କରିବା ପାଇଁ ବୋଇତ ବନ୍ଦାଣ ପଡିଆରେ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ସହିତ ମିନାବଜାର ପଡିଛି।

# ଭିତ୍ତିଭୂମି ଅଭାବ, କମୁନି କୁଷ୍ଠରୋଗୀ ସଂଖ୍ୟା

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ)**

ସୁନ୍ଦରଗଡ ଜିଲ୍ଲାରେ କୁଷ୍ଠରୋଗର ବ୍ୟାପକତା ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇଚାଲିଛି। ବିଗତ ୭ମାସରେ ଜିଲାରେ ୭୨୦ଜଣ କୁଷ୍ଠରୋଗୀ ଚିହ୍ନଟ ହୋଇଛନ୍ତି। ଏପରିକି ୨୦୨୫ ଏପ୍ରିଲରୁ ୨୦୨୬ ମାର୍ଚ୍ଚ ମାସ ମଧ୍ୟରେ ୯୭ଜଣ କୁଷ୍ଠରୋଗୀ ଚିହ୍ନଟ ହୋଇ ସାରିଲେଣି। ଜିଲାର ହେମଗିରି ଅଞ୍ଚଳରେ ଏହି ମାମଲା ସର୍ବାଧିକ ରହୁଛି। ବିଶେଷ କରି ବୃଦ୍ଧାବୃଦ୍ଧ ଓ ଛୋଟ ପିଲାଙ୍କଠାରେ ଏହି ରୋଗର ଲକ୍ଷଣ ପରିଲକ୍ଷିତ ହେଉଥିବା ଯୋଗୁ ଏହା ଚିନ୍ତାର ବିଷୟ ହୋଇଛି। କୁଷ୍ଠରୋଗରେ ସଂକ୍ରମିତ ହେବା ପରେ ଏହାର ଲକ୍ଷଣ ୫ରୁ ୬ବର୍ଷ ମଧ୍ୟରେ ସ୍ପଷ୍ଟ ଜଣାପଡେ। ଏଣୁ ଏହି ରୋଗର ତୁରନ୍ତ ନିଦାନ ଏବଂ ଅସ୍ତ୍ରୋପଚାର କରିବା ଅସମ୍ଭବ ହୋଇଥାଏ। ଏହାର ନିରାକରଣ ପାଇଁ ସରକାର ଆଶାକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗର ପରୀକ୍ଷଣ, ଜନ ସଚେତନତା ଓ ଔଷଧୀୟ ଉପଚାର କରାଇ ବ୍ୟାପକତାକୁ ରୋକିବାକୁ ପ୍ରୟାସ କରୁଛନ୍ତି। ଏଥିସହ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଜିଲାରେ କୁଷ୍ଠରୋଗ ନିରାକରଣ ଅଧିକାରୀ



ଉଦିତନଗରସ୍ଥିତ କୁଷ୍ଠରୋଗ ଚିକିତ୍ସା ୟୁନିଟ୍।

**ସୁନ୍ଦରଗଡ଼ ଜିଲ୍ଲା**

(ଡିଏଲ୍ଓ), ସ୍ୱତନ୍ତ୍ର ଫିଜିଓଥେରାପିଷ୍ଟ ଓ ପାରା ମେଡିକାଲ ଷ୍ଟାଫ୍ ରହିଛନ୍ତି। ମାତ୍ର ସୁନ୍ଦରଗଡ଼ ଜିଲାରେ ଏହି ରୋଗର ନିଦାନ ଓ ପରୀକ୍ଷଣ ପାଇଁ ଜଣେ ଫିଜିଓଥେରାପିଷ୍ଟ ରହିଛନ୍ତି। ରାଉରକେଲାରେ ୬ଟି କୁଷ୍ଠରୋଗୀ ପରୀକ୍ଷଣ ୟୁନିଟ ରହିଥିବା ସତ୍ତ୍ୱେ ଜଣେ ମଧ୍ୟ ଫିଜିଓଥେରାପିଷ୍ଟ ନାହାନ୍ତି। ଅନ୍ୟପଟେ ଆରଜିଏଚ୍‌ରେ କୁଷ୍ଠରୋଗ ଜନିତ ଗୁରୁତର ମାମଲା ନ ହେଲେ ରୋଗୀଙ୍କର ଚିକିତ୍ସା ଓ ପରୀକ୍ଷଣ ହେଉନାହିଁ। ଅନ୍ୟପଟେ ସହରର ୬ଟି ୟୁନିଟ୍‌ରେ ଜରୁରୀ ପାରା ମେଡିକାଲ ଷ୍ଟାଫ, ଫିଜିଓଥେରାପିଷ୍ଟ ନ ରହିବା କାରଣରୁ କୁଷ୍ଠରୋଗୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ରାଜ୍ୟରେ କୁଷ୍ଠରୋଗର ବ୍ୟାପକତା ପ୍ରତି ୧୦ହଜାର ଜନ ସଂଖ୍ୟାରେ ୧.୪୮ପ୍ରତିଶତ ରହିଥିବା ବେଳେ ଜାତୀୟ ସ୍ତରରେ ଏହାର ହାର ୦.୬୦ପ୍ରତିଶତ ରହିଛି। ଓଡିଶାରେ କୁଷ୍ଠରୋଗ ମୂଳପ୍ରାଟନ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ଏଥିସହ ଏହି ରୋଗରେ ଗୁରୁତର ଥିବା ତଥା ଅସ୍ତ୍ରୋପଚାର କରାଉଥିବା ରୋଗୀମାନଙ୍କୁ ସରକାର ୧୩,୫୦୦ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରୁଛନ୍ତି। ଏତେସବୁ ସତ୍ତ୍ୱେ କୁଷ୍ଠରୋଗ ବ୍ୟାପକତା ଥମୁନାହିଁ। ସୁନ୍ଦରଗଡ଼ ଜିଲା ଏହାର ଏକ ଉଦାହରଣ ସାଜିଛି। ଏଣୁ ଜିଲାରେ କୁଷ୍ଠରୋଗ ବ୍ୟାପକତା ସଂଖ୍ୟା ହ୍ରାସ କରିବା ପାଇଁ ଭିତ୍ତିଭୂମି ସୁଦୃଢୀକରଣ ହେବା ନିତାନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଛି। ଏ ନେଇ ସୁନ୍ଦରଗଡ ଡିଏଲ୍ଓ ମହେନ୍ଦ୍ର ତନ୍ତୀଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ କୁଷ୍ଠରୋଗ ବ୍ୟାପକତା ନିୟନ୍ତ୍ରଣ ସକାଶେ ତୃଣମୂଳ ସ୍ତରରେ ସରକାରଙ୍କ ନିର୍ଦ୍ଦେଶ ଓ ନିୟମାବଳୀ ପାଳନ ହେଉଛି। ଆଗାମୀ ସମୟରେ ଜିଲାରେ କୁଷ୍ଠରୋଗର ବ୍ୟାପକତା ନିଶ୍ଚିତ ହ୍ରାସ ହେବା ଆଶା ରହିଛି ବୋଲି ସେ କହିଥିଲେ।

## ଶାରଳା ସାଂସ୍କୃତିକ ପରିଷଦର ୫୫ତମ ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସହରର ଶାରଳା ସାଂସ୍କୃତିକ ପରିଷଦର ୫୫ତମ ବାର୍ଷିକୋତ୍ସବ ଓ ସାର୍ବଜନୀନ ଶ୍ରୀ ଶ୍ରୀ ମା' ଶାରଳା ପୂଜା ଗତ ୨୪ ତାରିଖରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପରିଷଦର ସଭାପତି ଆର୍ତ୍ତଭଞ୍ଜନ ମଲ୍ଲିକ ଓ ସାଧାରଣ ସମ୍ପାଦକ ଅରକ୍ଷିତ କୁମାର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୨୪ ତାରିଖରେ ସାରଳା ସାହିତ୍ୟ ଉପରେ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଦିଲୀପ କୁମାର ମହାପାତ୍ର ସମ୍ମାନିତ ଅତିଥି, କବି ରାଜୀବ ପାଣି ମୁଖ୍ୟବକ୍ତା ଭାବେ ଅଂଶଗ୍ରହଣ କରିଥିଲେ। ସେହିପରି ମା' ଶାରଳାଙ୍କ ବିଭିନ୍ନ ପୂଜା କରାଯାଇଥିଲା। ପୂଜକ ଭାବେ ଅକ୍ଷୟ ମିଶ୍ର, ଉପେନ୍ଦ୍ର ନନ୍ଦ, ହାଡିବନ୍ଧୁ ମିଶ୍ର ଏବଂ କର୍ତ୍ତା ଭାବେ ପ୍ରତାପ କୁମାର ପତି ଓ ସ୍ୱର୍ଣ୍ଣଲତା ପତି ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଦିପାଲା ଅନୁଷ୍ଠିତ ହୋଇଥିଲା। ଗାୟକ ସୂର୍ଯ୍ୟ ଉପେନ୍ଦ୍ର କୁମାର ବେହେରା ଓ ଗାୟକ ଜ୍ଞାନସାଗର ଉଲ୍ଲାସ ଚନ୍ଦ୍ର ଷଡ଼ଙ୍ଗୀ ପାଲା ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ପର୍ଶୁରାମ ପଟ୍ଟନାୟକ, ଶରତ ଚନ୍ଦ୍ର ପାଣ୍ଡବ, ରବିନ୍ଦ୍ର ନାଥ ବେହେରା, ପଞ୍ଚାନନ ମହାପାତ୍ର, ଜୟନ୍ତ କୁମାର ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।


ବାଟ ମଙ୍ଗଳା ପୀଠରେ କନ୍ୟା ପୂଜନ କରାଯାଉଛି।

## ମାଁ ବାଟ ମଙ୍ଗଳା ଶକ୍ତିପୀଠରେ କନ୍ୟାପୂଜନ

**ରାଉରକେଲା, ୨୭।୩(ସଙ୍ଗୀତା ଜେନା):** ଚୈତ୍ର ମାସ ନବରାତ୍ରି ଅବସରରେ ଜଗଦାସ୍ଥିତ ମାଁ ବାଟମଙ୍ଗଳା ଶକ୍ତିପୀଠରେ ଶୁକ୍ରବାର କନ୍ୟାପୂଜନ ହୋଇଛି। ପଣ୍ଡିତ କାଶୀନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮୪ ଜଣ କୁମାରୀ କନ୍ୟାଙ୍କୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ଦେବୀଙ୍କୁ ମହାଗୌରୀ ବେଶରେ ସଜାଯାଇଥିଲା। ସକାଳ ଆରତୀ ତଥା ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୧ଟାରେ କୁମାରୀ ପୂଜନ ହୋଇଥିଲା। କର୍ତ୍ତାକର୍ତ୍ତ୍ରୀ ରମେଶ ଦାସ ଓ ଗୀତା ଦାସ, ପୂଜକ ହେମନ୍ତ କର ପୂଜା କରିଚାଳନା କରିଥିଲେ। ସନ୍ଧ୍ୟାରେ ମାଁ ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସଞ୍ଜୀବ ମହାନ୍ତି, ପ୍ରମୋଦ ବୈଠାଲୁ, ପରଭେଜ ଅରୋରା, ଲକ୍ଷ୍ମୀଧର ନାୟକଙ୍କ ସମେତ ମାଁ ବାଟ ମଙ୍ଗଳା ଟ୍ରଷ୍ଟ ସଦସ୍ୟମାନେ ସହଯୋଗ କରିଥିଲେ।

## ଇସ୍ପାତ ସହରରେ କାଳବୈଶାଖୀର ତାଣ୍ଡବ


କାଳବୈଶାଖୀ ଯୋଗୁ ସହରରେ ଗଛ ଉପୁଡି ପଡିଛି।

**ରାଉରକେଲା,୨୭।୩(ଦିନେଶ ମିଶ୍ର)**

ରାଉରକେଲା ସହରରେ ଶୁକ୍ରବାର କାଳବୈଶାଖୀ ତାଣ୍ଡବ ରଚିଛି। ସହରରେ ଦିନ ତମାମ ଟାଣଖରା ଜାରି ରହିଥିବାବେଳେ ସନ୍ଧ୍ୟା ସାଢ଼େ ୬ଟାରେ ପ୍ରବଳ ପବନ ସାଙ୍ଗକୁ ଘଡଘଡି ଆରମ୍ଭ ହୋଇଥଲା। ଫଳରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସହରରେ କାଳବୈଶାଖୀ ପ୍ରଭାବରେ ମାଲଗୋଦାମ, ରେଲୱେ କଲୋନୀ, କୁଷ୍ଠ କଲୋନୀ, ଗାଡିଆଟୋଲା ଆଦି ବସ୍ତି ଅଞ୍ଚରେ ଗଛ ଡାଳ ଭାଙ୍ଗି ପଡିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ସେହିପରି ଡେଲିମାର୍କେଟ ମେନ୍‌ରୋଡରେ ଥିବା ରାମନବମୀ ପେଣ୍ଡାଲ ତୋରଣକୁ ମଧ୍ୟ ଭାଙ୍ଗି ଦେଇଥିଲା। କାଳବୈଶାଖୀ ପବନ ସାଙ୍ଗକୁ ଜୋରରେ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବର୍ଷା ଯୋଗୁ ପ୍ରଧାନପାଲି ଓ ବାଗୁଡି ବସ୍ତିରେ ପରିବା ଚାଷ କ୍ଷେତରେ ପାଣି ଜମି ରହିଥିଲା। ସହରରେ କାଳବୈଶାଖୀ ପ୍ରଭାବ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଥିଲା। କାଳବୈଶାଖୀ ବର୍ଷା ପ୍ରଭାବରେ ଲୋକମାନଙ୍କୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ଆର୍‌ଏସ୍‌ପିର କୌଶଳ ଉତ୍କର୍ଷ ପୁରସ୍କାର ବିତରଣ ସମାରୋହ

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଗୋପବନ୍ଧୁ ପ୍ରେକ୍ଷାଳୟରେ ଶୁକ୍ରବାର ୧୫ତମ ଇଡି-ୱାର୍କ୍ସ, କୌଶଳ ଉତ୍କର୍ଷ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର. ପଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ପଲାଇ କୌଶଳ ବିକାଶ କିପରି ଉନ୍ନତ ଜ୍ଞାନ ଏବଂ ଦକ୍ଷତା ନିର୍ମାଣର ଏକ ପ୍ରକ୍ରିୟା ରୂପେ ବ୍ୟକ୍ତିଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସାହାଯ୍ୟ କରେ ସେ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ସମ୍ପ୍ରତି ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ କୌଶଳ ବୃଦ୍ଧି ଅତ୍ୟାବଶ୍ୟକ ଯାହା କେବଳ ବ୍ୟକ୍ତି ନୁହେଁ ବରଂ ସଙ୍ଗଠନଗୁଡ଼ିକୁ ଲାଭ ପହଞ୍ଚାଏ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ୍ ପି. କେ. ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଜିଏମ ଏଚ୍. ପତି ପ୍ରତିଯୋଗିତାର ସଂକ୍ଷିପ୍ତ ଇତିହାସ ଏବଂ ଆଭିମୁଖ୍ୟ ସହ ଏହାର ଭବିଷ୍ୟତ ରୂପରେଖ ବର୍ଣ୍ଣନା କରିଥିଲେ। ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିନିୟର ମ୍ୟାନେଜର ଏଲ. କେ. ମାରାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା ଏବଂ ଜିଏମ୍ ଏମ୍. କେ. ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖନୀୟ, ଆର୍‌ଏସ୍‌ପି ଓ ଓଡିଶା ଖଣି ସମୂହରୁ ମୋଟ ୧୪୮ ଜଣ ପ୍ରତିଯୋଗୀ ୮ଟି ଭିନ୍ନ ଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲାବେଳେ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ୩ଟି ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜରୁରୀକାଳୀନ ସ୍ଥିତି ମୁକାବିଲା ପାଇଁ ମକ୍ ଡ୍ରିଲ୍

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ)**

ଜରୁରୀକାଳୀନ ସ୍ଥିତିର ମୁକାବିଲା ଏବଂ ଅଗ୍ନିକାଣ୍ଡ ଦ୍ୱାରା ସୃଷ୍ଟି ହେଉଥିବା ପରିସ୍ଥିତିର ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗରେ ଅଗ୍ନି ନିରାପତ୍ତା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ଏହି ମକ୍ ଡ୍ରିଲ୍ ପୂର୍ବାହ୍ନ ୧୧ଟା ୨୦ରେ ଆରମ୍ଭ ହୋଇଥିଲା ଏବଂ ଘଟଣା ନିୟନ୍ତ୍ରକ ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗର ଜିଏମ୍ ସି. ତିର୍କୀ ପୂର୍ବାହ୍ନ ୧୧ଟା ୫୦ ରେ ପରିସ୍ଥିତି ନିୟନ୍ତ୍ରଣାଧୀନ ବୋଲି ଘୋଷଣା କରିଥିଲେ। ଶଙ୍କର ଆଜାଦଙ୍କ ନେତୃତ୍ୱରେ 'ମୁକାବିଲା', ଏ. ଭି. ପ୍ରଦୀପଙ୍କ ନେତୃତ୍ୱରେ 'ଉଦ୍ଧାର' ଏବଂ ଟି. ପି. ଗାରେୱାଲଙ୍କ ନେତୃତ୍ୱରେ ଆନୁଷଙ୍ଗିକ ଏଭଳି ଭାବେ ମକ୍ ଡ୍ରିଲ୍‌ର ପ୍ରତିକ୍ରିୟା ତିନୋଟି ଦଳ ଦ୍ୱାରା ପରିଚାଳିତ ହୋଇଥିଲା। ଏସ୍‌ଏମ୍‌ଏସ୍-୧ ଏବଂ ସମସ୍ତ ସମ୍ପୃକ୍ତ ବିଭାଗର ସକ୍ରିୟ ଅଂଶଗ୍ରହଣ ସହିତ ଦଳଗୁଡ଼ିକ ଦକ୍ଷତାର ସହିତ ସେମାନଙ୍କ


କର୍ମଚାରୀମାନେ ମକ୍ ଡ୍ରିଲ୍ ପ୍ରଦର୍ଶନ କରୁଛନ୍ତି।

ଭୂମିକା ନିର୍ବାହ କରିଥିଲେ। ପ୍ରମୁଖ ଦଳର ସଦସ୍ୟମାନଙ୍କ ମଧ୍ୟରେ ଜିଏମ୍ ଆର୍. ଏସ୍. ଫ୍ଲୋରା, ଏଜିଏମ୍ ୟୁ. ଏନ୍. ଶିଅଲ, ମ୍ୟାନେଜର ମନୀଷ କୁମାର, ସୁରକ୍ଷା ବିଭାଗ ଡେପୁଟି ମେନେଜର ଚିନ୍ମୟ ସାହୁ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ଅଗ୍ନିଶମ ସେବା) ଡି. ଏସ୍. ରେଡ୍ଡୀ ସାମିଲ ଥିଲେ। ଏସ୍‌ଏମ୍‌ଏସ୍-୧ର ସିଜିଏମ ବି. ସୁନିଲ କାର୍ଥାଙ୍କ ଦ୍ୱାରା ଡ୍ରିଲ୍ ପରବର୍ତ୍ତୀ ସମୀକ୍ଷା କରାଯାଇଥିଲା। ଡିଜିଏମ୍ ନାଗେନ ବେହେରା ଏବଂ ଏଜିଏମ୍ (ଅଗ୍ନିଶମ ସେବା) ପି. କେ. ସାମଲ ସମସ୍ତ ଦଳ ସହିତ ସମନ୍ୱୟ ରକ୍ଷା କରିଥିଲେ।

## ଶ୍ରୀରାମ ନବମୀରେ ଭଜନ ସନ୍ଧ୍ୟା

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ)**

ଶ୍ରୀରାମ ନବମୀ ଅବସରରେ ବିର୍ସାଡାହର ରୋଡ୍‌ସ୍ଥିତ ଶ୍ରୀ ମନୋକାମ୍ନା ସିଦ୍ଧି ହନୁମାନ ମନ୍ଦିର ସମ୍ମୁଖରେ ଗୁରୁବାର ରାତିରେ ଶ୍ରୀ ହନୁମାନ ଆଖଡ଼ା ସମିତି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭଜନ ସମ୍ରାଟ ଲାଲଜୀ ଶର୍ମା, ତାରିଣୀ କୁମାର, ସମ୍ବଲପୁରର ଶ୍ରୀ ରାଧା ଏବଂ ଅନ୍ୟ ଗାୟକମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ହନୁମାନ ଆଖଡ଼ା ସମିତିର ସଭାପତି ଗଗନ ପଣ୍ଡା, ମନୋଜ ଶର୍ମା, ଦୀପକ ଶର୍ମା, ଅଶୋକ ଅଗ୍ରୱାଲ, ରମେଶ ଶାହ, ନରେଶ ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରୀ ହନୁମାନଙ୍କ ଆରତୀ କରାଯିବା ପରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ମଦନ ମୋହନ ଦୀକ୍ଷିତ। ସେହିପରି ସହରର ଅନ୍ୟ ଆଖଡ଼ା କମିଟି ଦ୍ୱାରା ସୁନ୍ଦରାକାଣ୍ଡ ପାଠ ଏବଂ ରାମାୟଣ ପାଠ କରାଯାଇଥିଲା। ଏଥିରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।



ଭଜନ ସନ୍ଧ୍ୟାରେ ମଞ୍ଚାସୀନ କମିଟି କର୍ମକର୍ତ୍ତା।

## ଗାୟତ୍ରୀ ପ୍ରଜ୍ଞାପୀଠରେ ମହାଯଜ୍ଞ

**ରାଉରକେଲା,୨୭।୩(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ଫର୍ଟିଲାଇଜରସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠରେ ଚତୁର୍ଦ୍ଦିବସୀୟ ୨୪ କୁଣ୍ଡୀୟ ଶକ୍ତି ସମ୍ବର୍ଦ୍ଧନ ଗାୟତ୍ରୀ ମହାଯଜ୍ଞ ଗୁରୁବାର ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତିକୁଞ୍ଜର ବରିଷ୍ଠ ସାଧକ ଗୋପାଳ ମାଲଭିଆ ଧ୍ୱଜାରୋହଣ କରି ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଫର୍ଟିଲାଇଜର ଗାୟତ୍ରୀ ପୀଠରୁ ବାହାରି ରଙ୍ଗିଲା ଛକସ୍ଥିତ ନର୍ମଦେଶ୍ୱର ମନ୍ଦିରକୁ ଆସିଥିଲା ପୁଣି ସେଠାରୁ ଗାୟତ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ ଲାଠିକଟା ବ୍ଲକ ସମେତ ଆଖପାଖ ଅଞ୍ଚଳର ବହୁ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ଗାୟତ୍ରୀ


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

ମହିଳା ମଣ୍ଡଳ, ଗାୟତ୍ରୀ ଯୁବ ମଣ୍ଡଳ, ଗାୟତ୍ରୀ ପରିବାର, ରାଉରକେଲା ଗାୟତ୍ରୀ ଶକ୍ତିପୀଠ ଏବଂ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଯୁଗ ସଙ୍ଗୀତ ଏବଂ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା।

## ପଥପ୍ରାନ୍ତ ନାଟକରେ ଜଙ୍ଗଲ ନିଆଁ ନିବାରଣ ବାର୍ତ୍ତା

**ରାଉରକେଲା,୨୭।୬(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ବନଖଣ୍ଡ ଅଧୀନ ଆଦିବାସୀ ବହୁଳ ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ଜଙ୍ଗଲ ନିଆଁ ନିବାରଣ ଉପରେ ସାଦ୍ରୀ ଭାଷାରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଉଛି। ଏହି କ୍ରମରେ ଡିଏଫ୍ଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶ କ୍ରମେ କୁଆଁରମୁଣ୍ଡା ଫରେଷ୍ଟ ରେଞ୍ଜର ବିରକେରା ହାଟ, କୁଆଁରମୁଣ୍ଡା ହାଟ, କଚାରୁ ନିକଟସ୍ଥ ରିଓଂ ଗ୍ରାମ ଏବଂ ବାଙ୍କୀ ରେଞ୍ଜର ଚାନ୍ଦିପୋଷ ହାଟରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାକାରମାନେ ଅଭିନୟ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ସୁରଜିତ


କାର୍ଯ୍ୟକ୍ରମରେ ଉପସ୍ଥିତ ବନ ଅଧିକାରୀ ଏବଂ କଳାକାର।

କୁମାର ସାହୁ, କୁଆଁରମୁଣ୍ଡା ରେଞ୍ଜ ଅଫିସର ପଞ୍ଚନାରାୟଣ ସରାଫ, ଫରେଷ୍ଟର ହେମାବତୀ ସାହୁ, ଫରେଷ୍ଟ ଗାର୍ଡ ସୁଶାନ୍ତ କୁମାର ସାହୁ, ସ୍ନେହାଞ୍ଜଳି କକ, ଯୋଗେଶ୍ୱର ମୁଣ୍ଡା, ସମାଜସେବୀ ରବୀନ୍ଦ୍ର କୁମାର ମହନ୍ତ, ଚାନ୍ଦିପୋଷ ସରପଞ୍ଚ କିଶୋର ଚନ୍ଦ୍ର ଓରାମ, ଫରେଷ୍ଟ ଗାର୍ଡ କେ. ସି ଠାକୁର, ଦୀପ୍ତି ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ନିଆଁ ଯୋଗୁ ଜୈବ ବିବିଧତା ହ୍ରାସ ପାଇବା, ମୃତ୍ତିକା କ୍ଷୟ, ଜଳସଙ୍କଟ ଓ ବାୟୁ ପ୍ରଦୂଷଣ ଯୋଗୁ ମାନବ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ଏଣୁ ଶୁଖିଲା ପତ୍ରରେ ନିଆଁ ନ ଲଗାଇବା, ଯଦି କେଉଁଠି ବନାଗ୍ନି ଘଟେ ତାକୁ ଲିଭାଇବା ଓ ବନ ବିଭାଗକୁ ସୂଚନା ଦେବାକୁ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ମହୁଲ ସଂଗ୍ରହ ପାଇଁ ଗଛ ଚାରିପଟେ ପଡ଼ିଥିବା ଶୁଖିଲା ପତ୍ରରେ ନିଆଁ ନ ଲଗାଇବାକୁ ନିବେଦନ କରାଯାଇଥିଲା। କେତେକ ସ୍ଥାନରେ ଅଞ୍ଚଳବାସୀ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଶପଥ କରିଥିଲେ।

## ସଂକ୍ଷେପରେ

### ଘଣ୍ଟାପଡ଼ାରେ ଶ୍ରୀରାମଲୀଳା

ଘଣ୍ଟାପଡା,୨୭।୩(ପ୍ରଭାତ କୁମାର ସାହୁ)

ପ୍ରତିବର୍ଷ ଭଳି ଚଳିତବର୍ଷ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାର ୨ ସାହିରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ପୂଜୋନୋତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରତଧାରୀ ୧୪ ଦିନ ପର୍ଯ୍ୟନ୍ତ ପୂଜା ଓ ଶ୍ରୀରାମଙ୍କ ଲୀଳା ନାଟ୍ୟାଭିନୟ ମାଧ୍ୟମରେ କରିବାକୁ ସ୍ଥିର କରାଯାଇଛି। ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ଓ ଶ୍ରୀ ରଘୁନାଥ ନାଟ୍ୟ ସଂସଦର ବ୍ରତାଚାରୀ ଏବର୍ଷ ଆସନ୍ତା ୧୪ ବର୍ଷ ପାଇଁ ସଂକଳ୍ପ ନେଇଛନ୍ତି। ବର୍ତ୍ତମାନର ସଂକଳ୍ପ ପୂର୍ବରୁ ୮ଟି ସଂକଳ୍ପର ବର୍ଷ ସମାପ୍ତ ହୋଇଥିବା ଗ୍ରାମର ବରିଷ୍ଠ ନାଗରିକ ଗୋବର୍ଦ୍ଧନ ମହଲା ଓ ପବିତ୍ରାନନ୍ଦ ଦେହୁରୀଙ୍କ ଠାରୁ ପ୍ରକାଶ।

### ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ

ପଲସାଗୋରା,୨୭।୩(ଅଶ୍ୱିନୀ ନନ୍ଦ)

କଣ୍ଟାମାଳ ବ୍ଲକ ଛକ ଶ୍ରୀରାମ ମନ୍ଦିରଠାରେ ଶୁକ୍ରବାର ଶ୍ରୀରାମ ଚରିତ ମାନସ କମିଟି ଦ୍ୱାରା ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବ ନୀତିକାନ୍ତିରେ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ସକାଳୁ ମନ୍ଦିରରେ ଭିଡ ଜମାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜା ଦାୟିତ୍ୱ ତୁଲାଇ ଥିବା ବେଳେ ମନ୍ଦିର କମିଟି ସମ୍ପାଦକ ସନ୍ତୋଷ କୁମାର ବିଶି ପ୍ରଭୁଙ୍କ ଜନ୍ମ ବୃତ୍ତାନ୍ତ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିବନ୍ଧୁ ପୁରୋହିତ, ଡ. ମାନବ ଦାସ, ପ୍ରେମଶଙ୍କର ସେଠୀ, ଅବିନାଶ ମିଶ୍ର, ଜୟ କୁମାର ମହାରଣା, ମନୋଜ କୁମାର ରାଜହଂସ, ଭୀମସେନ ସ୍ୱାଇଁ, ସନ୍ତୋଷ ସାହୁ, ପ୍ରଦୀପ ପ୍ରଧାନ, ଅପର୍ତ୍ତି ପ୍ରଧାନଙ୍କ ସମେତ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ସେହିପରି ବ୍ଲକ ର ବରପଦର, ପଲସାଗୋରା ,ସିଲଟପଡା, ଘୁଚଗିଁ, ବନ୍ଧପାଲି, କଣ୍ଟାମାଳ ଗାଁ, ଅଇଁଲାତୁଆଁ, ଘଣ୍ଟାପଡା, ମସିନାଗୋରା, ସମାକୁପା ସମେତ ବିଭିନ୍ନ ରାମମନ୍ଦିରରେ ଶ୍ରୀରାମଙ୍କ ଜନ୍ମୋତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଛି। ଅନେକ ସ୍ଥାନରେ ନାଟକ ମାଧ୍ୟମରେ ୧୪ ଦିନ ଧରି ରାମଙ୍କ କଥା ପ୍ରଦର୍ଶିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

### ଶ୍ରୀ ରଘୁନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ବାଉଁଶୁଣୀ,୨୭।୩ (ଦେବାଶିଷ ନେପାକ)

ଶୁକ୍ରବାର ପୂର୍ବାହ୍ନରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଶ୍ରୀରଘୁନାଥ ଓ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ଶ୍ରୀରାମ ନବମୀ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶ୍ରୀ ରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ଆଦ୍ୟ କାଣ୍ଡ ପାରାୟଣ ଅନୁଷ୍ଠିତ ହେଉଛି। ପୁରାଣ ଗାୟିକା ପ୍ରିୟା ଆଦ୍ୟ କାଣ୍ଡ ପଠନ କରୁଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ ଜମିଥିଲା। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ହୃଷିକେଶ ମେହେର ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ମେହେର ଥିବା ବେଳେ ପୂଜକ ଗୋବର୍ଦ୍ଧନ ଦାସ ପୂଜା କରୁଛନ୍ତି।

### ନାରାୟଣନଗରରେ ଶୋଭାଯାତ୍ରା

ବଘିଆପଡା,୨୭।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗର ଶ୍ରୀଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିରରେ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଥମେ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତାଙ୍କୁ ନେଇ ନାମ ସଂକୀର୍ତ୍ତନ୍ୟ, ଘଣ୍ଟ ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରା ବାହାରିଥିଲା। ଚାଷୀ ସାହି, ଦୈନିକ ବଜାର, ସାହୁଗଳି, ଗଙ୍ଗାଧର ଛକ, ହରିବଂଶ ଛକ ଦେଇ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ଠାକୁରଙ୍କୁ ସ୍ଥାପନ କରାଯାଇଥିଲା। ଗ୍ରାମବାସୀ ପ୍ରତ୍ୟେକ ଘର ସାମ୍ନାରେ ପୂର୍ଣ୍ଣ କଳସ ସ୍ଥାପନ କରି ଠାକୁରଙ୍କ ପୂଜା କରିଥିଲେ। ଏଥିରେ କର୍ତ୍ତା ଭାବେ ଗୋପାଳ କୃଷ୍ଣ ମେହେର, ତାଙ୍କ ସ୍ତ୍ରୀ ହେମଲତା ମେହେର ଦାୟିତ୍ୱ ତୁଲାଇଥିଲେ। ପୂଜକ ଅଜିତ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିବା ବେଳେ ସନ୍ତୋଷ ହୋତା ସହଯୋଗ କରିଥିଲେ। ରାମଲୀଳା କମିଟିର ସଦସ୍ୟମାନେ ବ୍ରତ ଧାରଣ କରି ନିଷ୍ଠାର ସହ ପୂଜା କରୁଥିଲେ। ନାରାୟଣନଗର ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ଏଗାର ଦିନ ପାଇଁ ଗ୍ରାମରେ ଆମିଷ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ୪୭ ବର୍ଷ ହେଲା ରାମଲୀଳା ନାଟକ ମଞ୍ଚସ୍ଥ ହୋଇ ଆସୁଛି। ସେହିପରି ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ, ଆନନ୍ଦପୁର, ଧୁଡୁରୁବାହାଲ, ପୋଲାମ, ଗୋବିନ୍ଦପୁର, ଗୁଡ଼ୀଆଳି,ମର୍ଯ୍ୟାଦପୁର ଆଦି ଗ୍ରାମରେ ଶ୍ରୀରାମ ନବମୀ ପାଳିତ ହୋଇଛି।

# ଏନ୍‌ଏଚ୍ ୫୭ର ବାଇପାସ୍ ରାସ୍ତା ପାଇଁ ଅନୁମୋଦନ

ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)

**୧୪୫.୫୪ କୋଟି ବ୍ୟୟରେ ୯.୬କି.ମି ରାସ୍ତା ନିର୍ମାଣ ହେବ**

ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ(ଏନ୍‌ଏଚ୍) ୫୭ର ସୁବର୍ଣ୍ଣପୁର ସହର ବାଇପାସ ରାସ୍ତା ନିର୍ମାଣ ହେବ। ଭାରିଯାନ ଗୁଡିକ ସହର ବାହାରେ ଯାତାୟତ ପାଇଁ ଏହି ବାଇପାସ ରାସ୍ତାର ପରିକଳ୍ପନା କରାଯାଇଛି। କେନ୍ଦ୍ର ସଡକ ପରିବହନ ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ବୈଷୟିକ ଓ ପ୍ରଶାସନିକ ଅନୁମୋଦନ ମିଳିଛି। ଇପିସି ମୋଡରେ ଏହି ପ୍ରକଳ୍ପ କାମ ଆରମ୍ଭ ହେବ। ଏଥିପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଉଦ୍ୟମ କରି ଆସିଥିଲେ। କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡକାରୀଙ୍କୁ ଏକାଧିକବାର ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ୯ କିଲୋମିଟର ୬୦୦ମିଟର ଲମ୍ବ ବିଶିଷ୍ଟ ଏହି ବାଇପାସ ରାସ୍ତା ପାଇଁ ୧୪୫କୋଟି ୫୪ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।



ପ୍ରସ୍ତାବିତ ସୁବର୍ଣ୍ଣପୁର ସହର ବାଇପାସ ରାସ୍ତା।

ଏନ୍‌ଏଚ୍ ବାଇପାସ ପାଇଁ ଏମ୍‌ପିଙ୍କ ଉଦ୍ୟମକୁ ସୁବର୍ଣ୍ଣପୁର ସହରବାସୀ ପ୍ରଶଂସା କରିଛନ୍ତି। ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ ପୂର୍ବରୁ ଜଏଣ୍ଟ ଭେରିଫିକେଶନ ଚାଲିଥିବା ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରସ୍ତାବିତ ବାଇପାସ ରାସ୍ତା ଅର୍ଜ୍ଜୁନପୁର ନଗରବନ ସମ୍ମୁଖ ରାସ୍ତାରେ ପିପିଲିପାଲି ଓଡିଶା ଆଦର୍ଶ ବିଦ୍ୟାଳୟ ପଛ ପାର୍ଶ୍ୱ ଦେଇ ଯିବ। ଗତରକେଲା, କୁଷ୍ଟାପାଲି, ଜନମୁରା, ବଳଦାପାଲି, ହଳଦୀପାଲି ଓ କୁଲପଡା ତେଲ ନଦୀ କୂଳ ଦେଇ ଏହା ସୋନପୁର-ମନମୁଣ୍ଡା ବ୍ରିଜ୍‌କୁ ଛୁଇଁବ। କାମ ସମ୍ପୂର୍ଣ୍ଣ ହେଲେ ଜାତୀୟ ରାଜପଥରେ ଯାଉଥିବା ଭାରିଯାନଗୁଡିକ ଆଉ ସୁବର୍ଣ୍ଣପୁର ସହର ଦେଇ ନ ଯାଇ ବାଇପାସ ରାସ୍ତାରେ ଯିବ। ସୁବର୍ଣ୍ଣପୁର ସହରରେ ଭିଡ କମିବ। ଭବିଷ୍ୟତରେ ଟ୍ରାଫିକ୍ ସମସ୍ୟା ଦୂର ହେବ। କେନ୍ଦ୍ର ସରକାର ବାଇପାସ ରାସ୍ତାକୁ ଅନୁମୋଦନ କରିବା ସହ ଅନୁଦାନ ଯୋଗାଇ ଦେଇଥିବାରୁ ସହରର ବୁଦ୍ଧିଜୀବୀ ଏହାକୁ ସ୍ୱାଗତ କରିଛନ୍ତି। ଜିଲା ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ଶେଖର ମିଶ୍ର ଓ ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର ଏଥିପାଇଁ ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।



ଚୈତ୍ର ନବରାତ୍ରର ନବମ ଦିନରେ ମା' ସୁରେଶ୍ୱରୀଙ୍କ କମଳାତ୍ମିକା ବେଶ।

# 'ନାଟ' ଦ୍ୱାରା ବିଶ୍ୱ ନାଟ୍ୟ ଦିବସ



'ନାଟ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ର।

ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)

ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସୁବର୍ଣ୍ଣପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ନାଟ' ତରଫରୁ ଏକ ଆଲୋଚନାଚକ୍ର ସ୍ଥାନୀୟ ମହାନଦୀ ସାହିତ୍ୟ ସଂସଦ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ନାଟ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗ ଦେଇ ନାଟକ ସମ୍ପର୍କିତ ନିଜର ଅନୁଭବ ଓ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ବନମାଳୀ ପଣ୍ଡା ବିଶ୍ୱନାଟ୍ୟ ଦିବସ ପାଳନର ଗୁରୁତ୍ୱ ବାବଦରେ ଅବଗତ କରାଇଥିଲେ। ଗାଳ୍ପିକ କ୍ଷୀରୋଦ ବିଶ୍ୱାଳ ୱିଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସମ୍ପର୍କିତ ବାର୍ତ୍ତାଟିକୁ ପାଠ କରି ଶୁଣାଇଥିଲେ। ନାଟର ସାହିତ୍ୟ ସମ୍ପାଦକ କବି ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ନାଟକ ସମ୍ପର୍କିତ ଏକ କବିତା 'ନାଟକ' ପାଠ କରିଥିବାବେଳେ ପ୍ରଦ୍ୟୁମ୍ନ ସାହୁ 'ସମର୍ପଣ' ଶୀର୍ଷକ କବିତା ପାଠ କରିଥିଲେ। ଯୁବ ଅଭିନେତା ଅମିୟ ଦାଶ ନିଜ ଅଭିନୟର ଏକ ଝଲକ ଦେଖାଇଥିଲେ। ଏହି ସଭାରେ ନାଟ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ରାଷ୍ଟ୍ରୀୟ ନାଟ ମେଳା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଶୈଳେନ୍ଦ୍ର ବହିଆ, ସଂସ୍କୃତି ସମ୍ପାଦକ ଅବିନାଶ ହୋତା, ଗତିକୃଷ୍ଣ ବଣିଆ, ଅଜିତ ମେହେର, ନବ କିଶୋର ତ୍ରିପାଠୀ, ଇରାଦତ ଖାନ, ସମୀର ସାହୁ, ଶିବରାଜ କମ୍ପ, ଜ୍ୟୋତି ମିଶ୍ର, ଶିବରାମ ମିଶ୍ର, ବିଶ୍ୱଜିତ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ସନ୍ତୋଷ ମିଶ୍ର, ବିଶେଶ୍ୱର ଗୁରୁ ଓ ଦଧି ବାମନ ବାବୁ ଆଦି ଯୋଗ ଦେଇଥିଲେ।

## ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ବାଉଁଶୁଣୀ,୨୭।୩(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୌଦ୍ଧିକ ମଣ୍ଡପ ପରିସରରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ବାଉଁସୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ଦ୍ୱିତୀୟ ନାଟକ ଓ ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ସଭାପତି ସୁଶାନ୍ତ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଇଂ ପ୍ରଭାସ କୁମାର ରଥ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ବାରିକ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣା ଯୋଗ ଦେଇଥିଲେ। ହିଂସା ପରିହାର କରି ଭାଇଚାରା ପ୍ରତିଷ୍ଠା କଲେ ହିଁ ମଞ୍ଚ ନାଟକ ବଞ୍ଚି ରହିପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରବୀଣ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଆଗାମୀ ଦିନରେ ମଞ୍ଚ ନାଟକର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଆସନ୍ତାକାଲି ସୋନପୁର ଜିଲା ବଡ଼କଲ୍ଲେ ସ୍ଥିତ ବୀଣାପାଣି ସାହିତ୍ୟ କଳା ସଂସଦ ପକ୍ଷରୁ ନାଟକ 'ବଳଦ' ପରିବେଷଣ କରାଯିବ। ଏହାସହିତ ଜିଲା ଓ ଜିଲା ବାହାରୁ ଆସିଥିବା ବିଭିନ୍ନ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟସୂଚୀ ରହିଛି। ଶେଷରେ ସାଂସ୍କୃତିକ ପରିଷଦର ସମ୍ପାଦକ ସୀତାକାନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ତମ ନାଏକ, ପଙ୍କଜ ବାରିକ, ଆଶିଷ ସାହୁ, ଶୈଳେନ୍ଦ୍ର କୁମାର ପତି ଓ ସୁବଳ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାମନବମୀ, ରାମ ଲୀଳା ଆରମ୍ଭ



ତରଭା ଅଞ୍ଚଳରେ ରାମନବମୀ ପୂଜା ଚାଲିଛି।

ତରଭା,୨୭।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଶିବତୁଳା ପଞ୍ଚାୟତର ଆଡ଼କଟା ଗ୍ରାମରେ ଜାନକୀ ବଲ୍ଲଭ କଳାପରିଷଦ ପକ୍ଷରୁ ଶ୍ରୀରାମ ନବମୀ ପୂଜନ ଉତ୍ସବ ଓ ୭୬ତମ ରାମଲୀଳା ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ରାମ ନବମୀ ପୂଜନ ଓ ରାମାୟଣ ପଠନରେ କର୍ତ୍ତା ଭାବରେ ଆନନ୍ଦ ମହାକୁର ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବରେ ଅନ୍ତର୍ଯ୍ୟାମୀ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି। ରାମ ଜନ୍ମଠାରୁ ବନବାସ ପରେ ଅଭିଷେକ ପର୍ଯ୍ୟନ୍ତ ରାମଲୀଳା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଘାସି ରାମ ବାଘ ସୂଚନା ଦେଇଛନ୍ତି। ଜାନକୀ ବଲ୍ଲଭ କଳା ପରିଷଦର ସମସ୍ତ ସଭ୍ୟ ଓ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଛନ୍ତି। ଠିକ ସେହିପରି ଦେଉଳପଦର, ପୂଆ, ବିଯାପଦର, ସରଗଜ, ତୁଲୁଣ୍ଡା, କମସରା, ବଲିଖମାର ପ୍ରଭୃତି ଗାଁରେ ଏହା ଧୁମଧାମରେ ପାଳିତ ହେଉଛି।

# ପୁରୀରେ ରଥ ନିର୍ମାଣ ପାଇଁ ସୁବର୍ଣ୍ଣପୁରରୁ ଯିବ କାଠ

ସୋନପୁର,୨୭।୩(ମୃତ୍ୟୁଞ୍ଜୟ ଶତପଥୀ)

ପୁରୀରେ ତିନି ଠାକୁରଙ୍କ ରଥ ନିର୍ମାଣ ପାଇଁ ସୁବର୍ଣ୍ଣପୁର ଜିଲାରୁ ପ୍ରଥମ ଥର ପାଇଁ କାଠ ଯିବ। ଶୁକ୍ରବାର ପୂଜାର୍ଚ୍ଚନା ପରେ ଗଛ କଟାଯାଇଛି। କରତରେ ସାଇଜ୍ କରି କଟା ହେଲା ପରେ ଏକ ସପ୍ତାହ ଭିତରେ ରଥ କାଠ ଟ୍ରକ୍‌ରେ ବୋଝେଇ ହୋଇ ପୁରୀ ଅଭିମୁଖେ ଯିବ ବୋଲି ଜଣାପଡିଛି। ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ଗ୍ରାମର ଆଦିତ୍ୟ ମିଶ୍ରଙ୍କ ବାଡିରେ ୩୫ ବର୍ଷର ପୁରୁଣା ୫ଟି ବଡ ଫାଶୀ ଗଛ ଥିଲା। ରଥ ନିର୍ମାଣରେ ସାଧାରଣତଃ ଫାଶୀ ଗଛ କାଠ ବ୍ୟବହାର ହୋଇଥାଏ। ତେଣୁ ବାଡିରେ ଥିବା ଗଛ ଗୁଡିକୁ ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ପ୍ରଦାନ କରିବାକୁ ଆଦିତ୍ୟ ଚିନ୍ତା କରିଥିଲେ। ଏଥିପାଇଁ ସେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସକଙ୍କୁ ଅନୁରୋଧ କରିଥିଲେ। ପୁରୀରୁ ଏକ ଟିମ୍ ମଲ୍ଲିକମୁଣ୍ଡା ଆସି ଗଛ ଗୁଡିକୁ ଦେଖିଥିଲେ। ରଥ ନିର୍ମାଣ ପାଇଁ ଗଛ ଗୁଡିକ ଠିକ୍ ଥିବା ଟିମ୍ ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ ଆଦିତ୍ୟ ଓ ତାଙ୍କ ପରିବାର ଖୁସିରେ ଆତ୍ମହରା ହୋଇ ପଡିଥିଲେ। ନିୟମ ଅନୁଯାୟୀ ବାଡିରୁ ଗଛ କାଟିବା ପାଇଁ ସେ ବନ ବିଭାଗର ଅନୁମତି ଲୋଡିଥିଲେ। ବନ ବିଭାଗ ପକ୍ଷରୁ ଅନୁମତି ମିଳିବା ପରେ ପୂଜାର୍ଚ୍ଚନା କରାଯାଇ ଗଛ ଗୁଡିକୁ କଟା ଆରମ୍ଭ ହୋଇଛି। ଗ୍ରାମବାସୀ ଓ ଶତାଧିକ ଶ୍ରଦ୍ଧାଳୁ ଏହି ଅବସରରେ ଉପସ୍ଥିତ ଥିଲେ। ବନ ବିଭାଗ ପକ୍ଷରୁ ସୋନପୁର ବନପାଳ ଭକ୍ତବନ୍ଧୁ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।



ମଲ୍ଲିକମୁଣ୍ଡା ଗ୍ରାମରେ ଗଛ କାଟିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

## ଝଡ଼ବର୍ଷା ସାଙ୍ଗକୁ କୁଆପଥର ମାଡ଼



ପଲସାଗୋରା ଅଞ୍ଚଳରେ କୁଆପଥର ପଡିଛି।

ପଲସାଗୋରା,୨୭।୩(ଅଶ୍ୱିନୀ ନନ୍ଦ)

କଣ୍ଟାମାଳ ବ୍ଲକ ପଲସାଗୋରା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଝଡ଼ ତୋଫାନ ହୋଇଯାଇଛି। ପ୍ରବଳ ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ପବନ ଯୋଗୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। କୁଆପଥର ମାଡ଼ରେ ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି।

# ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା

ବୌଦ୍ଧ,୨୭।୩(ଅଜିତ କୁମାର ବାରିକ)

ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ବୌଦ୍ଧ ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ବୌଦ୍ଧ ଜିଲା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବୌଦ୍ଧ ସହରରେ ହୋଇଥିଲା। ଏହି ଶୋଭାଯାତ୍ରା ସହରର ବୁଢୁପାଲିଠାରୁ ବାହାରିଥିଲା। ଜୟ ଶ୍ରୀରାମ ନାରାରେ ପୁରା ସହର କମ୍ପି ଉଠିଥିଲା। ଶୋଭାଯାତ୍ରା ସହରର ଏନଏସି ଛକ, ଗାନ୍ଧୀ ଛକ,ମେଡିକାଲ ଛକ, ପୁରୁଣା ବ୍ଲକ ଛକ ଦେଇ ରଘୁନାଥ ମନ୍ଦିରଠାରେ ପହଞ୍ଚି ଥିଲା। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସହିଦ୍ ଛକ, ଗଣେଶ ବଜାର, ଭୈରବୀ ଛକ, ଗାନ୍ଧୀ ଛକ, ବ୍ରାହ୍ମଣ ସାହି ରାସ୍ତା ଦେଇ ମାତଙ୍ଗେଶ୍ୱର ମନ୍ଦିର ଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁପରିଷଦର ସଦସ୍ୟ ସାମିଲ ଥିଲେ।



ବୌଦ୍ଧ ସହରରେ ଶୋଭାଯାତ୍ରା।

# ଆରମ୍ଭ ହେଲା ବୌଦ୍ଧର ଗଣପର୍ବ ରାମଲୀଳା

ବୌଦ୍ଧ,୨୭।୩(ଅଜିତ କୁମାର ବାରିକ)

- ୧୮ ଦିନ ଧରି ମାରୁତି ମଣ୍ଡପରେ ପ୍ରଦର୍ଶନ ହେବ ନାଟକ
- ଗୃହ ତ୍ୟାଗ କଲେ କଳାକାର

ରାମନବମୀ ପାଇଁ ବୌଦ୍ଧ ସହର ଚଳଚଞ୍ଚଳ ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ଗଡଜାତ ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବ ରାମନବମୀ ଠାରୁ ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତି ମଣ୍ଡପଠାରେ ଆରମ୍ଭ ହୋଇଛି। ଯାତ୍ରାନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦର ସମସ୍ତ ସଦସ୍ୟ ୧୮ ଦିନ ପରମ୍ପରା ଅନୁଯାୟୀ ବ୍ରତ ଧାରଣ କରିବା ସହ ଗୃହ ତ୍ୟାଗ କରିଛନ୍ତି। ସହର ଦେଇ ଯାଇଥିବା ମହାନଦୀର ହନୁମାନ ମନ୍ଦିର ନିକଟ ଘାଟରୁ ପୂଜାର୍ଚ୍ଚନା କରିବା ପରେ ମହାନଦୀର ଜଳକୁ ୧୦୮ କଳସୀରେ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମାରୁତି ମଣ୍ଡପଠାରେ ସ୍ଥାପନ କରାଯାଇଛି। ଏହି କଳସ ଶୋଭାଯାତ୍ରାରେ ମହିଳାମାନେ ସାମିଲ ଥିଲେ। ଶ୍ରଦ୍ଧାଳୁମାନେ ଦିନ ତମାମ ରଘୁନାଥଜୀଉ ମନ୍ଦିରରେ ଭିଡ ଜମାଇ ଥିଲେ। ଯାତ୍ରାରେ ଅଂଶଗ୍ରହଣ କରିଥିବା ବ୍ରତୀମାନେ ଆଜିଠାରୁ ନିଜସ୍ୱ ଗୃହ ତ୍ୟାଗ କରିଛନ୍ତି। ୧୮ ଦିନ ଧରି ରାମଲୀଳା ଅବସରରେ ଭଗବାନ ଶ୍ରୀରାମଙ୍କ ଜୀବନ ଚରିତକୁ ନେଇ ମାରୁତୀ ମଣ୍ଡପଠାରେ ବ୍ରତୀମାନଙ୍କ ଦ୍ୱାରା ନାଟକ ପ୍ରଦର୍ଶିତ କରାଯିବ। ପରମ୍ପରା ଅନୁଯାୟୀ ପ୍ରଥମ ଦିବସରେ ଶ୍ରୀରାମଙ୍କ ସହିତ ତାଙ୍କର ଅନ୍ୟ ଭ୍ରାତାମାନଙ୍କ ଜନ୍ମ ବୃତ୍ତାନ୍ତକୁ ନାଟକ ଶୈଳୀରେ ପରିବେଷଣ କରାଯାଇଥିବା ବେଳେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ଲିଖିତ ନାଟକ କଥାବସ୍ତୁକୁ ବର୍ଷିୟାନ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର ଓ ଯୁବ ସଙ୍ଗୀତକାର ତୁଷାରକାନ୍ତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ରାମଲୀଳା ନାଟ୍ୟ ସଂସଦର ସଭାପତି ଭାବରେ ମୃତ୍ୟୁଞ୍ଜୟ ମିଶ୍ର, ସଂପାଦକ ଭାବରେ ମାନସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ଆରମ୍ଭ ହୋଇଛି। ଏହି ରାମଲୀଳା ଯାତ୍ରା ଜିଲାର ବାଉଁଶୁଣୀ, ବରଝୁଲି, କେଲାକଟା, ସରସରା, ବାମଣ୍ଡା, ଗୋବିନ୍ଦପୁର, ପୋଲାମ, ନାରାୟଣ ନଗର, ଦେବଗଡ, ବହିରା ଓ ତେଲିବନ୍ଧ ସମେତ ଅନେକ ଗ୍ରାମରେ ପ୍ରତିବର୍ଷ ପରି ଆରମ୍ଭ ହୋଇଛି।



ମହାନଦୀର ହନୁମାନ ଘାଟରେ ପୂଜାର୍ଚ୍ଚନା ଚାଲିଛି।

## ସଂକ୍ଷେପରେ

### ଧନୁପାଲି ଶିଶୁମନ୍ଦିରରେ ରାମ ନବମୀ ଉତ୍ସବ

ସମ୍ବଲପୁର,୨୭।୩(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଧନୁପାଲି ଶିଶୁ ବିଦ୍ୟାମନ୍ଦିରଠାରେ ଭକ୍ତି ଉଲ୍ଲାସ ସହ ରାମନବମୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ସଭାପତି ଡ. ଦେବେନ୍ଦ୍ର ପଣ୍ଡା ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ବନିତା ମନହୀରା, ପ୍ରଧାନ ଆଚାର୍ଯ୍ୟ ଦାୟିତ୍ୱରେ ଥିବା ହେମନ୍ତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଦାସ ପ୍ରଭୁ ଶ୍ରୀରାମଙ୍କ ଜୀବନୀ ବିଷୟରେ ଆଲୋକପାତ କରିବା ସହ ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କ୍ଷୀରୋଦ୍ରୀ ଗୁରୁମା ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ।

### ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ହୋମଯଜ୍ଞ

ସମ୍ବଲପୁର,୨୭।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଠେମରାସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ରାମନବମୀ ଅବସରରେ ଶୁକ୍ରବାର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜର ଆରାଧ୍ୟ ଦେବୀ ଭାବେ ରାମଚଣ୍ଡୀ ପୀଠରେ ନବରାତ୍ର ଅବସରରେ ପ୍ରତିଦିନ ଚଣ୍ଡୀପାଠ ଏବଂ ମାନସିକ ଦୀପ ପ୍ରଜ୍ୱଳନ କରାଯାଉଛି। ପ୍ରତିଦିନ କର୍ତ୍ତା ଭାବରେ ବିଭିନ୍ନ ପରିବାର ଦାୟିତ୍ୱ ତୁଲାଉଛନ୍ତି। ଠେମରା ପୀଠ କୁଲତା ସମାଜ ଅଧିନରେ ରହିଥିବା ୭୪ ଖଣ୍ଡ ଗ୍ରାମର ଶହଶହ ଭକ୍ତ ପୂଜାରେ ସାମିଲ ହେଉଛନ୍ତି। ମନ୍ଦିର ପରିଚାଳନା କମିଟିର ସଭାପତି ଜଗତ ମୋହନ ପ୍ରଧାନ, କୁଲତା ସମାଜ ଠେମରା ପୀଠର ସଭାପତି ମଣିକର ସାହୁ ପ୍ରମୁଖ ନବରାତ୍ର ଆୟୋଜନକୁ ତଦାରଖ କରୁଛନ୍ତି।

### ଶ୍ରୀକଲ୍‌ଚରାଲ ଆସୋସିଏଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

ସମ୍ବଲପୁର,୨୭।୩(ଭବାନୀ ଶଙ୍କର ଭୋଇ)

ଧନୁପାଲି ସରସ୍ୱତୀ ଶିଶୁ ମନ୍ଦିର ସଭା ଗୃହରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ଶୁକ୍ରବାର ବିଶ୍ୱନାଟ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱ ନାଟ୍ୟ ଦିବସର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଙ୍ଗୀତା ସାହୁ ୱିଲିୟମ ଡେଫୋ ଦେଇଥିବା ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତାକୁ ପାଠ କରିଥିଲେ। ଅନୁଷ୍ଠାନର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଲଳିତ ମୋହନ ବେବର୍ତ୍ତା, ଆଶିଷ ସୋନାର, ସନ୍ତୋଷ ରାଇଗୁରୁ, ବଳରାମ ହୋତା, ସୌମ୍ୟଜିତ ବଡପଣ୍ଡା ପ୍ରମୁଖ ନାଟକ ପ୍ରଦର୍ଶନ ସମୟର ନିଜର ଅନୁଭୂତି ବିଷୟରେ ମନ୍ତବ୍ୟ ଦେଇଥିଲେ। ଶେଷରେ ଆଶିଷ ସୋନାର ଧନ୍ୟବାଦ ଅର୍ପଣ କରିଥିଲେ।

### ରେଢ଼ାଖୋଲ ଅଞ୍ଚଳରେ ରାମନବମୀ ଉତ୍ସବ

ରେଢ଼ାଖୋଲ,୨୭।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳରେ ରାମନବମୀ ଉତ୍ସବ ପାଳିତ ହେଉଛି। ରେଢ଼ାଖୋଲ ରଥସାହି ସ୍ଥିତ ରଘୁନାଥ ମନ୍ଦିରରେ ଶୁକ୍ରବାର ସକାଳୁ ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ, ମାତା ସୀତା ଏବଂ ହନୁମାନଙ୍କ ବିଗ୍ରହଙ୍କୁ ସୁସଜିତ କରାଯାଇ ରୀତିନୀତି ଅନୁଯାୟୀ ହୋମ ଏବଂ ପୂଜାର୍ଚ୍ଚନା ଆରମ୍ଭ କରାଯାଇଛି। ରାମାୟଣ ପାଠ ଆରମ୍ଭ ହୋଇ ୯ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପୂଜକ ସୂର୍ଯ୍ୟ ପାଣିଗ୍ରାହୀ କହିଛନ୍ତି। ମନ୍ଦିରଗୁଡିକୁ ପୁଷ୍ପ, ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସେହିପରି ରେଢ଼ାଖୋଲ କେନ୍ଦୁକଟାସ୍ଥିତ ସାଇ ମନ୍ଦିରରେ ରାମନବମୀ ଉତ୍ସବ ପାଳିତ ହୋଇଛି। ସକାଳୁ ଆରତୀ, ମଙ୍ଗଳ ସ୍ନାନ, ସାଇ ସହସ୍ର ନାମ, ପାଲିଙ୍କି ଯାତ୍ରା ଆଦି କରାଯାଇ ବହୁ ଭକ୍ତ ବାବାଙ୍କ ଆଶୀର୍ବାଦ ଲାଭ କରିଥିଲେ। ରେଢ଼ାଖୋଲର ଯଦୁମଣି ପାଟଣାସ୍ଥିତ ସାନ ରାମ ମନ୍ଦିର, ଚାରମାଳ, ରାହାଣ ଆଦି ସ୍ଥାନରେ ଧୂମଧାମରେ ରାମନବମୀ ପାଳିତ ହେଉଛି।

# ସମାଜକୁ ସଂସ୍କାରିତ କରିବା ପାଇଁ ନାଟକର ସୃଷ୍ଟି ଜରୁରୀ

ସମ୍ବଲପୁର,୨୭।୩(ବି.ଶଙ୍କର)

ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି ନାଟନାଟୁଆ ଏବଂ ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ଶୁକ୍ରବାର ଆୟୋଜିତ ହୋଇଯାଇଛି। ସାମ୍ବାଦିକ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଟ ନାଟୁଆର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ନାଟ୍ୟବିତ ଡ. ଦ୍ୱାରିକା ନାଥ ନାୟକ ମୁଖ୍ୟ ଅତିଥି, ଆର୍ଥିକ ସେବା ବିଭାଗର ସହକାରୀ ନିର୍ଦ୍ଦେଶକ ନୀଳାଞ୍ଚଳ ସେଠୀ ସମ୍ମାନିତ ଅତିଥି ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ପ୍ରଦୀପ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ନାଟ ନାଟୁଆର ଯୁଗ୍ମ ସଂଯୋଜକ ବିରୁପାକ୍ଷ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା। ସଙ୍ଗୀତଜ୍ଞ ପ୍ରମୋଦ ମିଶ୍ରଙ୍କର ଗୀତ ରଚନା ଓ ସ୍ୱର ସଂଯୋଜନା ସୁଶ୍ରୀ ଶ୍ରଦ୍ଧା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଖବରଦାତା ସୁକାନ୍ତ କର ଚଳିତବର୍ଷ ବିଶ୍ୱ ନାଟ୍ୟ ଦିବସରେ ଆମେରିକାର ଲୋକପ୍ରିୟ ଅଭିନେତା ଉଇଲିମ ଡାଫୋ ଦେଇଥିବା ବାର୍ତ୍ତାର ସମ୍ବଲପୁରୀ ଭାଷାନ୍ତର ପାଠ କରିଥିଲେ। ମୁଖ୍ୟ ଅତିଥି ଡ. ନାୟକ କହିଲେ, ଆଗେ ବି ନାଟକ ହେଉଥିଲା, ଆଜି ବି ନାଟକ ହେଉଛି। ହେଲେ ନାଟକ ପାଇଁ ଅନୁସାଙ୍ଗିକ ବ୍ୟବସ୍ଥାରେ କମି ରହିଯାଉଛି । ନାଟକ ପାଇଁ ନୂତନ ପିଢ଼ି ମଧ୍ୟ ସେଇ ତୁଳନାରେ ସୃଷ୍ଟି ହେଉନାହାନ୍ତି । ସମାଜକୁ ସଂସ୍କାରିତ କରିବା ପାଇଁ ନାଟକର ସୃଷ୍ଟି ଅତ୍ୟନ୍ତ ଜରୁରି ବୋଲି ଡ.ନାୟକ ମତ ରଖିଥିଲେ। ଏହାପରେ ନାଟନାଟୁଆ ଅନ୍ୟତମ ଯୁଗ୍ମ ସଂଯୋଜକ ଡ.ଅତିଶ ଶତପଥିଙ୍କର ପରିଚାଳନା ସମ୍ବର୍ଦ୍ଧନା ପର୍ବ ହୋଇଥିଲା। ବିଶିଷ୍ଟ ଅଭିନେତ୍ରୀ କନକଲତା ମହାନ୍ତିଙ୍କୁ ଭବଭୂତି ସମ୍ମାନ ଏବଂ ବିଶିଷ୍ଟ ମଞ୍ଚ ସଜ୍ଜା ଶିଳ୍ପୀ ତଥା ନାଟ୍ୟ ସଙ୍ଗଠକ ଅଶୋକ କୁମାର ମିଶ୍ରଙ୍କୁ ନାଟ ନାଟୁଆ ସମ୍ମାନ -୨୦୨୬ରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ନାରାୟଣ ସାହୁ ଓ ମମତା ନାଥ ମାନପତ୍ର ପାଠ ଏବଂ ବରିଷ୍ଠ ସଭ୍ୟ ମହେଶ୍ୱରି ପ୍ରସାଦ ପାଣିଗ୍ରାହୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ପ୍ରଶାନ୍ତ ମାଝୀ, ଯୋଗେଶ ନନ୍ଦ, ଲଳିତ ମୋହନ ବେବର୍ତ୍ତା, ପଙ୍କଜିନୀ ମେହେର, ବଳରାମ ହୋତା, ସଞ୍ଜିବ ପାଢ଼ୀ, ସୌମିକ ବାବୁ, ମମତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସମ୍ବଲପୁର ସାମ୍ବାଦିକ ଭବନଠାରେ ନାଟ ନାଟୁଆ ଆୟୋଜିତ ବିଶ୍ୱ ନାଟ୍ୟ ଦିବସରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭା।

**ନାଟ ନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ**
- ଅଭିନେତ୍ରୀ କନକଲତାଙ୍କୁ ନାଟ୍ୟ ଭବଭୁତି ସମ୍ମାନ
- ମଞ୍ଚ ସଜ୍ଜା ଶିଳ୍ପୀ ଅଶୋକଙ୍କୁ ନାଟନାଟୁଆ ସମ୍ମାନ

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ମାର୍ଚ୍ଚ ୩୦, ୩୧ରେ ବିଶେଷ ଶିବିର

ସମ୍ବଲପୁର,୨୭।୩(ବି.ଶଙ୍କର)

**ବିଦ୍ୟୁତ୍ ଚୋରି ମାମଲାଗୁଡ଼ିକର ସହଜ ସମାଧାନ ହେବ**

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଚଳିତ ମାସ ମାର୍ଚ୍ଚ ୩୦ ଓ ୩୧ ସମଗ୍ର ବିତରଣ କ୍ଷେତ୍ରରେ ବିଶେଷ ଇନଫୋର୍ସମେଣ୍ଟ କ୍ୟାମ୍ପ (ବିଶେଷ ଶିବିର) ଆୟୋଜିତ ହେବ। ଏହି ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କମ୍ପାନୀର ସମସ୍ତ ଡିଭିଜନ, ସବ୍‌ଡିଭିଜନ ଓ ସେକ୍ସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ପାଇଁ ଗ୍ରାହକମାନଙ୍କୁ ସୁବିଧାଜନକ ଏବଂ ସ୍ୱଚ୍ଛ ସିଙ୍ଗିଲ -ୱିଣ୍ଡୋ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି ବୁର୍ଲା ସ୍ଥିତ କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ କାର୍ଯ୍ୟାଳୟରୁ ଶୁକ୍ରବାର ପ୍ରେସ ବିବୃତିରେ ସୂଚିତ କରାଯାଇଛି। ସୂଚନାଯୋଗ୍ୟ ମାର୍ଚ୍ଚ ୧୪ରେ ଆୟୋଜିତ ଲୋକ ଅଦାଲତରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ୫,୬୦୦ରୁ ଅଧିକ ମାମଲା ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା। ଏହି ସଫଳତାକୁ ଆଧାର କରି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଅପେକ୍ଷିତ ଥିବା ମାମଲାଗୁଡିକର ସମାଧାନ ପାଇଁ ଉପଭୋକ୍ତାମାନଙ୍କୁ ଏହି ବିଶେଷ ଶିବିରରେ ଯୋଗଦେବା ପାଇଁ ଆହ୍ୱାନ କରାଯାଉଛି। ଯାହା ମାଧ୍ୟମରେ ସେମାନେ ଘଟଣାସ୍ଥଳରେ ଏହି ମାମଲାଗୁଡ଼ିକର ସମାଧାନ କରି ବିଦ୍ୟୁତ୍ ବ୍ୟବହାରକୁ ବୈଧ କରିପାରିବେ। ଆଇନଗତ ଜଟିଳତାରୁ ଦୂରେ ରହିପାରିବେ। ଏହି ଶିବିରରେ ଇନଫୋର୍ସମେଣ୍ଟ ଅଧିକାରୀ, ଆଇନ ପରାମର୍ଶଦାତା ଓ ସହାୟକ କର୍ମଚାରୀମାନେ ଉପସ୍ଥିତ ରହି ଉପଭୋକ୍ତାଙ୍କୁ ସହଯୋଗ କରିବେ। ତେଣୁ ଉପଭୋକ୍ତାମାନେ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟକୁ ଯାଇ ଯୋଗ୍ୟତା, ଆବଶ୍ୟକ ଦଲିଲପତ୍ର ଓ ସମାଧାନ ପ୍ରକ୍ରିୟା ସମ୍ପର୍କରେ ସବିସ୍ତାର ତଥ୍ୟ ପାଇପାରିବେ।

# ଜିଏମ୍ୟୁରେ ଜାତୀୟ ସେମିନାର ଉଦ୍‌ଘାଟିତ


ଜିଏମ୍ୟୁରେ ଅନୁଷ୍ଠିତ ଜାତୀୟ ସେମିନାରରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)

**ମାନବ କୈନ୍ଦ୍ରିକ ବିକାଶରେ ଦୀନଦୟାଲଙ୍କ ମାନବବାଦ ଦର୍ଶନକୁ ଗୁରୁତ୍ୱ**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ଦୀନଦୟାଲ ଉପାଧ୍ୟାୟ ଲୋକନୀତି ଓ ପ୍ରଶାସନ କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ଏକ ୨ଦିନିଆ ଜାତୀୟ ସେମିନାର ଉଦ୍‌ଘାଟିତ ହୋଇଯାଇଛି। ଜିଏମ୍ୟୁ କୁଳପତିଙ୍କ ସମ୍ମିଳନୀ କକ୍ଷରେ ବିଦ୍ୟାଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ରର ସହଯୋଗରେ ଅନୁଷ୍ଠିତ 'ଭାରତରେ ମାନବ କୈନ୍ଦ୍ରିକ ବିକାଶ ଓ ଲୋକନୀତି ତଥା ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତଃଦୃଷ୍ଟିର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ସୁଶାନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁଳଦୀପ ଅଗ୍ନିହୋତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ମାନବ କୈନ୍ଦ୍ରିକ ବିକାଶରେ ଦୀନଦୟାଲଙ୍କ ମାନବାଦୀ ଦର୍ଶନ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଲାଇଭ୍‌ଲିହୁଡ୍ ଅଲ୍‌ଟରନେଟିଭ୍ସ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ବିତ ତ୍ରିପାଠୀ ଯୋଗଦେଇ ଭାରତୀୟ ମାର୍ଗର ଗୁରୁତ୍ୱ ଓ ଆଧୁନିକ ଲୋକନୀତି ଉପରେ ପଣ୍ଡିତ ଦୀନଦୟାଲଙ୍କ 'ଏକାତ୍ମ ମାନବବାଦ' ଚିନ୍ତନର ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ବନିତା ମହାନନ୍ଦିଆ ସଂଯୋଜନା କରିଥିବାବେଳେ ପ୍ରାରମ୍ଭରେ ସେମିନାର ସଞ୍ଚାଳକ ଡ. କେଶବ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ଜ୍ଞାନରଞ୍ଜନ ସ୍ୱାଇଁ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସିଣ୍ଡିକେଟ୍ ସଭ୍ୟ ଡ. ଡମ୍ବରୁଧର ପଟ୍ଟନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଆଲୋଚନାଚକ୍ରର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶେଷରେ ଅର୍ଥନୀତି ବିଭାଗ ମୁଖ୍ୟ ଡ. ସୁରଜ କୁମାର ବୈଦିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ସମ୍ବଲପୁର ଜିଲା ଓକିଲ ସଂଘର ନିର୍ବାଚନ

**୧୧ ପଦବୀ ପାଇଁ ମଇଦାନରେ ୨୦ ପ୍ରାର୍ଥୀ**

ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଓକିଲ ସଂଘ(ଡିବିଏ)ର ବିଭିନ୍ନ ପଦ ପଦବୀ ପାଇଁ ବର୍ଷ ୨୦୨୬-୨୦୨୭ ପାଇଁ ଶନିବାର ନିର୍ବଚାନ ଅନୁଷ୍ଠିତ ହେବ। ଚଳିତ ବର୍ଷ ଡିବିଏର ସମୁଦାୟ ୧୧ଟି ବିଭିନ୍ନ ପଦବୀ ପାଇଁ ମଇଦାନରେ ୨୦ ପ୍ରତିଦ୍ୱନ୍ଦି ଅବତୀର୍ଣ୍ଣ ହେଉଛନ୍ତି। ସେଥିମଧ୍ୟରେ ସଭାପତି ପଦବୀ ପାଇଁ ବନ୍ଦିତା ରାଣୀ ମିଶ୍ର ଓ ଚନ୍ଦ୍ରକୁମାର ପୁରୋହିତ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପସଭାପତି ପଦବୀରେ ମିଳନ କୁମାର ମହାରଣା, ରବିଶଙ୍କର ପୂଜାରୀ ଓ ରାଙ୍ଗେୟନାଥ ଷଡ଼ଙ୍ଗୀ ପ୍ରମୁଖ ତିନିଜଣ ପ୍ରାର୍ଥୀ, ସାଧାରଣ ସମ୍ପାଦକ ପଦବୀରେ ପ୍ରମୋଦ କୁମାର ସରାଫ ଓ ପ୍ରବୀନ କୁମାର ସଂଦେଓ ୨ଜଣ ପ୍ରର୍ଥୀ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦିତ କରୁଥିବା ୩ପ୍ରାର୍ଥୀ ହେଲେ ଅନୀଲ ଜେନା, ରତନଲାଲ ଶର୍ମା ଏବଂ ତାରିଣୀଲାଲ ପାଣିଗ୍ରାହୀ ତଥା ସହକାରୀ ସମ୍ପାଦକ ପଦବୀ ପାଇଁ ମଧ୍ୟ ୩ପ୍ରତିଦ୍ୱନ୍ଦି ହେଲେ ଶ୍ୟାମ ସୁନ୍ଦର ଗାର୍ତିଆ, ସୁନୀତା ଦାଶ ଓ ସୁରଞ୍ଜିନୀ ବାରିକ। ସମ୍ବଲପୁର ଡିବିଏର ସମ୍ମିଳନୀ କକ୍ଷରେ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ଏହାବାଦ ଅପରାହ୍ନ ୪ଟାରୁ ଗଣତି ଆରମ୍ଭ ହୋଇ ଗଣତି ଶେଷ ପରେ ଫଳାଫଳ ଘୋଷଣା କରାଯିବ ଓ ସନ୍ଧ୍ୟା ୭ଟାରେ ଫଳାଫଳ ପ୍ରକାଶ କରାଯିବ ବୋଲି ଡିବିଏ ପକ୍ଷରୁ ସୂଚନା ଦିଆଯାଇଛି।

# ରାମନବମୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ନାକଟିଦେଉଳ,୨୭।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଗ୍ରାମରେ ଥିବା ଏକମାତ୍ର ସର୍ବପୁରାତନ ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିରରେ ଶୁକ୍ରବାରଠାରୁ ପବିତ୍ର ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ ହୋଇଯାଇଛି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ୯ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ରାମନବମୀ ପୂଜା ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ ପାଣି ଉଠାଇ ବସ୍ତି ଭିତରେ ଥିବା ରାମ ମନ୍ଦିର ପର୍ଯ୍ୟନ୍ତ ଯାଇ କଳସ ସ୍ଥାପନ କରିଥିଲେ। ଏହା ପରେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ପାରମ୍ପରିକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥି ସହିତ ପୂଜା ମଣ୍ଡପରେ ପ୍ରତ୍ୟହ ରାମାୟଣ ପାଠ କରାଯାଉଛି। ବିଭିନ୍ନ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ୍ୟ, ପାଲା, ଦଣ୍ଡନୃତ୍ୟ, ଅପେରା ଆଦି ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ୩ ତାରିଖ ରାତିରେ ଚିତାକର୍ଷକ ରାବଣ ପୋଡି କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ରାମ ନବମୀ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# କୁଚିଣ୍ଡାରେ ପାଳିତ ହେଲା ରାମନବମୀ


ମନ୍ତ୍ରୀ ରବିନାରାୟଣ ନାଏକ ଯଜ୍ଞରେ ଆହୂତି ପ୍ରଦାନ କରୁଛନ୍ତି।

କୁଚିଣ୍ଡା,୨୭।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ରାମଜୀପଡ଼ାସ୍ଥିତ ରାମ ମନ୍ଦିରରେ ଶୁକ୍ରବାର ରାମନବମୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ମହାପ୍ରଭୁ ଶ୍ରୀରାମଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇଥିଲା। ଶୁଶିଳ କୁମାର ନାୟକ, ତାଙ୍କ ସ୍ତ୍ରୀ ଇନ୍ଦିରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ତନୟ ମହାପାତ୍ର ଓ ଚିତ୍ତରଞ୍ଜନ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ରାମନବମୀ ପୂଜାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାମମନ୍ଦିର କମିଟି ସଭାପତି ଯୁଧିଷ୍ଠିର ଦାନୀ, ଉପସଭାପତି ତନୟ ମହାପାତ୍ର, ସାଧାରଣ ସମ୍ପାଦକ ବ୍ରହ୍ମପ୍ରକାଶ ମହାପାତ୍ର, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନନ୍ଦକିଶୋର ପାଣିଗ୍ରାହୀ, ଅଜିତ ଚାଲାନ ପ୍ରମୁଖ ସହଯୋଗ କରିଥିଲେ।

# ବିଦେଶକୁ ୧୦୦ ମେଟ୍ରିକ ଟନ ଆମ୍ବ ରପ୍ତାନୀ ଲକ୍ଷ୍ୟ

**ଏପେଡାର ଆଞ୍ଚଳିକ ମୁଖ୍ୟଙ୍କ ସମ୍ବଲପୁର ଚାଷୀଙ୍କ କ୍ଷେତ୍ର ପରିଦର୍ଶନ**

ସମ୍ବଲପୁର,୨୭।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ଉତ୍ପାଦିତ ଫଳ ଗୁଡିକର ବଜାର ସମ୍ଭାବନା ବୃଦ୍ଧି କରିବା ପାଇଁ ଏପେଡାର ଏକ ଟିମ୍ ଜିଲାର ଯୁଯୋମୁରା ବ୍ଲକର ବିଭିନ୍ନ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏପେଡାର ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଏପେଡା ବିଶେଷଜ୍ଞ ମନୋଜ କୁମାର ଏବଂ ଗ୍ରାଣ୍ଟ ଥର୍ଟନ ଭାରତର ଜିଲା ସଂଯୋଜକ ସିଦ୍ଧାର୍ଥ ଦେବଙ୍କ ସହିତ ସବୁଜ ସନାତନ ପାଲି ଫାର୍ମର ପ୍ରଡ୍ୟୁସର କମ୍ପାନୀର ବିଭିନ୍ନ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିଥିଲେ। ତରଭୁଜ ଏବଂ ଆମ୍ବ ସମେତ ପ୍ରକଳ୍ପ ଅଧୀନରେ ଚାଷ କରାଯାଉଥିବା ପ୍ରମୁଖ ଫସଲଗୁଡ଼ିକ ଯାଞ୍ଚ କରିବା ସହ ଉତ୍ପାଦନ ପଦ୍ଧତି ଏବଂ ବିକ୍ରୟ ସମସ୍ୟା ଗୁଡ଼ିକୁ ବୁଝିବା ପାଇଁ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଗସ୍ତ ଅବସରରେ ରପ୍ତାନି ସମ୍ଭାବନା ମୂଲ୍ୟାଙ୍କନ ବଜାର ସଂଯୋଗକୁ ସୁଦୃଢ଼ କରିବା ଉପରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଏପେଡାର ଆଞ୍ଚଳିକ ମୁଖ୍ୟ ସବୁଜ ସନତନପାଲି କୃଷକ ଉତ୍ପାଦକ କମ୍ପାନୀର ସହଯୋଗରେ ଚାଷ ହେଉଥିବା ଆମ୍ବ ଏବଂ ଅନ୍ୟାନ୍ୟ ଫସଲର ଗୁଣବତ୍ତାକୁ ପ୍ରଶଂସା କରିଥିଲେ। ଏହାସହ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରୁ ଅନ୍ତର୍ଜାତୀୟ ବଜାରକୁ ପ୍ରାୟ ୧୦୦ ମେଟ୍ରିକ ଟନ ଆମ୍ବ ରପ୍ତାନି କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ।


ଏପେଡାର ଟିମ୍ ସଦସ୍ୟ ଚାଷୀଙ୍କ ଆମ୍ବବଗିଚା ପରିଦର୍ଶନ କରୁଛନ୍ତି।

# ସମ୍ବଲପୁର ଆଇଆଇଏମ୍‌ରେ ଶିକ୍ଷାଗତ ଭିତ୍ତିଭୂମିର ବିକାଶ କାର୍ଯ୍ୟ

ସମ୍ବଲପୁର, ୨୭।୩(ବି.ଶଙ୍କର)

**ଏମ୍‌ସିଏଲ୍ ଦେବ ୪୪.୫୪ କୋଟି ଟଙ୍କାର ଆର୍ଥିକ ସହାୟତା**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ରାଜ୍ୟରେ ଶିକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛି। ଏହି କ୍ରମରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁର ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏମ୍‌ସିଏଲ୍ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ଅଧିନରେ ଆଇଆଇଏମ୍ କ୍ୟାମ୍ପସରେ ୪୫୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ୪୪.୫୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏମ୍‌ସିଏଲ୍ ସିଏସ୍‌ଆର ମହାପ୍ରବନ୍ଧକ ଜ୍ୟୋତିର୍ମୟ ସିହ୍ନା ଏବଂ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସୱାଲ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ପ୍ରକଳ୍ପ ଅଧିନରେ ଲିଫ୍ଟ ସୁବିଧା, ସୌର ଜଳ ଉତ୍ତାପ ବ୍ୟବସ୍ଥା, ସିସିଟିଭି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଭଳି ଆଧୁନିକ ସୁବିଧା ସହିତ ତିନୋଟି (ଜି୫) ଛାତ୍ରାବାସ ଭବନ ନିର୍ମାଣ କରାଯିବ। ଏହାଦ୍ୱାରା ଆଇଆଇଏମ୍ ସମ୍ବଲପୁରରେ ଆବାସିକ ସୁବିଧାଗୁଡ଼ିକରେ ଉଲ୍ଲେଖନୀୟ ଉନ୍ନତି ଦେଖାଯିବ। ଛାତ୍ରୀମାନଙ୍କୁ ପ୍ରବନ୍ଧନ ଶିକ୍ଷା ଗ୍ରହଣ କରିବା ପାଇଁ ଉତ୍ତମ ସୁଯୋଗ ମିଳିବ। ଏହି ପଦକ୍ଷେପ ଶିକ୍ଷା ମାଧ୍ୟମରେ ସାମାଜିକ ବିକାଶ ଏବଂ ମହିଳା ସଶକ୍ତିକରଣ ପ୍ରତି ଏମ୍‌ସିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଶୁକ୍ରବାର କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।


ବୁଝାମଣାପତ୍ର ସ୍ୱାକ୍ଷରିତ।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୮/୨୦୨୬ | Bhubaneswar, Saturday, March 28/2026



## ୨ରେ ଶିଶୁବାଟିକା ପିଲାଙ୍କ ଖଡ଼ିଛୁଆଁ ଉତ୍ସବ

ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ)

ଶିଶୁବାଟିକା ପିଲାଙ୍କ ପାଇଁ ଏପ୍ରିଲ ୨ରେ ବିଦ୍ୟାଳୟରେ ପ୍ରବେଶ ବା ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମଥର ବିଦ୍ୟାଳୟକୁ ଯାଉଥିବା ଶିଶୁମାନେ ଖଡ଼ି ଛୁଇଁ ପାଠପଢ଼ିବା ଆରମ୍ଭ କରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ଦିଆଯାଇଛି। ସେହିପରି ଏପ୍ରିଲ ୬, ୭ ଓ ୮ରେ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ। ଆସ ସ୍କୁଲଯିବା ୨.୦ ଅଭିଯାନ ଅନୁଯାୟୀ ଡ୍ରପ୍‌ଆଉଟ୍ ବା ସ୍କୁଲ ଯାଉ ନ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯାଉଛି। ଏହି ଉତ୍ସବରେ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଅଭିଭାବକ, ଅଧିକାରୀ ଏବଂ ସାମାଜିକ କର୍ମକର୍ତ୍ତାମାନେ ଯୋଗଦେଇ ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି।



ରାମ ନବମୀ ଅବସରରେ ଶୁକ୍ରବାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ କଟକ ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପ ନିକଟରୁ ବାହାରିଥିବା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା। (ଫଟୋ- ରାଜକିଶୋର ମହାନ୍ତି)

## ଆଜି ଆର୍ଥ ଆୱାର: ପୃଥିବୀ ପାଇଁ ଘଣ୍ଟାଏ

ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ)

ପୃଥିବୀ ପାଇଁ ଏକ ଘଣ୍ଟା। ଶନିବାର ରାତି ସାଢ଼େ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ଓଡ଼ିଶା ସମେତ ସାରା ବିଶ୍ୱରେ ଆର୍ଥ ଆୱାର ପାଳନ ହେବ। ବିଶ୍ୱବାସୀ ଲାଇଟ୍ ବନ୍ଦ କରି ଏହାକୁ ସମର୍ଥନ ଜଣାଇବେ। ଚଳିତ ବର୍ଷ ଆର୍ଥ ଆୱାର ୨୦ ବର୍ଷ ପୂର୍ତ୍ତି ପାଳନ କରୁଛି। ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଏହି ଛୋଟ ଆନ୍ଦୋଳନ ଆଜି ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି। ଗିଭ୍ ଆନ୍ ଆୱାର ଫର୍ ଆର୍ଥ ବା ଲୋକମାନଙ୍କୁ ପୃଥିବୀ ପାଇଁ ଏକ ଘଣ୍ଟା ଦେବାକୁ ଆହ୍ୱାନ ରହିଛି। ଏହି ଅଭିଯାନ ପ୍ରତିବର୍ଷ ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର୍ ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ଦ୍ୱାରା ପରିଚାଳିତ ହେଉଛି। ଏଥିରେ ୧୯୦ରୁ ଅଧିକ ଦେଶର ଲୋକେ ସାମିଲ ହୋଇ ଆର୍ଥ ଆୱାର ପାଳନ କରୁଛନ୍ତି। ଆର୍ଥ ଆୱାର କେବଳ ଲାଇଟ ବନ୍ଦ କରିବା ନୁହେଁ, ବରଂ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି କ୍ଲାଇମେଟ ଚେଞ୍ଜ ସହିତ ଲଢ଼ିବା ପାଇଁ ଏକ ଆହ୍ୱାନ। ସମସ୍ତଙ୍କ ସାମୂହିକ ଚେଷ୍ଟା ମାଧ୍ୟମରେ ପୃଥିବୀକୁ ସୁରକ୍ଷା କରିବା ଏହାର ମୂଳ ଲକ୍ଷ୍ୟ। ଭାରତରେ ମଧ୍ୟ ପ୍ରତିବର୍ଷ ଏହି ଅଭିଯାନକୁ ପାଳନ କରାଯାଉଛି। ବିଭିନ୍ନ ପ୍ରସିଦ୍ଧ ସ୍ଥାନ, ସଂସ୍ଥା ଓ ସାଧାରଣ ଲୋକମାନେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ଲାଇଟ ବନ୍ଦ କରିଥାଆନ୍ତି।


**ଅନୁକୂଳ ହେଲା ରଥକାଠ ଟିରଟ**

**ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ଦମ୍ପତି, ଝିଅ ଗୁରୁତର**

ପୃଷ୍ଠା ୫


# ତୈଳ କମ୍ପାନୀଙ୍କୁ କେନ୍ଦ୍ରର ଶୁଳ୍କ ରିହାତି

## ପେଟ୍ରୋଲ, ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ

ଯୁଦ୍ଧଜନିତ ଅସ୍ୱାଭାବିକତା ଲାଗି ରହିଥିବାରୁ ପେଟ୍ରୋଲିୟମଜାତ ପଦାର୍ଥ ଭାରତରେ ପହଞ୍ଚିବାରେ ଅସୁବିଧା ସୃଷ୍ଟି ହେଉଛି। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ପରେ ବିଶ୍ୱର ଏକ ପଞ୍ଚମାଂଶ ତୈଳ ପରିବହନ ହେଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜ ପଥ ଅବରୋଧ ହୋଇରହିଛି। ଭାରତରେ ଉଭୟ ଇନ୍ଧନ ଓ ରନ୍ଧନ ଶକ୍ତିର ସଙ୍କଟ ଦେଖାଦେଇଛି। ଜନସାଧାରଣଙ୍କ ଚାହିଦା ଅନୁଯାୟୀ ଯୋଗାଣ ହେଉ ନ ଥିବାରୁ ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ଉପୁଜିଛି। କମ୍ ଆମଦାନୀ ହେବା ଓ ଅନ୍ୟାନ୍ୟ ପରିବହନଜନିତ କାରଣରୁ ଅନେକ ଦେଶରେ ପେଟ୍ରୋଲିୟମ୍ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇଛି। ଭାରତରେ ସମାନ ସ୍ଥିତ ଉପୁଜିଥିଲେ ମଧ୍ୟ କେନ୍ଦ୍ର ସରକାର ଖାଉଟିମାନଙ୍କ ଉପରେ ମୂଲ୍ୟବୃଦ୍ଧି ବୋଝ ନ ଲଦିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକର କ୍ଷତି ଭରଣା ପାଇଁ ଉତ୍ପାଦ ଶୁଳ୍କରେ ରିହାତି ଘୋଷଣା କରିଛନ୍ତି। ତୈଳ କମ୍ପାନୀଗୁଡ଼ିକଠାରୁ ସରକାର ଆଦାୟ କରୁଥିବା ଅତିରିକ୍ତ ଉତ୍ପାଦ ଶୁଳ୍କ ମୂଲ୍ୟରେ ୧୦ଟଙ୍କା ହ୍ରାସ କରିଛନ୍ତି। ବର୍ତ୍ତମାନ ପରିବର୍ତ୍ତିତ ଶୁଳ୍କ ଅନୁଯାୟୀ ପ୍ରତି ଲିଟର ପେଟ୍ରୋଲ ଉପରୁ ୧୩ ଟଙ୍କା ବଦଳରେ ୩ ଟଙ୍କା ନେବେ। ଡିଜେଲ ଉପରୁ କୌଣସି ଉତ୍ପାଦ ଶୁଳ୍କ ଲାଗିବ ନାହିଁ। ଏହାଦ୍ୱାରା ଖାଉଟିମାନେ କୌଣସି ଲାଭ ପାଇବେ ନାହିଁ। ହେଲେ ଖାଉଟି ସ୍ତରରେ ପେଟ୍ରୋଲିୟମ୍ ସାମଗ୍ରୀ ମୂଲ୍ୟ ଅପରିବର୍ତ୍ତିତ ରହିବ। ଅନ୍ୟପକ୍ଷରେ କୁହାଯାଉଛି ଯେ, ପୂର୍ବରୁ ଆଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିବା ବେଳେ ତୈଳ ବିପଣନ କମ୍ପାନୀଗୁଡ଼ିକ ଅଭୂତପୂର୍ବ ଲାଭ ଉଠାଇଥିଲେ। ଏବେ କ୍ରୁଡ୍ ଅଏଲ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ସେମାନଙ୍କୁ ରିହାତି ଦେବାକୁ ଆଗେଇ ଆସିଛନ୍ତି। ଯେଉଁ ଆର୍ଥିକ ରିହାତି ଦିଆଯାଉଛି, ତାହା କରଦାତାଙ୍କ ଅର୍ଥ। କାରଣ ସରକାରଙ୍କ କୌଣସି ନିଜସ୍ୱ ପାଣ୍ଠି ନ ଥାଏ। ତେଣୁ ସେହି କମ୍ପାନୀଗୁଡ଼ିକୁ ରିହାତି ଦିଆଯିବା ଦ୍ୱାରା ଖାଉଟିଙ୍କ କୌଣସି ଲାଭ ହେବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

ନୂଆଦିଲ୍ଲୀ,୨୭।୩

ପଶ୍ଚିମ ଏସିଆର ଯୁଦ୍ଧ ସ୍ଥିତିକୁ ନେଇ ଇନ୍ଧନ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବା ସହ ଖାଉଟିଙ୍କ ଠାରୁ ଆରମ୍ଭ କରି ଶିଳ୍ପାନୁଷ୍ଠାନ ଯାଏ ପ୍ରଭାବିତ ହେବାରେ ଲାଗିଛନ୍ତି। ମଧ୍ୟପ୍ରାଚ୍ୟରୁ ଇନ୍ଧନ ଆମଦାନୀରେ ସମସ୍ୟା ଯୋଗୁ ପେଟ୍ରୋଲ,ଡିଜେଲ ଏବଂ ଏଲପିଜି ଆଦିର ଅଭାବ ବେଳକୁ ବେଳ ଉତ୍କଟ ହେବାରେ ଲାଗିଛି। ଏହାକୁ ନେଇ ଏହିସବୁ ସାମଗ୍ରୀର ମୂଲ୍ୟବୃଦ୍ଧି ଆଶଙ୍କା ବଢ଼ିଛି। କାରଣ ଆମଦାନୀ କମ୍ ହେବା ଏବଂ ଅନ୍ୟାନ୍ୟ ପରିବହନଜନିତ କାରଣରୁ ତୈଳ କମ୍ପାନୀଗୁଡ଼ିକ କ୍ଷତି ସହୁଛନ୍ତି। ଏହି କାରଣରୁ ଏବେ ଅନେକ ଦେଶରେ ପେଟ୍ରୋଲିୟମ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇଛି। ଭାରତରେ ସମାନ ସ୍ଥିତ ଉପୁଜିଥିଲେ ହେଁ କେନ୍ଦ୍ର ସରକାର ଖାଉଟିମାନଙ୍କ ଉପରେ ମୂଲ୍ୟବୃଦ୍ଧି ବୋଝ ନ ଲଦିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ଉତ୍ପାଦ ଶୁଳ୍କରେ ରିହାତି ଘୋଷଣା କରିଛନ୍ତି। ତୈଳ କମ୍ପାନୀଗୁଡ଼ିକଠାରୁ ସରକାର ଆଦାୟ କରୁଥିବା ଅତିରିକ୍ତ ଉତ୍ପାଦ ଶୁଳ୍କ ମୂଲ୍ୟରେ ୧୦ଟଙ୍କା ହ୍ରାସ କରିଛନ୍ତି।

### ଅପରିବର୍ତ୍ତିତ ରହିବ ଖାଉଟି ଦର

ପ୍ରତି ଲିଟର ପେଟ୍ରୋଲ ଉପରୁ ସରକାର ୧୩ଟଙ୍କା ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରିଥିଲାବେଳେ ଏବେ ଏହାକୁ ୩ ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ଡିଜେଲ ଉପରେ ଉତ୍ପାଦ ଶୁଳ୍କ ୧୦ ଟଙ୍କା ରହିଥିଲାବେଳେ ଏବେ ଏହା ଶୁଳ୍କମୁକ୍ତ ହୋଇଛି। ଗୁରୁବାର ପ୍ରକାଶିତ ସରକାରୀ ବିଜ୍ଞପ୍ତି ଅନୁସାରେ ଏହି ପରିବର୍ତ୍ତିତ ଉତ୍ପାଦ ଶୁଳ୍କ ବ୍ୟବସ୍ଥା ତତ୍କାଳ ଲାଗୁ କରାଯାଇଛି ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶୁଳ୍କ ହ୍ରାସ ଯୋଗୁ କେନ୍ଦ୍ର ସରକାରଙ୍କ ରାଜସ୍ୱ ଆୟରେ ୧.୩ ଲକ୍ଷ କୋଟି ଟଙ୍କା କ୍ଷତି ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଦେଶରେ ଡିଜେଲ ଏବଂ ବିମାନ ଇନ୍ଧନ(ଏଟିଏଫ୍) ପର୍ଯ୍ୟାପ୍ତ ଉପଲବ୍ଧ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏଗୁଡ଼ିକର ରପ୍ତାନି ହ୍ରାସ କରିବାକୁ ରପ୍ତାନି ଶୁଳ୍କ ପୁନଃ ଲାଗୁ କରିଛନ୍ତି। ପ୍ରତି ଲିଟର ଡିଜେଲ ରପ୍ତାନି ଉପରେ ୨୧.୫୦ ଏବଂ ଏଟିଏଫ୍ ଉପରେ ୨୯.୫୦ ଟଙ୍କା ରପ୍ତାନି ଶୁଳ୍କ ଲାଗୁ ହେବ ବୋଲି କୁହାଯାଇଛି।

# ଏସ୍‌ସିବିରେ ସରିଲା ୫ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ

କଟକ,୨୭।୩(ଶିଲ୍ପା ପ୍ରିୟଦର୍ଶିନୀ)

**ଅଗ୍ନିକାଣ୍ଡଜନିତ ମୃତ୍ୟୁ ଘଟଣା**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲର ସମସ୍ତ କୋଠାର ଯାଞ୍ଚ ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୫ଟି ସ୍ୱତନ୍ତ୍ର ଟିମ୍ ଗତ ସୋମବାରଠାରୁ ଆରମ୍ଭ କରି ମେଡିକାଲ, କଲେଜ ଓ ହଷ୍ଟେଲରେ ଥିବା ୮୫ଟି କୋଠାର ଯାଞ୍ଚ ପ୍ରକ୍ରିୟା ଶେଷ କରିଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଟିମ୍‌ରେ ଥିବା ବିଭାଗୀୟ ଅଧିକାରୀମାନେ କୋଠାର ସମସ୍ୟା ସମ୍ପର୍କରେ ଏକ ବୈଠକରେ ଆଲୋଚନା କରିଛନ୍ତି। ପରେ ଏହାର ରିପୋର୍ଟ କଟକ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲାପାଳ ରାଜ୍ୟ ସରକାରଙ୍କୁ ଏହି ରିପୋର୍ଟ ପ୍ରଦାନ କରିବେ ବୋଲି ମେଡିକାଲ ☞ପୃଷ୍ଠା-୧୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୃଜନଶୀଳ ଶିକ୍ଷା ମଞ୍ଚ ଫେଡ୍ରିକ୍ରିଏଟ୍ ପକ୍ଷରୁ ଶିକ୍ଷକ କର୍ମଶାଳା ଓ କ୍ୟାଲେଣ୍ଡର ଉନ୍ମୋଚନ, ସ୍ଥାନ: ହୋଟେଲ ଲାଲ୍ କିଲା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୂଆ ଅବକାରୀ ନୀତି ଏବଂ ମଦ କାରଖାନା ଖୋଲିବାକୁ ବିରୋଧ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରଗତି ନର୍ସିଂହୋମ୍ ଉପରମହଲା, ମଧୁସୂଦନ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆସନ୍ତା ଗ୍ରାମ ପଞ୍ଚାୟତ ଓ ପୌର ନିର୍ବାଚନ ପରିପ୍ରେକ୍ଷୀରେ ଆମ୍ ଆଦ୍‌ମୀ ପାର୍ଟିର ବୈଠକ ଏବଂ ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର ସିଂ କାର୍ଡିଆନଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୧ଟା ୩୦।
- ସାରସ୍ୱତ ସମାଜ ସାମାଜିକ ଅନୁଷ୍ଠାନର ୧୫ତମ ଶିଶୁ ମହୋତ୍ସବ ଓ ସାହିତ୍ୟ ସମାରୋହ, ସ୍ଥାନ: ରେଡ୍‌କ୍ରସ ଭବନ, ୟୁନିଟ୍ ୯, ଭୁବନେଶ୍ୱର, ସମୟ: ଅପରାହ୍ନ ୪ଟା।
- ଅଙ୍ଗରାଗ ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ '୫ମ ନାୟିକା ଓଡ଼ିଶୀ ନୃତ୍ୟ ମହୋତ୍ସବ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟକ ଉତ୍ସବ 'ପୂର୍ବ ରଙ୍ଗ'ର ଦ୍ୱିତୀୟ ସନ୍ଧ୍ୟାରେ ହିନ୍ଦୀ ନାଟକ 'ପାଞ୍ଚାଳୀ' ମଞ୍ଚସ୍ଥ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଦୟାସାଗର ବିଦ୍ୟାମନ୍ଦିର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ସମ୍ମିଳନୀ କକ୍ଷ, ଯୋବ୍ରା, ସମୟ: ସକାଳ ୯ଟା।
- ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତିର ୧୨ତମ ବାର୍ଷିକ ଉତ୍ସବ, ସ୍ଥାନ: ବୈଶ୍ୟ ତିଳିଜାତୀୟ ସମିତି ସମ୍ମିଳନୀ କକ୍ଷ, ଡଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ନବମ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ତୃତୀୟ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବାଲେଶ୍ୱର ବାର୍ ଆସୋସିଏଶନ୍ ନିର୍ବାଚନ, ସ୍ଥାନ: କଚେରୀ ପରିସର, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ମା' ବାସନ୍ତୀ ଦୁର୍ଗାଙ୍କ ଦଶମୀ ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ଦଶମୀ ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାମ-ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ: ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପନ ଓ ଦୁଇ ଦିନିଆ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ହନୁମାନ ମନ୍ଦିର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମନବମୀ ପୂଜା ଉତ୍ସବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଅପରାହ୍ନ ୨ଟା।
- ଗ୍ରାମ ଦେବତୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ସାତଭଉଣୀ ମଣ୍ଡପ, ରାଉତପଡ଼ା, ରୂପସା, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର, ତିହିଡ଼ି, ସମୟ: ସକାଳ ୮ଟା।
- ଗୀତାଜ୍ଞାନ ଯଜ୍ଞ, ସ୍ଥାନ: ରାମଚନ୍ଦ୍ରପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମତୋ ପଞ୍ଚାୟତ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତିକ ଦୁର୍ଗାପୂଜା ଦଶହରା ଉତ୍ସବ, ସ୍ଥାନ: ଟିଲୋ ମଧୁପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ଦୁର୍ଗା ପୂଜା, ସ୍ଥାନ: ସୁଗୋ, ଅଣ୍ଡୁଆଁ ହାଟ, ରଘୁପୁର, ଜଗନ୍ନାଥପ୍ରସାଦ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶ୍ରୀରାମ ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର ରାମ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ବାସନ୍ତୀ ଦୁର୍ଗାଙ୍କ ଦଶମୀ ପୂଜା, ସ୍ଥାନ: ବାଘଡାରୋଡ୍,ବାରିପଦା,ସମୟ: ସକାଳ ୮ଟା।

## ବ୍ରହ୍ମପୁର
- ଗଞ୍ଜାମ ଓକିଲ ସଂଘ ନିର୍ବାଚନ,ସ୍ଥାନ: କୋର୍ଟ ପରିସର,ସମୟ: ସକାଳ ୭ଟା ୩୦।
- ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ, ସ୍ଥାନ: ଜନତା ସିଟି ମଲ୍, ସମୟ: ସକାଳ ୯ଟା।

## ଗଞ୍ଜାମ
- ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା,କଦମ୍ବମଠ,ସମୟ: ସକାଳ ୭ଟା।

## ଢେଙ୍କାନାଳ
- ଜିଲା ଓକିଲ ସଂଘ ନିର୍ବାଚନ, ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୭ଟା ୩୦।

## ଅନୁଗୋଳ
- ରାମାୟଣ ପାଠ ସହ ସାମୂହିକ ହନୁମାନ ଚାଳିଶା ପଠନ, ସ୍ଥାନ: ଆଠମଲ୍ଲିକସ୍ଥିତ ନବନିର୍ମିତ ରଘୁନାଥ ମନ୍ଦିର, ସମୟ : ସକାଳ ୯ ଟା।
- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ଲାଭ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କଣିହାଁ ବ୍ଲକ ରେଙ୍ଗାଲି, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ବାସନ୍ତିକ ଦୁର୍ଗା ପୂଜା ଦଶହରା ଉତ୍ସବ, ସ୍ଥାନ: ଶ୍ରୀରାମପୁର ଗ୍ରାମର ବାସନ୍ତିକ ଦୁର୍ଗା ପୂଜା ମଣ୍ଡପ, ଏରସମା, ସମୟ: ପ୍ରାତଃ ୫ଟା।
- ହନୁମାନଜୀଉଙ୍କ ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ କ୍ରିକେଟ୍ ଲିଗ୍ (ପିସିଏଲ୍)ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ପଡ଼ିଆ, ମଧୁବନ, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ବାସନ୍ତୀ ଦୁର୍ଗାଙ୍କ ପୂଜାସୋବ, ସ୍ଥାନ:ଆଳି ବ୍ଲକ ଚଣ୍ଡିଆଗଡି ବଡତୋଟା, ଗରଦପୁର ବ୍ଲକ ବେଡାରୀ, ଚାଉଳିଆ, ଶୀତଳପାଟଣା, ବଙ୍ଗାଳପୁର, ଭାଟପଡା,ନୈନ୍ଦିପୁର, ମହାକାଳପଡା ବ୍ଲକ ବାବର, ବିଜୟନଗର, କିଆରବାଙ୍କ, ନନ୍ତାର, ପାତ୍ରଗଡ, ଖରିନାସି, ସମୟ: ସକାଳ ୮ଟା ।
- ଜିଲା ଓକିଲ ସଂଘ ନିର୍ବାଚନ, ସ୍ଥାନ:କେନ୍ଦ୍ରାପଡା କୋର୍ଟ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ, ସ୍ଥାନ:ଅହମ୍ମଦୀୟା ମସଜିଦ, ବଡହାଟ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ଶିକ୍ଷା ବିଭାଗ କର୍ମଚାରୀଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସଭା ଗୃହ, କଜଳା, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ଇଦ୍ ମିଳନ, ସ୍ଥାନ: ବାଲିଆ ମସ୍‌ଜିଦ, ଡେରାବିଶ, ସମୟ: ଅପରାହ୍ନ ୪ଟା ।
- ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ହାଇସ୍କୁଲ ପଡିଆ, ବଳଭଦ୍ରପୁର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥା ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ବ୍ୟାସନଗର ସ୍ୱୟଂଶାସିତ କଲେଜର ଇଣ୍ଡୋର ଷ୍ଟାଡିୟମ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- କିଷ୍ଣା ଶୋରୁମ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଚୋର୍ଦ୍ଦା ବଜାର ମହାବୀର କଲୋନୀ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଯାଜପୁର ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଯାଜପୁର ଟାଉନ ଶାନ୍ତି ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ ସେବା ସମିତି ପକ୍ଷରୁ ଜାଉଁଳିବନ୍ଧ ମଙ୍ଗଳା ମନ୍ଦିରରୁ ଶୋଭାଯାତ୍ରା, ସ୍ଥାନ: ଯାଜପୁର ସହର ମଙ୍ଗଳା ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ରାମଚନ୍ଦ୍ରଙ୍କ ବାର୍ଷିକ ମହୋତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆସ୍ଥିତ ମଧୁକେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୫ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୨ଟା ।
- ଅଷ୍ଟ ପ୍ରହର ଓ ଗୀତାଯଜ୍ଞର ଉଦ୍‌ଯାପର୍ନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ।
- ପ୍ରଭୁ ରାମଚନ୍ଦ୍ରଙ୍କର ଜନ୍ମ ବାର୍ଷିକୀ ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ କୁଞ୍ଜବିହାରୀପୁରର ରାମ ମନ୍ଦିର, ସମୟ: ସକାଳ ୮ଟା ୩୦ ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଉଦ୍‌ଯାପନ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା ।
- ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ବ୍ଲକର ମାଛିପଡା ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ୫୪ତମ ଓଡ଼ିଶା ପ୍ରସିଦ୍ଧ ଗଣିଆ ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସରେ ପୂଜା ପାଠ, ସୀତା ବିବାହ ଓ ପର୍ଶୁରାମ ଭେଟ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ଗଣିଆ, ସମୟ:ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୨ୟ ଦିବସରେ ତାଡକା ବଦ୍ଧ, ଯାଗରକ୍ଷା ଓ ଶିବଧନୁ ଭଗ୍ନ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ୧୭ ଦିନିଆ ଦଣ୍ଡପର୍ବ ଆରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ କୁମ୍ଭାରପଡା, ଢ଼ୋଲମରା, ବେଣାଗାଡିଆ କାଦୁଆ ଓ କଣ୍ଟିଲୋ ଶୈବପୀଠ, ସମୟ:ଅପରାହ୍ନ ୧ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟା ବେଶର ୨ୟ ଦିବସରେ ତାଡକା ବଦ୍ଧ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

## ରାୟଗଡ଼ା
- ଏୟାରକ୍ରାଫ୍ଟ ଏଭିଓନେକ୍ସ , ନେଭିଗେସନ ଆଣ୍ଡ ସେଫ୍ଟି ସିଷ୍ଟମ୍ସ ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ ଟା।

## ନବରଙ୍ଗପୁର
- ସହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ଲକ୍ଷ୍ମଣ ନାୟକ ବିଦ୍ୟାଳୟ, ନବରଙ୍ଗପୁର ସମୟ: ସକାଳ ୮ଟା ୩୦।

## କୋରାପୁଟ
- ଓକିଲ ସଂଘର ନିର୍ବାଚନ, ସ୍ଥାନ: ଜେଏମ୍‌ସି କୋର୍ଟ ପରିସର, ସେମିଳିଗୁଡ଼ା, ସମୟ: ସକାଳ ୭ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର,କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ବାବା ବିଶାସହେ କୁଳତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ: ଠେମରା ସ୍ଥିତ ଶ୍ରୀଶ୍ରୀରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ମା' କାମାକ୍ଷା ଦେବୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ: ବୈଦାରନୂଆପାଲି କାମାକ୍ଷା ବିହାର, ସମୟ: ସକାଳ ୯ଟା ୩୦।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ, ଜୈବିକ, ଉଦ୍ଭିଦ ବିଜ୍ଞାନ ଓ ଆଇଏସ୍‌ଟି ବିଭାଗର ମିଳିତ ଆୟୋଜନରେ ଛତୁ ଚାଷ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆ ଅଏଲ କମ୍ପାନୀର ବୈଠକ, ସ୍ଥାନ: ପିଏଚଡି ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ରାମ ନବମୀ କମିଟି ପକ୍ଷରୁ ୭୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୭ଟା।

## ବଲାଙ୍ଗୀର
- ଶ୍ରୀ ଶ୍ରୀ ୧୦୦୮ ଶ୍ରୀ ଡଙ୍ଗରବୁଢ଼ା ପୁଞ୍ଜିପଥର ମେଳା ଓ ୩୨ ପ୍ରହରୀ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ : ଶ୍ରୀ ପୁଞ୍ଜିପଥର ମନ୍ଦିର, ସର୍ଗିଗୁଡା,କଣ୍ଟାବାଞ୍ଜି, ସମୟ : ସକାଳ ୮ଟା।

## ରାଉରକେଲା
- ଚୈତ୍ର ନବରାତ୍ରୀ ଓ ସିନ୍ଦୁରଖେଳ, ସ୍ଥାନ: ଜଗଦା ମାଁ ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ନବମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ରାମନବମୀ ଶୋଭାଯାତ୍ରା, ସ୍ଥାନ: ମେନ୍ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୩ଟା।
- ନାରୀ ସମ୍ମାନ ଆଜି ଓ ସବୁଦିନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ସାରଳା ସାଂସ୍କୃତିକ ପରିଷଦର ୫୫ତମ ବାର୍ଷିକୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୬, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ କରଣ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାର,ସମୟ: ସକାଳ ୯ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିର ଆଖଡା କମିଟି ପକ୍ଷରୁ ଆଖଡା ଶୋଭାଯାତ୍ରା,ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ଛକ, ସମୟ: ଅପରାହ୍ନ ୩ଟା।

## ବରଗଡ଼
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ସୋହେଲା, ସମୟ: ସକାଳ ୭ଟା।
- ବହଲତଲିଏନ୍ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ୍, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଣାପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା, ସ୍ଥାନ: ବିଜାଢୋଲ, ଝାରବନ୍ଧ, ସମୟ: ସକାଳ ୯ଟା।
- ନାମଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ: ଗଡଭାଟି, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛବ-୨୦୨୬, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।
- ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନର କଳସ ଶୋଭାଯାତ୍ରା,ସ୍ଥାନ:ପଦ୍ମପୁର ବ୍ଲକ ଗଡଭାଟୀ,ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି
- ରାମନବମୀ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ବ୍ଲକ ଯମୁନାବାହାଲ,ସମୟ: ସକାଳ ୬ଟା।
- ରାମ ପରିବାର ପକ୍ଷରୁ ଶ୍ରୀରାମ ନବମୀ ଉପଲକ୍ଷେ ପୁରାଣ ପଠନ ଓ ହନୁମାନ ଚାଳିଶା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମର ମଝିପଡ଼ା, ସମୟ: ସକାଳ ୯ଟା।

## ବୌଦ୍ଧ
- ବୌଦ୍ଧ ଗଡ଼ଜାତର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଦ୍ୱିତୀୟ ଦିବସରେ ନାଟକ ବାଲ୍ୟଲୀଳା ଓ ସୀତା ବିବାହ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର, ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼
- ରାମନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବାସନ୍ତିକ ନବରାତ୍ର ଦଶହରା ଓ ଅପରାଜିତା ପୂଜା, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱନାଟ୍ୟ ଦିବସ ଓ ନାଟ୍ୟଚକ୍ରର ଜନ୍ମ ଦିବସ ଅବସରରେ ନାଟକ ବୃତ୍ତି ପରିବେଷଣ, ସ୍ଥାନ: ସୋନପୁର ବାପୁଜୀ କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଲୀଳା ନାଟକର ଦ୍ୱିତୀୟ ରଜନୀ, ସ୍ଥାନ: ଖଇରମାଲ,ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୦ଟା।
- ଶ୍ରୀରାମ ଲୀଳା ନାଟକ ସୀତା ବିବାହ ପରିବେଷଣ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୦ଟା।

## ନୂଆପଡ଼ା
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖଡିଆଳ ୧୨ନଂ. ୱାର୍ଡ କୁଅଁରପଡ଼ା, ସମୟ: ପ୍ରାତଃ ୪ଟା ୩୦।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ରିଷଗାଁ, ସମୟ: ପ୍ରାତଃ ୪ଟା ୩୫ ।
- ଚବିଶ ପ୍ରହର ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ପ୍ରାତଃ ୪ଟା ୩୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଟିକ୍ରାପଡ଼ା ଗାଁ ମୁନସିପଡ଼ା, ସମୟ: ପ୍ରାତଃ ୪ଟା ୪୫।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ସକାଳ ୮ଟା ୫।
- ଶ୍ରୀରାମ ନବମୀ ମେଳା ଉପଲକ୍ଷେ ଶ୍ରୀରାମ କଥା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ରୁ ଅପରାହ୍ନ ୨ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା, ସମୟ: ଦିବାରାତ୍ର ।
- ଉଦନ୍ତି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡିଆ ସିନାପାଲି, ସମୟ: ସନ୍ଧ୍ୟା ୬ଟା ୩୦।
- ନୂଆପଡା କବାଡି ପ୍ରିମିୟର ଲିଗ ଦ୍ୱିତୀୟ ଦିବସ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ :ସକାଳ ୮ଟା।
- ଦୁର୍ଗା ମନ୍ଦିରରେ ମା'ଙ୍କ ଅପରାଜିତା ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ:ସକାଳ ୮ଟା।
- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକଦୁର୍ଗା ମନ୍ଦିର, ରେଲୱେ ଷ୍ଟେଶନ ଛକ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଡ଼ କିଣିଥିଲି ଅଢେଇଏ
ପୁଅ ବାହା କଲି, ଝିଅ ବାହା କଲି
ଆଉ ରହିଗଲା ଷଢ଼େଇଏ ।**

ଅତି କୃପଣ, ସାମୁକାଏ ଚିନିରେ ସମୁଦ୍ର ଯାକ ପଣା କଲାବାଲା । ସାଧାରଣତଃ ପୁଅ ଝିଅଙ୍କ ବିବାହ କରାଇବାରେ ବ୍ୟକ୍ତିଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । ଏପରିକି ସଞ୍ଚିତ କରାଯାଇଥିବା ଅର୍ଥ ବେଳେବେଳେ ନିଅଣ୍ଟ ପଡୁଥିବାର ମଧ ଲକ୍ଷ୍ୟ କରାଯାଇଥାଏ । ବିବାହ ନେଇ ଯୋଜନା କରାଯାଇଥିବା ଖର୍ଚ୍ଚରୁ ଆଉ କିଛି ଅର୍ଥ ବଳି ପଡ଼ିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋରସ ଆମିଷ
ଏକାଠେଇଁ ବିଷ।**

ଗୋରସର ଅର୍ଥ କ୍ଷୀର ବା ଦୁଗ୍ଧ। କ୍ଷୀର ସହିତ ଆମିଷ ଖାଦ୍ୟ ବିଷ ସଦୃଶ ହୋଇଥିବାବେଳେ ଏପରି ଖାଦ୍ୟ ଖାଇବା ନେଇ ଏଠାରେ ବାରଣ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିଠୁ ଆଇପିଏଲ୍...

ଗତ ସଂସ୍କରଣରେ ଆର୍‌ସିବି ଚାମ୍ପିୟନ ହେବାପରେ ଜୁନ୍ ୪ରେ ଅନୁଷ୍ଠିତ ବିଜୟ ଶୋଭାଯାତ୍ରା ଅବସରରେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ଜୀବନ ଯାଇଥିଲା। ଫଳରେ ଏଥର ବେଙ୍ଗାଲୁରୁରେ ଆଉ ମ୍ୟାଚ ହେବ କି ନାହିଁ ତାହାକୁ ନେଇ ସଂଶୟ ପ୍ରକାଶ ପାଇଥିଲା। ମାତ୍ର କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ଏବଂ ଆର୍‌ସିବି ମ୍ୟାନେଜ୍‌ମେଣ୍ଟ ସୁରକ୍ଷା ସମ୍ପର୍କିତ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାପରେ ଚିନ୍ନାସ୍ୱାମୀରେ ପୁଣି ମ୍ୟାଚ ସମ୍ଭବ ହୋଇଛି। ମ୍ୟାଚ୍ ଅବସରରେ ଷ୍ଟାଡିୟମରେ ୧୧ଟି ସିଟ୍‌କୁ ସ୍ଥାୟୀଭାବେ ଫାଙ୍କା ରଖାଯିବାକୁ କର୍ନାଟକ କ୍ରିକେଟ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅଭ୍ୟାସ ମ୍ୟାଚ ଅବସରରେ ଆର୍‌ସିବି ଖେଳାଳିମାନେ ୧୧ ନମ୍ବର ଜର୍ସି ପରିଧାନ କରିବେ ଏବଂ ମ୍ୟାଚ୍ ଅବସରରେ କଳା ଆର୍ମବ୍ୟାଣ୍ଡ ପିନ୍ଧିବେ। ଗତଥରର ଚାମ୍ପିୟନ ଆର୍‌ସିବି ଏଥର ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବାବେଳେ ପୂର୍ବ ଗୌରବ ଫେରିପାଇବା ଲକ୍ଷ୍ୟରେ ରହିଛି ସନ୍‌ରାଇଜର୍ସ। ଗତ ସଂସ୍କରଣରେ ଏହି ଦଳ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୬ଷ୍ଠ ସ୍ଥାନରେ ରହିଥିଲା। ଏଥର ସମସ୍ତ ଦଳ ପୁନର୍ଗଠିତ ହୋଇଥିବାରୁ ଆଇପିଏଲ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି।

# ଅବଶିଷ୍ଟାଂଶ

## ଲୋକାୟୁକ୍ତ: ୨୦୨୫ରେ...

ଚିକିତ୍ସା ଲାଗି ବର୍ଷକ ମଧ୍ୟରେ ରାଜ୍ୟ ସରକାର ୨୦କୋଟି ୯୫ଲକ୍ଷ ୪୫ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ୪୩୩ ଗୁରୁତର ରୋଗୀଙ୍କ ଚିକିତ୍ସା ଲାଗି ୭କୋଟି ୨୬ଲକ୍ଷ ୪୫ହଜାର ଟଙ୍କା ରହିଥିବାବେଳେ ୪୭ ଡିଏମ୍‌ଡି ରୋଗୀଙ୍କୁ ଏକକାଳୀନ ୧୦ଲକ୍ଷ ଟଙ୍କା ଲେଖାଏ ଚିକିତ୍ସା ବାବଦକୁ ୪କୋଟି ୪୭ଲକ୍ଷ ଏବଂ ସଡ଼କ ଦୁର୍ଘଟଣାରେ ମୃତବ୍ୟକ୍ତିଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୧୮୮ଜଣଙ୍କୁ ୮କୋଟି ୯୯ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସ୍ୱରାଶିସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ପାରିବାରିକ ପରିସ୍ଥିତି ଶାନ୍ତ, ସୁନ୍ଦର ଏବଂ ମଧୁମୟ ରହିବ। ଅଶ୍ୱିନୀ ନକ୍ଷତ୍ର ଆକସ୍ମିକ ଭାବରେ ସମସ୍ୟାରେ ଛନ୍ଦି ହୋଇପାରନ୍ତି। ଅବଶ୍ୟ ଆଜିର ଯାତ୍ରାରୁ ସୁଫଳ ପାଇବେ ଏବଂ ବନ୍ଧୁଙ୍କଠାରୁ କରଜ କରି କାମ ଚଳାଇ ନେବେ। ନିଜ ଜିଦ୍‌ରେ ଅଟଳ ରହି କାମ କରିଚାଲିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ।

**ବୃଷ** – ଶୁକ୍ରଙ୍କ ଦ୍ୱାଦଶ ସ୍ଥିତି ବିଳାସପ୍ରିୟ କରାଇବ। କିନ୍ତୁ ଚନ୍ଦ୍ରଙ୍କ ସହ ବୁଧଙ୍କ ଷଡ଼ାଷ୍ଟକ ସ୍ଥିତି ବନ୍ଧୁମାନଙ୍କ ଅସହଯୋଗର କାରଣ ହୋଇପାରେ। ପ୍ରତିବନ୍ଧକ ଦୂରହେବା ସହ ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ମନର ବଳ ଖୁବ୍ ଟାଣ ରହିବା ସାଙ୍ଗକୁ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**ମିଥୁନ** – ଧନାଧିପଙ୍କ ସହିତ ରାଶ୍ୟାଧିପତିଙ୍କ ସ୍ଥିତିଜନିତ ଅର୍ଥସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ଯାତ୍ରା, ମାଲିମକଦ୍ଦମା, ଚୁକ୍ତିପତ୍ର, ଜମିଜମା କାରବାର କ୍ଷେତ୍ରରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ** – ଆଜିର ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ଯେତେ ଭଲ କାମ କଲେ ମଧ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ଅକ୍ଷୁଣ୍ଣ ରହିବ। ଭ୍ରାତୃ ସମ୍ପର୍କରେ ଉନ୍ନତି ସାଙ୍ଗକୁ ନୂତନ କର୍ମସଂସ୍ଥାନରୁ ଖୁସି ହୋଇପାରନ୍ତି।

**ସିଂହ** – ସମ୍ମାନର ସହ ନିଜର ସ୍ଥିତି ଓ ପ୍ରାଧାନ୍ୟକୁ ବଜାୟ ରଖିବା ସହ ଦକ୍ଷତାର ସହ କାର୍ଯ୍ୟ ସାଧନ କରିବେ। କେତେକ କ୍ଷେତ୍ରରେ ପୂର୍ବାଫାଲଗୁନୀ ନକ୍ଷତ୍ର ଆତ୍ମସମ୍ମାନର ଦ୍ୱାହିଦେଇ ମସ୍ତକ ଅବନତ ନକରି ସମାଲୋଚିତ ହେବେ। ଅଭାବ ଓ ଅସୁବିଧା ରହିଥିଲେ ମଧ ବ୍ୟବସାୟ, ଯାତ୍ରା ଓ ଆତିଥ୍ୟ ପ୍ରଦାନ କ୍ଷେତ୍ରରେ ଓହରି ଯିବେନାହିଁ।

**କନ୍ୟା** – ପାପାକ୍ରାନ୍ତ ସାଙ୍ଗକୁ ବୁଧଙ୍କ ଦୁର୍ବଳତା ଫଳରେ ସ୍ୱକୀୟ ବିଚାରଧାରା ରହିବନାହିଁ। ଫଳରେ ଅନ୍ୟଦ୍ୱାରା ଉତ୍ତରାଫାଲଗୁନୀ ନକ୍ଷତ୍ର ପ୍ରଭାବିତ ହୋଇ ଭୁଲ୍ କାମରେ ମୁଣ୍ଡ ପୂରାଇପାରନ୍ତି। କଠିନ ପରିଶ୍ରମହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବା ଯୋଗୁ ସାମୟିକ ଖୁସି ରହିବେ।

**ତୁଳା** – ବୁଧଙ୍କ ବୌଦ୍ଧିକତା ଓ ବୃହସ୍ପତିଙ୍କ ବିଚାରଶକ୍ତି ସ୍ୱାତୀ ନକ୍ଷତ୍ର ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ। ପାରସ୍ପରିକ ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ। ବ୍ୟବସାୟରେ ସଫଳ ହେବେ ତଥାପି କର୍ମକ୍ଷେତ୍ରରେ ସୁଯୋଗ ହରାଇ ବ୍ୟଥିତ ହେବେ। ସାହିତ୍ୟ, ସଙ୍ଗୀତ ଏବଂ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ବିଛା** – ଶିଥିଳତାର ଗ୍ରହ ଶନି କର୍ମାଧିପତିଙ୍କ ସଂସ୍ପର୍ଶରେ ବଳଶାଳୀ ହୋଇ ଅର୍ଥନୈତିକ ଅଭିବୃଦ୍ଧି କରାଇବେ। ଅଷ୍ଟମସ୍ଥ ଚନ୍ଦ୍ର ମାନସିକ ସ୍ତରରେ ଉଦାସୀନତା ସୃଷ୍ଟି ସହ ପେଟ କିମ୍ବା ଚକ୍ଷୁରେ ପୀଡ଼ା ପ୍ରଦାନ କରିପାରେ। ଜ୍ୟେଷ୍ଠା ନକ୍ଷତ୍ର ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ** – ଲାଭଭାବାଧିପତି ଶୁକ୍ର ନିଜ ଗୃହକୁ ଅବଲୋକନ କରୁଥିବାରୁ ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି ଘଟିବ। ଅସୁସ୍ଥ ମାନସିକତା ପରିବାର, କର୍ମକ୍ଷେତ୍ର ଓ ବନ୍ଧୁ ସମ୍ପର୍କକୁ ପ୍ରଭାବିତ କରିବ। ଭୁଲ୍ ବୁଝାମଣାରୁ ପୂର୍ବାଷାଢ଼ା ନକ୍ଷତ୍ରର ପାରିବାରିକ ସମସ୍ୟା ବୃଦ୍ଧି ହେତୁ ଭାବପ୍ରବଣ ରହିବେ। ଅଦାଲତ, ସଙ୍ଗଠନ, ରାଜନୀତି କ୍ଷେତ୍ରରୁ ଶୁଭଫଳ ପାଇବେ।

**ମକର** – ସପ୍ତମଭାବସ୍ଥ ଚନ୍ଦ୍ର ଯାତ୍ରା, ବାଣିଜ୍ୟ ଏବଂ ସ୍ୱାମୀ/ସ୍ତ୍ରୀଙ୍କ ସୁସମ୍ପର୍କ ଦିଗରେ ସହାୟକ ହେବ। ଅଟକି ରହିଥିବା କାର୍ଯ୍ୟ ହଠାତ୍ ଆରମ୍ଭ ପାଇଁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳି ଯାଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ ଏବଂ ପ୍ରଶାସନ କ୍ଷେତ୍ରରେ ଅନୁକୂଳତା ପରିଲକ୍ଷିତ ହୋଇପାରେ।

**କୁମ୍ଭ** – କର୍ମାଧିପତି ରାଶିରେ ଏକାଧିକଗ୍ରହଙ୍କ ସହ ଅବସ୍ଥାନ କରି ବିଭିନ୍ନ କର୍ମରେ ଅନୁପ୍ରବେଶ କରାଇପାରନ୍ତି। ଶତଭିଷା ନକ୍ଷତ୍ର ଯେତେ ଉପାୟ ଅବଲମ୍ବନ କଲେ ମଧ ସୁବିଧାରେ କାମ ହାସଲ ହେବନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ।

**ମୀନ** – ପାପଗ୍ରହମାନେ ରାଶିରେ ରହିଥିବାରୁ ବ୍ୟତିକ୍ରମ ମଧ୍ୟରେ ଦିନଟି ଅତିବାହିତ ହେବ। କିନ୍ତୁ ଉତ୍ତରଭାଦ୍ର ନକ୍ଷତ୍ର ଉପସ୍ଥିତ ବୁଦ୍ଧି ବଳରେ କାର୍ଯ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

ଆଜି ମାର୍ଚ୍ଚ ୨୮ ତାରିଖ, ଚୈତ୍ର ଶୁକ୍ଳପକ୍ଷର ଦଶମୀ ଯୁକ୍ତ ଏକାଦଶୀ, ଶନିବାର। ବାସନ୍ତିକ ମୃଣ୍ମୟୀଦେବୀଙ୍କ ଦଶହରା, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା, ଆର୍ଥଆୱାର ଦିବସ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା୧୦।୨୦ ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁ କାଳ।




# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ଦମ୍ପତି, ଝିଅ ଗୁରୁତର

ତିହିଡ଼ି, ୨୭।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ପଞ୍ଚାୟତର ପାଳିଆ ଶାସନ ଗ୍ରାମରେ ଗୁରୁବାର ରାତିରେ ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ଏକ ଦମ୍ପତି ଓ ସେମାନଙ୍କ ନାବାଳିକା ଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭାର୍ଗବୀ ଶତପଥୀ(୪୦), ତାଙ୍କ ସ୍ୱାମୀ ଉଦୟ ନାରାୟଣ ଶତପଥୀ(୪୫) ଏବଂ ଝିଅ ସ୍ନେହାଞ୍ଜଳି(୧୪)। ସେମାନେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ଘଟଣାରୁ ପ୍ରକାଶ ଯେ, ରାତି ପ୍ରାୟ ୯ଟା ବେଳେ ଭାର୍ଗବୀ ଗ୍ୟାସ୍‌ରେ ରୋଷେଇ କରୁଥିଲେ। ହଠାତ୍ ସିଲିଣ୍ଡର ପ୍ଲଗ୍ ବାହାରିଯିବାରୁ ଜୋର୍‌ରେ ଗ୍ୟାସ୍ ବାହାରିଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ଭାର୍ଗବୀଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ସ୍ୱାମୀ ଓ ଝିଅ ଆସି ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କଲାବେଳେ ସେମାନଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା। ଭାର୍ଗବୀ ୮୦ ପ୍ରତିଶତ ଏବଂ ତାଙ୍କ ସ୍ୱାମୀ ୬୦ ପ୍ରତିଶତ ପୋଡ଼ିଯାଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପ୍ରଥମେ କଟକ ବଡ଼ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା।

# ତାଲିକାରୁ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଗାଏବ

## ଗଞ୍ଜାମ ହୋମଗାର୍ଡ ଚୟନରେ ଅନିୟମିତତା ଅଭିଯୋଗ

### କ୍ରମିକ ସଂଖ୍ୟା ୭୨ରେ ରମେଶଙ୍କ ସ୍ଥାନରେ ରହିଛି ଆଉ ଜଣକ ନାମ

ଛତ୍ରପୁର, ୨୭।୩(ଦିଲୀପ ସାମଲ)

ଗଞ୍ଜାମ ଜିଲା ହୋମଗାର୍ଡ ନାମଲେଖା ପ୍ରକ୍ରିୟାରେ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି, ଯାହା ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଚିଠି ସଂଖ୍ୟା ୧୬୫/ଏଚଜିଏସ୍, ତାରିଖ ୨୬।୩।୨୦୨୬ ଅନୁଯାୟୀ, ରାଜ୍ୟ ହୋମଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନକ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ହୋମଗାର୍ଡ ରୂପେ ଚୟନ କରାଯାଇଥିବା ସମ୍ପର୍କିତ ତାଲିକାର ଏକ ପିଡିଏଫ୍ ମୋବାଇଲରୁ ମୋବାଇଲ ଘୂରି ବୁଲୁଥିଲା। ଏହି ପିଡିଏଫ୍ କିପରି ପ୍ରାର୍ଥୀଙ୍କ ମୋବାଇଲକୁ ଆସିଲା ତାହା ଆଲୋଚନାର ବିଷୟ ହୋଇଥିବା ବେଳେ ଉକ୍ତ ମେଧା ତାଲିକାର କ୍ରମିକ ସଂଖ୍ୟା ୭୨ରେ ଗଞ୍ଜାମ ଥାନା ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ଗ୍ରାମର ହରି ବେହେରାଙ୍କ ପୁଅ ରମେଶ ବେହେରାଙ୍କ ନାମ ଉଲ୍ଲେଖ ଥିଲା। ରମେଶ ଜଣେ ଉଚ୍ଚଶିକ୍ଷିତ ଏବଂ ସେ ଲିଖିତ, ଶାରୀରିକ ଓ ଦକ୍ଷତା ପରୀକ୍ଷାରେ ସଫଳତା ହାସଲ କରିଥିଲେ।



| | | | | |
|---|---|---|---|---|
| | | GOUDA, AT-RAJPUR, PO/PS-CHATRAPUR | | |
| 66 | 3335 | SUSANTA KUMAR SAHU S/O- HARISH CHANDRA SAHU, AT-PURUSHOTTAMNAGAR, PO/PS- CHATRAPUR | M | COMPUTER |
| 67 | 2780 | B.KARISMA REDDY D/O- SUSHANTA KUMAR MISHRA, AT-RAMAHARI NAGAR, CHATRAPUR, PS- CHATRAPUR | F | COMPUTER |
| 68 | 3060 | NARMADA BEHERA D/O- LAXMAN BEHERA, AT- DHOBA SAHI, PURUNA CHATRAPUR, PO/PS- CHATRAPUR | F | COMPUTER |
| 69 | 3813 | KRUSHNA CHANDRA DAKUA S/O- SANTOSH DAKUA, AT- BADA SADARA PO/PS- GANGAPUR | M | COMPUTER |
| 70 | 3918 | SONALI SWAIN D/O- KANGRESS SWAIN AT-BADASADAR PO/PS- GANGAPUR | F | COMPUTER |
| 71 | 4149 | MANOJ KUMAR BEHERA S/O- GURUNATH BEHERA, AT- TELUGU NUAGAON PO- NUA GAON PS- GANJAM | M | COMPUTER |
| 72 | 4379 | RAMESH BEHERA S/O- HARI BEHERA, AT- PURUNABANDA PO- PALIBANDA PS- GANJAM | M | COMPUTER |
| 73 | 4500 | RAMAKRISHANA SAHU S/O- NARAYAN SAHU, AT- MOHAN COLONY PO/PS- HINJILI | M | COMPUTER |
| 74 | 4576 | GANESH DAKUA S/O- BIDESI DAKUA, AT-NIMIGAON DARUBHADRA PO- SASANA AMBAGAON PS- HINJILI | M | COMPUTER |
| 75 | 4664 | MANASMITA BEHERA D/O-SUBASH CH.BEHERA, AT/PO/PS- J.N PRASAD | F | COMPUTER |
| 76 | 5044 | SUMANTA RAUTA S/O- NARUSU RAUTA, | M | COMPUTER |

ପ୍ରକାଶିତ ମେଧା ତାଲିକାରେ କ୍ରମିକ ସଂଖ୍ୟା ୭୨ରେ ରହିଥିବା ରମେଶଙ୍କ ନାମ।

ମାତ୍ର ଶୁକ୍ରବାର ରମେଶ ଯେତେବେଳେ ଆବଶ୍ୟକ ଦଲିଲ ଯାଞ୍ଚ ପାଇଁ କାର୍ଯ୍ୟାଳୟରେ ପହଞ୍ଚିଲେ ସେଠାରେ ଅଧିକାରୀମାନେ ତାଙ୍କ ନାମ ତାଲିକାରେ ନ ଥିବା କହିଥିଲେ। ସେ ନିଜେ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ, ପୂର୍ବରୁ ତାଙ୍କ ନାମ ଥିବା ୭୨ ନମ୍ବର ସ୍ଥାନରେ ଏବେ ଅନ୍ୟ ଜଣେ ପ୍ରାର୍ଥୀଙ୍କ ନାମ ରହିଛି। ଏ ସମ୍ପର୍କରେ ରମେଶ ଅଧିକାରୀମାନଙ୍କୁ ପଚାରିବାରୁ ସେମାନେ ଏହାକୁ ଏକ 'ଟାଇପିଂ ମିଷ୍ଟେକ୍' ବୋଲି କହି ନିଜ ଦୋଷ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ନ୍ୟାୟ ଆଶାରେ ସେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ଏସ୍‌ପି ଅନୁପସ୍ଥିତ ଥିବାରୁ ଡିଏସ୍‌ପିଙ୍କୁ ଭେଟିଥିଲେ। ମାତ୍ର ଡିଏସ୍‌ପି ରମେଶଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରି ନ ଥିଲେ। ଆସନ୍ତା ସୋମବାର ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ସେ କହିଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ତାଙ୍କୁ ନ୍ୟାୟ ନ ମିଳେ, ତେବେ ସେ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ଆନ୍ଦୋଳନରତ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

### ୪୪୮ ଚାଷୀ ଧାନ ବିକ୍ରିରୁ ବଞ୍ଚିତ

କାମାକ୍ଷାନଗର, ୨୭।୩(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ଅଭିଯୋଗ କରି ଚାଷୀମାନେ ଶୁକ୍ରବାର ଆନ୍ଦୋଳନ କରିଛନ୍ତି। ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିବାରୁ ସେବା ସମବାୟ ସମିତି ଆଗରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଧାରଣାରେ ବସିଛନ୍ତି। କେତେଜଣ ଚାଷୀ ସାଙ୍ଗରେ ଆଣିଥିବା ଡିଜେଲ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ତେବେ ସେମାନଙ୍କଠାରୁ ପୋଲିସ ଡିଜେଲ୍ ଛଡ଼ାଇ ନେଇଛି।

କଙ୍କଡାହାଡ଼ ସେବା ସମବାୟ ସମିତିରେ ୧୨୫୦ ଚାଷୀ ପଞ୍ଜୀକରଣ କରିଥିଲେ। ୮୦୨ ଜଣ ଚାଷୀ ୩୫ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲାବେଳେ ୪୪୮ଜଣ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଟୋକନ ମିଳିଥିଲା ବେଳେ ସେମାନଙ୍କ ଧାନ କିଣାଯାଉନାହିଁ। ପଞ୍ଜୀକୃତ ହୋଇଥିବା ୧୨୫୦ ଚାଷୀଙ୍କଠାରୁ ୪୪ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟୋକନ ଦିଆଯାଇଥିଲା। ଧାନ ବିକ୍ରିରୁ ବଞ୍ଚିତ ୪୪୮ ଚାଷୀଙ୍କଠାରୁ ୯୦୦୦ କୁଇଣ୍ଟାଲ ଧାନ କିଣିବାକୁ ଥିବା ବେଳେ ମିଲରଙ୍କ ଅବହେଳାରୁ ଧାନ କିଣା ଯାଉ ନ ଥିବା ସେବା ସମବାୟ ସମିତି ପକ୍ଷରୁ କୁହାଯାଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି, ଫେବୃଆରୀ ୧୭ରେ ଟୋକନ ଆସିଥିବା ବେଳେ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି ହେଇପାରୁ ନାହିଁ। ଟୋକନ ଅବଧିର ଶେଷ ତାରିଖ ମାର୍ଚ୍ଚ ୩୧ ଥିବା ବେଳେ ଏପର୍ଯ୍ୟନ୍ତ ଧାନ କିଣାଯାଇପାରି ନାହିଁ। ତେଣୁ ଶୁକ୍ରବାର ଶତାଧିକ ଚାଷୀ ଏକତ୍ର ହୋଇ ସେବା ସମବାୟ ସମିତି ସମ୍ମୁଖରେ ଆନ୍ଦୋଳନ କରିଥିଲେ। କେତେଜଣ ଚାଷୀ ସାଙ୍ଗରେ ଆଣିଥିବା ଡିଜେଲ ଧରି ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଖବର ପାଇ କଙ୍କଡାହାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ଆନ୍ଦୋଳନରୁ ହଟିବା ପାଇଁ ବୁଝାଶୁଝା କରିଥିଲେ। ତହସିଲଦାର ସୌଦାମିନୀ ନାୟକ, ଥାନା ଅଧିକାରୀ କଳ୍ପନା ବେହେରା ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଛନ୍ତି। ଏ ସଂକ୍ରାନ୍ତରେ ସେବା ସମବାୟ ସମିତି ସମ୍ପାଦକ ପ୍ରଦ୍ୟୁମ୍ନ ଦାସ କହିଛନ୍ତି, ୪୪୮ ଚାଷୀଙ୍କ ଧାନ ମିଲରଙ୍କ ଅବହେଳା କାରଣରୁ କିଣାଯାଇ ପାରିନାହିଁ। ତହସିଲଦାର, ଥାନା ଅଧିକାରୀଙ୍କ ଉପସ୍ଥିତିରେ ଚାଷୀମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଧାନ କ୍ରୟ ପାଇଁ ଆଲୋଚନା ହୋଇଥିଲା। ଧାନ ବିକ୍ରିରୁ ବଞ୍ଚିତ ଚାଷୀମାନେ ୩୦ ପ୍ରତିଶତ ଧାନ ବିକ୍ରି କରିବା ପାଇଁ ଆଲୋଚନା ହୋଇଥିଲା ବେଳେ ଚାଷୀମାନେ ସମ୍ପୂର୍ଣ୍ଣ ଧାନ ବିକ୍ରି ଜିଦ୍‌ରେ ଅଟଳ ରହିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଚାଷୀମାନେ ଅଭିଯୋଗ କରିଛନ୍ତି, ମଣ୍ଡିରେ ଧାନ ବିକ୍ରି ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ।

# ହାଇକୋର୍ଟ ବାର୍ ଆସୋସିଏଶନର ୫ ସଦସ୍ୟଙ୍କୁ କାରଣ ଦର୍ଶାଅ ନୋଟିସ

### ରାଜ୍ୟ ଆଇନଜୀବୀ ପରିଷଦକୁ ଅସମ୍ମାନ ଅଭିଯୋଗ

କଟକ, ୨୭।୩(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ୫ ସଦସ୍ୟଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେମାନେ ହେଲେ ଆଇନଜୀବୀ ଆଖ୍ୟାଂଶୁ ଶେଖର ନନ୍ଦୀ, ଅମିୟ କୁମାର ମହାନ୍ତି, ରମେଶ ଚନ୍ଦ୍ର ବେହେରା, ହୃଦାନନ୍ଦ ମଲ୍ଲ ଓ ଅମୂଲ୍ୟ ରତ୍ନ ଦାଶ। ସେମାନେ ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ପ୍ରେରଣ କରି ରାଜ୍ୟ ଆଇନଜୀବୀ ପରିଷଦର ଅସମ୍ମାନ କରିଛନ୍ତି। ଏହି ଘଟଣା ପରିଷଦର ଦୃଷ୍ଟିକୁ ଆସିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ପ୍ରେରଣ କରିଥିବା ଉକ୍ତ ପତ୍ରରେ ଅନ୍ୟାନ୍ୟ ବିଷୟ ସହିତ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରଦତ୍ତ ନିର୍ବାଚନ ସଂକ୍ରାନ୍ତୀୟ ନିର୍ଦ୍ଦେଶକୁ ଆଇନବିରୁଦ୍ଧ, ପକ୍ଷପାତଭିତ୍ତିକ, ସ୍ୱାର୍ଥ ସମ୍ବଳିତ ଏବଂ ହାଇକୋର୍ଟ ନ୍ୟାୟିକ ପୁନର୍ବିଚାର କ୍ଷମତା ପରିସରର ଅତିକ୍ରମଣ ବୋଲି ଦର୍ଶାଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ଜଣେ ସଦସ୍ୟଙ୍କ ନାମ ଉଲ୍ଲେଖ କରି ସେମାନେ ଅଭିଯୋଗ କରିଛନ୍ତି, ଉକ୍ତ ସଦସ୍ୟ ତାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଓ ତାଙ୍କ ପଦବୀର ସୁଯୋଗ ନେଇ ବିସିଆଇ ନିର୍ବାଚନ ରୁଲ୍ ଧାରା ୫୨ର ଭୁଲ ତର୍ଜମା ପୂର୍ବକ ବ୍ୟକ୍ତିଗତ ଆକ୍ରୋଶ ଏବଂ ଅସୂୟାର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପୃକ୍ତ ନିର୍ବାଚନ ଅଧିକାରୀ କେନ୍ଦ୍ରୀୟ କମିଟିର ଉକ୍ତ ବେଆଇନ ନିର୍ଦ୍ଦେଶର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା ସହିତ ବିବାଦୀୟ ନିଷ୍ପତ୍ତି ନେଉଛନ୍ତି। ଉପରୋକ୍ତ ଆଇନଜୀବୀମାନଙ୍କ ଏତାଦୃଶ କାର୍ଯ୍ୟ ରାଜ୍ୟ ଆଇନଜୀବୀ ପରିଷଦର ସ୍ୱାୟତ୍ତତା, ଆନୁଷ୍ଠାନିକ ମର୍ଯ୍ୟାଦାର ସମାଲୋଚନା ତଥା ଅବମାନନା କରିବା ସହିତ ଆଇନଜୀବୀ ପରିଷଦର କାର୍ଯ୍ୟଧାରା ପ୍ରତି ଅନଧିକୃତ ଆକ୍ଷେପ ଏବଂ ଅସମ୍ମାନ। କୌଣସି ଆଇନଜୀବୀ ଜାଣିଶୁଣି ଇଚ୍ଛାକୃତ ଭାବରେ ରାଜ୍ୟ ଆଇନଜୀବୀ ପରିଷଦ କିମ୍ବା ଭାରତୀୟ ବିଧିଜ୍ଞ ପରିଷଦର କୌଣସି ପ୍ରସ୍ତାବ କିମ୍ବା ନିର୍ଦ୍ଦେଶକୁ ବିରୋଧ କିମ୍ବା ଅସମ୍ମାନ କରିପାରିବେ ନାହିଁ। ଅନ୍ୟଥା ଉକ୍ତ କାର୍ଯ୍ୟ ବା ଆଚରଣ ଆଡଭୋକେଟ ଆକ୍ଟ ଧାରା ୩୫ ଅନୁଯାୟୀ ଆଚାର ସଂହିତା ଉଲ୍ଲଂଘନ ବୋଲି ବିବେଚନା କରାଯିବ ଏବଂ ଉକ୍ତ ଧାରା ୩୫ ଅନୁଯାୟୀ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସବୁକୁ ବିଚାରକୁ ନେଇ ସମ୍ପୃକ୍ତ ୫ଜଣ ଆଇନଜୀବୀଙ୍କ ବିରୋଧରେ ଧାରା ୩୫ ଅନୁସାରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବ ନାହିଁ ସେ ନିମନ୍ତେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

### ଉତ୍ପାଦିତ ଶୁଳ୍କ ୧୦ ଟଙ୍କା ଛାଡ଼ ପ୍ରସଙ୍ଗ



ଭୁବନେଶ୍ୱର, ୨୭।୩(ରବିନାରାୟଣ ଜେନା)

ବିଶ୍ୱରେ ଦେଖାଦେଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ସଂପ୍ରତି ପରିବର୍ତ୍ତନଶୀଳ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଉତ୍ପାଦିତ ଶୁଳ୍କକୁ ପ୍ରତି ଲିଟର ପିଛା ୧୦ଟଙ୍କା କମେଇବା ଲାଗି ଯେଉଁ ଦୃଢ଼ ସିଦ୍ଧାନ୍ତ ନେଇଛନ୍ତି ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଘରୋଇ ପରିବାରମାନଙ୍କୁ ତୁରନ୍ତ ସହାୟତା ଦେବା ସହିତ ବିଶ୍ୱ ମୂଲ୍ୟ ଅସ୍ଥିରତାର ପ୍ରଭାବରୁ ସୁରକ୍ଷା କରିବ। ଇନ୍ଧନ ଏବଂ ଆବଶ୍ୟକୀୟ ପଦାର୍ଥର ପର୍ଯ୍ୟାପ୍ତ ଦେଶୀୟ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପମାନ ଭାରତ ସରକାରଙ୍କ ସ୍ଥିରତା ଏବଂ ଲୋକକଲ୍ୟାଣ ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପୁଣିଥରେ ଦର୍ଶାଉଛି। ଏହି ଅବସରରେ ସମସ୍ତ ନାଗରିକଙ୍କୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତେ ଶାନ୍ତ ରହିବା ସହିତ ଭ୍ରାନ୍ତ ସୂଚନାକୁ ଦୂରେଇ ଦେଇ ସ୍ଥିରତା ବଜାୟ ରଖିବାରେ ପୂର୍ଣ୍ଣ ସହଯୋଗ କରନ୍ତୁ। ଆମେ ସମସ୍ତେ ଏକତା, ଆସ୍ଥା ଏବଂ ସାମୂହିକ ଦାୟିତ୍ୱବୋଧ ସହିତ ଏହି ଆହ୍ୱାନକୁ ଦୃଢ଼ତାର ସହ ମୁକାବିଲା କରି ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପୂର୍ବତନ ଏମ୍‌ପି ନାରାୟଣ ସାହୁଙ୍କ ପରଲୋକ

ପରଜଙ୍ଗ, ୨୭।୩(ନିଗମାନନ୍ଦ ଦଳବେହେରା)



ନାରାୟଣ ସାହୁ

ପୂର୍ବତନ ଏମ୍‌ପି ତଥା ୨ ଥରର ବିଧାୟକ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ଗୋହ୍ଲେଇକାଟେଣୀ ଗ୍ରାମର ନାରାୟଣ ସାହୁ (୮୮)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ୧୯୭୧ରୁ ୧୯୭୭ ପର୍ଯ୍ୟନ୍ତ ପାଲଲହଡ଼ା ଆସନରୁ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିରୁ ୨ ଥର ବିଧାୟକ ଥିଲେ। ୧୯୮୦ରୁ ୧୯୮୪ ପର୍ଯ୍ୟନ୍ତ ଦେବଗଡ଼ ଲୋକ ସଭା ଆସନରୁ ଏମ୍‌ପି ହୋଇଥିଲେ। ସେ ୧୯୮୪ରେ ରାଜନୀତିରୁ ସନ୍ନ୍ୟାସ ନେବା ପରେ ପୁଣିଥରେ ଛାତ୍ର ଜୀବନକୁ ଫେରିଥିଲେ। ୨୦୦୯ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପିଜି ଏବଂ ୮୧ ବର୍ଷ ବୟସରେ ଦର୍ଶନ ଶାସ୍ତ୍ରରେ ଡକ୍ଟୋରେଟ୍ ଲାଭ କରିଥିଲେ। ଏପରିକି ସେ ଅନେକ ବହି ଓ ଉପନ୍ୟାସ ମଧ୍ୟ ଲେଖିଛନ୍ତି। ଗତ ୪ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ଯୋଗୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟା ୨୩ ମିନିଟ ସମୟରେ ତାଙ୍କର ଦେହାନ୍ତ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ତାଙ୍କ ମୃତ୍ୟୁରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗର ପୂର୍ବତନ ବିଧାୟକ ନୃସିଂହ ଚରଣ ସାହୁ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଅଜା ଅଟନ୍ତି।

# ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ, ସୁରେଶ ସଂଗ୍ରାମ ଗିରଫ

ଭବାନୀପାଟଣା, ୨୭।୩(ଉତ୍ତମ କୁମାର ଦାଶ)

ଦଳିତ ଆଦିବାସୀଙ୍କ ହକ୍ ଓ ଜଙ୍ଗଲ ଜମି ପାଇଁ ଲଢ଼ୁଥିବା ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ ଓ ସୁରେଶ ସଂଗ୍ରାମଙ୍କୁ ଗତ ୨୫ ତାରିଖରେ କଳାହାଣ୍ଡି ଜିଲା କର୍ଲାପାଟ ପୋଲିସ ଗିରଫ କରିଛି। ୨୦୨୫ ବିର୍ସା ମୁଣ୍ଡା ଜୟନ୍ତୀରେ ଥୁଆମୂଳ ରାମପୁର ବ୍ଲକର ତଲାମପଦରରେ ୨ ଗୋଷ୍ଠୀ ମାରପିଟ ଘଟଣାରେ ଉଭୟେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କ ନାମରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅଭିଯୋଗରେ କର୍ଲାପାଟ ପୋଲିସ ଏକ ମାମଲା (ନଂ.୩୩/୨୫) ରୁଜୁ କରିଥିଲା। ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ଯିବାକୁ ପଡ଼ିଛି। ପ୍ରକାଶ ଯେ, କଳାହାଣ୍ଡି ଜିଲା ସୀମାନ୍ତ ନିୟମଗିରି ସହ ସିଜିମାଳି ଓ କୁଟ୍ରୁମାଳି ପାହାଡରୁ ବକ୍ସାଇଟ ଖନନକୁ ଲିଙ୍ଗରାଜ ଓ ସୁରେଶ ବିରୋଧ କରିଆସୁଥିଲେ। ବିଭିନ୍ନ ସମୟରେ ସେମାନେ ତଲାମପଦର ଓ ପ୍ରଭାବିତ ଅଞ୍ଚଳରେ ଆନ୍ଦୋଳନ କରୁଥିବାରୁ ସେମାନଙ୍କୁ ଦମନ ପାଇଁ ପୋଲିସକୁ ଏପରି ଢାଲ କରାଯାଇଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ, ଉଭୟଙ୍କ ଗିରଫ ପ୍ରତିବାଦରେ ଶୁକ୍ରବାର ଜୁନାଗଡ଼ରେ ଦଳିତ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜଳ ଜମି ଜଙ୍ଗଲ ସୁରକ୍ଷା ପାଇଁ ଅହରହ ଆନ୍ଦୋଳନ କରୁଥିବା




ସମ୍ମିଳନୀରେ ସୂଚନା ଦେଉଛନ୍ତି ଦଳିତ ମଞ୍ଚ କର୍ମକର୍ତ୍ତା।

### ତୁରନ୍ତ ଖଲାସ କରିବାକୁ ଦଳିତ ମଞ୍ଚର ଚେତାବନୀ

ଲିଙ୍ଗରାଜ ଓ ସୁରେଶଙ୍କୁ ମିଥ୍ୟା ଆରୋପ ଲଗାଇ କଳାହାଣ୍ଡି ପୋଲିସ ପକ୍ଷରୁ ଗିରଫ କରାଯାଇଥିବା ଅଭିଯୋଗ ଆଣିଛି ଦଳିତ ଅଧିକାର ମଞ୍ଚ। ତୁରନ୍ତ ଉଭୟଙ୍କୁ ନିଃସର୍ତ୍ତ ଖଲାସ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଦଳିତ ମଞ୍ଚ ପ୍ରଶାସନକୁ ଉଚିତ ଜବାବ ଦେବ ବୋଲି ମଞ୍ଚର ଆବାହକ ତଥା ବରିଷ୍ଠ ସିପିଆଇ ନେତା ଦାମୋଦର ବେହେରା, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ନିଆଲ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଦଳିତ ମଞ୍ଚର ରାଜାରାମ ଡଙ୍ଗରି, ନବୀନ ଟାକ୍ରି, ସୁନ୍ଦର ଲାଲ କୁମାର, ଶରତ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ପେଟ୍ରୋଲ, ଡିଜେଲ ଉପରୁ ଭାଟ୍ ହ୍ରାସ କରନ୍ତୁ ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର, ୨୭।୩(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଦ୍ୱାରା ପେଟ୍ରୋଲ ଓ ଡିଜେଲର ଏକ୍ସାଇଜ୍ ଡ୍ୟୁଟି ବା ଉତ୍ପାଦ ଶୁଳ୍କ ଲିଟର ପ୍ରତି ୧୦ ଟଙ୍କା ହ୍ରାସ କରିବା ପରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ତେଣୁ କେନ୍ଦ୍ର ପରେ ଏବେ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଉପରୁ ଭାଟ୍ ହ୍ରାସ କରନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସମ୍ପ୍ରତି ଇରାନ୍ ସହ ଇସ୍ରାଏଲ ଓ ଆମେରିକାର ଯୁଦ୍ଧ ଲାଗିଥିବାବେଳେ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ଜନସାଧାରଣଙ୍କ ମନରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ମିଳିବ ନା ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ଯଦିଓ ସରକାରଙ୍କ ତରଫରୁ ବାରମ୍ବାର ସଙ୍କଟ ସ୍ଥିତି ଆସିନାହିଁ ବୋଲି ସୂଚନା ଦିଆଯାଉଛି, ତଥାପି ଏହା ଜନସାଧାରଣଙ୍କ ମନରୁ ସନ୍ଦେହ ଦୂରକରିପାରିନାହିଁ। ପେଟ୍ରୋଲ ଏବଂ ଡିଜେଲ ମିଳିବାରେ ସମସ୍ୟା ଦେଖାଦେଇଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି। ଦରବୃଦ୍ଧି ହେଲେ ଜନଆକ୍ରୋଶରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ସମ୍ଭବତଃ ସରକାର ପୂର୍ବରୁ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରିଛନ୍ତି ବୋଲି କୁହାଯାଉଛି। ବର୍ତ୍ତମାନ ଇନ୍ଧନ ଯୋଗାଣ ବ୍ୟାହତ ନ ହେବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। କେନ୍ଦ୍ର ସରକାରଙ୍କ ଏକ୍ସାଇଜ୍ ଡ୍ୟୁଟି ହ୍ରାସ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ଏକ ଗିରାଚରିତ ପଦକ୍ଷେପ। ଯଦି ଏନେଇ ରାଜ୍ୟ ସରକାର ଚିନ୍ତିତ ଅଛନ୍ତି ତେବେ ଭାଟ୍ ହ୍ରାସ କରାଯାଉ ବୋଲି ଲେନିନ୍ କହିଛନ୍ତି।

# ରାମନବମୀ ଅବସରରେ ଅନୁକୂଳ ହେଲା ରଥକାଠ ଚିରଟ

କଟକ, ୨୭।୩(ଶିଲ୍ପା ପ୍ରିୟଦର୍ଶିନୀ)

ଆସନ୍ତା ଜୁଲାଇ ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ୩ ରଥ ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର କଟକ ଖପୁରିଆ ସରକାରୀ ସ'ମିଲରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁ ଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ନାଥ ଭୋଇ ପ୍ରମୁଖ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଶୁକ୍ରବାର ମଧ୍ୟାହ୍ନରେ ଖପୁରିଆ ସ'ମିଲରେ ପହଞ୍ଚିଥିଲେ।



କଟକ ଖପୁରିଆ ସରକାରୀ ସ'ମିଲରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଛି।

ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ରଥ ନିର୍ମାଣ ପାଇଁ ପ୍ରାୟ ୮୬୫ ଖଣ୍ଡ କାଠର ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ, ଦଶପଲ୍ଲା, ଖୋର୍ଦ୍ଧା ବନଖଣ୍ଡରୁ କାଠ ଆସିଛି। ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି କାଠ ଚିରା କାମ ଚାଲିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଚଳିତବର୍ଷର ଘୋଷଯାତ୍ରା ନିମନ୍ତେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ରୀତିନୀତି ଅନୁଯାୟୀ କାଠ ଚିରଟ କରାଯାଇଛି ଏବଂ ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ଜଙ୍ଗଲ ଏବଂ ପରିବେଶ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସିଏମ୍‌ସି ୱାର୍ଡ ନଂ. ୫୦ର କର୍ପୋରେଟର ସନ୍ତୋଷ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। -ଶ୍ରୀମା

-ଶ୍ରୀମନ୍ଦିରରେ ଯକ୍ଷରକ୍ଷା



# ନେତାଙ୍କୁ ଅନୁସରଣ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦବୀ ଛାଡ଼ି ରାଜ୍ୟ ସଭାକୁ ଯିବା ପରେ ବିହାରର ବରିଷ୍ଠ ବାବୁମାନଙ୍କ ଏକ ଦଳ ଖୁବ୍ ଶୀଘ୍ର କେନ୍ଦ୍ରୀୟ ଡେପୁଟେଶନରେ ଯାଇପାରନ୍ତି ବୋଲି ଖବର ମିଳୁଛି। ଭାରତରେ କ୍ଷମତା ଯାତ୍ରାରେ ଏହା କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦର୍ଶାଏ। କ୍ଷମତା ବା ଶାସକ ଏକାକୀ ଯିବା କ୍ୱଚିତ ଦେଖାଯାଏ। ସରକାର ବଦଳେ, ନେତାମାନେ ଦାୟିତ୍ୱ ପରିବର୍ତ୍ତନ କରନ୍ତି ଏବଂ ଅଧିକାରୀମାନେ କେନ୍ଦ୍ର ସରକାରରେ ପଦପଦବୀ ଖୋଜନ୍ତି। ବାସ୍ତବରେ ଏକ ପ୍ରଶାସନିକ ସ୍ଥାନାନ୍ତରରେ ବିଶ୍ୱସ୍ତ ବାବୁମାନେ ନୀରବରେ ସେମାନଙ୍କର ରାଜନୈତିକ ନେତାଙ୍କୁ ଅନୁସରଣ କରନ୍ତି। ନୀତୀଶ କୁମାରଙ୍କ ସ୍ଥାନାନ୍ତର ଏକ ଲମ୍ବା ରାଜ୍ୟସ୍ତରୀୟ ଇନିଂସର ସମାପ୍ତି ତଥା ଜାତୀୟ ସ୍ତରରେ ଏକ ସମ୍ଭାବ୍ୟ ଦାୟିତ୍ୱର ଆରମ୍ଭକୁ ସୂଚିତକରେ। ଏବକାର ଚର୍ଚ୍ଚା ଯଦି ଅଧା ଠିକ୍ ହୁଏ, ତେବେ ସେ ଖାଲି ହାତରେ ଦିଲ୍ଲୀ ଯାଇ ନ ପାରନ୍ତି। ନୀତୀଶଙ୍କର କାର୍ଯ୍ୟଶୈଳୀ, ପ୍ରବୃତ୍ତି ଏବଂ ପ୍ରାଥମିକତାକୁ ବୁଝୁଥିବା କେତେଜଣ ହାତଗଣତି ଅଧିକାରୀ ତାଙ୍କ ସହ ଯାତ୍ରା କରିବେ ବୋଲି ଆଶା କରାଯାଏ। ଏହା ପଛରେ ଏକ ଯୁକ୍ତି ରହିଛି। ବିଶେଷକରି ଉଚ୍ଚସ୍ତରରେ ଶାସନ ନିୟମ ଓ ବିଶ୍ୱାସ ଉପରେ ନିର୍ଭରକରେ। ଏକ ନୂତନ ପରିବେଶରେ ପ୍ରବେଶ କରୁଥିବା ଜଣେ ରାଜନେତା ବ୍ୟବସ୍ଥାର ଜଟିଳତାକୁ ଜାଣିବା ପାଇଁ ଅନେକ ମାସ କଟାନ୍ତି। ଫଳରେ ପରିବେଶକୁ ବୁଝିଥିବା ଅଧିକାରୀଙ୍କ ସହ କାମ କରିବାକୁ ପସନ୍ଦ କରିବା ସ୍ୱାଭାବିକ। ଦକ୍ଷତା, ନିରନ୍ତରତା ଏବଂ ସୁବିଧା ଆଦି ରହିଛି ଏକ ସୁବ୍ୟବସ୍ଥିତ ଡେପୁଟେଶନରେ। ତେବେ ରାଜନୈତିକ ଏବଂ ପ୍ରଶାସନିକ ଗତିଶୀଳତାରେ ଅସ୍ୱଚ୍ଛତା ସିଭିଲ ସେବାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଏ। ଡେପୁଟେଶନ ବ୍ୟକ୍ତିଗତ ସମନ୍ୱୟ ନୁହେଁ, ବରଂ ସାଙ୍ଗଠନିକ ଆବଶ୍ୟକତା ହେବା ଉଚିତ। ବିହାର ପାଇଁ ନୂତନ ରାଜନୈତିକ ନେତୃତ୍ୱ ଏବଂ ଏକ ଅମଲାତନ୍ତ୍ର ପୁନର୍ଗଠନରେ ବାଧା ଆସିପାରେ। ହେଲେ ଦିଲ୍ଲୀ ପାଇଁ କେନ୍ଦ୍ରୀୟ ବ୍ୟବସ୍ଥାରେ ରାଜ୍ୟ-କୈନ୍ଦ୍ରିକ ପ୍ରଶାସନିକ ଶୈଳୀ ପ୍ରବେଶ ହେଉଥିବା ମନେହୁଏ।

### ନିର୍ବାଚନୀ ଅଦଳବଦଳ

ମ୍ୟାଚ୍ ପୂର୍ବରୁ ପିଚ୍ ଯାଞ୍ଚ କରାଯିବା ଭଳି ନିର୍ବାଚନ ସମୟରେ ନିର୍ବାଚନ କମିଶନଙ୍କ ଦ୍ୱାରା ବ୍ୟବସ୍ଥାର ସମୀକ୍ଷା କରାଯାଇ ବାବୁଙ୍କୁ ସ୍ଥାନାନ୍ତର କରାଯାଇଥାଏ। ଏସବୁ ଆରମ୍ଭ ହେବା ପୂର୍ବରୁ ଅତି କମ୍‌ରେ ଗୋଟିଏ ଦଳକୁ ଅସନ୍ତୁଷ୍ଟ କରିବା ପ୍ରାୟ ନିଶ୍ଚିତ। ତେବେ ଶାସନ ବ୍ୟବସ୍ଥାରୁ ବାବୁଙ୍କୁ ବାହାର କରିଦେଇ ତାଙ୍କ ବଦଳରେ ନିରପେକ୍ଷ ବାବୁଙ୍କୁ ଆଣି କର୍ମକ୍ଷେତ୍ରରେ ସମନ୍ୱୟ ସୃଷ୍ଟିକରିବା ଏଭଳି ବଦଳିର ସିଦ୍ଧାନ୍ତ। ଏହା ଭୋଟିଂ ପୂର୍ବରୁ ପକ୍ଷପାତକୁ ଦୂରକରିଦିଏ। ଯେତେବେଳେ ସ୍ଥାନାନ୍ତର ସବୁ ଚୟନମୂଳକ ଏବଂ ସମୀକ୍ଷାଭିତ୍ତିକ ହୋଇଥାଏ, ସେତେବେଳେ ସେଗୁଡ଼ିକ ଉପରେ ସାମାନ୍ୟ ଅଭିଯୋଗ ଆସିଲେ ବି ପାସ୍ କରାଯାଏ। ଯେତେବେଳେ ରାତାରାତି ଏକାଧିକ ଅଧିକାରୀଙ୍କୁ ସ୍ଥାନାନ୍ତରିତ କରାଯାଏ ଓ ଅଧିକ ଅଭିଯୋଗ ଆସେ ସେତେବେଳେ ଏହା ବ୍ୟବସ୍ଥିତ ନୁହେଁ ବୋଲି ଅନୁଭବ ହୁଏ। ଫଳରେ ନିରନ୍ତରତା ପ୍ରଭାବିତ ହୁଏ, ଶାସନ କିଛି ସମୟ ପାଇଁ ଦୋହଲିଯାଏ। ସ୍ୱାଭାବିକ ଭାବେ ରାଜନୀତି ଏହି ଶୂନ୍ୟସ୍ଥାନ ପୂରଣକରେ। ୫ଟି ରାଜ୍ୟରେ ବିଶେଷକରି ଆସାମ, ପଶ୍ଚିମବଙ୍ଗ ଏବଂ କେରଳରେ ବିଧାନସଭା ନିର୍ବାଚନ ପୂର୍ବରୁ ଇସିଆଇ ବଡ଼ ଧରଣର ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ନିରପେକ୍ଷତାକୁ ଲାଗୁ କରୁଛି ବୋଲି ଇସିଆଇ ଜୋର୍ ଦେଇ କହୁଛି। ରାଜନୈତିକ ଦଳଗୁଡ଼ିକ କହିଛନ୍ତି, ନିରପେକ୍ଷତାରେ ସନ୍ଦେହ ରହିଛି। ଉଭୟ ଦାବି ପ୍ରକ୍ରିୟାରେ ରହିପାରେ, ଯାହା ସମସ୍ୟାଜନକ। ସାଧାରଣତଃ ରାଜ୍ୟଗୁଡ଼ିକ ସେମାନଙ୍କର ପ୍ରଶାସନିକ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି, ବଦଳି କରାଯିବା ପରେ ସେମାନଙ୍କ ଅଧିକାରୀଙ୍କୁ ପୁନର୍ବାର ସଜାଡ଼ିବାକୁ ପଡ଼େ। ବାସ୍ତବରେ ସ୍ଥାନାନ୍ତର ଅନାବଶ୍ୟକ ହେଲେ ମଧ୍ୟ ଏହା କରାଯାଉଛି।

### ଦକ୍ଷତା ଅପରିହାର୍ଯ୍ୟ

ବିଶ୍ୱବ୍ୟାଙ୍କରେ ପରମେଶ୍ୱରନ୍ ଆୟରଙ୍କ କାର୍ଯ୍ୟକାଳ ୩ମାସ ପାଇଁ ବୃଦ୍ଧି କରାଯାଇଛି। କେତେଜଣ ଅଧିକାରୀ କେବଳ ବ୍ୟବସ୍ଥାରେ କାର୍ଯ୍ୟ କରନ୍ତି ନାହିଁ ବରଂ ଏହା ପାଇଁ ସେମାନେ ଅପରିହାର୍ଯ୍ୟ ବୋଲି ଏହି ପଦକ୍ଷେପ ସୂଚିତ କରୁଛି। ୧୯୮୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଆୟର ୨୦୦୯ରେ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ବିଶ୍ୱବ୍ୟାଙ୍କରୁ ଆସି ସ୍ୱଚ୍ଛ ଭାରତ ମିଶନର ନେତୃତ୍ୱ ନେବା ପରେ ନୀତି ଆୟୋଗରେ କାର୍ଯ୍ୟ କରିଥିଲେ ଏବଂ ପୁଣି ଥରେ ୱାଶିଂଟନକୁ ଫେରିଥିଲେ। ପ୍ରଥମତଃ, ଆୟର ଭାରତୀୟ ପ୍ରଶାସନିକ ସ୍ଥିତିକୁ ବୁଝିବା ସହ ବିଶ୍ୱ ପ୍ରତିଷ୍ଠାନର କାର୍ଯ୍ୟରେ ମଧ୍ୟ ସମାନ ଭାବରେ ପାରଙ୍ଗମ। ଏହି ଦୁଇ ଯୋଗ୍ୟତାକୁ ସହଜରେ ଏଡ଼ାଇ ଦିଆଯାଇପାରିବ ନାହିଁ। ଯେତେବେଳେ ମୋଦି ସରକାରଙ୍କୁ ସ୍ୱଚ୍ଛ ଭାରତ ଚଳାଇବା ପାଇଁ କାହାର ଆବଶ୍ୟକତା ଥିଲା, ସେତେବେଳେ ଆୟର ହିଁ ଯୋଗ୍ୟ ହୋଇଥିଲେ। ଯେତେବେଳେ ବିଶ୍ୱବ୍ୟାଙ୍କରେ ଜଣେ ଦକ୍ଷ ବ୍ୟକ୍ତିଙ୍କର ଆବଶ୍ୟକ ପଡ଼ିଲା ସେତେବେଳେ ସେ ପୁନର୍ବାର ଯୋଗ୍ୟ ହୋଇଥିଲେ। ସ୍ପଷ୍ଟଭାବରେ କହିବାକୁ ଗଲେ, ଆୟରଙ୍କ ଗୁରୁତ୍ୱ କେବଳ ଗୋଟିଏ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ସୀମିତ ନୁହେଁ। ସରକାର ଏବଂ ବ୍ୟବସ୍ଥା ମଧ୍ୟରେ ତାଙ୍କର କ୍ଷମତା ଏକ ବ୍ୟାପକ ଗ୍ରହଣୀୟତାକୁ ସୂଚିତକରେ। ଭାରତରେ ଦକ୍ଷ ପୂର୍ବତନ ବାବୁଙ୍କର ଅଭାବ ନାହିଁ, କିନ୍ତୁ ବହୁ କମ୍ ଏହି ସ୍ତରରେ ବର୍ଷ ବର୍ଷ ଧରି ବିଭିନ୍ନ ଦାୟିତ୍ୱରେ ରହିବାରେ ସଫଳ ହୁଅନ୍ତି। ସେହି ଦୃଷ୍ଟିରୁ, ଏହି ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତ କଥା ହେଉଛି ଯେଉଁ ବ୍ୟବସ୍ଥା ପ୍ରତିଭାକୁ ରଖିବା ପାଇଁ ସଂଘର୍ଷ କରନ୍ତି ସେମାନଙ୍କ କ୍ଷେତ୍ରରେ ପରମେଶ୍ୱରନ୍ ଆୟରଙ୍କୁ ଛାଡ଼ିଦେବା କଷ୍ଟକର ହୋଇପଡୁଛି।

Email: dilipcherian@gmail.com

# ଆର୍ଦ୍ରଭୂମିର ଗୁରୁତ୍ୱ ଓ ସଂରକ୍ଷଣ



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ଜଳ ଆମ ଗ୍ରହର ୭୧ ଶତାଂଶ ଅଞ୍ଚଳକୁ ଆଚ୍ଛାଦିତ କରେ ଏବଂ ନଦନଦୀ, ହ୍ରଦ, ପୁଷ୍କରିଣୀଠାରୁ ସମୁଦ୍ର ପରି ବିଭିନ୍ନ ଉତ୍ସରେ ଉପଲବ୍ଧ ହୋଇ ଜଳୀୟ ପରିସଂସ୍ଥାକୁ ଜୀବନ ପ୍ରଦାନ କରେ। ତେବେ ଖୋଲା ସାମୁଦ୍ରିକ ପରିବେଶ ଏବଂ ଗଭୀର ହ୍ରଦ (ଛଅ ମିଟରରୁ ଅଧିକ) ପରି ଜଳଉତ୍ସ ବ୍ୟତୀତ ସନ୍ତସନ୍ତିଆ ଅଞ୍ଚଳ, ପଙ୍କିଳଭୂମି, ବନ୍ୟାଞ୍ଚଳ, ଲୁଣା ଜଙ୍ଗଲ, ନଦୀମୁହାଣ ଏବଂ ହ୍ରଦ ଆଦି ବିବିଧ ଉତ୍ସକୁ ଆର୍ଦ୍ରଭୂମି (ୱେଟ୍‌ଲାଣ୍ଡ) ରୂପେ ଆଖ୍ୟାୟିତ କରାଯାଏ। ପୃଥିବୀର ସର୍ବାଧିକ ଉତ୍ପାଦନକ୍ଷମ ଏବଂ ମୂଲ୍ୟବାନ ପରିସଂସ୍ଥା ମଧ୍ୟରେ ଆର୍ଦ୍ରଭୂମି ପରିଗଣିତ ହୁଏ, ଯାହା ଜଳ ଏବଂ ଭୂମି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ କାର୍ଯ୍ୟସାଧନ କରେ। ଆର୍ଦ୍ରଭୂମିଗଡ଼ିକର ପରିବେଶଗତ, ଆର୍ଥିକ ଏବଂ ସାମାଜିକ ଗୁରୁତ୍ୱ ରହିଛି। ଫଳରେ ସହନୀୟ ବିକାଶ ପାଇଁ ଆର୍ଦ୍ରଭୂମି ଅପରିହାର୍ଯ୍ୟ। ବିଶ୍ୱରେ ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣ ନିମନ୍ତେ ୧୯୮୧ରେ ଇରାନ୍‌ର ରାମ୍‌ସାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀର ପରିଭାଷା ଆର୍ଦ୍ରଭୂମିକୁ "ସ୍ଥିର କିମ୍ବା ପ୍ରବାହିତ, ମଧୁର, ଅର୍ଦ୍ଧ-ଲବଣାକ୍ତ କିମ୍ବା ଲବଣାକ୍ତ" ଜଳ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଯାହା ସ୍ଥାୟୀ କିମ୍ବା ଋତୁକାଳୀନ ଭାବରେ ଜଳ ଆଚ୍ଛାଦିତ ହୋଇଥାଏ। ବିଶ୍ୱ ଉତ୍ତାପ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ସମସ୍ୟା ପରିପ୍ରେକ୍ଷୀରେ ଆର୍ଦ୍ରଭୂମିଗୁଡ଼ିକ ହେଉଛନ୍ତି ପ୍ରକୃତି-ଆଧାରିତ ଗୁରୁତ୍ୱପୂର୍ଣ୍ଣ ସମାଧାନର ପନ୍ଥା, ଯାହା ବିଶାଳ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ) ଭାବରେ କାର୍ଯ୍ୟ ସମ୍ପାଦନ ଏବଂ ଅତ୍ୟାବଶ୍ୟକ ଅନୁକୂଳନ ସେବା ପ୍ରଦାନ କରନ୍ତି।

ଆର୍ଦ୍ରଭୂମି ନିର୍ବାହ କରୁଥିବା ବିବିଧ ପରିବେଶୀୟ କାର୍ଯ୍ୟ ମଧ୍ୟରେ ଏକ ପ୍ରମୁଖ ଭୂମିକା ହେଉଛି ଜଳ ନିୟନ୍ତ୍ରଣ। ପ୍ରାକୃତିକ ସ୍ପଞ୍ଜ ଭାବରେ କାର୍ଯ୍ୟ କରି ସେମାନେ ଅତିରିକ୍ତ ବର୍ଷାଜଳ ଶୋଷଣ କରନ୍ତି, ବନ୍ୟା ତୀବ୍ରତାରେ ହ୍ରାସ ଘଟାନ୍ତି ଏବଂ ଶୁଷ୍କ ସମୟରେ ଜଳ ଉତ୍ସ ଭାବରେ ସହାୟତା ପ୍ରଦାନ କରି ଜଳୀୟ ସନ୍ତୁଳନ ବଜାୟ ରଖନ୍ତି। ଏଗୁଡ଼ିକ ଜୈବବିବିଧତା ପାଇଁ ଆକର୍ଷଣୀୟ ସ୍ଥାନ, ଯେଉଁଠି ସ୍ଥାନୀୟ ଓ ପ୍ରବାସୀ ପକ୍ଷୀ, ଉଭୟଚର ପ୍ରାଣୀ, ମାଛ ଏବଂ ବିରଳ ଉଦ୍ଭିଦ ଜାତି ସମେତ ବିଭିନ୍ନ ପ୍ରକାରର ଉଦ୍ଭିଦ ତଥା ପ୍ରାଣୀଙ୍କ ନିମନ୍ତେ ବାସସ୍ଥଳୀ ଉପଲବ୍ଧ ହୁଏ। ଅନେକ ବିପଦଗ୍ରସ୍ତ ଜୀବଜାତି ବଞ୍ଚିବା ନିମନ୍ତେ ସମ୍ପୂର୍ଣ୍ଣ ରୂପେ ଆର୍ଦ୍ରଭୂମି ପରିସଂସ୍ଥା ଉପରେ ନିର୍ଭରଶୀଳ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଜଳ ବିଶୋଧନ। ଆର୍ଦ୍ରଭୂମି ଜଳରୁ ପ୍ରଦୂଷକ, ପଙ୍କିଳ ପଦାର୍ଥ ଏବଂ ଅତିରିକ୍ତ ପୋଷାକ ପଦାର୍ଥକୁ ଛାଣିଥାଏ, ଯାହା ପ୍ରାକୃତିକ ଭାବରେ ଜଳର ଗୁଣବତ୍ତାରେ ଉନ୍ନତି ଘଟାଏ ଏବଂ ମହଙ୍ଗା କୃତ୍ରିମ ବିଶୋଧନ ପ୍ରଣାଳୀର ଆବଶ୍ୟକତାକୁ ହ୍ରାସ କରେ। ଜଳବାୟୁ ନିୟନ୍ତ୍ରଣରେ ଆର୍ଦ୍ରଭୂମିର ଭୂମିକା ରହିଛି। ଏଗୁଡ଼ିକ ଅଙ୍ଗାରକ ଭଣ୍ଡାର ଭାବରେ କାର୍ଯ୍ୟ କରି ମୃତ୍ତିକା ଏବଂ ଉଦ୍ଭିଦରେ ପ୍ରଚୁର ପରିମାଣର ଅଙ୍ଗାରକ ସଂରକ୍ଷଣ କରନ୍ତି, ଯାହା ଦ୍ୱାରା



ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳର ହ୍ରାସ ଘଟାଇ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ସହାୟତା କରନ୍ତି। ଲୁଣା ଜଙ୍ଗଲ ଭଳି ଉପକୂଳବର୍ତ୍ତୀ ଆର୍ଦ୍ରଭୂମି ଅବକ୍ଷୟ, ଘୂର୍ଣ୍ଣିବାତ୍ୟା ଏବଂ ଝଡ଼ ପରି ବିପର୍ଯ୍ୟୟରୁ ଉପକୂଳକୁ ସୁରକ୍ଷା ଦିଅନ୍ତି। ଆର୍ଥିକ ଦୃଷ୍ଟିରୁ ଆର୍ଦ୍ରଭୂମିଗୁଡ଼ିକ ମତ୍ସ୍ୟଚାଷ, କୃଷି, ପର୍ଯ୍ୟଟନ ଏବଂ କାଷ୍ଠ ଓ ଅନ୍ୟାନ୍ୟ କଞ୍ଚାମାଲ ପ୍ରଦାନ ମାଧ୍ୟମରେ ଜୀବିକା ନିର୍ବାହରେ ଯୋଗଦାନ ରଖନ୍ତି। ଅନେକ ଗ୍ରାମୀଣ ସମ୍ପ୍ରଦାୟ ନିମନ୍ତେ ଏସବୁ ଆୟ ଏବଂ ପ୍ରତିପାଳନର ଏକ ପ୍ରାଥମିକ ଉତ୍ସ ରୂପେ ବିବେଚିତ ହୁଅନ୍ତି।

ଏପରି ଗୁରୁତ୍ୱସମ୍ପନ୍ନ ହେବା ସତ୍ତ୍ୱେ, ଆର୍ଦ୍ରଭୂମି ବିଶ୍ୱସ୍ତରରେ ସର୍ବାଧିକ ବିପଦଗ୍ରସ୍ତ ପରିସଂସ୍ଥା ମଧ୍ୟରେ ଅନ୍ୟତମ, ଯାହା ଏକ ଚିନ୍ତାଜନକ ହାରରେ, ଜଙ୍ଗଲ ଅପେକ୍ଷା ତିନିଗୁଣ ଦ୍ରୁତ ଗତିରେ, ଅଦୃଶ୍ୟ ହୋଇଯାଉଛନ୍ତି। ଦ୍ରୁତ ସହରୀକରଣ, ଶିଳ୍ପାୟନ, କୃଷିଜମିର ସମ୍ପ୍ରସାରଣ, ପ୍ରଦୂଷଣ ଏବଂ ଜବରଦଖଲର ପରିଣାମରେ ଆର୍ଦ୍ରଭୂମି ବ୍ୟାପକ ଭାବରେ ଅବକ୍ଷୟିତ। ବିଶ୍ୱସ୍ତରୀୟ ଆକଳନ ଅନୁଯାୟୀ, ୧୯୭୦ ମସିହାରୁ ଏପର୍ଯ୍ୟନ୍ତ ପ୍ରାୟ ୩୫% ଆର୍ଦ୍ରଭୂମିର ଅବନତି ଘଟିସାରିଛି। ଭାରତରେ ଅନେକ ଆର୍ଦ୍ରଭୂମି ଜବରଦଖଲ, ପ୍ରଦୂଷିତ କିମ୍ବା କୃଷି ଅଥବା ସହରାଞ୍ଚଳ ଜମିରେ ପରିଣତ ହୋଇସାରିଛନ୍ତି। ଶିଳ୍ପ ନିର୍ଗତ ଜଳ, ନର୍ଦ୍ଦମା ଏବଂ ପ୍ଲାଷ୍ଟିକ ଅଳିଆରୁ ପ୍ରଦୂଷଣ ସେମାନଙ୍କ ପରିବେଶୀୟ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ତାପମାତ୍ରାର ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିକୁ ଅଧିକ ଗମ୍ଭୀର କରୁଛି, ଯେପରି କି ପରିବର୍ତ୍ତିତ ବର୍ଷା ଢାଞ୍ଚା ଏବଂ ସମୁଦ୍ରପତନ ବୃଦ୍ଧି ଆର୍ଦ୍ରଭୂମି ପରିସଂସ୍ଥା, ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରୁଛି। ଭାରତରେ, ରାମସାର୍ ସ୍ୱୀକୃତିପ୍ରାପ୍ତ ସ୍ଥଳୀ ସଂଖ୍ୟା ୯୮କୁ ବୃଦ୍ଧି ପାଇଥିଲେ ସୁଦ୍ଧା, ଅନେକ ଛୋଟ ଆର୍ଦ୍ରଭୂମି ଅସୁରକ୍ଷିତ ଏବଂ ନିକୃଷ୍ଟ ଅବସ୍ଥାରେ ରହିଛନ୍ତି। ଏପରି କି କିଛି ସଂରକ୍ଷିତ ଆର୍ଦ୍ରଭୂମି ବାହ୍ୟ, ଆକ୍ରମଣାତ୍ମକ ଜୀବଜାତି, ପୋଷକ ବୃଦ୍ଧି ଏବଂ ଅନିୟନ୍ତ୍ରିତ ପର୍ଯ୍ୟଟନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ଆଟ୍‌ଲାସ (୨୦୨୧) ମାଧ୍ୟମରେ ଓଡ଼ିଶାରେ ୧୩,୬୬୭ରୁ ଅଧିକ ସଂଖ୍ୟାର ଆର୍ଦ୍ରଭୂମି ଚିହ୍ନଟ ହୋଇଛି, ଯାହାର ପରିଚାଳନା ନିମନ୍ତେ ରାଜ୍ୟ ସରକାର ୨୦୧୮ରେ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଗଠନ କରି ଦାୟିତ୍ୱ ପ୍ରଦାନ କରିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏହି ଆର୍ଦ୍ରଭୂମିଗୁଡ଼ିକର ଭୂମି-ସତ୍ୟାସତ୍ୟ ନିରୂପଣ, ମ୍ୟାପିଂ ଏବଂ ସଂରକ୍ଷଣ ନିମନ୍ତେ କେନ୍ଦ୍ରୀୟ ସଙ୍ଗଠନ ଭାବରେ କାର୍ଯ୍ୟ କରୁଛି, ଯେଉଁଥିରେ ୬ଟି ରାମସାର୍ ସ୍ଥଳୀ ଯଥା ଚିଲିକା ହ୍ରଦ, ଭିତରକନିକା, ସାତକୋଶିଆ ଗଣ୍ଡ, ହୀରାକୁଦ ଜଳଭଣ୍ଡାର, ତାମ୍ପରା ହ୍ରଦ ଏବଂ ଅଂଶୁପା ହ୍ରଦ ମଧ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରାଧିକରଣ ଆର୍ଦ୍ରଭୂମି (ସଂରକ୍ଷଣ ଏବଂ ପରିଚାଳନା) ନିୟମାବଳୀ, ୨୦୧୭କୁ କାର୍ଯ୍ୟକାରୀ କରିବା ଏବଂ ଆର୍ଦ୍ରଭୂମିକୁ ପରିବେଶୀୟ ଅବକ୍ଷୟ ପରି ବିପଦରୁ ରକ୍ଷା କରିବା ସହିତ ଜୈବବିବିଧତାର ସଂରକ୍ଷଣ ସୁନିଶ୍ଚିତ କରିବା ନିମନ୍ତେ ଉତ୍ତରଦାୟୀ। ଏହା ପ୍ରାସଙ୍ଗିକ ଯେ ବୃଦ୍ଧି ପାଉଥିବା ପରିବେଶଗତ ଆହ୍ୱାନ ଏବଂ ଆର୍ଦ୍ରଭୂମି ପରିସଂସ୍ଥା ଉପରେ ବର୍ଦ୍ଧିତ ମାନବୀୟ ଚାପ ପରିପ୍ରେକ୍ଷୀରେ ପ୍ରାଧିକରଣ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ ସମ୍ପାଦନ କରିବା ବାଞ୍ଛନୀୟ। ବିଶେଷକରି, ବିଶ୍ୱତାପନ ଏବଂ ଉପକୂଳରେ ଘୂର୍ଣ୍ଣିଝଡ଼, ବନ୍ୟା, ମରୁଡ଼ି ଏବଂ ସମୁଦ୍ର ପତନ ବୃଦ୍ଧି ଭଳି ପାଣିପାଗ ବିପର୍ଯ୍ୟୟଗୁଡ଼ିକର ବର୍ଦ୍ଧିତ ଘଟଣା ପ୍ରସଙ୍ଗରେ, ଓଡ଼ିଶାରେ ଆର୍ଦ୍ରଭୂମି ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଅନୁକୂଳନ ଏବଂ ପ୍ରଶମନ ରଣନୀତି ଭାବରେ ଉଭାହୋଇଛି। ଏହା ଆର୍ଦ୍ରଭୂମି ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ପଦ୍ଧତିଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ପ୍ରଦାନ କରେ, ଯାହା ଦ୍ୱାରା ପରିବେଶଗତ ଏବଂ ସାମାଜିକ-ଆର୍ଥିକ ଲାଭର ନିରନ୍ତର ପ୍ରବାହ ସୁନିଶ୍ଚିତ ହୋଇପାରିବ। ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଧ୍ୟ ଆର୍ଦ୍ରଭୂମି ନିୟମର ଧାରା ୪ ଅନୁଯାୟୀ ଆର୍ଦ୍ରଭୂମିର କଠୋର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଆର୍ଦ୍ରଭୂମିଗୁଡ଼ିକର ଗୁରୁତ୍ୱକୁ ସ୍ୱୀକାର କରି ସମ୍ପ୍ରତି ବୈଶ୍ୱିକ, ଜାତୀୟ ଏବଂ ସ୍ଥାନୀୟ ସ୍ତରରେ ଅନେକ ସଂରକ୍ଷଣଜନିତ ପଦକ୍ଷେପମାନ କାର୍ଯ୍ୟକାରୀ ହେଉଛି। ଭାରତ ସରକାର ସେମାନଙ୍କର ସଂରକ୍ଷଣ ଏବଂ ପରିଚାଳନା ନିମନ୍ତେ 'ଜାତୀୟ ଜଳୀୟ ପରିସଂସ୍ଥା ସଂରକ୍ଷଣ ଯୋଜନା' ଫେବୃଆରୀ ୨୦୧୩ରୁ କାର୍ଯ୍ୟକାରୀ କରିଛନ୍ତି। ଆର୍ଦ୍ରଭୂମି ନିୟମ ଜବରଦଖଲ, ପ୍ରଦୂଷଣ ଏବଂ ଅବକ୍ଷୟକୁ ରୋକିବା ଦିଗରେ ଏକ ନିୟାମକ ଢାଞ୍ଚା ପ୍ରଦାନ କରେ। ପୁନଶ୍ଚ, ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକର ଅଂଶଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ ହୋଇଥିଲା ବେଳେ ପାରମ୍ପରିକ ଜ୍ଞାନକୌଶଳକୁ ସଂରକ୍ଷଣ ପ୍ରକ୍ରିୟାରେ ସମନ୍ୱିତ କରାଯିବା ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ପଦକ୍ଷେପ ଗ୍ରହଣ ମାଧ୍ୟମରେ ବିନଷ୍ଟ ଆର୍ଦ୍ରଭୂମିଗୁଡ଼ିକୁ ପୁନରୁଦ୍ଧାର କରାଯିବା ଏବଂ ଏଥିରେ ରିମୋଟ୍ ସେନ୍ସିଂ, ଜିଆଇଏସ୍ ଭଳି ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱାରା ଆର୍ଦ୍ରଭୂମିର ମ୍ୟାପିଂ, ତଦାରଖ ଏବଂ ପରିଚାଳନାକୁ ଅଧିକ ପ୍ରଭାବଶାଳୀ କରିବା ହେଉଛି ଆଜିର ଆବଶ୍ୟକତା। ଆର୍ଦ୍ରଭୂମିଗୁଡ଼ିକର ଅବକ୍ଷୟ ଜୀବଜାତି ପାଇଁ ଗମ୍ଭୀର ଆହ୍ୱାନ ସୃଷ୍ଟିକରୁଛି। ଏହାର ମୁକାବିଲା ଦିଗରେ ସଶକ୍ତ, ପ୍ରଭାବଶାଳୀ ସଂରକ୍ଷଣ ନୀତିର କାର୍ଯ୍ୟକାରିତା, ବୈଜ୍ଞାନିକ ପଦ୍ଧତିର ଅବଲମ୍ବନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ସମ୍ପୃକ୍ତି ପ୍ରୟୋଜନୀୟ।

ମୋ: ୯୪୩୭୦୭୬୧୦୦

# ସମସ୍ୟା: ଏକ ସୁଯୋଗ



**ଗଣେଶ୍ୱର ନାୟକ**

ଯଦିଓ ଆମର ଜ୍ଞାନୀଗୁଣୀଜନ ପ୍ରତ୍ୟେକ ମଣିଷର ବଳକୁ ଶତସିଂହର ବଳ ସହ ତୁଳନା କରିଛନ୍ତି, କିନ୍ତୁ ସ୍ଥଳବିଶେଷରେ ଦେଖୁ ହାରାହାରି ଚିନ୍ତନ କରିପାରୁଥିବା ବା କ୍ଷମତା ରଖୁଥିବା ମସ୍ତିଷ୍କର ବ୍ୟକ୍ତିଟିଏ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ସମସ୍ୟା ସହ ଜଡ଼ିତ ହୋଇଯାଏ, ବ୍ୟସ୍ତ ବିବ୍ରତ ହୋଇପଡ଼େ। ଅର୍ଥାତ୍ ମୋର ଅଧିକ ସମସ୍ୟା, ମୋର ଅଧିକ ସମସ୍ୟା ବୋଲି ସବୁବେଳେ ବୋବାଳି ଛାଡ଼େ। ହାରାହାରିର ନିମ୍ନସ୍ତରର ବିଚାର କରିପାରୁଥିବା ମସ୍ତିଷ୍କର ବ୍ୟକ୍ତି ସମସ୍ୟାର ସମ୍ମୁଖୀନ ହେଲେ ବ୍ୟତିବ୍ୟସ୍ତ ହୋଇ ସମସ୍ୟାଠାରୁ ଦୂରେଇଯାଏ। ହାରାହାରିଠାରୁ ଉଚ୍ଚସ୍ତରର ବିଚାର ଧାରଣ କରୁଥିବା ମସ୍ତିଷ୍କର ବ୍ୟକ୍ତିଟିଏ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ବ୍ୟସ୍ତବିବ୍ରତ ନ ହୋଇ ସମସ୍ୟାର ସମାଧାନର ବାଟ ଖୋଜେ।

ମଣିଷର ଶତସିଂହର ବଳ ତାହାର ହାତରେ ନ ଥାଏ, ନ ଥାଏ ଗୋଡ଼ରେ, ଥାଏ ତା'ର ମସ୍ତିଷ୍କର ବିଚାରରେ। ସଦା ନୂତନ ସମସ୍ୟା ପ୍ରତ୍ୟେକ ମଣିଷକୁ ଅନେକ ଶିକ୍ଷା ଦେଇଥାଏ, ଜୀବନକୁ ସରସ ସୁନ୍ଦର କରିବାରେ ସାହାଯ୍ୟ କରିଥାଏ, ବଞ୍ଚିବାର ରାହା ଯୋଗାଇଥାଏ। ସେଥିପାଇଁ କୁହାଯାଏ ଯେଉଁ ଜୀବନରେ ଦୁଃଖ ନାହିଁ, ଯନ୍ତ୍ରଣା ନାହିଁ, କଷ୍ଟ ନ ଥାଏ ସେ ଜୀବନର ବଞ୍ଚିବାର ମାନେ ନ ଥାଏ ଖାଲି ପେଟ, ଖାଲି ପକେଟ୍, ମଣିଷକୁ ଅନେକ ଶିକ୍ଷା ଦେଇଥାଏ। ସେଥିପାଇଁ କୁହାଯାଏ, ଅଭାବ ବେଳେ ମଣିଷ ଅନ୍ୟକୁ ଚିହ୍ନେ, ସ୍ୱଭାବ ସମୟରେ ତାକୁ ସମସ୍ତେ ଚିହ୍ନନ୍ତି।

କୌଣସି ସମସ୍ୟାଠାରୁ ଦୂରେଇଯିବା ମଣିଷର ସହଜାତ ପ୍ରବୃତ୍ତି। କ୍ୱଚିତ୍ ଲୋକ ସମସ୍ୟାର ସମାଧାନ ଖୋଜନ୍ତି ଆଉ ସଫଳ ମଧ୍ୟ ହୁଅନ୍ତି। ସାମାଜିକ ସମସ୍ୟା ହେଉ, ରାଜନୈତିକ ସମସ୍ୟା ହେଉ, ପ୍ରାକୃତିକ ସମସ୍ୟା ହେଉ, ସୁଅ ମୁହଁର ପତର ହୋଇ ଜୀବନ ଅତିବାହିତ କରିବାକୁ ସମସ୍ତେ ପ୍ରାୟ ଗ୍ରହଣ କରିନିଅନ୍ତି। କିନ୍ତୁ ଜୀବନ ଥିବା ମଣିଷ କାରଣ ଖୋଜି, ତାହାର ନିରାକରଣ ପାଇଁ ଚେଷ୍ଟା କରିଥାଏ। କେତେବେଳେ ସମାଜ ତାକୁ ବୁଝି ସମ୍ମାନ ଦିଏ ତ କେତେବେଳେ ନ ବୁଝିପାରି ଅନେକ ଯନ୍ତ୍ରଣା ଦେଇଥାଏ।

ସମସ୍ୟା ଅନେକ ଜୀବନ ଜୀଇଁବାର କଳା ଶିଖାଇଥାଏ। ଆମେ ଦୈନନ୍ଦିନ ଜୀବନରେ ଦେଖୁ, ଅନେକ ଟିକେ ସମସ୍ୟାର ଧକ୍କାରେ ଆତ୍ମହତ୍ୟାକୁ ଆପଣେଇ ନିଅନ୍ତି। ସମସ୍ୟା ସହ ଜଡ଼ିତ ହୋଇ ନିଜ ଭିତରେ ସମସ୍ୟାକୁ ସମ୍ମୁଖୀନ ହେବାର ଶକ୍ତି ବୃଦ୍ଧିକରିବା ଉଚିତ। ସମସ୍ୟାକୁ ଟାଳିଦେବା ବା ତାକୁ ଅଣଦେଖା କଲେ ବ୍ୟକ୍ତିର ବିକାଶ ହୁଏ ନାହିଁ ବା ସମାଜର ବିକାଶ ହୁଏ ନାହିଁ। ଆମେ ଜାଣୁ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରୁ ଆହରଣ କରିଥିବା ଜ୍ଞାନରେ ସମାଜରେ ବଞ୍ଚିବା ପାଇଁ ଯଥେଷ୍ଟ ନୁହେଁ। ଏହାବାଦ୍ ଆମକୁ ଅନେକ ଜ୍ଞାନ ଆହରଣ କରିବାକୁ



ହୋଇଥାଏ। ସେହି ଜ୍ଞାନ ମଣିଷ ଦୈନନ୍ଦିନ ଜୀବନରେ ପ୍ରତି ମୁହୂର୍ତ୍ତରେ ସମ୍ମୁଖୀନ ହେଉଥିବା ସମସ୍ୟାରୁ ପାଇଥାଏ। ସେଥିପାଇଁ କୌଣସି ବୃତ୍ତି ପାଇଁ ବିବେଚିତ ହୋଇଥିବା ପ୍ରାର୍ଥୀଙ୍କୁ କଷ୍ଟକର ତାଲିମ ଦେଇ, ଅନେକ କୃତ୍ରିମ ଭାବେ ସମସ୍ୟା ସୃଷ୍ଟିକରି ସମର୍ଥ କରାଯାଏ, କାରଣ ବୃତ୍ତି ଜୀବନରେ କୌଣସି ବିଷମ ପରିସ୍ଥିତିକୁ ସାମ୍ନା କରିବାରେ ସମର୍ଥ ହେବ। ବିଦ୍ୟାଳୟରୁ ପିଲାଟିଏ ପାଠପଢ଼ା ସହ ଅନେକ କଥା ଶିଖିଥାଏ। ସେଦିନ ପିଲାଏ ବିଦ୍ୟାଳୟ ଅଗଣାରୁ ଅଳିଆ ସଫାକଲେ ବୋଲି ଅନେକ ଅଭିଭାବକ ଅଭିଯୋଗ କଲେ, ପିଲାଙ୍କୁ ଏପରି କାର୍ଯ୍ୟରେ ନିୟୋଜିତ କରିବା ଉଚିତ ନୁହେଁ। ସେମାନଙ୍କ ଧାରଣା ବୋଧେ ପିଲାମାନେ ହାକିମ ହେବାରୁ ବଞ୍ଚିତ ହୋଇଯିବେ। ଏହା ବି ଶିଖିବାର ଏକ ଅଂଶ, ଜୀବନର ଏକ ଅଂଶ। ସବୁ ଅଭିଭାବକ ଚାହାନ୍ତି ତାଙ୍କ ପିଲାର ଗୋଡ଼ରେ ଧୂଳି ନ ଲାଗୁ। ପିଲା ସହଜରେ ଜୀବନଯାପନ କରୁ। ଏହାଦ୍ୱାରା କ'ଣ ହୁଏ ଆମେ ଜାଣୁ! ପିଲାଟି ବଞ୍ଚିବାର କଳା ନ ଶିଖିପାରି ବିଷମ ପରିସ୍ଥିତିରେ ବ୍ୟସ୍ତବିବ୍ରତ ହୋଇପଡ଼େ। ଏପରିକି ପଡ଼ିଶା ଘରର କିଛି ସମସ୍ୟା ବା ବାହାଘର, ବ୍ରତଘରରେ କିଛି ଦାୟିତ୍ୱରେ ଯଦି ପିଲାଟି ସହଯୋଗ କଲା, ଆମେ ପିଲାକୁ ବାରଣକରୁ। ଆମେ ବୁଝିପାରୁନା ପିଲାଟି କିଛି ଶିଖିବାର ଏହା ଗୋଟେ ଗୋଟେ ସୁଯୋଗ ବୋଲି। ହାତୀକୁ ମଣିଷ ଖାଲରେ ପକାଇ ହିଁ ବୋଲ ମନାଇଥାଏ। ଯଦିଓ ଭୁଲ୍‌ରୁ ଅନେକ ଶିକ୍ଷା ମିଳେ କିନ୍ତୁ ଜୀବନଟା ଏତେ ଦୀର୍ଘ ନୁହେଁ ଯେ ଆମେ ଭୁଲ୍ କରି ଅନେକ କଥା ଶିଖିବା, ଅନ୍ୟର ଭୁଲ୍‌ରୁ ସୃଷ୍ଟି ହେଉଥିବା ସମସ୍ୟାରୁ ମଧ୍ୟ ଆମକୁ ଶିଖିବାକୁ ହେବ।

ଚଲାପଥକୁ ଅବରୋଧ କରିଥିବା ପଥରକୁ ପାହାଚକରି ସହଜରେ ପଥ ଅତିକ୍ରମ କରିପାରୁଥିବା ଲୋକଟି ହିଁ ମଣିଷ ଜୀବନର ସାର୍ଥକତାକୁ ପ୍ରତିପାଦିତ କରିପାରେ, ଆନନ୍ଦର ଅଧିକାରୀ ହୋଇପାରେ, ବଞ୍ଚିବାର ରାହା ପାଇବା ସହ ଅନ୍ୟକୁ ପ୍ରେରଣା ଯୋଗାଏ ତଥା ବିଶ୍ୱ ବିଜୟୀ ହେବାର ସୌଭାଗ୍ୟ ଅର୍ଜନକରେ। ଚଲାପଥରେ ବିଶାଳ ପଥରକୁ ସମ୍ମୁଖୀନ ହେଉଥିବା ଲୋକ ଯଦି ସେଇଠୁ ପଛକୁ ଫେରିଯିବା ଭଳି ସହଜ ପଥ ଆପଣାଏ, ପଳାୟନପନ୍ଥୀ ହୁଏ, ସମସ୍ୟାକୁ ପ୍ରଗତି ପାଇଁ ଏକ ସୁଯୋଗ ନ ଭାବି ଦୁର୍ଯ୍ୟୋଗ ଭାବେ, ତା' ପାଇଁ ଜୀବନର ମୂଲ୍ୟ କ'ଣ ହୋଇପାରେ? ରାଜ ସିଂହାସନ ଆରୋହଣ କରିବା ସହଜ ହୋଇଥିଲେ ସମସ୍ତଙ୍କ ଭାଗ୍ୟରେ ତାହା ଜୁଟୁଥାଆନ୍ତା ନିଶ୍ଚୟ। ଚାଣକ୍ୟଙ୍କୁ ସବୁବେଳେ ଚନ୍ଦ୍ରଗୁପ୍ତଙ୍କୁ ଜାଣିଶୁଣି କଣ୍ଟକିତ ପଥରେ ଚାଲିବାକୁ ବା ସର୍ବଦା ସମସ୍ୟା ମଧ୍ୟକୁ ଠେଲିବାକୁ ପଡ଼ି ନ ଥାନ୍ତା ବୋଧହୁଏ।

ପ୍ରକୃତିରେ ସମାଜରେ ତଥା ବ୍ୟକ୍ତି ଜୀବନରେ ସମସ୍ୟା ସୃଷ୍ଟିହେବା ଏକ ସ୍ୱାଭାବିକ ପ୍ରକ୍ରିୟା। କୌଣସି ବି ସମସ୍ୟାକୁ ଆଗକୁ ଯିବାର ଏକ ସୁଯୋଗ ଭାବେ ଗ୍ରହଣକଲେ ନିଜର ତଥା ସମାଜର ଅନେକ ପ୍ରଗତି ସମ୍ଭବ ହେବ। କୌଣସି ବି ସମସ୍ୟା, ସମସ୍ୟା ନୁହେଁ, ତାହା ଏକ ସୁଯୋଗ ନିଶ୍ଚୟ ନିଜକୁ ପରୀକ୍ଷା କରିବା ପାଇଁ, ଏହା ଆମ ସମସ୍ତଙ୍କର ଧ୍ୟେୟ ହେଉ।

**ଗୋଗଳ, କାଏମା, ଯାଜପୁର**
**ମୋ:୯୭୭୭୭୪୯୭୨୭**

## ଏଇ ଭାରତରେ

ରାଜସ୍ଥାନର ପାହାଡ଼ିଆ ତଥା ଜଙ୍ଗଲଘେରା ଗାଁ ପିପଲାଦିରେ ସ୍କୁଲ ଛାତ ଭୁଶୁଡ଼ି ୭ ଜଣ ପିଲାଙ୍କ ଜୀବନ ଯିବାପରେ ସେହି ସ୍କୁଲରେ ପଢ଼ାଇବା ସମ୍ଭବ ହେଲା ନାହିଁ। ସରକାର ସ୍କୁଲ ଘର ନିର୍ମାଣ ପାଇଁ ଅର୍ଥ ଦେଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହେବା ଲାଗି ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଯିବ। ଏଭଳି ସ୍ଥିତିରେ ପିଲାଙ୍କ ପଢ଼ାରେ ବାଧା ନ ଉପୁଜିବା ଲାଗି ପିପଲାଦିର ୬୦ ବର୍ଷୀୟ ଚାଷୀ ମୋର୍ ସିଂ ତାଙ୍କ ଘରକୁ ପିଲାଙ୍କ ପାଇଁ ଖୋଲି ଦେଇଛନ୍ତି। ଏବେ ସେଠାରେ ୭୫ ପିଲା ପଢୁଛନ୍ତି। ଉଲ୍ଲେଖନୀୟ, ବହୁ ବର୍ଷ ଅର୍ଥ ସଞ୍ଚୟ କରି ମୋର୍ ସିଂ କୋଠା ଘରଟିଏ କରିଥିଲେ ଏବଂ ପ୍ରତିଷ୍ଠା କରି ସେଥିରେ ନ ରହି ସ୍କୁଲକୁ ଦେଇ ତା' ପାଖରେ ଏକ ଅସ୍ଥାୟୀ ଘର କରି ରହୁଛନ୍ତି। ପିପଲାଦିରେ ୯୦ ଆଦିବାସୀ ପରିବାର ରହୁଛନ୍ତି। ଅନ୍ୟପଟେ ପାଖ ଗାଁ ସ୍କୁଲକୁ ଯିବାକୁ ହେଲେ ପିଲାଙ୍କୁ ୨ କି.ମି. ପାହାଡ଼ ଚଢ଼ି ଜଙ୍ଗଲ ରାସ୍ତାରେ ପଢ଼ିଥାଆନ୍ତା, ଯାହା ସମ୍ଭବ ନ ଥିଲା। ଏହି ପରିପ୍ରେକ୍ଷୀରେ ସିଂ ନିଜ ସୁଖ ତ୍ୟାଗ କରି ପିଲାଙ୍କୁ ପଢ଼ାଇବାର ସୁବିଧା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ, କାରଣ ତାଙ୍କ ପିଲାବେଳେ ଗାଁରେ ସ୍କୁଲ ନ ଥିବାରୁ ସେ ଶିକ୍ଷାରୁ ବଞ୍ଚିତ ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ମାର୍ଚ୍ଚ ୧୯୭୭**

- କେନ୍ଦ୍ର ସରକାର ଦେଶ ଉପରେ ଜାରୀ ରହିଥିବା ବାହ୍ୟ ଜରୁରୀ ପରିସ୍ଥିତି ଉଠାଇ ଦେଇଛନ୍ତି।
- ଉତ୍ତର ପ୍ରଦେଶ ବିଧାନସଭାର କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳର ୪୩ ଜଣ ସଦସ୍ୟ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗଦେବାକୁ ଇଚ୍ଛାପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଚୂତର ମୁକୁଳ ବାସେ
ଆଗମନୀ ଆସିଲା
ଆସିଲା ସେ ପଥେ ଘାଟେ
ପବନେ ପୁଲକାଇ ଉଲସାଇ
ଚରାଚର ବିଶ୍ୱ
ଆସିଲା ମୋ ଜରାଗତ ଜୀବନେ!
-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 4 | | 2 | |
| | | 8 | | | 5 | | 6 | |
| | | 1 | | | 9 | | | |
| | | | | 6 | | | 8 | 4 |
| | 5 | | | | | 2 | | |
| | | | 9 | | 3 | | | |
| | 9 | | | | | 7 | | |
| | | 2 | 3 | | 6 | | | |
| | 6 | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 2 | 3 | 8 | 7 | 9 | 6 |
| 3 | 9 | 2 | 1 | 6 | 7 | 5 | 8 | 4 |
| 8 | 6 | 7 | 4 | 9 | 5 | 1 | 2 | 3 |
| 7 | 1 | 4 | 5 | 2 | 3 | 9 | 6 | 8 |
| 6 | 2 | 8 | 9 | 1 | 4 | 3 | 5 | 7 |
| 9 | 3 | 5 | 7 | 8 | 6 | 4 | 1 | 2 |
| 1 | 8 | 9 | 3 | 4 | 2 | 6 | 7 | 5 |
| 2 | 7 | 3 | 6 | 5 | 9 | 8 | 4 | 1 |
| 5 | 4 | 6 | 8 | 7 | 1 | 2 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତଯୋଗ୍ୟ ପଦକ୍ଷେପ

ମହାଶୟ,

ପୁରୀ ରେଳ ଷ୍ଟେସନର ନବୀକରଣ, ଉନ୍ନତୀକରଣ କାର୍ଯ୍ୟ ସ୍ୱାଗତଯୋଗ୍ୟ, କିନ୍ତୁ ରଥଯାତ୍ରାର ଛଅ ମାସ ପୂର୍ବରୁ ଆରମ୍ଭ କରିଥିଲେ ଭଲ ହୋଇଥାଆନ୍ତା। ଯାତ୍ରୀଙ୍କ ଭିଡ଼ ଏବଂ ଟ୍ରେନ୍ ସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟକରି ଆଉ ଦୁଇ-ତିନୋଟି ପ୍ଲାଟଫର୍ମ ନିର୍ମାଣ ନିଷ୍ପତ୍ତି ନେବା ଆବଶ୍ୟକ। ପୁରୀ ଷ୍ଟେସନ ଉନ୍ନତୀକରଣ ସମୟରେ ସାତ କିଲୋମିଟର ଦୂରରେ ଥିବା ମାଳତୀପାଟପୁର ଓ ୧୮ କିଲୋମିଟର ଦୂରରେ ଥିବା ସାକ୍ଷୀଗୋପାଳ ଷ୍ଟେସନକୁ ଦ୍ୱିତୀୟ ବିକଳ୍ପ ଭାବେ ଗ୍ରହଣ କରାଯାଉ ଥିବାରୁ ସେହି ଦୁଇ ଷ୍ଟେସନର ଉନ୍ନତୀକରଣ ସହ ନୂଆ ପ୍ଲାଟଫର୍ମ ନିର୍ମାଣ କରିବାର ଆବଶ୍ୟକତାକୁ ଭାରତୀୟ ରେଳ ବିଭାଗର କର୍ତ୍ତବ୍ୟ ବୋଲି କହିବାରେ କୌଣସି ଭୁଲ୍ ହେବନାହିଁ। ୩ କି.ମି.ଦୂର ସିଦ୍ଧ ମହାବୀର ଓ ବାଟମଙ୍ଗଳା ଏବଂ ତୁଳସୀଚୌରା ଗ୍ରାମ ଦେଇ ଯାଇଥିବା ରେଳଲାଇନର ଚତୁର୍ପାର୍ଶ୍ୱରେ ଥିବା ବିସ୍ତୃତ ଖାଲିଜାଗାର ବିକାଶ କରାଯାଇ ପାସେଞ୍ଜର ହଲ୍ଟ ଷ୍ଟେସନ ନିର୍ମାଣ କରାଗଲେ ପୁରୀ ଷ୍ଟେସନରେ ଯାତ୍ରୀ ଭିଡ଼ ଓ ଟ୍ରେନ ରହଣି ସଂଖ୍ୟାରେ ହ୍ରାସପାଇପାରନ୍ତା। ପୁରୀ ଷ୍ଟେସନଠାରୁ କୋଣାର୍କ ଏବଂ ସାତପଡ଼ା ପର୍ଯ୍ୟନ୍ତ ରେଳ ଚଳାଚଳ ପାଇଁ ଲାଇନ ବିଛାଗଲେ ଟ୍ରେନ ଚଳାଚଳ ସୁବିଧା ହୁଅନ୍ତା।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୨୭।୩(ଦିନେଶ ମିଶ୍ର):** ସେକ୍ଟର-୩ ଥାନା ଅନ୍ତର୍ଗତ ସି' ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ବାପୁନୀ ପ୍ରଧାନ(୪୪)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସେକ୍ଟର-୪ ସି ବ୍ଲକ ଅଞ୍ଚଳର ବାପୁନୀ ସେକ୍ଟର-୪ ସ୍ଥିତ କମ୍ୟୁନିଟି ସେଣ୍ଟରରେ ୱାଚ୍‌ମ୍ୟାନ୍ କାର୍ଯ୍ୟ କରୁଥିଲେ। ଗୁରୁବାର ରାତିରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ତାଙ୍କର ଝଗଡା ହୋଇଥିଲା। ପରିବାର ଲୋକେ ଶୋଇପଡିବା ପରେ ଯୁବକ ଜଣଙ୍କ ପଙ୍ଖାରେ ଶାଢ଼ି ଲଗାଇ ଝୁଲିପଡିଥିଲେ। ସକାଳ ହେବାରୁ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିଛି।

### ଯମୁନା ଇବ୍‌ନଦୀ ଘାଟରୁ ଅଜଣା ଯୁବକଙ୍କ ମୃତଦେହ ଜବତ

**ବାଲିଶଙ୍କରା,୨୭।୩(ହୃଦାନନ୍ଦ ବାରିକ):** ତଲସରା ଥାନା ଅନ୍ତର୍ଗତ ଯମୁନା ଇବନଦୀ ଘାଟରୁ ଶୁକ୍ରବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ ହୋଇଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଏହାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ୪ଟାରେ ଯମୁନା ଇବନଦୀ ଘାଟରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବାଲିଶଙ୍କରା ଓ ସବ୍‌ଡେଗା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ଖଡିଆଲ,୨୭।୩.(ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ ଚନାବେଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପିତବାସ ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ସରପଞ୍ଚ ମଥାମଣି ତାଣ୍ଡି ଅନ୍ୟତମ ଅତିଥି, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଲଇବାନ ବାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢି ଜଣେ ଭଲ ମଣିଷ ହେବାକୁ ଉତ୍ସାହିତ କରିଥିଲେ। ଏ ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ଅତିଥି ମାନେ ସାମ୍ମାନିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସହଦେବ ରାଉତ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଉମାକାନ୍ତ ମେହେର।

# ମନ୍ଦିର ବାହାରେ ପୂଜା, ଭକ୍ତଙ୍କ ମଧ୍ୟରେ କ୍ଷୋଭ

### ଡୋକରୀଚଞ୍ଚରାରେ ଶ୍ରୀରାମ ନବମୀ ପାଳନ

**କୋକସରା,୨୭।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ପର୍ଯ୍ୟଟନସ୍ଥଳୀରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ଅଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାଠାରେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ନିରାଡ଼ମ୍ବର ଭାବେ ଶ୍ରୀରାମ ନବମୀ ପୂଜା କରାଯାଇଛି। ଏଠାରେ ପ୍ରତିବର୍ଷ ଶ୍ରୀରାମ ନବମୀ ଓ ଗୁଡ଼ହାଣ୍ଡି ମହୋତ୍ସବ ସପ୍ତାହେ ବ୍ୟାପୀ ପାଳନ ହେଉଥିଲା। ସୂଚନାଯୋଗ୍ୟ, ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରା ପରିଚାଳନା ଦାୟିତ୍ୱ ହସ୍ତାନ୍ତରକୁ ନେଇ ପୂର୍ବରୁ ଥିବା ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ବନ ବିଭାଗ ଦ୍ୱାରା ଗଠିତ ଡୋକରୀଚଞ୍ଚରା ଉନ୍ନୟନ କମିଟି (ଇଡିଜି) ମଧ୍ୟରେ ଗତବର୍ଷ ରାମ ନବମୀ ପୂର୍ବରୁ ବିବାଦ ଲାଗିଥିଲା। ଏହି ବିବାଦ ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଉଭୟ କମିଟିକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବୈଠକ ମାଧ୍ୟମରେ ବୁଝାମଣା କରାଯାଇଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ପାରୁ ନାହିଁ। ଫଳରେ ଉଭୟ କମିଟି ପକ୍ଷରୁ କେହି ପୂଜା କରି ପାରିବେ ନାହିଁ, ପ୍ରଶାସନ ପକ୍ଷରୁ କେବଳ ଶ୍ରୀରାମ ନବମୀ ଦିନ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ଡୋକରୀ ଚଞ୍ଚରାରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ପୋଲିସ ଅଧିକାରୀ ଭର୍ସିତା ଆଡେପୁ, ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, କୋକସରା ତହସିଲଦାର ଚୋଡଗଙ୍ଗ ପ୍ରଧାନ, ବିଡିଓ ଡ. ହିମାଞ୍ଚଳ ମାଝୀ ପହଞ୍ଚିଥିଲେ। ତେବେ ଶ୍ରୀରାମ ମନ୍ଦିର ମୁଖ୍ୟ ଦ୍ୱାର ବନ୍ଦ ଥିବା କାରଣରୁ ପ୍ରଶାସନ ପକ୍ଷରୁ ବାହାରେ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ଭକ୍ତମାନେ ନିଜ ଭଗବାନଙ୍କୁ ଦର୍ଶନ ନ ପାଇ କ୍ଷୋଭ ପ୍ରକାଶ କରିଛନ୍ତି। ଏପଟେ ଯେପରି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବ ସେ ନେଇ ଆମପାଣି ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରବେଶ ଗେଟ ପାଖରୁ କୌଣସି ଲୋକଙ୍କ ଯାନବାହନ ପର୍ଯ୍ୟଟନସ୍ଥଳୀକୁ ଛଡାଯାଇ ନ ଥିବାବେଳେ ଶ୍ରଦ୍ଧାଳୁ ମନ୍ଦିର ବେଢ଼ାରେ ବୁଲାବୁଲି କରି ନିରାଶରେ ଫେରିଥିବା ଦେଖିବାକୁ ମିଳୁଛି। ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ହେଲା ଏଠାରେ ପ୍ରଚଳିତ ପରମ୍ପରା ଭଙ୍ଗ ହୋଇଥିବାରୁ ଅଞ୍ଚଳବାସୀଙ୍କ ଭାବାବେଗ ପ୍ରତି ଘୋର ଆଘାତ ଦେଇଛି ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି।

# ମହାବୀର ସେବାଟ୍ରଷ୍ଟ ପକ୍ଷରୁ ରାମନବମୀ

**ସୁନ୍ଦରଗଡ,୨୭।୩(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ସହରର ଅଟଳ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର ଓ ରାମଜୀ ମନ୍ଦିରରେ ରାମନବମୀ ପାଳିତ ହୋଇଛି। ଅଟଳ ଛକଠାରେ ଥିବା ମହାବୀର ସେବାଟ୍ରଷ୍ଟ ପକ୍ଷରୁ ସକାଳ ୮ ଟାରେ ପୂଜା ଆରମ୍ଭ ହୋଇଥିଲା। ପୂଜକ ଦୀନବନ୍ଧୁ ଦାସ ଓ କର୍ତ୍ତା ଭାବେ ଜିତେନ୍ଦ୍ର ରଣା ପୂଜାରେ କଳସ ସ୍ଥାପନ କରିବା ସହ ପୂଜା ଆରମ୍ଭ ହୋଇଥିଲା। ରାମନବମୀ ପାଇଁ ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଅଟଳ ଛକକୁ ଗେରୁଆମୟ କରାଯାଇଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ସହ ସୁନ୍ଦରକାଣ୍ଡ, ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌର ଅଧକ୍ଷା ତନୟା ମିଶ୍ର, ସଦର ଉପଖଣ୍ଡ ପୋଲିସ ଅଧିକାରୀ ନିର୍ମଳ ମହାପାତ୍ର, ଯୁବ କଂଗ୍ରେସ ନେତା ରିତେଶ ପଟେଲ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ପ୍ରମୁଖ ଯୋଗଦେଇ ଥିଲେ। ରାମନବମୀ ପରେ ମନ୍ଦିରର ଉନ୍ନତିକରଣ ସହ ଆଗାମୀ ଦିନରେ ମହାବୀର ଟ୍ରଷ୍ଟ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଟ୍ରଷ୍ଟର ସଭାପତି ଶୋଭନ ହୋତା ସୂଚନା ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା, ୨୭।୩(ବିପ୍ଳବ ରଞ୍ଜନ ଦାଶ)**



ପରିବେଷିତ ନାଟକର ଏକ ଦୃଶ୍ୟ।

ବିଶ୍ୱ ନାଟ୍ୟଦିବସ ଅବସରରେ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ' ଆୟୋଜିତ ଜାତୀୟ ନାଟକ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ନାଟ୍ୟ ପଦଯାତ୍ରା ଆମ୍ବାଗାନ ଛକସ୍ଥିତ ଗୁଣ୍ଡିଚା ମାଉସୀମା ମନ୍ଦିରରୁ ବାହାରି ସିଭିକ୍ ସେଣ୍ଟର ଯାଏ ଯାଇଥିଲା। ପରେ ଓଡିଶା ସାହିତ୍ୟ ଏକାଡେମୀ ଓ ସମ୍ପର୍କର ମିଳିତ ଆନୁକୂଲ୍ୟରେ 'ଶିକ୍ଷାନୁଷ୍ଠାନରେ ନାଟକ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ପ୍ରାକ୍ତନ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ଆର୍‌ଏସ୍‌ପିର ପୂର୍ବତନ ମହାପ୍ରବନ୍ଧକ ଅଭୟ କୁମାର ଦାସ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭ୍ୟ ଗୋପକୃଷ୍ଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଫେସର ଡ. ସମର ମୁଦାଲି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପର୍କର ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଶିକ୍ଷାନୁଷ୍ଠାନରେ ନାଟକର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ସଞ୍ଜୟ କୁମାର ହାତୀ, ଡ. ସୁନୀତି ଦେବତା, ଅଧ୍ୟାପକ କରୁଣାକର ପାଢ଼ଶାଣୀ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରି ନିଜ ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୩ଟାରେ ନୃତ୍ୟୋତ୍ସବକୁ ଉଦ୍‌ଘାଟନ କରିଥିଲେ ସମାଜସେବୀ କମଲ ଅଗ୍ରୱାଲ। ଆର୍‌ଏସ୍‌ପିର ପୂର୍ବତନ ମହାପ୍ରବନ୍ଧକ ନାରାୟଣ ପତି ମୁଖ୍ୟଅତିଥି ଓ ଆଇନଜୀବୀ ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ୱର୍ଗତ ଗୁରୁ ବିଚିତ୍ରାନନ୍ଦ ଦଳାଇଙ୍କୁ ଉପାସନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ରାଉରକେଲାର ୧୪ଜଣ ଯୁବ ଓ କିଶୋର ଓଡିଶୀ ନୃତ୍ୟଶିଳ୍ପୀମାନଙ୍କୁ ନୃତ୍ୟଭୂଷଣ ଓ ନୃତ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପାସନା ନୃତ୍ୟାନୁଷ୍ଠାନର ଗୁରୁ ସୁଦେଷ୍ଣାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଏବର୍ଷର ନାଟ୍ୟବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଜାମସେଦପୁରର ପାଥ ନାଟ୍ୟାନୁଷ୍ଠାନର ମନୋଜ ମିତ୍ରଙ୍କ ରଚିତ ଓ ମହମ୍ମଦ ନିଜାମଙ୍କ ନିର୍ଦ୍ଦେଶିତ ନାଟକ ପଞ୍ଚି ମଞ୍ଚସ୍ଥ ହୋଇଥିଲା।

# କେନ୍ଦୁପତ୍ର କେରି ପୂଜା କଲେ ରେଞ୍ଜର

**ବଡ଼ଗାଁ,୨୭।୩(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ରାମ ନବମୀ ଅବସରରେ ଶୁକ୍ରବାର କେନ୍ଦୁପତ୍ର କେରି ପୂଜା କରାଯାଇଛି। ରେଞ୍ଜର ଅମିତ କୁମାର୍ ମହାନ୍ତି ଏହି ପୂଜାରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହେଡ ଚେକର ତଥା କେନ୍ଦୁପତ୍ର ସଂଘର ରାଜ୍ୟ କାର୍ଯ୍ୟକର୍ତ୍ତା କ୍ଷେତ୍ର ଚନ୍ଦ୍ର ବାରିକଙ୍କ ସହିତ ସମସ୍ତ ଚେକର୍, ଫରେଷ୍ଟରଙ୍କ ଉପସ୍ଥିତିରେ କେନ୍ଦୁପତ୍ର କେରି ପୂଜା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ୧୯୭୩ ମସିହାରୁ ପାରମ୍ପରିକ ଭାବେ ଏହି ପୂଜା ହୋଇଆସୁଛି।



କେନ୍ଦୁପତ୍ର କେରି ପୂଜା କରାଯାଉଛି।

# ଶିଶୁ ଭିକ୍ଷା ବୃତ୍ତି ବନ୍ଦ କରିବା ଉପରେ ଆଲୋଚନା



ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି।

**ସୁନ୍ଦରଗଡ଼,୨୭।୩ (ଜୟ ନାରାୟଣ ମେଣ୍ଟୁଲି)**

### ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ସୁନ୍ଦରଗଡ଼ ଗସ୍ତ

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ଶୁକ୍ରବାର ବବିତା ପାତ୍ର ୨ ଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭାଗୀୟ କାର୍ଯ୍ୟକଳାପ ଗୁଡ଼ିକ ଉପରେ ସମୀକ୍ଷା ମଧ୍ୟ କରିଥିଲେ। ଅଧକ୍ଷାଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ସଦସ୍ୟା ଚନ୍ଦନା ଦାସ ଓ ସଦସ୍ୟା କଳ୍ପନା ଲେଙ୍କା ଉପସ୍ଥିତ ଥିଲେ। ଏହି ପରିଦର୍ଶନରେ ସମୟରେ ଅଧକ୍ଷା ଏକ ପୀଡିତ ପରିବାର ସହିତ ସାକ୍ଷାତ କରିଥିଲେ। ଏହାସହିତ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବା ସହିତ ଛତୁଆ ୟୁନିଟର କାର୍ଯ୍ୟ ଗୁଡ଼ିକ ତଦାରଖ କରିଥିଲେ। ସେହିପରି ୨ଟି ଶିଶୁ ଯତ୍ନକାରୀ ଅନୁଷ୍ଠାନ ମଧ୍ୟ ପରିଦର୍ଶନ କରି ପିଲାମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସେଠାରେ ଦିଆଯାଉଥିବା ଖାଦ୍ୟ ଗୁଡ଼ିକର ମାନ ମଧ୍ୟ ପରୀକ୍ଷା କରିଥିଲେ। ସେହିଭଳି ଲହଣ୍ଡାବୁଡ଼ ବିଦ୍ୟାଳୟର ଅସୁସ୍ଥ ଥିବା ଛାତ୍ରୀଛାତ୍ର ଖବର ପାଇ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ ଏବଂ ଚିକିତ୍ସିତ ହେଉଥିବା ଡାକ୍ତରଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ମଧ୍ୟ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ପରେ ସ୍ଥାନୀୟ ସଦଭାବନା ଭବନଠାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଶିଶୁ ଅଧିକାର ଉପରେ ସମୀକ୍ଷା ବୈଠକ କରିବା ସହିତ ଆଗାମୀ ଦିନରେ କିପରି ପିଲାମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରି ସୁରକ୍ଷିତ ରଖିପାରିବା ତଥା ସମସ୍ତ ଶିଶୁ ଯେଭଳି ବିଦ୍ୟାଳୟକୁ ଯାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କିଭଳି ଶିଶୁ ଭିକ୍ଷା ବୃତ୍ତିକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରାଯାଇ ପାରିବ ତା ଉପରେ ମଧ୍ୟ ଆଲୋକପାତ କରିଥିଲେ। ବୈଠକରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ସାମି ଓରାମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଏଲପିଓ ଗୀତାରାଣୀ ପଟେଲ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TLSB-SPUR-WORKS-555, ତା.23.03.2026ରିଖ

**କାର୍ଯ୍ୟର ନାମ :** ସ୍ୱର (SPUR) ଏରିଆ ମଧ୍ୟରେ ବ୍ଲକ୍ ସେକ୍ସନର ସମସ୍ତ ସଙ୍କେତ ଏବଂ ଦୂରସଂଞ୍ଚାର ସଂସ୍ଥାପନ ତଥା TLSBର MSDAC ଉପକରଣଗୁଡ଼ିକ ସହିତ ସ୍ୱର (SPUR) 1, 2, 3, 4, 5, 6, 7, 8, TLSB-SPUR ସେକ୍ସନର ରକ୍ଷଣାବେକ୍ଷଣ ନିମନ୍ତେ ତିନି ବର୍ଷ ଅବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ସଙ୍କେତ ଏବଂ ଦୂରସଂଞ୍ଚାର ଅଟକଳ କରିବା (ଆଉଟ୍‌ସୋର୍ସିଙ୍ଗ ଏବଂ କାର୍ଯ୍ୟ ଅଂଶ)।

**ଟେଣ୍ଡର ମୂଲ୍ୟ :** ₹2,73,60,549.28, **EMD :** ₹2,86,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.31.03.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-1273/Q/25-26

**WANTED**
**Marketing Persons** Required only Female for a used Car Showroom in Bhubaneswar with **Finance Business** also attractive salary + incentives.
**Mob : 9078695026 / 7381091234**

**VACANCY**
Required ITI/12th pass for a Engineering Servicing Company at Mumbai/ Odisha, email - career.solasmar@gmail.com
**Mob. - 9267968727**

**REQUIRED**
POSITION
1. ARCHITECT
Experience in Master Planning and Building design and Multi sector B-Arch.
2. STRUCTURAL ENGINEER
Experience in Building Structural Designing with Stadd Pro and Auto Cad, B-Tech. (Civil)/ Diploma
3. SURVEY ENGINEER/SURVEYOR
Experience in DGPS/Total Station survey and Drafting with good Command in Auto Cad
4. DRAFTSMAN
Experience in Architectural Structural Drafting with Good Command in Auto Cad.
Email : utkalinfra.hr@gmail.com,
Mob : 77353-09675 / 76060-29982
Bhubaneswar, Odisha

**WANTED**
**Krishna Teja Construction**
Wanted **Civil Engineer** with 3 to 5 years Experience.
Languages Must : Telugu, Hindi, English
**Call : 9000219239**

See Career Appointment on every Wednesday & Saturday

**VACANCY**
Required Mech./Elec. Degree Engg, pass out before year 2015. Send Biodata - inforaipur2022@gmail.com
**Contact : 6261272838**

**ରେଳ ମନ୍ତ୍ରଣାଳୟ**
**(ଦକ୍ଷିଣ ପୂର୍ବ ରେଳପଥ)**
**ସଡ଼କ ସୁରକ୍ଷା ପ୍ରକଳ୍ପ ସଂଗଠନ**

**ଅଧିସୂଚନା**
**କୋଲକାତା, ୪ ଫେବୃଆରୀ, ୨୦୨୬**

**ଏସ୍.ଓ.୫୭୪(ଇ)-** ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୩୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଆନୁଷ୍ଠାନିକ ଗେଜେଟ୍‌ରେ ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖଠାରୁ ନିମ୍ନଦର୍ଶିତ ସାରଣୀରେ ସ୍ତମ୍ଭ (୩)ରେ ଦର୍ଶିତ ରାଜ୍ୟର ସ୍ତମ୍ଭ (୨)ରେ ଦର୍ଶାଯାଇଥିବା ଅନୁଯାୟୀ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକୁ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ ଭାବେ ଅଧିସୂଚିତ କରୁଛନ୍ତି।

| କ୍ର. ସଂ. | ପ୍ରକଳ୍ପର ନାମ | ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ |
|---|---|---|
| (୧) | (୨) | (୩) |
| ୧ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଅମର୍ଦ୍ଦା-ବସ୍ତା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୭୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୨ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ବସ୍ତା-ରୂପ୍‌ସା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୭୧ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୩ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୦୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୪ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୫ | ଓଡ଼ିଶାର ଭଦ୍ରକ ଜିଲ୍ଲାରେ ରାଣୀତାଲ-ଭଦ୍ରକ ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୫ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୬ | ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଟାଙ୍ଗରମୁଣ୍ଡା-ଧୁତ୍ରା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୩୯ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ଏବଂ ବାମରା ୟାର୍ଡରେ ଏଲସି ନଂ. ୨୪୦ଠାରେ ଏଫଓବି ନିର୍ମାଣ। | ଓଡ଼ିଶା |
| ୭ | ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଧୁତ୍ରା-ଝାରସୁଗୁଡ଼ା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୫୬ ବଦଳରେ ୨-ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୮ | ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ବାରିପଦା-ଭଞ୍ଜପୁର ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ.-ଆର୍‌ବି-୩୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |

[ଏଫ୍. ନଂ. ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆର୍‌ଓବି/ଲାଣ୍ଡ ଆକ୍ୟୁଜିଶନ୍/ଏସ୍‌ଆର୍‌ପି/୧]
ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

**ସଡ଼କ ସୁରକ୍ଷା ପ୍ରକଳ୍ପ ସଂଗଠନ**
**ଅଧିସୂଚନା**
**କୋଲକାତା, ୧୮ ଫେବୃଆରୀ, ୨୦୨୬**

**ଏସ୍.ଓ. ୯୩୨(ଇ).-** ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୩୭ଏ) ଅଧୀନରେ ରୋଡ୍ ଓଭରବ୍ରିଜ୍‌ର ବର୍ଗୀକରଣ ସଂକ୍ରାନ୍ତରେ ନଂ.୫୪୫, ନୂଆଦିଲ୍ଲୀ, ଗୁରୁବାର, ଫେବୃଆରୀ ୫, ୨୦୨୬/ମାଘ ୧୬, ୧୯୪୭ ମାଧ୍ୟମରେ ପ୍ରକାଶିତ ଗେଜେଟ୍ ଅଧିସୂଚନାର ଶୁଦ୍ଧିପତ୍ର।
ଉପରୋକ୍ତ ଅଧିସୂଚନାର କ୍ର.ସଂ. ୬ ଓ ୭ ଅଧୀନରେ ପ୍ରଦତ୍ତ ରୋଡ୍ ଓଭରବ୍ରିଜ୍‌ର ଜିଲ୍ଲା ନାମକୁ ସୁନ୍ଦରଗଡ଼ ଓ ମୟୂରଭଞ୍ଜ ପରିବର୍ତ୍ତେ ସମ୍ବଲପୁର ଓ ଝାରସୁଗୁଡ଼ା ଭାବେ ପଢ଼ାଯିବା ଆବଶ୍ୟକ।
ମୂଳ ଅଧିସୂଚନାର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
[ଏଫ୍.ନଂ.ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆର୍‌ଓବିଏସ୍/ଲାଣ୍ଡ ଆକ୍ୟୁଜିଶନ୍/ଏସ୍‌ଆର୍‌ପି/୨]
ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

**ରେଳପଥ ସୁରକ୍ଷା ପ୍ରକଳ୍ପ ସଂଗଠନ**
**ଅଧିସୂଚନା**
**କୋଲକାତା, ୬ ମାର୍ଚ୍ଚ, ୨୦୨୬**

**ଏସ୍.ଓ.୧୧୮୧(ଇ).-** ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ୱାରା ଆନୁଷ୍ଠାନିକ ଗେଜେଟ୍‌ରେ ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖଠାରୁ ନିମ୍ନପ୍ରଦତ୍ତ ସାରଣୀର ସ୍ତମ୍ଭ (୩)ରେ ଦର୍ଶାଯାଇଥିବା ରାଜ୍ୟରେ ଉକ୍ତ ସାରଣୀର ସ୍ତମ୍ଭ (୪)ରେ ଦର୍ଶାଯାଇଥିବା ରେଳବାଇ ପ୍ରକଳ୍ପ (ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ)ର ନିର୍ବାହ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ବାବଦୀୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ଲାଗି ସାରଣୀର ସ୍ତମ୍ଭ (୨)ରେ ଦର୍ଶିତ ଅଧିକାରୀମାନଙ୍କୁ ଅଧିକୃତ କରୁଛନ୍ତି।

| କ୍ର. ସଂ. | କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ | ରାଜ୍ୟ | ରେଳବାଇ ପ୍ରକଳ୍ପର ନାମ |
|---|---|---|---|
| (୧) | (୨) | (୩) | (୪) |
| ୧. | ତହସିଲଦାର, ବସ୍ତା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ଅମର୍ଦ୍ଦା-ବସ୍ତା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୭୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୨. | ତହସିଲଦାର, ବସ୍ତା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ବସ୍ତା-ରୂପ୍‌ସା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୭୧ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୩. | ତହସିଲଦାର, ସୋରୋ | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ.୧୦୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୪. | ତହସିଲଦାର, ସିମୁଳିଆ | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୫. | ତହସିଲଦାର, ଭଦ୍ରକ | ଓଡ଼ିଶା | ଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲାରେ ରାଣୀତାଲ-ଭଦ୍ରକ ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୫ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୬. | ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ରାଜସ୍ୱ), ସମ୍ବଲପୁର | ଓଡ଼ିଶା | ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ ଟାଙ୍ଗରମୁଣ୍ଡା-ଧୁତ୍ରା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୩୯ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ଏବଂ ବାମରା ୟାର୍ଡରେ ଏଲସି ନଂ. ୨୪୦ଠାରେ ଏଫଓବି ନିର୍ମାଣ। |
| ୭. | ଜିଲ୍ଲା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ା | ଓଡ଼ିଶା | ଓଡ଼ିଶା ରାଜ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ଧୁତ୍ରା-ଝାରସୁଗୁଡ଼ା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ.୨୫୬ ବଦଳରେ ୨-ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୮. | ଜିଲ୍ଲା ଭୂ-ଅର୍ଜନ ଅଧିକାରୀ, ମୟୂରଭଞ୍ଜ | ଓଡ଼ିଶା | ଓଡ଼ିଶା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ବାରିପଦା-ଭଞ୍ଜପୁର ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନଂ.-ଆର୍‌ବି-୩୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |

[ଏଫ୍. ନଂ. ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆର୍‌ଓବି/ଏଲ୍‌ଏ/ଓଡି/୧]
(PR-1354) ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

No.34001/226/2526
GOVT. OF ODISHA
**GOVERNMENT OF ODISHA, "e" - PROCUREMENT NOTICE**
**Bid Identification No. S.E. GTN (R&B) - 33/2025-26**
No. 3736 dt.17.03.2026
e-mail : eeghatagaon2015@gmail.com

| | | |
|---|---|---|
| 1. | No. of the work | : 02 No. Building Work (Composite) |
| 2. | Estimated cost | : **From Rs.83.00 Lakh to Rs.96.00 Lakh** |
| 3. | Period of completion | : **From 9 (Nine)** Calendar Months |
| 4. | Date & Time of availability of bid document in the portal | : From 10.00 Hr **02.04.2026** to 17.00 Hr of **17.04.2026** |
| 5. | Last Date/Time for receipt of bids in the portal | : 17.00 Hr of **17.04.2026** |
| 6. | Date of opening of Bid from Portal | : 10.30 Hr of **18.04.2026** |
| 7. | Name and address of the officer inviting Bid | : Superintending Engineer, Ghatagaon (R&B) Division, Ghatagaon |

Further details can be seen from the e-procurement portal "http://tendersodisha.gov.in"
Sd./- Superintending Engineer
Ghatagaon (R&B) Division
OIPR-34001/34140/1/25-26/0001

No.4001/97/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)-I, IDCO, IDCO TOWER, BHUBANESWAR**
Tender Call Notice No.-BBSR/ELECT/E-4848/25-26/822 Dated : 23.03.2026
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the work : **Construction of 11 KV Line and 63 KVA DSS for providing power supply to Street Light & Pump house at Bhabadeipur Industrial Estate, Choudwar**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-154/2025-26 | 31.03.2026 at 17.00 Hrs. | 10.04.2026 at 17.00 Hrs. |

Further details can be seen from the e-procurement portal, www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect)-I
IDCO, Bhubaneswar
OIPR-4001/4075/1/25-26/0031

**ଡ୍ରାଇଭର ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ**

ନାକଟିଦେଉଳ,(ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମର ମୃତ ଡ୍ରାଇଭର ଦୟାନିଧି ସାହୁଙ୍କ ପରିବାରବର୍ଗଙ୍କୁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦୟାନିଧିଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ଶୁକ୍ରବାର ଆୟୋଜିତ ଏକାଦଶାହ କର୍ମରେ ଡ୍ରାଇଭର ମହାସଂଘର ସଦସ୍ୟମାନେ ଉପସ୍ଥିତ ରହି ସମୁଦାୟ ୬୬ ହଜାର ୨୨୫ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଜଳଭଣ୍ଡାର ସୀମାରେ ବେଆଇନ ମାଟି ପାହାଡ଼

**ହୀରାକୁଦ ଜଳଭଣ୍ଡାର ସୀମା ସଙ୍କୁଚିତ କରୁଛି ପଡ଼ୋଶୀ ରାଜ୍ୟର ଶିଳ୍ପସଂସ୍ଥା**

ଲଖନପୁର,୨୭।୩(ଗୌତମ ସାହୁ)


ଜଳଭଣ୍ଡାର ସୀମା ମଧ୍ୟରେ ବେଆଇନ ମାଟିର ପାହାଡ଼।

କିଛିବର୍ଷ ଧରି ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ସହିତ ବିଭିନ୍ନ ଶାଖା ନଦୀରେ ଅନେକ ବ୍ୟାରେଜ ନିର୍ମାଣ କରାଯାଇ ନିରବଚ୍ଛିନ୍ନ ଜଳଧାରାକୁ ଅଣମୌସୁମୀ ସମୟରେ ବନ୍ଦ କରାଯାଉଛି। ଫଳରେ ଛତିଶଗଡ଼ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଲାଗି ରହିଥିବା ଏହି ଜଳ ବିବାଦ ଏପର୍ଯ୍ୟନ୍ତ ସମାଧାନ ହୋଇପାରୁନାହିଁ। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତ ୧୯ଖଣ୍ଡ ମୌଜା କଣ୍ଡେଇକେଲା ପଞ୍ଚାୟତ ଅନ୍ତର୍ଗତ ସୁଖାସୋଡା ଗ୍ରାମକୁ ଲାଗି ଜିରୋ ପଏଣ୍ଟରେ ଥିବା ପଡ଼ୋଶୀ ରାଜ୍ୟର ହଳଦୀ ଗାଁରେ ଥିବା ହୀରାକୁଦ ଜଳଭଣ୍ଡାର ୩୨୦/୩୦, ୩୨୦/୩୨ ଜଳମଗ୍ନ ଜମି ମଧ୍ୟରେ ବୃହତ ମାଟି ପାହାଡ଼ ଜଳଭଣ୍ଡାରକୁ ସଙ୍କୁଚିତ କରୁଛି। ଓଡ଼ିଶାରେ ମହାନଦୀର ପ୍ରବେଶ ଦ୍ୱାରରେ ଏହି ବେଆଇନ କାର୍ଯ୍ୟ ଚାଲୁଛି।

ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ ରାଜ୍ୟ ରାଇଗଡ଼ ଜିଲା ପୁସୋର ବ୍ଲକ୍ ଅନ୍ତର୍ଗତ ସୀମାନ୍ତ ହଳଦୀ ଗ୍ରାମରେ ୫ଟି ଷ୍ଟୋନ କ୍ରଶର ରହିଛି। ଏହି କ୍ଷୁଦ୍ର ଶିଳ୍ପ ପାଇଁ ରହିଛି ଏକାଧିକ ପଥର ଖାଦାନ। ଖାଦାନଗୁଡ଼ିକରୁ ନିର୍ଗତ ମାଟିକୁ ଏହି କ୍ଷୁଦ୍ର ଶିଳ୍ପଗୁଡ଼ିକ ନିଜସ୍ୱ ଜମିରେ ରଖିବା ବଦଳରେ ନିକଟରେ ଥିବା ଜଳଭଣ୍ଡାର ସଂରକ୍ଷିତ ଜମିରେ ବେଆଇନ ଭାବେ ପାହାଡ଼ ଭଳି ଗଦା କରିବା ସରକାରୀ ବିଧି ବ୍ୟବସ୍ଥାକୁ ଆଖିଠାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ହୀରାକୁଦ ଜଳଭଣ୍ଡାର ପାଇଁ ୬୩୦/୩୨ ସୀମାରେଖା ଭିତରେ ଉଭୟ ରାଜ୍ୟର ୩୬୯ ଗ୍ରାମର ୩୨,୦୦୦ ଏକର ଜମି ଅଧିଗ୍ରହଣ ହୋଇଥିଲା। ଦୀର୍ଘବର୍ଷ ଧରି ମହାନଦୀ ସହିତ ଜଳଭଣ୍ଡାର ଜମିରେ ପଙ୍କ ପୋତିହୋଇ ଜଳଧାରଣ କ୍ଷମତାରେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳିଥିବାବେଳେ ଜଳଭଣ୍ଡାରକୁ ଏଭଳି ଭାବରେ ଜବରଦଖଲ କରିବା କେତେଦୂର ନ୍ୟାୟସାପେକ୍ଷ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ସ୍ଥାନୀୟ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି।

ଏନେଇ ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଗୋପୀନାଥ ମାଝୀ କହିଛନ୍ତି, ଏହି ବେଆଇନ ମାଟିର ପାହାଡ଼ ହୀରାକୁଦ ଜଳଭଣ୍ଡାର ପାଇଁ ବିପଦ ସୃଷ୍ଟି କରୁଛି। ଏଭଳି କାର୍ଯ୍ୟକୁ ସମିତି ପକ୍ଷରୁ ଘୋର ନିନ୍ଦା କରାଯାଉଛି। ସେହିପରି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ହୀରାକୁଦ ଜଳଭଣ୍ଡାର ସଂରକ୍ଷିତ ଜମିର ସୁରକ୍ଷା ରାଜ୍ୟ ସରକାରଙ୍କର ଦାୟିତ୍ୱ। ପଡ଼ୋଶୀ ରାଜ୍ୟରେ ଥିବା କ୍ଷୁଦ୍ର ଶିଳ୍ପର ଏହି ବେଆଇନ କାର୍ଯ୍ୟ ନିଶ୍ଚିତ ଭାବରେ ମହାନଦୀ ଆୟତନକୁ ସଙ୍କୁଚିତ କରିବା ସହ ଜଳଭଣ୍ଡାରକୁ ପ୍ରଦୂଷିତ କରିବ। ଓଡ଼ିଶା ସରକାର ଏ ବିଷୟରେ ଛତିଶଗଡ଼ ପ୍ରଶାସନକୁ ଅବଗତ କରି ଏହି ବେଆଇନ କାର୍ଯ୍ୟ ବନ୍ଦ କରିବା କଥା ବୋଲି ଦାସ କହିଛନ୍ତି। ଅପରପକ୍ଷେ ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲ କହିଛନ୍ତି, ଏହି ବିଷୟରେ ଜାଣିନାହିଁ। ତଥାପି ନିଶ୍ଚିତ ଭାବେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି।

# ଏସୟୁ ପ୍ରଦର୍ଶନ କଳା ବିଭାଗରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ପ୍ରଦର୍ଶନ କଳାରେ ମଣିଷ ଜିଇଁବାର ସାମର୍ଥ୍ୟ ପାଇଥାଏ**

ସମ୍ବଲପୁର,୨୭।୩(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ) ପ୍ରଦର୍ଶନ କଳା ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ଭବିଷ୍ୟତ ବୃତ୍ତି ମାର୍ଗଦର୍ଶନ (ଦକ୍ଷତା ବିକାଶ) କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏସୟୁ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଦର୍ଶନ କଳା ଏକ ଉତ୍କୃଷ୍ଟ କଳା। ଏହା ମାଧ୍ୟମରେ ଆମେ ବିଶ୍ୱର ଯେକୌଣସି ସ୍ଥାନରେ ନିଜକୁ ପ୍ରତିଷ୍ଠିତ କରିପାରିବା। ପ୍ରଦର୍ଶନ କଳାକୁ ଉଭୟ ରୁଚି ଓ ପେଶା ଭାବରେ ନିଆଯାଇପାରେ। ଜୀବନର ଆକସ୍ମିକତା ମଧ୍ୟରେ ପ୍ରଦର୍ଶନ କଳାରେ ମଣିଷ ଜିଇଁବାର ସାମର୍ଥ୍ୟ ପାଇଥାଏ। ତେଣୁ ଛାତ୍ରୀଛାତ୍ର କଳାର ଗୁରୁତ୍ୱକୁ ମର୍ମେମର୍ମେ ଅନୁଭବ କରିପାରନ୍ତି। ସାମ୍ପ୍ରତିକ ସମୟରେ କଳାକୁ ଜଣେ ଜୀବିକା ଭାବରେ ଗ୍ରହଣ କରିବାକୁ ବହୁତ ସୁଯୋଗ ରହିଛି। ତେଣୁ ପ୍ରତିଭାବାନ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମର ସୁଯୋଗର ଉପଲବ୍ଧି କରିପାରିବେ ବୋଲି କୁଳପତି ମିଶ୍ର ମତବ୍ୟକ୍ତ କରିଥିଲେ। ପ୍ରଦର୍ଶନ ବିଭାଗ ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ବିଭାଗୀୟ ସଂଯୋଜକ ପ୍ରଫେସର ଗୋପୀନାଥ ବାଗ। ଏଥିରେ ବିଶେଷଜ୍ଞ ଭାବେ ଭାବରେ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ଓ ଡ. ରାଜେନ୍ଦ୍ର ସିଂ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ. ସପନ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇ ଅତିଥି ପରିଚୟ ସହ ପ୍ରଦର୍ଶନ କଳା କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଉଭୟ ବିଶେଷଜ୍ଞ ଡ. ଧର ଓ ଡ. ସିଂ ନିଜ ପ୍ରିୟ ଗୀତ ଗାନ କରି ସମବେତ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ପ୍ରଦର୍ଶନ କଳା କ୍ଷେତ୍ରର ଏହି ବିଶେଷ ଶିକ୍ଷା ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ନିୟୋଜନ ଓ ଉପାର୍ଜନ ଦିଗରେ ମାର୍ଗଦର୍ଶନ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବିଭାଗୀୟ ସଂଯୋଜକ ପ୍ରଫେସର ଗୋପୀନାଥ ବାଗ ଏହି ବିଭାଗର ଅନେକ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ। ଶେଷରେ ଡ. ମୋହିତ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଅଧ୍ୟାପିକା ମମତା ସାହୁ, ଅଧ୍ୟାପକ ଅରବିନ୍ଦ ପଣ୍ଡା, ଡ. ଚନ୍ଦ୍ରକାନ୍ତ ମହାନନ୍ଦ, ଜ୍ୟୋତିରେଖା ତ୍ରିପାଠୀ, ଡ. କୃପାସିନ୍ଧୁ ମହନ୍ତ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ସମ୍ବଲପୁରରେ ଧୁମ୍‌ଧାମ୍‌ରେ ପାଳନ ହେଲା ଶ୍ରୀରାମ ନବମୀ


ଶୋଭାଯାତ୍ରାରେ ଅଯୋଧ୍ୟା ରାମଲାଲାଙ୍କ ପ୍ରତିକୃତି।


ଶୋଭାଯାତ୍ରାରେ ସାମିଲ ସାଂସ୍କୃତିକ ଦଳ।

- **ଭବ୍ୟ ଶୋଭାଯାତ୍ରାରେ ଦୁଲୁକିଲା ସହର**
- **ଅଯୋଧ୍ୟା ରାମଲାଲାଙ୍କ ପ୍ରତିକୃତି ସାଜିଲା ମୁଖ୍ୟ ଆକର୍ଷଣ**

ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)

ସଂସ୍କୃତି ଓ ପରମ୍ପରାର ସହର ସମ୍ବଲପୁର ଚଳିତ ବର୍ଷ ଶ୍ରୀରାମ ନବମୀ ଉତ୍ସବରେ ଭକ୍ତିମୟ ହୋଇଉଠିଛି। ସହରର ବୃକ୍ସହିଲ ରାମ ମନ୍ଦିର, କମଲିବଜାର ରାମଜୀ ଗୁଡ଼ି ଓ ମୁଦିପଡ଼ା ରାମସୀତା ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ଥିବା ରାମମନ୍ଦିର ଗୁଡ଼ିକରେ ଶ୍ରୀରାମ ଜନ୍ମୋତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ସେହିପରି ଶୁକ୍ରବାର ଦିନ ସାରା ସହରର ପ୍ରାୟ ସମସ୍ତ ହନୁମାନ ମନ୍ଦିରରେ ମଧ୍ୟ ପାରମ୍ପରିକ ହୋମଯଜ୍ଞ ସହିତ ପୂଜାର୍ଚ୍ଚନା ହୋଇ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି।

ଏହି ପରିପ୍ରେକ୍ଷୀରେ ନୟାପଡ଼ା ଶ୍ରୀରାମ ଜନ୍ମୋତ୍ସବ ସମିତି ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୁକ୍ରବାର ରାତିରେ ଉଜ୍ଜ୍ୱଳ ଆଲୋକମାଳା, ଘଣ୍ଟ, ଶଙ୍ଖ ଓ ପାରମ୍ପରିକ ଦୁଲଦୁଲି ବାଦ୍ୟର ତାଳେ ତାଳେ ଏକ ସାଂସ୍କୃତିକ ଶୋଭାଯାତ୍ରାର ନଗର ପରିକ୍ରମା ଯୋଗୁ ଏକ ପ୍ରକାର ଭକ୍ତିମୟ ପରିବେଶ ମଧ୍ୟରେ ସମଗ୍ର ସହର ଦୁଲୁକି ଉଠିଥିଲା। କ୍ଷେତରାଜପୁର ରେଳଷ୍ଟେସନ ନିକଟରେ ଭବ୍ୟ ମହାଆଳତୀ ପରେ ଶୋଭାଯାତ୍ରା ଅନୁକୂଳ ହୋଇ ରାମମନ୍ଦିର ଅଭିମୁଖେ ବାହାରିଥିଲା। ଶୋଭାଯାତ୍ରା ମୁଦିପଡ଼ାଛକ, ଗୁରୁଦ୍ୱାରା, ପଟ୍ଟନାୟକପଡ଼ା ଛକ, ଗୁରୁପଡ଼ା, କଂସାରୀପଡ଼ା, ଟାଉନସ୍କୁଲ, ବୈଦ୍ୟନାଥଛକ, ଗୋଲବଜାର ଛକ, ଲକ୍ଷ୍ମୀଟକିଜ୍ ଛକ, ଜିଲାସ୍କୁଲ୍ ଛକ ଦେଇ ବୃକ୍ସହିଲ୍ ରାମମନ୍ଦିରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ପ୍ରାୟ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ହରିୟାଣାର ପ୍ରାୟ ୩୧ଟି ସାଂସ୍କୃତିକ ଦଳ ନିଜର କଳା ପ୍ରଦର୍ଶନ କରିଥିଲେ। ଚଳିତ ବର୍ଷ ଅଯୋଧ୍ୟାର ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରତିକୃତି ଏକ ଭବ୍ୟ ରଥରେ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଏହା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିଲା। ସହରର ବିଭିନ୍ନ ଛକରେ ମହିଳା ଭକ୍ତମାନେ ପୂର୍ଣ୍ଣ କଳସଧରି ରାମଲାଲାଙ୍କ ଦର୍ଶନ ଓ ଆଶୀର୍ବାଦ ଗ୍ରହଣ କରିଥିଲେ। ଅପରପକ୍ଷରେ ସମ୍ବଲପୁରରେ ବର୍ଷା ତାତିରୁ ଆଶ୍ୱସ୍ତି ପ୍ରଦାନ କରିବା ସହ ଉତ୍ସବ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା। ମାତ୍ର ବର୍ଷା ଓ ଝଡ଼, ଘଡ଼ଘଡ଼ି ସହିତ କୁଆପଥର ମାଡ଼ ଯୋଗୁ ଶୋଭାଯାତ୍ରା ବାହାରିବା ବହୁ ବିଳମ୍ବ ହୋଇଥିଲା। ତଥାପି ଝିପିଝିପି ବର୍ଷା ମଧ୍ୟରେ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାଟି ମନ୍ଦିରରେ ପହଞ୍ଚିଲା ପରେ ଏଠାରେ ରାମଲାଲାଙ୍କ ଜନ୍ମୋତ୍ସବ ଉପଲକ୍ଷେ ବିଧି ପୂର୍ବକ ହୋମ ଯଜ୍ଞ ଆଦି ପାରମ୍ପରିକ ପୂଜାର୍ଚ୍ଚନା ହୋଇଥିଲା। ସମିତିର କାର୍ଯ୍ୟକାରୀ ସଭାପତି ଗିରିଶ ପଟେଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ବଲପୁରରେ ଶ୍ରୀରାମ ନବମୀ ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଅତିରିକ୍ତ ଏସପି ଶ୍ରୀମନ୍ତ ବାରିକଙ୍କ ସୂଚନା ଅନୁସାରେ, ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏହାବ୍ୟତୀତ ୩୮ ଜଣ ଇନ୍ସପେକ୍ଟର ଓ ୧୦୨ ଜଣ ଏସଆଇ ଓ ଏଏସଆଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ।

# ଉପଯୁକ୍ତ ବଜାର ବ୍ୟବସ୍ଥା ଦ୍ୱାରା କୃଷି, କୃଷକଙ୍କ ଉନ୍ନତି ହେବ

**କୃଷକ, କ୍ରେତାଙ୍କ ବ୍ୟବସାୟିକ ସମ୍ପର୍କ କର୍ମଶାଳା**

କୁଚିଣ୍ଡା,୨୭।୩(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନଠାରେ କୁଚିଣ୍ଡା ବ୍ଲକ ସଇଡା କ୍ଲଷ୍ଟର ସ୍ତରୀୟ କୃଷକ ଓ କ୍ରେତାଙ୍କ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ସ୍ଥାପନ ନେଇ ଶୁକ୍ରବାର କର୍ମଶାଳା ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲା କୃଷି ଓ କୃଷକ ସଶକ୍ତିକରଣ ଏବଂ ଫସଲ ବିବିଧ କରଣ କାର୍ଯ୍ୟକ୍ରମ ପରିଚାଳନା ସଂସ୍ଥା ରୋପର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି, ଭୁବନେଶ୍ୱର ଆଇସିଟି, ସିଡ଼ିପିଓ ସାଫଲ୍ୟ ସାହୁ, ହର୍ଷ ଟ୍ରଷ୍ଟ ପ୍ରଦୀପ ସୁନା, କୁଚିଣ୍ଡା ଏସଏଆରସିଏସ ମନୋଜ କୁମାର ମହନ୍ତ, ବଲାଙ୍ଗୀର ଆଞ୍ଚଳିକ ମୁଖ୍ୟ ଆରସିଡିସି ଶମ୍ଭୁନାଥ ସାହୁ, କୁଚିଣ୍ଡା ବ୍ଲକ କୃଷି ଅଧିକାରୀ ସୁସ୍ମିତା କିରୋ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ହିତେଶ ବଡେଇ, କୃଷକ ବନ୍ଧୁ କମ୍ପାନୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ସେନାପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ କ୍ରୟକାରୀ ସଂସ୍ଥାର ସୁସମ୍ପର୍କ ସ୍ଥାପନ ହେଲେ ଯାଇ ଚାଷୀ ତାର ଉଚିତ ମୂଲ୍ୟ ପାଇ ପାରିବ। ଏହାଛଡ଼ା କୃଷି ଉତ୍ପାଦର ଗୁଣାତ୍ମକ ମାନ, ପ୍ରୋସେସିଂ ଓ ପ୍ୟାକେଜିଂ, ଉପଯୁକ୍ତ ବଜାର ବ୍ୟବସ୍ଥା ହେଲେ ଯାଇ କୃଷି ଓ କୃଷକର ଉନ୍ନତି ହୋଇପାରିବ ବୋଲି ସେମାନେ କହିଥିଲେ। ରୋପ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାକୁଲ ସଭା ପରିଚାଳନା କରିଥିଲେ। ରୋପ ସଂଯୋଜିକା ତୃପ୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TLSB-SPUR-WORKS-555, ତା.23.03.2026ରିଖ

କାର୍ଯ୍ୟର ନାମ : ସ୍ୱର (SPUR) ଏରିଆ ମଧ୍ୟରେ ବ୍ଲକ୍ ସେକ୍ସନର ସମସ୍ତ ସଙ୍କେତ ଏବଂ ଦୂରସଂଚାର ସଂସ୍ଥାପନ ତଥା TLSBର MSDAC ଉପକରଣଗୁଡ଼ିକ ସହିତ ସ୍ୱର (SPUR) 1, 2, 3, 4, 5, 6, 7, 8, TLSB-SPUR ସେକ୍ସନର ରକ୍ଷଣାବେକ୍ଷଣ ନିମନ୍ତେ ତିନି ବର୍ଷ ଅବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ସଙ୍କେତ ଏବଂ ଦୂରସଂଚାର ଅଟକଳ କରିବା (ଆଉଟସୋର୍ସିଙ୍ଗ ଏବଂ କାର୍ଯ୍ୟ ଅଂଶ)।

ଟେଣ୍ଡର ମୂଲ୍ୟ : ₹ 2,73,60,549.28, EMD : ₹ 2,86,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.31.03.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1273/Q/25-26

**WANTED**
Marketing Persons Required only Female for a used Car Showroom in Bhubaneswar with Finance Business also attractive salary + incentives.
Mob : 9078695026 / 7381091234

**VACANCY**
Required ITI/12th pass for a Engineering Servicing Company at Mumbai/ Odisha, email - career.solasmar@gmail.com
Mob. - 9267968727

**REQUIRED**
POSITION
1. ARCHITECT
Experience in Master Planning and Building design and Multi sector B-Arch.
2. STRUCTURAL ENGINEER
Experience in Building Structural Designing with Stadd Pro and Auto Cad, B-Tech. (Civil)/ Diploma
3. SURVEY ENGINEER/SURVEYOR
Experience in DGPS/Total Station survey and Drafting with good Command in Auto Cad
4. DRAFTSMAN
Experience in Architectural Structural Drafting with Good Command in Auto Cad.
Email : utkalinfra.hr@gmail.com,
Mob : 77353-09675 / 76060-29982
Bhubaneswar, Odisha

**WANTED**
Krishna Teja Construction
Wanted Civil Engineer with 3 to 5 years Experience.
Languages Must : Telugu, Hindi, English
Call : 9000219239

See Career Appointment on every Wednesday & Saturday

**VACANCY**
Required Mech./Elec. Degree Engg, pass out before year 2015. Send Biodata - inforaipur2022@gmail.com
Contact : 6261272838

# ବୁର୍ଲା ଡିଏଭି ସ୍କୁଲରେ ବାର୍ଷିକ ଉତ୍ସବ 'ଭାଇବ୍ରେନ୍ସ'

ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)


ବୁର୍ଲା ଡିଏଭି ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ଶିକ୍ଷା ଓ ବୌଦ୍ଧିକ ବିକାଶ ଉପରେ ବକ୍ତାଙ୍କ ଗୁରୁତ୍ୱ**

ବୁର୍ଲାସ୍ଥିତ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ 'ଭାଇବ୍ରେନ୍ସ' ବହୁ ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ଡିଏଭି ସ୍କୁଲ୍ ପରିସରରେ ଅନୁଷ୍ଠିତ ଉତ୍ସବରେ ମହାନଦୀ କୋଲଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ଉଦୟ ଅନନ୍ତ କାଓଲେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ କାଓଲେ ବିଦ୍ୟାର୍ଥୀମାନଙ୍କ ଉତ୍ସାହକୁ ପ୍ରଶଂସା କରିବା ସହ ଶିକ୍ଷାର ପ୍ରସାର କ୍ଷେତ୍ରରେ ଏମ୍‌ସିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ(ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ(ଅର୍ଥ) ଅଜିତ କୁମାର ବେହେରା, ନିର୍ଦ୍ଦେଶକ(ବୈଷୟିକ) ସଞ୍ଜୟ କୁମାର ଝା, ଜନମଙ୍ଗଳ ବିଭାଗର ମହାପ୍ରବନ୍ଧକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗବନ୍ଧୁ ବେହେରା ଓ ଡିଏଭି ଓଡ଼ିଶାର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ବିକାଶ ପାଇଁ ଅନେକ ଉପାଦେୟ ମାର୍ଗଦର୍ଶନ କରିଥିଲେ। ଏଥିରେ ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷା ଅଳ୍ପନା ଶୁକ୍ଳା, ସରିତା ପଟେଲ, ରଶ୍ମି ବେହୁରା, ଶଶିକଳା ଝା ଓ ଅହଲ୍ୟା ବେହେରା ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନେ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ସ୍ୱାଗତ ଭାଷଣ ସହ ବିଦ୍ୟାଳୟର ଭବିଷ୍ୟତ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାରୂପା ବହିଦାର ଓ ବାନୀ ଅରୋରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ କରକମଳରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ରେଭି ଲେସନ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ଦ୍ୱାରା ପରିବେଷିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ। ଶିକ୍ଷକ ଚନ୍ଦନ ମହାନ୍ତି ଓ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ ମଞ୍ଚରେ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶେଷରେ ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

No.34001/226/2526
GOVT. OF ODISHA
**GOVERNMENT OF ODISHA, "e" - PROCUREMENT NOTICE**
Bid Identification No. S.E. GTN (R&B) - 33/2025-26
No. 3736 dt.17.03.2026
e-mail : eeghatagaon2015@gmail.com

| | | |
|---|---|---|
| 1. | No. of the work | : 02 No. Building Work (Composite) |
| 2. | Estimated cost | : From Rs.83.00 Lakh to Rs.96.00 Lakh |
| 3. | Period of completion | : From 9 (Nine) Calendar Months |
| 4. | Date & Time of availability of bid document in the portal | : From 10.00 Hr 02.04.2026 to 17.00 Hr of 17.04.2026 |
| 5. | Last Date/Time for receipt of bids in the portal | : 17.00 Hr of 17.04.2026 |
| 6. | Date of opening of Bid from Portal | : 10.30 Hr of 18.04.2026 |
| 7. | Name and address of the officer inviting Bid | : Superintending Engineer, Ghatagaon (R&B) Division, Ghatagaon |

Further details can be seen from the e-procurement portal "http://tendersodisha.gov.in"
Sd./- Superintending Engineer
Ghatagaon (R&B) Division
OIPR-34001/34140/1/25-26/0001

No.4001/97/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)-I, IDCO, IDCO TOWER, BHUBANESWAR**
Tender Call Notice No.-BBSR/ELECT/E-4848/25-26/822 Dated : 23.03.2026
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the work : Construction of 11 KV Line and 63 KVA DSS for providing power supply to Street Light & Pump house at Bhabadeipur Industrial Estate, Choudwar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-154/2025-26 | 31.03.2026 at 17.00 Hrs. | 10.04.2026 at 17.00 Hrs. |

Further details can be seen from the e-procurement portal, www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect)-I
IDCO, Bhubaneswar
OIPR-4001/4075/1/25-26/0031

**ରେଳ ମନ୍ତ୍ରଣାଳୟ (ଦକ୍ଷିଣ ପୂର୍ବ ରେଳପଥ) ସଡ଼କ ସୁରକ୍ଷା ପ୍ରକଳ୍ପ ସଂଗଠନ**

**ଅଧିସୂଚନା**
**କୋଲକାତା, ୪ ଫେବୃଆରୀ, ୨୦୨୬**

ଏସ୍.ଓ.୫୭୪(ଇ)- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୩୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଆନୁଷ୍ଠାନିକ ଗେଜେଟ୍‌ରେ ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖଠାରୁ ନିମ୍ନଦର୍ଶିତ ସାରଣୀରେ ସ୍ତମ୍ଭ (୩)ରେ ଦର୍ଶିତ ରାଜ୍ୟର ସ୍ତମ୍ଭ (୨)ରେ ଦର୍ଶାଯାଇଥିବା ଅନୁଯାୟୀ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକୁ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ ଭାବେ ଅଧିସୂଚିତ କରୁଛନ୍ତି।

| କ୍ର. ସଂ. | ପ୍ରକଳ୍ପର ନାମ | ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ |
|---|---|---|
| (୧) | (୨) | (୩) |
| ୧ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଅମର୍ଦା-ବସ୍ତା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |
| ୨ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ବସ୍ତା-ରୂପସା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୧ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |
| ୩ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୦୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |
| ୪ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |
| ୫ | ଓଡ଼ିଶାର ଭଦ୍ରକ ଜିଲ୍ଲାରେ ରାଣୀତାଲ-ଭଦ୍ରକ ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୫ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |
| ୬ | ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଟାଙ୍ଗରମୁଣ୍ଡା-ଧୁତ୍ରା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୩୯ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ଏବଂ ବାମରା ୟାର୍ଡରେ ଏଲସି ନଂ. ୨୪୦ଠାରେ ଏଫଓବି ନିର୍ମାଣ। | ଓଡ଼ିଶା |
| ୭ | ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଧୁତ୍ରା-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୫୬ ବଦଳରେ ୨-ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |
| ୮ | ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ବାରିପଦା-ଭଞ୍ଜପୁର ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.-ଆର୍‌ବି-୩୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। | ଓଡ଼ିଶା |

[ଏଫ୍. ନଂ. ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆରଓବି/ଲାଣ୍ଡ ଆକ୍ୟୁଜିଶନ୍/ଏସ୍‌ଆର୍‌ପି/୧]
ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

**ସଡ଼କ ସୁରକ୍ଷା ପ୍ରକଳ୍ପ ସଂଗଠନ**
**ଅଧିସୂଚନା**
**କୋଲକାତା, ୧୮ ଫେବୃଆରୀ, ୨୦୨୬**

ଏସ୍.ଓ. ୯୩୨(ଇ).- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୩୭ଏ) ଅଧୀନରେ ରୋଡ୍ ଓଭରବ୍ରିଜ୍‌ର ବର୍ଗୀକରଣ ସଂକ୍ରାନ୍ତରେ ନଂ.୫୪୫, ନୂଆଦିଲ୍ଲୀ, ଗୁରୁବାର, ଫେବୃଆରୀ ୫, ୨୦୨୬/ମାଘ ୧୬, ୧୯୪୭ ମାଧ୍ୟମରେ ପ୍ରକାଶିତ ଗେଜେଟ୍ ଅଧିସୂଚନାର ଶୁଦ୍ଧିପତ୍ର।
ଉପରୋକ୍ତ ଅଧିସୂଚନାର କ୍ର.ସଂ. ୬ ଓ ୭ ଅଧୀନରେ ପ୍ରଦତ୍ତ ରୋଡ୍ ଓଭରବ୍ରିଜ୍‌ର ଜିଲ୍ଲା ନାମକୁ ସୁନ୍ଦରଗଡ଼ ଓ ମୟୂରଭଞ୍ଜ ପରିବର୍ତ୍ତେ ସମ୍ବଲପୁର ଓ ଝାରସୁଗୁଡ଼ା ଭାବେ ପଢ଼ାଯିବା ଆବଶ୍ୟକ।
ମୂଳ ଅଧିସୂଚନାର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
[ଏଫ୍.ନଂ.ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆରଓବିଏସ୍/ଲାଣ୍ଡ ଆକ୍ୟୁଜିଶନ୍/ଏସ୍‌ଆର୍‌ପି/୨]
ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

**ରେଳପଥ ସୁରକ୍ଷା ପ୍ରକଳ୍ପ ସଂଗଠନ**
**ଅଧିସୂଚନା**
**କୋଲକାତା, ୬ ମାର୍ଚ୍ଚ, ୨୦୨୬**

ଏସ୍.ଓ.୧୧୮୧(ଇ).- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ୱାରା ଆନୁଷ୍ଠାନିକ ଗେଜେଟ୍‌ରେ ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖଠାରୁ ନିମ୍ନପ୍ରଦତ୍ତ ସାରଣୀର ସ୍ତମ୍ଭ (୩)ରେ ଦର୍ଶାଯାଇଥିବା ରାଜ୍ୟରେ ଉକ୍ତ ସାରଣୀର ସ୍ତମ୍ଭ (୪)ରେ ଦର୍ଶାଯାଇଥିବା ରେଳବାଇ ପ୍ରକଳ୍ପ (ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ)ର ନିର୍ବାହ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ବାବଦୀୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ଲାଗି ସାରଣୀର ସ୍ତମ୍ଭ (୨)ରେ ଦର୍ଶିତ ଅଧିକାରୀମାନଙ୍କୁ ଅଧିକୃତ କରୁଛନ୍ତି।

| କ୍ର. ସଂ. | କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ | ରାଜ୍ୟ | ରେଳବାଇ ପ୍ରକଳ୍ପର ନାମ |
|---|---|---|---|
| (୧) | (୨) | (୩) | (୪) |
| ୧. | ତହସିଲଦାର, ବସ୍ତା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ଅମର୍ଦା-ବସ୍ତା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |
| ୨. | ତହସିଲଦାର, ବସ୍ତା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ବସ୍ତା-ରୂପସା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୧ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |
| ୩. | ତହସିଲଦାର, ସୋରୋ | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.୧୦୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |
| ୪. | ତହସିଲଦାର, ସିମୁଳିଆ | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |
| ୫. | ତହସିଲଦାର, ଭଦ୍ରକ | ଓଡ଼ିଶା | ଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲାରେ ରାଣୀତାଲ-ଭଦ୍ରକ ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୫ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |
| ୬. | ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ରାଜସ୍ୱ), ସମ୍ବଲପୁର | ଓଡ଼ିଶା | ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ ଟାଙ୍ଗରମୁଣ୍ଡା-ଧୁତ୍ରା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୩୯ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ଏବଂ ବାମରା ୟାର୍ଡରେ ଏଲସି ନଂ. ୨୪୦ଠାରେ ଏଫଓବି ନିର୍ମାଣ। |
| ୭. | ଜିଲ୍ଲା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ା | ଓଡ଼ିଶା | ଓଡ଼ିଶା ରାଜ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ଧୁତ୍ରା-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.୨୫୬ ବଦଳରେ ୨-ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |
| ୮. | ଜିଲ୍ଲା ଭୂ-ଅର୍ଜନ ଅଧିକାରୀ, ମୟୂରଭଞ୍ଜ | ଓଡ଼ିଶା | ଓଡ଼ିଶା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ବାରିପଦା-ଭଞ୍ଜପୁର ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.-ଆର୍‌ବି-୩୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆରଓବି) ନିର୍ମାଣ। |

[ଏଫ୍. ନଂ. ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆରଓବି/ଏଲ୍‌ଏ/ଓଡି/୧]
(PR-1354) ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## (ଭୂ-ଅର୍ଜନ ଉପବିଭାଗ)

## ଅଧିସୂଚନା

**(ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧ (୧))**

**ବିଜ୍ଞପ୍ତି ସଂଖ୍ୟା 176 ତାରିଖ 17.02.2026 ସୁନ୍ଦରଗଡ଼**

**No.24001/87/2526**: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋଇଲା ନିଷ୍କାସନ ପାଇଁ ଭିତ୍ତିଭୂମି ନିର୍ମାଣ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାର ମୌଜା-କୁସୁରା (ତହସିଲ-ହେମଗିର) ରେ ନିମ୍ନ ତଫସିଲମତେ ପ୍ରାୟ ୧୪୨.୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – କୋଇଲା ନିଷ୍କାସନ ପାଇଁ ଭିତ୍ତିଭୂମି ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ସାଧାରଣ ପରିଚାଳକ, ମହାଲକ୍ଷ୍ମୀ ଏରିଆ, ଏମ୍.ସି.ଏଲ୍
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ପ୍ରଯୁଜ୍ୟ ଅଟେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଏଥିସହିତ ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ସଦର, ସୁନ୍ଦରଗଡ଼ ।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ହେମଗିର | କୁସୁରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧୪୨.୬୦ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ସୁନ୍ଦରଗଡ଼** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./–**
**ଜିଲ୍ଲାପାଳ, ସୁନ୍ଦରଗଡ଼**

## ସମ୍ପୂର୍ଣ୍ଣ ଜମି ବିବରଣୀ

### ମୌଜା-କୁସୁରା, ତହସିଲ-ହେମଗିର, ଜିଲ୍ଲା-ସୁନ୍ଦରଗଡ଼

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୩ | ୩୩୨ | ଘରବାରି | ୦.୦୬ | ୦.୦୬ | ମହର ସାଏ ବାଗ, ଧନସାଏ ବାଗ, ପି:ଉଦେନାଥ ବାଗ, ଜା:ଗଣ୍ଡା, ବା:ନିଜଗାଁ |
| ୨ | ୬ | ୫୪୩ | ଘରବାରି | ୦.୦୯ | ୦.୦୯ | ଉର୍ପ କିସାନ, ପି:ସମାରୁ କିସାନ, ବୁଦ କିଶାନ, ପି:ଗଇନ୍ଦା କିଶାନ, ଜା:କିଶାନ, ବା:ନିଜଗାଁ |
| ୩ | ୮ | ୩୧୬ | ଗୋଡା-୨ | ୦.୧୫ | ୦.୧୫ | କୃତ୍ତିବାସ ବାଗ, ପି:ରତନ ବାଗ, ଜା:ଗଣ୍ଡା, ବା:ନିଜଗାଁ |
| | | ୩୨୧ | ଘରବାରି | ୦.୦୫ | ୦.୦୫ | |
| ୪ | ୯ | ୨୦୮ | ମାଲ ସାଧାରଣ | ୦.୫୮ | ୦.୫୮ | ଖେତୁ ପଟେଲ, ପି:କାର୍ତ୍ତିକ ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୦୯ | ଗୋଡା-୧ | ୦.୧୭ | ୦.୧୭ | |
| | | ୨୧୦ | ବାହାଲ ସାଧାରଣ | ୨.୬୧ | ୨.୬୧ | |
| | | ୨୧୦/୮୭୯ | ମାଲ ସାଧାରଣ | ୦.୪୭ | ୦.୪୭ | |
| | | ୨୧୩ସ୍ଥ | ବେର୍ଣ୍ଣା ସାଧାରଣ | ୦.୬୬ | ୦.୧୮ | |
| | | ୨୫୪ସ୍ଥ | ବାହାଲ ସାଧାରଣ | ୦.୧୪ | ୦.୦୫ | |
| | | ୨୮୨ | ମାଲ ସାଧାରଣ | ୦.୪୨ | ୦.୪୨ | |
| | | ୩୧୫ | ଗୋଡା-୨ | ୦.୪୯ | ୦.୪୯ | |
| | | ୩୨୨ | ଗୋଡା-୨ | ୦.୨୩ | ୦.୨୩ | |
| | | ୩୩୧ | ଗୋଡା-୨ | ୦.୦୬ | ୦.୦୬ | |
| | | ୪୦୧ | ମାଲ ସାଧାରଣ | ୦.୪୬ | ୦.୪୬ | |
| | | ୫୩୯ | ଘରବାରି | ୦.୦୬ | ୦.୦୬ | |
| | | ୫୪୧ | ଗୋଡା-୨ | ୦.୦୫ | ୦.୦୫ | |
| | | ୫୪୧/୮୯୩ | ଗୋଡା-୨ | ୦.୦୯ | ୦.୦୯ | |
| ୫ | ୧୦ | ୫୨୬ | ଘରବାରି | ୦.୦୩ | ୦.୦୩ | ଗଙ୍ଗାଧର ପ୍ରଧାନ, ପି:ବୁଧୁ ପ୍ରଧାନ, ଜା:କିସାନ, ବା:ନିଜଗାଁ |
| ୬ | ୧୧ | ୯୨ | ମାଲ ସାଧାରଣ | ୦.୧୯ | ୦.୧୯ | ଲମ୍ବୋଦର କୁଅଁର, ପି:ଗୋବର୍ଦ୍ଧନ କୁଅଁର, ଜା:କୁଅଁର, ବା:ନିଜଗାଁ |
| | | ୩୨୯ | ଘରବାରି | ୦.୦୫ | ୦.୦୫ | |
| | | ୨୦୪/୮୭୭ | ବେର୍ଣ୍ଣା ସାଧାରଣ | ୦.୨୭ | ୦.୨୭ | |
| ୭ | ୧୨ | ୩୯୨ | ଗୋଡା ଏକ | ୦.୧୭ | ୦.୧୭ | ଗୋବିନ୍ଦ ଭୋଇ, ବାନ୍ଧବ ଭୋଇ, ଗନ୍ଧର୍ବ ଭୋଇ, ଗମ୍ଭୀର ଭୋଇ, ଅମିର ଭୋଇ, ପି:ବୁଧୁ ଭୋଇ, ଜା:ସହରା, ବା:ନିଜଗାଁ |
| | | ୩୯୩ | ଗୋଡା ଦୁଇ | ୦.୩୪ | ୦.୩୪ | |
| | | ୩୯୪ | ମାଳ ସାଧାରଣ | ୦.୩୫ | ୦.୩୫ | |
| | | ୩୯୫ | ମାଳ ସାଧାରଣ | ୦.୪୧ | ୦.୪୧ | |
| | | ୪୨୬ | ବେର୍ଣ୍ଣା ସାଧାରଣ | ୦.୪୮ | ୦.୪୮ | |
| | | ୪୨୭ | ମାଳ ସାଧାରଣ | ୧.୧୧ | ୧.୧୧ | |
| | | ୪୨୮ | ଗୋଡା ଏକ | ୦.୪୫ | ୦.୪୫ | |
| | | ୪୩୬ | ଗୋଡା ଏକ | ୨.୪୨ | ୨.୪୨ | |
| | | ୪୩୭ | ମାଳ ସାଧାରଣ | ୧.୫୭ | ୧.୫୭ | |
| | | ୪୩୭/୮୭୮ | ମାଳ ସାଧାରଣ | ୦.୭୫ | ୦.୭୫ | |
| | | ୪୩୮ | ମାଳ ସାଧାରଣ | ୦.୧୬ | ୦.୧୬ | |
| | | ୪୩୯ | ବେର୍ଣ୍ଣା ସାଧାରଣ | ୦.୫୧ | ୦.୫୧ | |
| | | ୪୫୩ | ଗୋଡା ଏକ | ୦.୦୬ | ୦.୦୬ | |
| | | ୫୬୨ | ଘରବାରି | ୧.୧୧ | ୧.୧୧ | |
| | | ୫୬୪ | ଗୋଡା ଦୁଇ | ୦.୧୧ | ୦.୧୧ | |
| | | ୫୬୫ | ମାଳ ସାଧାରଣ | ୧.୫୧ | ୧.୫୧ | |
| ୮ | ୧୪ | ୨୧୫ ସ୍ଥ | ଗୋଡା ଦୁଇ | ୧.୮୧ | ୦.୬୧ | ଘନଶ୍ୟାମ ପଟେଲ, ପି:ହରିଗ୍ରମ ପଟେଲ, ଶ୍ରୀଧର ପଟେଲ, ବୈକୁଣ୍ଠ ପଟେଲ, ପି:ଦେବାନନ୍ଦ ପଟେଲ, କୋଦଣ୍ଡ ପଟେଲ, ପି:ହଳଧର ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୫୯ | ମାଳ ସାଧାରଣ | ୦.୪୫ | ୦.୪୫ | |
| | | ୩୭୨ | ଗୋଡା ଦୁଇ | ୦.୮୮ | ୦.୮୮ | |
| | | ୫୨୫ | ଗୋଡା ଦୁଇ | ୦.୮୬ | ୦.୮୬ | |
| | | ୫୫୬ | ଗୋଡା ଏକ | ୦.୮୫ | ୦.୮୫ | |
| | | ୫୫୭ | ଗୋଡା ଏକ | ୦.୫୦ | ୦.୫୦ | |
| | | ୫୫୮ | ଘରବାରି | ୦.୧୫ | ୦.୧୫ | |
| ୯ | ୧୫ | ୫୩୭ | ଘରବାରି | ୦.୦୬ | ୦.୦୬ | ବାଲମତୀ କେନ୍ଦୁ, ରତିରାମ କେନ୍ଦୁ, ପି:ଚଇତ କେନ୍ଦୁ, ଜା:କିଶାନ, ବା:ନିଜଗାଁ |
| ୧୦ | ୧୮ | ୩୧୩ | ଘରବାରି | ୦.୧୦ | ୦.୧୦ | ଚମରା ବାଦୀ, ପି:କାହ୍ନୁ ବାଦୀ, ଜା:ଗଣ୍ଡା, ବା:ନିଜଗାଁ |
| ୧୧ | ୧୯ | ୯୭ | ମାଳ ସାଧାରଣ | ୦.୩୨ | ୦.୧୨ | ଦୁର୍ଗାମାଧବ ପଣ୍ଡା, ରବିନାରାୟଣ ପଣ୍ଡା, ରାଧାମାଧବ ପଣ୍ଡା, ପି:ଚିତ୍ରସେନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୨ | ୨୩ | ୫୩୨ | ଘରବାରି | ୦.୦୩ | ୦.୦୩ | ଦିନୁ ପ୍ରଧାନ, ପି:ମଦନ ପ୍ରଧାନ, ଜା:କିଶାନ, ବା:ନିଜଗାଁ |
| ୧୩ | ୨୬ | ୨୬୦ | ମାଳ ସାଧାରଣ | ୦.୨୦ | ୦.୨୦ | ନରୋତ୍ତମ ଚୌଧୁରୀ, ଲାଇବାନ ପଟେଲ, ବା:ବିଲ୍ଲେଇଗଡ଼, ତେଜବତୀ ପଟେଲ, ବା:ବାଲିଯୋରୀ, ଥା:ଝାରସୁଗୁଡା, ଭଗବତୀ ନାଏକ, ବା:ରେମଡା, ଥା:ଭଷ୍ମା, ଗେଲବତୀ ନାଏକ, ବା:ବଡଖଲିଆ, ପି:ଧନେଶ୍ୱର ଚୌଧୁରୀ, କେତକୀ ଚୌଧୁରୀ, ସ୍ୱା:ଭଜମନ ଚୌଧୁରୀ, ମଧୁସୂଦନ ଚୌଧୁରୀ ପି: କାଶୀ ଚୌଧୁରୀ, ଜା:ଆଗ୍ରିଆ,ବା:ନିଜଗାଁ |
| | | ୨୬୧ | ବାହାଲ ସାଧାରଣ | ୧.୪୦ | ୧.୪୦ | |
| | | ୨୬୯ସ୍ଥ | ବେର୍ଣ୍ଣା ସାଧାରଣ | ୦.୪୧ | ୦.୩୬ | |
| | | ୨୭୦ | ମୁଣ୍ଡା | ୦.୧୦ | ୦.୧୦ | |
| | | ୨୭୧ | ବେର୍ଣ୍ଣା ସାଧାରଣ | ୦.୮୨ | ୦.୮୨ | |
| | | ୨୭୨ | ମାଳ ସାଧାରଣ | ୦.୨୩ | ୦.୨୩ | |
| | | ୨୯୬ | ଘରବାରି | ୦.୦୮ | ୦.୦୮ | |
| | | ୨୯୭ | ଘରବାରି | ୦.୦୮ | ୦.୦୮ | |
| | | ୨୯୮ | ଘରବାରି | ୦.୧୩ | ୦.୧୩ | |
| | | ୩୬୩ | ମାଳ ସାଧାରଣ | ୦.୮୦ | ୦.୮୦ | |
| | | ୩୬୪ | ବାହାଲ ସାଧାରଣ | ୦.୮୮ | ୦.୮୮ | |
| | | ୩୬୫ | ମାଳ ସାଧାରଣ | ୦.୬୨ | ୦.୬୨ | |
| | | ୪୬୨ | ଗୋଡା ଦୁଇ | ୦.୧୫ | ୦.୧୫ | |
| | | ୪୯୨ | ଗୋଡା ଏକ | ୦.୧୨ | ୦.୧୨ | |
| | | ୪୯୩ | ଗୋଡା ଦୁଇ | ୦.୭୪ | ୦.୭୪ | |
| | | ୪୯୪ | ଗୋଡା ଏକ | ୦.୭୮ | ୦.୭୮ | |
| | | ୫୧୨ | ଗୋଡା ଏକ | ୦.୪୧ | ୦.୪୧ | |
| ୧୪ | ୨୭ | ୫୪୦ | ଘରବାରି | ୦.୧୧ | ୦.୧୧ | ପଣ୍ଡୁ ବଡ଼ାଏକ, ପି:ଚିଠ ବଡାଏକ, ଜା:କିଶାନ, ବା:ନିଜଗାଁ |
| ୧୫ | ୨୮ | ୪୬୫ | ଗୋଡା ଏକ | ୦.୦୫ | ୦.୦୫ | ଲାଲ କୁମାର ପ୍ରଧାନ, ପି:ପବିତ୍ର ପ୍ରଧାନ, ଜା:କିଶାନ, ବା:ନିଜଗାଁ |
| | | ୫୪୭ | ଘରବାରି | ୦.୧୩ | ୦.୧୩ | |
| ୧୬ | ୨୯ | ୫୪୮ | ଘରବାରି | ୦.୦୮ | ୦.୦୮ | ମୋତିଲାଲ ପ୍ରଧାନ, ପି:ଭକଲ ପ୍ରଧାନ, ଜା:କିଶାନ, ବା:ନିଜଗାଁ |
| | | ୫୪୯ | ଘରବାରି | ୦.୦୩ | ୦.୦୩ | |
| | | ୫୫୦ | ଘରବାରି | ୦.୦୩ | ୦.୦୩ | |
| | | ୫୫୧ | ଗୋଡା ଦୁଇ | ୦.୩୧ | ୦.୩୧ | |
| ୧୭ | ୩୦ | ୩୫୫ | ଗୋଡା ଦୁଇ | ୦.୧୬ | ୦.୧୬ | ପ୍ରତିମା ପ୍ରଧାନ, ପି:ରଇନୁ ପ୍ରଧାନ, ଥେଥି ପ୍ରଧାନ, ପି:ମଇନୁ ପ୍ରଧାନ, ଭାଗବତିଆ ପ୍ରଧାନ, ବିଶି ପ୍ରଧାନ,ବିଶ୍ୱନୁ ପ୍ରଧାନ, ଗୁରୁ ପ୍ରଧାନ, ଫୁଲମତୀ ବାରିକ, ପି:ସଇନୁ ପ୍ରଧାନ, ସମ୍ବାରୁ ପ୍ରଧାନ, ପି:ଗଞ୍ଜିଆ ପ୍ରଧାନ, ଜା:ଭୂୟାଁ, ବା:ନିଜଗାଁ |
| | | ୩୫୭ | ମାଲ ସାଧାରଣ | ୦.୪୦ | ୦.୪୦ | |
| | | ୫୫୯ | ଘରବାରି | ୦.୧୫ | ୦.୧୫ | |
| ୧୮ | ୩୧ | ୨୯୪ | ଘରବାରି | ୦.୦୯ | ୦.୦୯ | ରାଧା ବଲ୍ଲଭ ଚୌଧୁରୀ, ପି:ବ୍ରଜ ଚୌଧୁରୀ, ଜା:ଆଗୁଆ, ବା:ନିଜଗାଁ |
| | | ୩୦୧ | ଘରବାରି | ୦.୨୬ | ୦.୨୬ | |
| | | ୩୪୨ | ମାଲ ସାଧାରଣ | ୦.୨୧ | ୦.୨୧ | |
| | | ୩୫୮ | ମାଲ ସାଧାରଣ | ୦.୩୪ | ୦.୩୪ | |
| | | ୩୬୮ | ବେର୍ଣ୍ଣା ସାଧାରଣ | ୦.୬୩ | ୦.୬୩ | |
| | | ୩୭୭ | ମାଲ ସାଧାରଣ | ୦.୧୩ | ୦.୧୩ | |
| | | ୩୭୮ | ମାଲ ସାଧାରଣ | ୦.୦୬ | ୦.୦୬ | |
| | | ୩୭୯ | ମାଲ ସାଧାରଣ | ୦.୪୧ | ୦.୪୧ | |
| | | ୩୮୬ | ଗୋଡା ଦୁଇ | ୦.୦୫ | ୦.୦୫ | |
| | | ୩୮୭ | ଗୋଡା ଏକ | ୦.୦୩ | ୦.୦୩ | |
| | | ୩୯୭ | ମାଲ ସାଧାରଣ | ୦.୦୩ | ୦.୦୩ | |
| | | ୪୯୮ | ମାଲ ସାଧାରଣ | ୦.୧୩ | ୦.୧୩ | |
| | | ୪୯୯ | ବାହାଲ ସାଧାରଣ | ୧.୧୨ | ୧.୧୨ | |
| | | ୫୦୬ | ବେର୍ଣ୍ଣା ସାଧାରଣ | ୦.୬୩ | ୦.୬୩ | |
| | | ୫୧୯ | ମାଲ ସାଧାରଣ | ୦.୫୨ | ୦.୫୨ | |
| ୧୯ | ୩୨ | ୩୨୦ | ଘରବାରି | ୦.୧୦ | ୦.୧୦ | ବଳଭଦ୍ର ଧରେଇ, ପି:ଶ୍ୟାମ ଧରେଇ ଜା:ଗୌଡ, ବା:ନିଜଗାଁ |
| ୨୦ | ୩୫ | ୩୩୩ | ଘରବାରି | ୦.୦୬ | ୦.୦୬ | ବିଶ୍ୱନାଥ ବାଗ, ପି–ଚୈତନ ବାଗ, ଜା:ଗଣ୍ଡା, ବା:ନିଜଗାଁ |
| ୨୧ | ୩୬ | ୯୦ସ୍ଥ | ବେର୍ଣ୍ଣା ସାଧାରଣ | ୦.୪୧ | ୦.୪୧ | ନେପାଲ ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୩୪୯ | ମାଲ ସାଧାରଣ | ୦.୦୫ | ୦.୦୫ | |
| | | ୩୫୦ | ବେର୍ଣ୍ଣା ସାଧାରଣ | ୦.୧୯ | ୦.୧୯ | |
| | | ୩୭୫ | ଗୋଡା ଦୁଇ | ୦.୭୩ | ୦.୭୩ | |
| | | ୩୭୬ | ମାଲ ସାଧାରଣ | ୦.୩୫ | ୦.୩୫ | |
| | | ୪୦୬ | ବାହାଲ ସାଧାରଣ | ୧.୦୫ | ୧.୦୫ | |
| | | ୪୧୦ | ବେର୍ଣ୍ଣା ସାଧାରଣ | ୦.୧୬ | ୦.୧୬ | |
| | | ୪୧୪ | ବଗାୟତ ୨ | ୦.୧୭ | ୦.୧୭ | |
| | | ୪୧୫ | ଗୋଡା ଏକ | ୦.୧୫ | ୦.୧୫ | |
| | | ୪୧୭ | ଗୋଡା ଏକ | ୦.୧୫ | ୦.୧୫ | |
| | | ୪୨୦ | ଗୋଡା ଏକ | ୦.୩୦ | ୦.୩୦ | |
| | | ୪୮୬/୮୯୯ | ବଗାୟତ ୨ | ୦.୨୧ | ୦.୨୧ | |
| | | ୪୮୮ | ଗୋଡା ଏକ | ୦.୨୯ | ୦.୨୯ | |
| ୨୨ | ୩୮ | ୯୪ | ମାଲ ସାଧାରଣ | ୦.୭୩ | ୦.୭୩ | ଭାଙ୍ଗି କିସାନ, ପି:ବୁନ୍ଦେ କିସାନ, ମାତୁ କିସାନ, ଭିଖାରି କିସାନ, ଅକିଲ କିସାନ, ପି:ଘାସି କିସାନ, ଜା:କିଶାନ, ବା:ନିଜଗାଁ |
| | | ୨୮୧ | ମାଲ ସାଧାରଣ | ୦.୨୪ | ୦.୨୪ | |
| | | ୨୮୩ | ମାଲ ସାଧାରଣ | ୧.୩୦ | ୧.୩୦ | |
| | | ୨୮୪ | ଘରବାରି | ୦.୦୭ | ୦.୦୭ | |
| | | ୨୮୫ | ଘରବାରି | ୦.୨୬ | ୦.୨୬ | |
| | | ୨୮୬ | ଘରବାରି | ୦.୨୨ | ୦.୨୨ | |
| | | ୪୬୩ | ଗୋଡା ଦୁଇ | ୦.୧୨ | ୦.୧୨ | |
| | | ୪୯୦ | ଗୋଡା ଏକ | ୦.୮୮ | ୦.୮୮ | |
| | | ୪୯୧ | ଗୋଡା ଦୁଇ | ୦.୧୩ | ୦.୧୩ | |
| | | ୪୯୫ | ଗୋଡା ଏକ | ୦.୫୨ | ୦.୫୨ | |
| | | ୫୨୯ | ଘରବାରି | ୦.୦୪ | ୦.୦୪ | |
| | | ୫୩୦ | ଘରବାରି | ୦.୦୫ | ୦.୦୫ | |
| | | ୫୩୧ | ଘରବାରି | ୦.୦୬ | ୦.୦୬ | |
| | | ୫୩୩ | ଘରବାରି | ୦.୧୫ | ୦.୧୫ | |
| | | ୫୩୬ | ଘରବାରି | ୦.୦୬ | ୦.୦୬ | |
| ୨୩ | ୩୯ | ୫୩୫ | ଘରବାରି | ୦.୦୮ | ୦.୦୮ | ଭିଖାରି କିସାନ, ପି:ଘାସି କିସାନ, ଜା:କିଶାନ, ବା:ନିଜଗାଁ |
| ୨୪ | ୪୨ | ୫୨୨ | ଗୋଡା ଦୁଇ | ୦.୩୦ | ୦.୩୦ | ମଙ୍ଗଲ ପ୍ରଧାନ, ପି:ରଘୁ ପ୍ରଧାନ, ଜା:କିଶାନ, ବା:ନିଜଗାଁ |
| ୨୫ | ୪୩ | ୨୦୨ ସ୍ଥ | ବାହାଲ ସାଧାରଣ | ୦.୧୫ | ୦.୦୨ | ସତ୍ୟାନନ୍ଦ ପାତ୍ର, ପି:ମଦନ ପାତ୍ର, ଜା:ଶୁଦ, ବା:ନିଜଗାଁ |
| | | ୨୦୩ | ବାହାଲ ସାଧାରଣ | ୦.୧୭ | ୦.୧୭ | |
| | | ୨୦୪ ସ୍ଥ | ମାଳ ସାଧାରଣ | ୧.୬୧ | ୧.୪୦ | |
| | | ୨୦୫ | ମାଳ ସାଧାରଣ | ୦.୦୫ | ୦.୦୫ | |
| | | ୨୦୬ | ବାହାଲ ସାଧାରଣ | ୦.୧୨ | ୦.୧୨ | |
| | | ୨୦୭ | ବାହାଲ ସାଧାରଣ | ୦.୧୫ | ୦.୧୫ | |
| | | ୨୫୩ସ୍ଥ | ବାହାଲ ସାଧାରଣ | ୦.୧୭ | ୦.୦୯ | |
| | | ୩୨୩ | ଘରବାରି | ୦.୦୭ | ୦.୦୭ | |
| | | ୩୨୫ | ଘରବାରି | ୦.୦୩ | ୦.୦୩ | |
| | | ୪୧୨ | ମାଲ ସାଧାରଣ | ୦.୮୦ | ୦.୮୦ | |
| | | ୪୮୭ | ମାଲ ସାଧାରଣ | ୦.୬୧ | ୦.୬୧ | |
| ୨୬ | ୪୪ | ୫୩୪ | ଘରବାରି | ୦.୦୬ | ୦.୦୬ | ମଦନ ପ୍ରଧାନ, ଆନନ୍ଦ ପ୍ରଧାନ, ପି:ମିଛୁ ପ୍ରଧାନ, ଜା:କିଶାନ, ବା:ନିଜଗାଁ |
| ୨୭ | ୪୭ | ୯୫ | ମାଲ ସାଧାରଣ | ୦.୪୨ | ୦.୪୨ | ଯୋଗେନ୍ଦ୍ର ନାଏକ, ପି:ଈଶ୍ୱର ନାଏକ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୬୨ସ୍ଥ | ବାହାଲ ସାଧାରଣ | ୦.୩୪ | ୦.୩୪ | |
| | | ୨୭୮ | ମାଲ ସାଧାରଣ | ୦.୦୮ | ୦.୦୮ | |
| | | ୨୭୯ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | |
| | | ୨୮୦ | ମାଲ ସାଧାରଣ | ୦.୧୨ | ୦.୧୨ | |
| | | ୩୦୩ | ଘରବାରି | ୦.୦୫ | ୦.୦୫ | |
| | | ୩୦୪ | ଘରବାରି | ୦.୦୬ | ୦.୦୬ | |
| | | ୩୦୬ | ବେର୍ଣ୍ଣା ସାଧାରଣ | ୦.୩୮ | ୦.୩୮ | |
| | | ୩୦୬/୧୧୫୭ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | |
| | | ୩୦୭ | ମାଲ ସାଧାରଣ | ୦.୧୧ | ୦.୧୧ | |
| | | ୩୬୧ | ମାଲ ସାଧାରଣ | ୦.୦୬ | ୦.୦୬ | |
| | | ୩୬୧/୧୧୫୮ | ମାଲ ସାଧାରଣ | ୦.୦୮ | ୦.୦୮ | |
| | | ୪୨୩ | ଗୋଡା ଏକ | ୦.୨୪ | ୦.୨୪ | |
| | | ୪୨୩/୧୧୬୦ | ଗୋଡା ଏକ | ୦.୧୦ | ୦.୧୦ | |
| | | ୪୨୩/୧୧୬୧ | ଗୋଡା ଏକ | ୦.୦୬ | ୦.୦୬ | |
| | | ୪୩୧ | ଗୋଡା ଏକ | ୦.୨୨ | ୦.୨୨ | |
| | | ୫୧୧ | ଗୋଡା ଏକ | ୦.୦୭ | ୦.୦୭ | |
| | | ୫୧୩ | ଗୋଡା ଏକ | ୦.୦୭ | ୦.୦୭ | |
| | | ୫୫୪ | ଗୋଡା ଦୁଇ | ୦.୦୨ | ୦.୦୨ | |
| | | ୫୫୫ | ଗୋଡା ଦୁଇ | ୦.୧୦ | ୦.୧୦ | |
| | | ୫୫୫/୧୧୫୯ | ଗୋଡା ଦୁଇ | ୦.୦୭ | ୦.୦୭ | |
| ୨୮ | ୪୮ | ୩୧୨ | ଘରବାରି | ୦.୨୮ | ୦.୨୮ | ମସତ ମଗର, ପି:ରାମଚନ୍ଦ୍ର ମଗର, ଜା:ଗଣ୍ଡା, ବା:ବାଙ୍କିବାହାଲ, ଥା:ହେମଗିର |
| | | ୪୦୨ | ମାଲ ସାଧାରଣ | ୦.୮୯ | ୦.୮୯ | |
| ୨୯ | ୪୯ | ୨୯୫ | ଘରବାରି | ୦.୦୬ | ୦.୦୬ | ମହେଶ୍ୱର ଚୌଧୁରୀ, ପି:ମାର୍କଣ୍ଡ ଚୌଧୁରୀ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୩୦୦ | ଘରବାରି | ୦.୨୬ | ୦.୨୬ | |
| | | ୩୪୩ | ମାଲ ସାଧାରଣ | ୦.୧୦ | ୦.୧୦ | |
| | | ୩୫୭ | ମାଲ ସାଧାରଣ | ୦.୬୮ | ୦.୬୮ | |
| | | ୩୬୭ | ବେର୍ଣ୍ଣା ସାଧାରଣ | ୦.୭୪ | ୦.୭୪ | |
| | | ୩୬୯ | ବେର୍ଣ୍ଣା ସାଧାରଣ | ୦.୨୮ | ୦.୨୮ | |
| | | ୩୭୦ | ମାଲ ସାଧାରଣ | ୦.୧୦ | ୦.୧୦ | |
| | | ୩୮୦ | ବାହାଲ ସାଧାରଣ | ୦.୭୭ | ୦.୭୭ | |
| | | ୩୮୪ | ମାଲ ସାଧାରଣ | ୧.୦୬ | ୧.୦୬ | |
| | | ୩୯୦ | ଗୋଡା ଏକ | ୦.୩୧ | ୦.୩୧ | |
| | | ୪୦୦ | ମାଲ ସାଧାରଣ | ୦.୨୮ | ୦.୨୮ | |
| | | ୪୦୫ | ବେର୍ଣ୍ଣା ସାଧାରଣ | ୦.୪୬ | ୦.୪୬ | |
| | | ୪୯୬ | ଗୋଡା ଦୁଇ | ୦.୮୧ | ୦.୮୧ | |
| | | ୫୦୦ | ବାହାଲ ସାଧାରଣ | ୧.୩୮ | ୧.୩୮ | |
| | | ୫୦୧ | ବାହାଲ ସାଧାରଣ | ୧.୦୭ | ୧.୦୭ | |
| | | ୫୦୨ | ଗୋଡା ଏକ | ୦.୩୯ | ୦.୩୯ | |
| | | ୫୦୩ | ଗୋଡା ଏକ | ୦.୩୬ | ୦.୩୬ | |
| | | ୫୦୪ | ଗୋଡା ଏକ | ୦.୩୨ | ୦.୩୨ | |
| | | ୫୦୯ | ଗୋଡା ଏକ | ୧.୦୪ | ୧.୦୪ | |
| | | ୫୧୦/୮୮୨ | ଗୋଡା ଏକ | ୦.୩୫ | ୦.୩୫ | |
| ୩୦ | ୫୦ | ୩୧୭ | ଘରବାରି | ୦.୧୪ | ୦.୧୪ | ମାୟାଧର ବର୍ଗେ, ପି:ଯୁଧିଷ୍ଠି ବର୍ଗେ, ଜା:ସଉରା, ବା:ନିଜଗାଁ |
| ୩୧ | ୫୩ | ୨୭୫ | ମାଲ ସାଧାରଣ | ୦.୨୦ | ୦.୨୦ | ଶାନ୍ତି ପାଣିଗ୍ରାହୀ, ସ୍ୱା:ଚିନ୍ତାମଣି ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୩୨ | ୫୪ | ୫୬୧ | ଘରବାରି | ୦.୦୩ | ୦.୦୩ | ଶାନ୍ତି ପାଣିଗ୍ରାହୀ, ପି:ଲୋକନାଥ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୩୩ | ୫୫ | ୨୮୭ | ଘରବାରି | ୦.୦୭ | ୦.୦୭ | ତିଲୋତ୍ତମା ପଟେଲ, ସ୍ୱା: ଶ୍ରୀଧର ପଟେଲ, ସ୍ନେହକାନ୍ତି ପଟେଲ, ସ୍ୱା:ମନୋରଞ୍ଜନ ପଟେଲ, ପି:ଶ୍ରୀଧର ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୮୮ | ଘରବାରି | ୦.୦୮ | ୦.୦୮ | |
| | | ୩୨୪ | ଘରବାରି | ୦.୦୩ | ୦.୦୩ | |
| | | ୩୨୮ | ଘରବାରି | ୦.୦୯୫ | ୦.୦୯୫ | |
| | | ୪୦୭ | ବେର୍ଣ୍ଣା ସାଧାରଣ | ୦.୪୨ | ୦.୪୨ | |
| | | ୪୦୮ | ବାହାଲ ସାଧାରଣ | ୧.୫୦ | ୧.୫୦ | |
| | | ୪୦୯ | ବେର୍ଣ୍ଣା ସାଧାରଣ | ୦.୨୪ | ୦.୨୪ | |
| | | ୪୧୬ | ଗୋଡା ଏକ | ୦.୭୦ | ୦.୭୦ | |
| | | ୪୮୩ | ଗୋଡା ଏକ | ୦.୨୭ | ୦.୨୭ | |
| | | ୪୮୪ | ଗୋଡା ଏକ | ୦.୫୯ | ୦.୫୯ | |
| | | ୪୮୫ | ଗୋଡା ଏକ | ୦.୨୨ | ୦.୨୨ | |
| | | ୪୮୬ | ବଗାୟତ ୨ | ୦.୯୧ | ୦.୯୧ | |
| | | ୪୮୯ | ଗୋଡା ଏକ | ୧.୬୩ | ୧.୬୩ | |
| | | ୫୧୭ | ଗୋଡା ଏକ | ୦.୬୪ | ୦.୬୪ | |
| ୩୪ | ୫୬ | ୨୮୯ | ଘରବାରି | ୦.୦୩ | ୦.୦୩ | ସ୍ନେହକାନ୍ତି ପଟେଲ, ପି:ଶ୍ରୀଧର ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୯୧ | ଘରବାରି | ୦.୦୬ | ୦.୦୬ | |
| | | ୩୪୬ | ଗୋଡା ଦୁଇ | ୦.୩୮ | ୦.୩୮ | |
| | | ୩୪୭ | ମାଲ ସାଧାରଣ | ୦.୦୯ | ୦.୦୯ | |
| | | ୪୧୩ | ବଗାୟତ ୨ | ୦.୪୩ | ୦.୪୩ | |
| ୩୫ | ୫୭ | ୩୩୦ | ଘରବାରି | ୦.୦୮ | ୦.୦୮ | ସୁନା କୁଟୁଆ, ପି:ଚନ୍ଦ୍ର କୁଟୁଆ, ଜା:ଭୂୟଁର, ବା:ନିଜଗାଁ |
| ୩୬ | ୫୮ | ୯୩ | ମାଲ ସାଧାରଣ | ୦.୫୧ | ୦.୫୧ | ସୁବର୍ଣ୍ଣା ନାଏକ, ପି:ଦାମ ନାଏକ, ଜା:ଭୂୟାଁ, ବା:ନିଜଗାଁ |
| | | ୩୮୨ | ବାହାଲ ସାଧାରଣ | ୦.୮୨ | ୦.୮୨ | |
| | | ୩୮୨/୮୯୦ | ମାଲ ସାଧାରଣ | ୦.୦୮ | ୦.୦୮ | |
| | | ୩୮୩ | ମାଲ ସାଧାରଣ | ୦.୧୯ | ୦.୧୯ | |
| ୩୭ | ୬୦ | ୪୭୬ | ବେର୍ଣ୍ଣା ସାଧାରଣ | ୦.୪୧ | ୦.୪୧ | ହାଇ ବଡାଏକ, ସ୍ୱା:ଲଖନ ବଡାଏକ, ଜା:କିଶାନ, ବା:ନିଜଗାଁ |
| | | ୪୭୮ | ବେର୍ଣ୍ଣା ସାଧାରଣ | ୦.୨୦ | ୦.୨୦ | |
| ୩୮ | ୬୧ | ୪୮୦/୧୨୦୨ | ବେର୍ଣ୍ଣା ସାଧାରଣ | ୦.୦୮ | ୦.୦୮ | ନୂଆଁଦେଇ କିଶାନ, ସ୍ୱା:କାନ୍ଦୋ କିଶାନ, ପି:ହାଇ ବଡାଏକ, ଜା:କିଶାନ, ବା:ନିଜଗାଁ |
| | | ୫୪୫/୧୨୦୩ | ଘରବାରି | ୦.୦୬ | ୦.୦୬ | |
| ୩୯ | ୬୧/୧୨୧ | ୩୧୪/୧୨୩୬ | ଗୋଡା ଦୁଇ | ୦.୧୦ | ୦.୧୦ | ଧନସାଏ ବାଘ, ପି:ଉଦେନାଥ ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୩୩୪/୧୨୩୭ | ଘରବାରି | ୦.୦୪ | ୦.୦୪ | |
| | | ୫୧୦/୧୨୩୮ | ଗୋଡା ଏକ | ୦.୨୮ | ୦.୨୮ | |
| ୪୦ | ୬୧/୧୨୨ | ୩୧୪/୧୨୪୧ | ଗୋଡା ଦୁଇ | ୦.୦୫ | ୦.୦୫ | ଦେବକି ଦୁତିଆ ଚାନ୍ଦ, ପି:ହଲସାଏ ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୩୩୪/୧୨୪୨ | ଘରବାରି | ୦.୦୨ | ୦.୦୨ | |
| ୪୧ | ୬୧/୧୨୩ | ୩୧୪/୧୨୪୬ | ଗୋଡା ଦୁଇ | ୦.୦୫ | ୦.୦୫ | ଅର୍ଜୁନ ବାଘ, ପି:ଉଦେନାଥ ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୩୩୪/୧୨୪୭ | ଘରବାରି | ୦.୦୨ | ୦.୦୨ | |
| ୪୨ | ୬୧/୧୨୪ | ୩୧୪ | ଗୋଡା ଦୁଇ | ୦.୧୯ | ୦.୧୯ | ଭଗବତୀ ବାଘ, ସ୍ୱା:ଅଶୋକ ବାଘ, କୁନ୍ତି ବାଘ, ପି:ଅଶ୍ୱିନୀକୁମାର ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୩୩୪ | ଘରବାରି | ୦.୦୨ | ୦.୦୨ | |
| | | ୩୩୫/୧୨୫୦ | ଘରବାରି | ୦.୦୪ | ୦.୦୪ | |
| | | ୩୩୭ | ଗୋଡା ଦୁଇ | ୦.୪୪ | ୦.୪୪ | |
| | | ୫୧୦/୧୨୫୧ | ଗୋଡା ଏକ | ୦.୨୮ | ୦.୨୮ | |
| ୪୩ | ୬୧/୧୨୫ | ୪୩୨/୧୨୬୪ | ଗୋଡା ଏକ | ୦.୨୫ | ୦.୨୫ | ଯୋଗେନ୍ଦ୍ର ବାଘ, ପି:କୃତ୍ତି ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୪୩୩/୧୨୬୫ | ମାଲ ସାଧାରଣ | ୦.୧୮ | ୦.୧୮ | |
| | | ୫୧୦/୧୨୬୬ | ଗୋଡା ଏକ | ୦.୦୯ | ୦.୦୯ | |
| ୪୪ | ୬୧/୧୨୬ | ୪୩୩/୧୨୭୬ | ମାଲ ସାଧାରଣ | ୦.୧୯ | ୦.୧୯ | ସୁନିଲ ବାଘ, ପି:କୃତ୍ତି ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୫୧୦/୧୨୭୭ | ଗୋଡା ଏକ | ୦.୧୦ | ୦.୧୦ | |
| ୪୫ | ୬୧/୧୨୭ | ୪୩୨/୧୨୮୪ | ଗୋଡା ଏକ | ୦.୨୫ | ୦.୨୫ | ଛାୟାବତୀ ମହାନନ୍ଦିଆ, ପି:କୃତ୍ତି ମହାନନ୍ଦିଆ, ଜା:ଗଣ୍ଡା, ବା:ନିଜଗାଁ |
| | | ୪୩୩/୧୨୮୫ | ମାଲ ସାଧାରଣ | ୦.୧୮ | ୦.୧୮ | |
| | | ୫୧୦/୧୨୮୬ | ଗୋଡା ଏକ | ୦.୦୯ | ୦.୦୯ | |
| ୪୬ | ୬୧/୧୨୮ | ୪୩୨ | ଗୋଡା ଏକ | ୧.୨୬ | ୧.୨୬ | ବିକ୍ରମ ବାଘ, ପି:ରିଷି ବାଘ, ଜା:ଗଣ୍ଡା, ବା:ନିଜଗାଁ |
| | | ୪୩୩ | ମାଲ ସାଧାରଣ | ୦.୫୪ | ୦.୫୪ | |
| | | ୫୧୦/୧୨୯୨ | ଗୋଡା ଏକ | ୦.୨୮ | ୦.୨୮ | |
| ୪୭ | ୬୧/୧୨୯ | ୩୩୫/୧୨୯୫ | ଘରବାରି | ୦.୦୨ | ୦.୦୨ | ହୃଦାନନ୍ଦ ଗୁଖୁରା, ପି:ବିଭିଷଣ ଗୁଖୁରା, ଜା:ଗଣ୍ଡା, ବା:ନିଜଗାଁ |
| ୪୮ | ୬୧/୧୩୦ | ୩୩୫/୧୩୦୨ | ଘରବାରି | ୦.୦୨ | ୦.୦୨ | ଧରଣୀଧର ଗୁଖୁରା, ପି:ବିଭିଷଣ ଗୁଖୁରା, ଜା:ଗଣ୍ଡା, ବା:ନିଜଗାଁ |
| | | ୫୧୦/୧୩୦୩ | ଗୋଡା ଏକ | ୦.୧୪ | ୦.୧୪ | |
| ୪୯ | ୬୧/୧୩୧ | ୩୩୫/୧୩୦୯ | ଘରବାରି | ୦.୦୨ | ୦.୦୨ | ଚିନ୍ତାମଣି ଗୁଖୁରା, ପି:ବିଭିଷଣ ଗୁଖୁରା, ଜା:ଗଣ୍ଡା, ବା:ନିଜଗାଁ |
| ୫୦ | ୬୧/୧୩୨ | ୩୩୫/୧୩୧୭ | ଘରବାରି | ୦.୦୨ | ୦.୦୨ | ଉମା ବୁଡା, ସ୍ୱା:ଦିନ ବୁଡା, ଜା:ଗଣ୍ଡା, ବା:ନିଜଗାଁ |
| | | ୫୧୦/୧୩୧୮ | ଗୋଡା ଏକ | ୦.୧୪ | ୦.୧୪ | |
| ୫୧ | ୬୧/୧୩୩ | ୩୩୫/୧୩୨୪ | ଘରବାରି | ୦.୦୨ | ୦.୦୨ | ଶୋଭାରାମ ବୁଡା, ପି:ଦିନ ବୁଡା, ଜା:ଗଣ୍ଡା, ବା:ନିଜଗାଁ |
| | | ୫୧୦/୧୩୨୫ | ଗୋଡା ଏକ | ୦.୧୪ | ୦.୧୪ | |
| ୫୨ | ୬୧/୧୩୪ | ୩୩୫ | ଘରବାରି | ୦.୦୨ | ୦.୦୨ | ଚନ୍ଦ୍ରଭାନୁ ବୁଡା, ପି:ଦିନ ବୁଡା, ଜା:ଗଣ୍ଡା, ବା:ନିଜଗାଁ |
| | | ୫୧୦ | ଗୋଡା ଏକ | ୦.୧୪ | ୦.୧୪ | |
| ୫୩ | ୬୧/୧୩୫ | ୩୭୯/୧୩୩୩ | ମାଲ ସାଧାରଣ | ୦.୦୫ | ୦.୦୫ | ସୁଷମା ଚୌଧୁରୀ, ସ୍ୱା:ଅରବିନ୍ଦ ଚୌଧୁରୀ, ଜା:ଆଗ୍ରିଆ, ବା:ନିଜଗାଁ |
| ୫୪ | ୬୧/୧୩୭ | ୯୭/୮୮୭ | ମାଲ ସାଧାରଣ | ୦.୧୫ | ୦.୧୫ | ଚିନ୍ତାମଣି ନନ୍ଦ, ପି:ଦୁବରାଜ ନନ୍ଦ, ଜା:ବ୍ରାହ୍ମଣ, ବା:କୁଶରା, ଥାନା:ହେମଗିର, ଜିଲ୍ଲା-ସୁନ୍ଦରଗଡ଼ |
| | | ୫୬୦/୧୩୩୪ | ଘରବାରି | ୦.୦୩ | ୦.୦୩ | |
| ୫୫ | ୬୧/୧୪୧ | ୫୨୭/୧୩୩୬ | ଘରବାରି | ୦.୦୫ | ୦.୦୫ | ଭଗବାନ ପିଙ୍ଗ, ପି:ମାଘୁ ପିଙ୍ଗ, ଜା:କିଶାନ, ବା:କୁଶରା |
| ୫୬ | ୬୧/୧୪୨ | ୫୨୭ | ଘରବାରି | ୦.୦୭ | ୦.୦୭ | କସ୍ତୁରୀ ବଡେକ, ସ୍ୱା:ତୀର୍ଥ ବଡେକ, ଜା:କିଶାନ, ବା:ବରପାଲି |
| ୫୭ | ୬୧/୧୪୩ | ୩୬୦ | ଘରବାରି | ୦.୦୪ | ୦.୦୪ | ଗୋପାଳ ଚନ୍ଦ୍ର ପଟେଲ, ପି:ଲୋକେଶ୍ୱର ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| ୫୮ | ୬୧/୧୪୪ | ୩୬୨/୧୧୧୫ | ଘରବାରି | ୦.୦୫ | ୦.୦୫ | ସଂଗ୍ରାମ ଚୌଧୁରୀ, ପି:ପ୍ରଦିପ ଚୌଧୁରୀ, ଜା:ଆଗ୍ରିଆ, ବା:ଦିଉଲି, ଥା:ଭଷ୍ମା |
| ୫୯ | ୬୧/୧୪୫ | ୯୨/୧୩୪୪ | ମାଲ ସାଧାରଣ | ୦.୨୦ | ୦.୨୦ | ବୁଦ୍ଧଦେବ କୁଅଁର, ପି:ଗୋବର୍ଦ୍ଧନ କୁଅଁର, ଜା:କୁଅଁର, ବା:ନିଜଗାଁ |
| | | ୩୨୯/୧୩୪୯ | ଘରବାରି | ୦.୦୫ | ୦.୦୫ | |
| | | ୮୭୭/୧୩୪୭ | ବେର୍ଣ୍ଣା ସାଧାରଣ | ୦.୨୦ | ୦.୨୦ | |
| | | ୮୭୭/୧୩୪୮ | ବେର୍ଣ୍ଣା ସାଧାରଣ | ୦.୨୨ | ୦.୨୨ | |
| ୬୦ | ୬୧/୧୪୭ | ୫୪୭/୧୪୫୦ | ଘରବାରି | ୦.୦୯ | ୦.୦୯ | ରାଜ କୁମାର ପ୍ରଧାନ, ପି:ପବିତ୍ର ପ୍ରଧାନ, ଜା:କିଶାନ, ବା:କୁଶରା |
| | | ୫୪୯/୧୪୫୧ | ଘରବାରି | ୦.୦୪ | ୦.୦୪ | |
| ୬୧ | ୬୧/୧୪୭ | ୩୬୨ | ଘରବାରି | ୦.୦୪ | ୦.୦୪ | ସୁନନ୍ଦା ନାଏକ, ସ୍ୱା:ଅମୀୟ ରଂଜନ ପଟେଲ, ଜା:ଅଘରିଆ, ବା:ଚକ୍ରଧରପୁର ଗିରିଙ୍ଗକେଲା, ଥା:ଲେଫ୍ରିପଡା |
| ୬୨ | ୬୧/୧୪୮ | ୩୯୬/୧୩୫୪ | ଘରବାରି | ୦.୦୮ | ୦.୦୮ | ରାଜେଶ କୁମାର ଚୌଧୁରୀ, ପି:ଅରବିନ୍ଦ ଚୌଧୁରୀ, ଜା:ଆଗ୍ରିଆ, ବା:କୁଶରା |
| | | ୩୯୭/୧୩୫୫ | ମାଲ ସାଧାରଣ | ୦.୦୪ | ୦.୦୪ | |
| | | ୩୯୯ | ମାଲ ସାଧାରଣ | ୦.୪୦ | ୦.୪୦ | |
| | | ୪୦୪/୧୩୫୭ | ବେର୍ଣ୍ଣା ସାଧାରଣ | ୦.୦୧ | ୦.୦୧ | |
| | | ୪୧୯ | ଗୋଡା ଏକ | ୦.୧୨ | ୦.୧୨ | |
| | | ୩୯୮/୧୩୫୬ | ମାଲ ସାଧାରଣ | ୦.୧୯ | ୦.୧୯ | |
| ୬୩ | ୬୧/୧୪୯ | ୩୯୧ | ଘରବାରି | ୦.୨୫ | ୦.୨୫ | ମୁକେଶ ଚୌଧୁରୀ, ପି:ଅରବିନ୍ଦ ଚୌଧୁରୀ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୩୯୮ | ମାଲ ସାଧାରଣ | ୦.୫୯ | ୦.୫୯ | |
| ୬୪ | ୬୧/୧୫୦ | ୯୩୨/୧୩୫୮ | ଗୋଡା ଦୁଇ | ୦.୦୭ | ୦.୦୭ | ମୁରଲୀ ପ୍ରଧାନ, ପି:ବିଶି ପ୍ରଧାନ, ଜା:ଭୂୟାଁ, ବା:ନିଜଗାଁ |
| ୬୫ | ୬୧/୧୫୧ | ୩୮୯ | ଗୋଡାଦୁଇ | ୦.୩୭ | ୦.୩୭ | ସୁକେଶ ଚୌଧୁରୀ, ପି:ଅରବିନ୍ଦ ଚୌଧୁରୀ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୩୮୮ | ଗୋଡା ଦୁଇ | ୦.୧୭ | ୦.୧୭ | |
| | | ୩୮୭/୧୩୬୦ | ଗୋଡା ଦୁଇ | ୦.୧୨ | ୦.୧୨ | |
| | | ୩୮୬/୧୩୫୯ | ଗୋଡା ଦୁଇ | ୦.୦୩ | ୦.୦୩ | |
| | | ୩୯୧/୧୩୬୧ | ଘରବାରି | ୦.୧୫ | ୦.୧୫ | |
| ୬୬ | ୬୧/୧୫୨ | ୨୭୬ | ମାଲ ସାଧାରଣ | ୦.୦୨ | ୦.୦୨ | ଶୋଭା ଚନ୍ଦ୍ର ନନ୍ଦ, ପି:ଚିନ୍ତାମଣି ନନ୍ଦ, ଜା:ବ୍ରାହ୍ମଣ, ବା:କୁଶରା |
| | | ୨୭୬/୧୩୬୩ | ଘରବାରି | ୦.୦୧ | ୦.୦୧ | |
| ୬୭ | ୬୧/୧୫୩ | ୯୩୨/୧୩୬୨ | ଗୋଡା ଦୁଇ | ୦.୦୫ | ୦.୦୫ | କାର୍ତ୍ତିକ ପ୍ରଧାନ, ପି:ସମ୍ବାରୁ ପ୍ରଧାନ, ଜା:ଭୂୟାଁ, ବା:କୁଶରା |
| | | ୧୩୬୨/୧୩୯୯ | ଘରବାରି | ୦.୦୫ | ୦.୦୫ | |
| ୬୮ | ୬୧/୧୫୪ | ୮୮୭/୧୩୬୩ | ମାଲ ସାଧାରଣ | ୦.୦୪ | ୦.୦୪ | ବ୍ରଜେଶ କୁମାର ସିଂହ, ପି:ଦୁଖନ ସିଂହ, ଜା:ରାଜପୁତ, ବା: ପଞ୍ଚାୟା,ପୋ:କାକାହି, ଥା:ହାଇଦରନଗର ଝାରଖଣ୍ଡ |
| | | ୧୩୬୩/୧୩୬୪ | ଘରବାରି | ୦.୦୩ | ୦.୦୩ | |
| ୬୯ | ୬୧/୧୫୫ | ୨୫୫/୧୧୩୮ | ମାଲ ସାଧାରଣ | ୦.୧୮ | ୦.୧୮ | ଭୋପାଲ ପଟେଲ, ପି:ଦେବାନନ୍ଦ ପଟେଲ, ଜା:ଆଗ୍ରିଆ, ବା:କତ୍ରା,ଥା:ସଦର ସୁନ୍ଦରଗଡ |
| | | ୩୦୩/୧୧୪୧ | ଘରବାରି | ୦.୦୪ | ୦.୦୪ | |
| ୭୦ | ୬୧/୧୫୬ | ୫୬୦ | ଘରବାରି | ୦.୦୨ | ୦.୦୨ | ସୁନୀତ କୁମାର ପଟେଲ, ପି:ସଦାନନ୍ଦ ପଟେଲ, ଜା:ଆଗ୍ରିଆ, ବା:ଚକରପୁର ଗିରିଙ୍ଗକେଲା, ଥା:ଲେଫ୍ରିପଡା |
| ୭୧ | ୬୧/୧୬୭ | ୩୨୭ | ଘରବାରି | ୦.୦୩ | ୦.୦୩ | ବିଜିଲି ଛିତିକି, ପି:ରଥୀ ଛିତିକି, ଜା:ଭୂୟଁର, ବା:କୁଶରା |



ଶ୍ରୀନଗର-ଲେହ୍ ଜାତୀୟ ରାଜପଥରେ ଶୁକ୍ରବାର ହିମସ୍ଖଳନ ଘଟି ରାସ୍ତା ବନ୍ଦ ହୋଇଯାଇଥିବାରୁ ବରଫ ସଫେଇ କାର୍ଯ୍ୟ ଚାଲିଛି।

# ହିମସ୍ଖଳନରେ ୭ ମୃତ, ୫ ଆହତ

**ଶ୍ରୀନଗର,୨୭।୩**

ଶ୍ରୀନଗର ଓ ଲେହ ଜାତୀୟ ରାଜପଥରେ ଶୁକ୍ରବାର ହିମସ୍ଖଳନ ହେବା ଯୋଗୁ ୭ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏହାଛଡ଼ା ଏହି ରାଜପଥ ଦେଇ ଯାଉଥିବା ୧୫ରୁ ଅଧିକ ଗାଡି ବରଫ ତଳେ ପୋତି ହୋଇଯାଇଛି। ଏହି ରାଜପଥର ଜୋଜିଲା ନିକଟସ୍ଥ ଜିରୋ ପଏଣ୍ଟ ଏବଂ ମିନିମାର୍ଗ ମଧ୍ୟରେ ଶୁକ୍ରବାର ଅଚାନକ ହିମସ୍ଖଳନ ହେବାରୁ ଅନେକ ଗାଡି ବରଫ ତଳେ ପୋତି ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କାର୍ଗିଲ ଏସ୍ଏସ୍ପି ଓ ଡିସି ଉଦ୍ଧାରକାରୀ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଲାଦାଖ ଲିୟୁଟ୍‌ନାଣ୍ଟ ଗଭର୍ଣ୍ଣର ଭି.କେ. ସାକ୍ସେନା ଘଟଣାର ତଦାରଖ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ସରକାରୀ ଅଧିକାରୀ ଏବଂ ବିଆର୍ଓକୁ ସତର୍କ କରି ଦିଆଯାଇଥିବା କୁହାଯାଇଛି। ହିମସ୍ଖଳନ ଯୋଗୁ ଏବେ ଶ୍ରୀନଗର-ଲେହ ଜାତୀୟ ରାଜପଥ ନଂ୧ରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉଭୟ ପଟେ ଅନେକ ସଂଖ୍ୟାରେ ଗାଡି ଅଟକି ରହିଛି। ସ୍ଥିତି ସ୍ୱାଭାବିକ କରିବା ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାସ୍ତାରୁ ବରଫ ହଟାଇବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।

# ୨.୩୮ ଲକ୍ଷ କୋଟିର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୭।୩**

ଦେଶର ପ୍ରତିରକ୍ଷା କ୍ଷମତା ବୃଦ୍ଧି କରି ୩ ସେନାର ଆଧୁନିକୀକରଣ ଏବଂ ସେଗୁଡିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୨.୩୮ ଲକ୍ଷ କୋଟି ଟଙ୍କାର ସାମଗ୍ରୀ କ୍ରୟକୁ ଡିଫେନ୍ସ ଆକ୍ୱିଜିଶନ କାଉନ୍ସିଲ(ଡିଏସି) ଶୁକ୍ରବାର ମଞ୍ଜୁରୀ ଦେଇଛି। ସ୍ଥଳସେନା , ବାୟୁସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ପାଇଁ ଆବଶ୍ୟକ ରହିଥିବା ଯୁଦ୍ଧାସ୍ତ୍ର ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କ୍ରୟ ପାଇଁ ଏହି ପରିମାଣର ଅର୍ଥ ବ୍ୟୟ କରାଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଡିସିଏ ବୈଠକରେ ଏହାକୁ ଅନୁମୋଦନ ଦେଇଛନ୍ତି। ୩ ସେନାକୁ ଆହୁରି ସଶକ୍ତ କରିବା ଲାଗି ଏୟାର ଡିଫେନ୍ସ ସିଷ୍ଟମ୍‌ଠାରୁ ଆରମ୍ଭ କରି ଲଢୁଆ ବିମାନ, ଉଚ୍ଚ କ୍ଷମତାବିଶିଷ୍ଟ ରେଡିଓ ରିଲେ ସିଷ୍ଟମ୍, ଟ୍ୟାଙ୍କ ନିରୋଧୀ ସରଞ୍ଜାମ ଆଦି କ୍ରୟ କରାଯିବ ବୋଲି କୁହାଯାଇଛି। ବାୟୁସେନା ଏବଂ ନୌସେନାର ଆଧୁନିକୀକରଣ ପାଇଁ ଆବଶ୍ୟକ ସରଞ୍ଜାମ ସହ ଅନ୍ୟାନ୍ୟ ଉପକରଣ କ୍ରୟ ପାଇଁ ମଧ ଅନୁମୋଦନ ଦିଆଯାଇଛି।

# ଟ୍ରମ୍ପଙ୍କ ପୁଣି ପଛଘୁଞ୍ଚା, ଇରାନକୁ ଏପ୍ରିଲ ୬ କଷ୍ଟ

**ୱାଶିଂଟନ୍ / ତେହରାନ୍ ,୨୭।୩**

ଇରାନକୁ ପୁଣି ୧୦ ଦିନର ମହଲତ ଦେଇଛି ଆମେରିକା। ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରିବା ଲାଗି ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଦେଇଥିବା ୫ ଦିନିଆ ଅବଧି ଶୁକ୍ରବାର ଶେଷ ହୋଇଛି। ଏହାପରେ ଇରାନ୍ ପ୍ରତି ଆମେରିକା କି ଆଭିମୁଖ୍ୟ ଗ୍ରହଣ କରିବ ତାହାକୁ ନେଇ ଚର୍ଚ୍ଚା ବଢିଥିଲାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଏହି ଅବଧିକୁ ଆଉ ୧୦ ଦିନ ବୃଦ୍ଧି କରିଛନ୍ତି। ଅର୍ଥାତ୍ ଏପ୍ରିଲ ୬ ପର୍ଯ୍ୟନ୍ତ ଆମେରିକା ଇରାନ୍‌ର କୌଣସି ପାୱାର୍ ଗ୍ରୀଡ୍ ଉପରେ ଆକ୍ରମଣ କରିବ ନାହିଁ । ତେବେ ଇରାନ୍‌ର ପାୱାର ପ୍ଲାଣ୍ଟଗୁଡିକୁ ବାଦ୍ ଦେଇ ଆମେରିକା ଏବଂ ଇସ୍ରାଏଲ ଏବେ ମଧ ଆକ୍ରମଣ ଜାରି ରଖିଛନ୍ତି। ଇସ୍ରାଏଲ ଶୁକ୍ରବାର ଇରାନ୍‌ର ଇଶଫାନ୍ ସହରର କେତେକ ଆବାସିକସ୍ଥଳ ଉପରେ ଆକ୍ରମଣ କରିବାରୁ ଶିଶୁଙ୍କ ସମେତ ୨୬ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଆଗକୁ ଆକ୍ରମଣ ଆହୁରି ଜୋର୍‌ଦାର କରିବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଧମକ ଦେଇଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ପୁଣି କାହିଁକି ୧୦ ଦିନ ସମୟ ଦେଲେ ତାହାକୁ ନେଇ ସାମରିକ ବିଶେଷଜ୍ଞମାନଙ୍କ ମହଲରେ ଚିନ୍ତା ବଢ଼ିଛି। ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଏବେ ହର୍ମୁଜ୍ ଷ୍ଟ୍ରେଟ୍ ସବୁଠୁ ଗୁରୁତ୍ୱବହନ କରିବା ସହ ଏକ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ନିଜର ଶତ୍ରୁ ରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ଉପରେ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ଇରାନ୍ ହର୍ମୁଜ୍ ଉପରେ ଲଗାଇଥିବା ପ୍ରତିବନ୍ଧକ ଯୋଗୁ ଇନ୍ଧନ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ଆମେରିକା ଏହାକୁ ମୁକ୍ତ କରିବାକୁ ଚାହୁଁଛି। ଏଥିପାଇଁ ଟ୍ରମ୍ପ୍ ପ୍ରଥମେ ଇରାନ୍‌କୁ ୪୮ ଘଣ୍ଟାର ସମୟ ଦେଇ ଏହାକୁ ମୁକ୍ତ କରିବାକୁ କହିଥିଲେ। ନଚେତ୍ ଇରାନ୍‌ର ପାୱାର ପ୍ଲାଣ୍ଟଗୁଡିକ ଉପରେ ଆକ୍ରମଣ କରାଯାଇ ନଷ୍ଟ କରିଦିଆଯିବ ବୋଲି ଧମକ ଦେଇଥିଲେ। ହେଲେ ଇରାନ୍ ଟ୍ରମ୍ପଙ୍କ ଧମକକୁ ଖାତିର ନ କରି ପାଲଟା ଧମକ ଦେଇଥିଲା। ଏହାପରେ ୪୮ ଘଣ୍ଟାର ଅବଧି ପୂରଣ ହେବାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ୍ ଇରାନ୍‌କୁ ଆଉ ୫ ଦିନର ସମୟ ଦେଇଥିଲାବେଳେ ଶୁକ୍ରବାର ଏହା ଶେଷ ହୋଇଛି। କିନ୍ତୁ ଏହି ଅବଧି ଶେଷ ହେବା ପୂର୍ବରୁ ପୁଣି ଏହାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି। ଟ୍ରମ୍ପ୍ କାହିଁକି ବାରମ୍ବାର ଇରାନ୍‌କୁ ସମୟ ଦେଇ ଚାଲିଛନ୍ତି ବୋଲି ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ଚାଲିଥିଲାବେଳେ ଏହାପଛରେ ଆମେରିକାର ସୁଚିନ୍ତିତ ଯୋଜନା କାର୍ଯ୍ୟ କରୁଛି ବୋଲି କୁହାଯାଉଛି। ଟ୍ରମ୍ପ୍ ଇରାନ୍ ବିରୋଧରେ 'ଫାଇନାଲ ଏଣ୍ଡ' କରିବା ଲକ୍ଷ୍ୟରେ ସ୍ଥଳସେନା ନିୟୋଜିତ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସମୟ ଆବଶ୍ୟକ ରହିଥିବାରୁ ଟ୍ରମ୍ପ୍ ସମୟ ଗଡ଼ାଇ ଚାଲିଥିବା କୁହାଯାଉଛି। ବର୍ତ୍ତମାନ ଆରବସାଗରରେ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ ସହ ୟୁଏସ୍ଏସ୍ ତ୍ରିପୋଲି ମୁତୟନ ହୋଇ ଷ୍ଟ୍ରାଟେଜିକ୍ ପୋଜିଶନ ନେବାକୁ ଆରମ୍ଭ କରିଥିବା କୁହାଯାଉଥିବାବେଳେ କୌଣସି ମୁହୂର୍ତ୍ତରେ ଇରାନ୍ ମଧ୍ୟକୁ ଆମେରିକୀୟ ଡେଲ୍‌ଟା ଫୋର୍ସ ପ୍ରବେଶ କରିପାରନ୍ତି ବୋଲି ସୂଚନା ମିଳୁଛି।



ଇରାନ୍‌ର ଏକ ସହରରେ ଇସ୍ରାଏଲର କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ଏକ ଆବାସିକ ସ୍ଥଳ।

## ହର୍ମୁଜ୍‌ରୁ ୩ ଜାହାଜ ଫେରାଇଲା ଇରାନ୍

ଗୋଟିଏ ପଟେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସ୍ୱାଭାବିକ କରିବାକୁ ଆମେରିକା ଉଦ୍ୟମ ଚଳାଇଥିବାବେଳେ ଇରାନ୍ ନିଜ ଜିଦ୍‌ରେ ଅଟଳ ରହିଛି। କେବଳ କେତେକ ନିର୍ଦ୍ଦିଷ୍ଟ ରାଷ୍ଟ୍ରଙ୍କୁ ବାଦ୍ ଦେଇ ଅନ୍ୟ କୌଣସି ଦେଶର ଜାହାଜକୁ ହର୍ମୁଜ୍ ଦେଇ ନ ଛାଡିବାକୁ ଇରାନ୍ ପଣ କରିଛି। ଏହି କ୍ରମରେ ହର୍ମୁଜ୍ ଅତିକ୍ରମ କରିବାକୁ ଥିବା ୩ଟି ଦେଶର ଜାହାଜକୁ ଇରାନ୍‌ର ଆଇଆର୍‌ଜିସି ଅନୁମତି ନ ଦେଇ ଫେରାଇ ଦେଇଛି। ତେବେ ଏହି ୩ଟି ଜାହାଜ କେଉଁ ଦେଶର ତାହା ସ୍ପଷ୍ଟ ହୋଇନାହିଁ। ଏହା ପୂର୍ବରୁ ପାକିସ୍ତାନ ଅଭିମୁଖେ ଯାଉଥିବା ଏକ ତୈଳବାହୀ ଜାହାଜକୁ ଆଇଆର୍‌ଜିସି ବୁଧବାର ହର୍ମୁଜ୍ ଷ୍ଟ୍ରେଟ୍ ନିକଟରୁ ଫେରାଇ ଦେଇଥିଲା।

# ନେପାଳରେ ନୂଆ ପ୍ରଧାନମନ୍ତ୍ରୀ, ଶପଥ ନେଲେ ବାଲେନ୍ଦ୍ର ଶାହା

**କାଠମାଣ୍ଡୁ ,୨୭।୩**

ଇଞ୍ଜିନିୟରିଂ ଏବଂ ସଙ୍ଗୀତ କ୍ଷେତ୍ରରୁ ରାଜନୀତିରେ ପ୍ରବେଶ କରିଥିବା ବାଲେନ୍ଦ୍ର ଶାହା ଶୁକ୍ରବାର ନେପାଳର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନେପାଳରେ ବାଲେନ୍ ଶାହା ଭାବେ ପରିଚିତ ହୋଇଥିବା ବାଲେନ୍ଦ୍ର ମାତ୍ର ୩୫ ବର୍ଷ ବୟସରେ ୪୦ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଗୁରୁବାର ସେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି)ର ସଂସଦୀୟ ନେତା ଭାବେ ନିର୍ବାଚିତ ହେବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବାଲେନ୍ ୨୦୨୨ରୁ ୨୦୨୬ ପର୍ଯ୍ୟନ୍ତ କାଠମାଣ୍ଡୁର ମେୟର ଭାବେ କାର୍ଯ୍ୟ କରିଥିଲାବେଳେ ୨୦୨୫ରେ ନେପାଳରେ ଜେନ୍ ଜି ଆନ୍ଦୋଳନରେ ତାଙ୍କର ଦୃଢ଼ ନେତୃତ୍ୱକୁ ନେଇ ନେପାଳ ରାଜନୀତିରେ ବଡ଼ ପରିବର୍ତ୍ତନ ଦେଖାଯାଇଥିଲା। ଏହାପରେ ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଆର୍‌ଏସ୍‌ପି ୨୭୫ ଆସନ ମଧ୍ୟରୁ ୧୮୨ଟି ଆସନରେ ବିଜୟୀ ହୋଇଥିଲା।

**୨୦୨୨ରୁ ୨୦୨୬ କାଠମାଣ୍ଡୁ ମେୟର ଥିଲେ**



ବାଲେନ୍ ଶାହା

# ପାକ୍ ଦୂତାବାସକୁ ଇସ୍ରାଏଲର ଟାର୍ଗେଟ

**ଇସ୍‌ଲାମାବାଦ/ ତେହରାନ୍ ,୨୭।୩**



ତେହରାନ୍‌ସ୍ଥିତ ପାକିସ୍ତାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଉପରେ ଇସ୍ରାଏଲ ଆକ୍ରମଣ କରିଛି। ଏଥିରେ ଉକ୍ତ ବିଲ୍ଡିଂର କ୍ଷୟକ୍ଷତି ହୋଇଥିଲେ ହେଁ କେହି ମୃତାହତ ହୋଇ ନ ଥିବା କୁହାଯାଇଛି। ହେଲେ ଏହି ଘଟଣାକୁ ନେଇ ପାକିସ୍ତାନ ଇସ୍ରାଏଲକୁ ଚେତବାନୀ ଦେଇ ଏହାକୁ କାତାର ନ ଭାବିବା ଉଚିତ ବୋଲି କହିଛି। ପାକ୍ ସରକାରଙ୍କ ଅଧୀନସ୍ଥ ଏକ ଷ୍ଟ୍ରାଟେଜିକ୍ ଫୋରମ୍ ଇସ୍ରାଏଲକୁ ଧମକ ଦେଇ କହିଛି,କେବଳ ତେହରାନ୍ ନୁହେଁ, ବିଶ୍ୱର ଯେକୌଣସି ଭାଗରେ ଯଦି ଇସ୍ରାଏଲ ପାକ୍ କୂଟନୀତିଜ୍ଞଙ୍କୁ ଟାର୍ଗେଟ କରେ ତେବେ ଆମେ ଠିକଣା ଜବାବ ଦେବୁ। ଇସ୍ରାଏଲ ପାକିସ୍ତାନକୁ କାତାର ବୋଲି ଭାବିବା ଅନୁଚିତ ବୋଲି ଏହି ସଂସ୍ଥା କହିଛି।

## ଯୁଦ୍ଧରେ ୮୫୦ ଟୋମାହକ୍ କ୍ଷେପଣାସ୍ତ୍ର ମାଡ଼

**ୱାଶିଂଟନ୍ ,୨୭।୩**

ଆମେରିକାର ଅସ୍ତ୍ରଶସ୍ତ୍ର ବେଳକୁ ବେଳ ହ୍ରାସ ପାଇ ଚାଲିଥିବାରୁ ପେଣ୍ଟାଗନ୍‌ର ଚିନ୍ତା ବଢିଛି। ୪ ସପ୍ତାହର ଯୁଦ୍ଧରେ ଆମେରିକା ଇରାନ୍ ବିରୋଧରେ ୮୫୦ ଟୋମାହକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି। ବର୍ଷକୁ ଏହି ଶ୍ରେଣୀର କ୍ଷେପଣାସ୍ତ୍ର ଅଳ୍ପ ଉତ୍ପାଦନ କରାଯାଉଥିବାରୁ ଆମେରିକା ସେନାରେ ଏହାର ଅଭାବ ଦେଖାଯାଇଥିବା କୁହାଯାଇଛି। ପ୍ରତି ଟୋମାହକ୍ ନିର୍ମାଣ ପାଇଁ ୩.୬ ନିୟୁତ ଡଲାର ଖର୍ଚ୍ଚ ହୋଇଥାଏ।



ବେଜିଂରେ ଶୁକ୍ରବାର ଆୟୋଜିତ ଚାଇନା ଫ୍ୟାଶନ ୱିକ୍‌ରେ ମଡେଲମାନେ।

# ପ୍ରତି ଲକ୍ଷେ ଜନ୍ମରେ ୨୪,୭୦୦ ମାତୃମୃତ୍ୟୁ



**ନୂଆଦିଲ୍ଲୀ,୨୭।୩(ପି.ଟି.)**

ଦକ୍ଷିଣ ଏସିଆ ଓ ଅନ୍ୟ ଉପସାହାରୀୟ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକରେ ମାତୃ ମୃତ୍ୟୁହାର ଅତ୍ୟନ୍ତ ଚିନ୍ତାଜନକ ରହିଛି। ୨୦୨୩ରେ ଭାରତ ସମେତ ଏହି ଅଞ୍ଚଳରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୨୪,୭୦୦ ମାତୃମୃତ୍ୟୁ ଘଟିଥିବା ଏକ ନୂଆ ବୈଶ୍ୱିକ ବିଶ୍ଳେଷଣରୁ ଜଣାପଡ଼ିଛି। ଦି ଲାନ୍ସେଟ୍ ଅବ୍‌ଷ୍ଟେଟ୍ରିକ୍ସ, ଗାଇନେକୋଲୋଜି ଆଣ୍ଡ ଓମେନ୍ସ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ଅନୁଧ୍ୟାନ ରିପୋର୍ଟ ଅନୁସାରେ ଏହି ସମୟରେ ପାକିସ୍ତାନରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୧୦,୩୦୦ ମା'ଙ୍କ ମୃତ୍ୟୁ ଘଟିଥିଲା। ଆଫ୍ରିକୀୟ ଦେଶ ଇଥିଓପିଆ ଓ ନାଇଜେରିଆରେ ଏହି ହାର ଯଥାକ୍ରମେ ୧୧,୯୦୦ ଓ ୩୨,୯୦୦ ରହିଥିଲା।

ଆମେରିକାର ୱାଶିଂଟନ୍ ୟୁନିଭର୍ସିଟିସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ୍ ଇଭାଲ୍ୟୁଏଶନ୍ (ଆଇଏଚ୍‌ଏମ୍‌ଇ) ଗବେଷକଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅଧ୍ୟୟନରୁ ଆହୁରି ଜଣାପଡ଼ିଛି ଯେ, ଗତ ୩ ଦଶନ୍ଧି ମଧ୍ୟରେ ମାତୃ ମୃତ୍ୟୁହାର ହ୍ରାସ ପାଇଛି। କିଛି ବର୍ଷ ହେଲା ଏହି କ୍ଷେତ୍ରରେ ସାମାନ୍ୟ ଉନ୍ନତି ଆସିଥିବାବେଳେ କେତେକ ଅନୁନ୍ନତ ଦେଶରେ ଅବସ୍ଥା ଉଦ୍‌ବେଗଜନକ ରହିଛି। ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ (ଜିବିଡି) ୨୦୨୩ ଗବେଷଣା ବିଶ୍ୱର ୨୦୪ ଦେଶ ଓ ଭୂଖଣ୍ଡରେ ମାତୃ ମୃତ୍ୟୁହାରର ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରାଯାଇଛି। ତଦନୁସାରେ ବିଶ୍ୱରେ ୨୦୨୩ରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ମାତୃ ମୃତ୍ୟୁହାର ୨.୪ ଲକ୍ଷ ରହିଛି। ଅନ୍ୟପକ୍ଷେ ୨୦୪ରୁ ୧୦୪ ଦେଶ ଓ ଭୂଖଣ୍ଡ ଅଦ୍ୟାବଧି ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ମାତୃ ମୃତ୍ୟୁହାରକୁ ୭୦ରେ ସୀମିତ ରଖିବା ନେଇ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିପାରିନାହାନ୍ତି। ଗର୍ଭାବସ୍ଥାରେ ହାଇପରଟେନ୍‌ସିଭ୍ ଡିଜ୍‌ଅର୍ଡରକୁ ଏହାର ଏକ ବଡ଼ କାରଣ ବୋଲି କୁହାଯାଉଛି। କୋଭିଡ୍-୧୯ ସଂକ୍ରମଣ ବେଳେ ମଧ ମାତୃ ମୃତ୍ୟୁହାର ଅଧିକ ରହିଥିଲା। ୨୦୨୦-୨୧ରେ ମହାମାରୀ ମୁକାବିଲା ପାଇଁ ଭାକ୍ସିନ ଆସିବା ପୂର୍ବରୁ ମାତୃ ମୃତ୍ୟୁହାର ସାମୟିକ ଭାବେ ଅଧିକ ରହିଥିଲା।



ରାମ ଚରଣ

# ପ୍ରଶଂସକଙ୍କୁ ରାମ ଚରଣଙ୍କ ଉପହାର

**ମୁମ୍ବାଇ**

ସୁପରଷ୍ଟାର ରାମ ଚରଣ ପ୍ରଶଂସକଙ୍କୁ ଏକ ଚମତ୍କାର ଉପହାର ଦେଇଛନ୍ତି। ରାମ ନବମୀରେ ତାଙ୍କ ଅଭିନୀତ ଫିଲ୍ମ 'ପେଦ୍ଦି ପହଲୱାନ'ର ପ୍ରଥମ ଝଲକ ରିଲିଜ ହୋଇଛି। ଏହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଟିଜରରେ ରାମ ଚରଣଙ୍କ ଦୃଢ଼ ଅଭିନୟ ଦେଖିବାକୁ ମିଳିଛି। କୁସ୍ତି ଆଖଡ଼ାର କାଦୁଅରେ ଘୋଡ଼ାଇ ହୋଇଥିବା ରାମ ଚରଣ ଭୟଙ୍କର ପ୍ରଦର୍ଶନକରି ତାଙ୍କ ଶତ୍ରୁଙ୍କୁ ପରାସ୍ତ କରୁଥିବା ଦେଖାଯାଇଛି। ଫିଲ୍ମରେ ତାଙ୍କର ଲୁକ୍ ଏବଂ ବ୍ୟାକ୍‌ଗ୍ରାଉଣ୍ଡରେ ବାଜୁଥିବା 'ପେଦ୍ଦି' ଗୀତ ଅଧିକ ଆକର୍ଷଣୀୟ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ବୁଚି ବାବୁ ସାନା ସ୍ପଷ୍ଟ କରିଛନ୍ତି, ରାମ ଚରଣଙ୍କ ପ୍ରଶଂସକମାନେ ଏବେ ଏହି ଆକ୍ସନ ଡ୍ରାମାକୁ ଏପ୍ରିଲ ୨୦ରେ ସିନେମା ହଲ୍‌ରେ ଦେଖିପାରିବେ। 'ପେଦ୍ଦି ପହଲୱାନ' ଏକ ବଡ଼ ବଜେଟ ଫିଲ୍ମ। ମୁଖ୍ୟ ଭୂମିକାରେ ଥିବା ରାମ ଚରଣଙ୍କ ସହିତ ଜାହ୍ନବୀ କପୁର ଅଭିନୟ କରିବେ। ଫିଲ୍ମରେ ବରିଷ୍ଠ ଅଭିନେତା ଶିବ ରାଜକୁମାର, ଜଗପତି ବାବୁ ଏବଂ ଦିବ୍ୟେନ୍ଦୁ ଶର୍ମା ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ବିଶେଷକରି କନ୍ନଡ ସୁପରଷ୍ଟାର ଶିବ ରାଜକୁମାରଙ୍କ ଚରିତ୍ର କେବଳ ଏକ କ୍ୟାମିଓ ନୁହେଁ, ବରଂ ଏହା କାହାଣୀର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କୁହାଯାଏ। ବୁଚ୍‌ବାବୁ ସାନାଙ୍କ ଲିଖିତ ଏବଂ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ସାଜିଛନ୍ତି ଏ.ଆର୍. ରହମାନ।

# ଓଡ଼ିଆର ସଂକଳ୍ପ

**ଡ. ଚନ୍ଦ୍ରକଳା ନାୟକ**

୧ ଏପ୍ରିଲ ୧୯୮୨ ମସିହାରେ ପ୍ରବାସୀ ଓଡ଼ିଆମାନେ ରବୀନ୍ଦ୍ର ସଦନରେ ଉତ୍କଳ ଦିବସ ପାଳନ କରୁଥା'ନ୍ତି। ପଶ୍ଚିମବଙ୍ଗର ଦିବଂଗତ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ସେହି ସଭାରେ ମୁଖ୍ୟ ଅତିଥି ଥାଆନ୍ତି। ମୁଖ୍ୟବକ୍ତା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ମନୋଜ ଦାସ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଦେଲେ, ଓଡ଼ିଶାର ସ୍ୱତନ୍ତ୍ର ସଂସ୍କୃତି ବୋଲି କିଛି ନ ଥିଲା। ୧୯୩୬ ମସିହାରୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପରେ ସଂସ୍କୃତିରେ ଯାହା କିଛି ପରିବର୍ତ୍ତନ ଆସିଛି। ମନୋଜ ବାବୁ ତାଙ୍କ ଭାଷଣ ଆରମ୍ଭ କଲେ ଓ କହିଲେ: ୧୯୩୬ ପରଠାରୁ ଓଡ଼ିଶାର ସଂସ୍କୃତି କଥା ତ କହିବି, କିନ୍ତୁ ଆଗ କହେ ଯେଉଁ ମାଟିରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ ସେ ସଂସ୍କୃତିର କଥା। ଗଙ୍ଗାଠାରୁ ଗୋଦାବରୀ ଉତ୍କଳର ଆୟତନ ବୃଦ୍ଧି କରିଥିବା ଐର ଖାରବେଳଙ୍କ କଥା। ଗଙ୍ଗବଂଶର ମହାରାଜାମାନଙ୍କ ସଂସ୍କୃତି କଥା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର କଥା ଓ ଜୟଦେବଙ୍କ ଗୀତଗୋବିନ୍ଦର କଥା। ଏହି କେତୋଟି ବାକ୍ୟରେ ପ୍ରବାସୀ ଓଡ଼ିଆମାନେ କରତାଳିରେ ରବୀନ୍ଦ୍ର ସଦନ ପ୍ରକମ୍ପିତ କରିଦେଲେ। ମନୋଜ ବାବୁଙ୍କ ବକ୍ତବ୍ୟର ଚୋଟ ଯାଇ ବାଜିଲା ଜ୍ୟୋତିବସୁଙ୍କ ଛାତିରେ। ତାଙ୍କ ମୁହଁ ଶୁଖିଗଲା।



କପିଳ ସଂହିତାରେ ଲେଖାଅଛି– ''ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ସ୍ମୃତ, ଉତ୍କଳସ୍ୟ ସମଦେଶ ଦେଶୋନାସ୍ତି ମହୀତଳେ।'' ଏଥିରେ ଭାରତର ଶ୍ରେଷ୍ଠ ରାଜ୍ୟ ରୂପେ ଉତ୍କଳକୁ ମାନ୍ୟତା ପ୍ରଦାନ କରାଯାଇଛି। ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପୂର୍ବରୁ ଓ ପରେ ବହୁ ଉଠାଣି, ଗଡ଼ାଣି ଦେଇ ଓଡ଼ିଆ ଜାତି ଚାଲିଆସିଛି। କେଉଁଠି ଝୁଣ୍ଟିପଡ଼ିଲେ ବି ପୁଣି ଉଠି ଆଗେଇ ଚାଲିଛି। ଶେଷରେ ପୁରାତନର ଭସ୍ମ ଭିତରୁ ଫିନିକ୍ସ ପକ୍ଷୀ ପରି ନବ ତେଜରେ ଜନ୍ମ ନେଇଛି ନୂଆ ଓଡ଼ିଶା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ। ଉତ୍କଳ ପ୍ରଦେଶ ଗଠନ ହେବା ପଛରେ ବହୁ ରାଜନୈତିକ ଘଟଣା ପ୍ରବାହ ଜଡ଼ିତ। ସବୁଠାରୁ ବଡ଼ ସମସ୍ୟା ଥିଲା, ଉପାନ୍ତ ଗଡ଼ଜାତଗୁଡ଼ିକର ମିଶ୍ରଣ। ସେତେବେଳର ବୁଦ୍ଧିଜୀବୀମାନେ କେନ୍ଦ୍ର ପ୍ରଶାସନ ଓ ଗଡ଼ଜାତର ରାଜାମାନଙ୍କୁ ଏକ ବୃହତ୍ତର ଓଡ଼ିଶା ଗଠନର ଭୂମିକା ନିର୍ବାହ ପାଇଁ ଉଭୟ ଆବେଗିକ, ଭାବଗତ ଓ ପ୍ରାଶାସନିକ ସ୍ତରରେ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। ସେହିମାନଙ୍କର ଉଦ୍ୟମ ଶେଷରେ ସଫଳ ହୋଇଥିଲା।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେତେବେଳେ ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ସାହିତ୍ୟିକ, ପଣ୍ଡିତମାନେ ସ୍କୁଲଗୁଡ଼ିକରୁ ହିନ୍ଦୀ ଭାଷା ଉଠାଇ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ବାମଣ୍ଡାର ରାଜା ବାସୁଦେବ ସୁଢଳଦେବ ଏବଂ ତାଙ୍କ ସୁଯୋଗ୍ୟ ଦାୟାଦ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓ ଅନ୍ୟାନ୍ୟ ରାଜବଂଶୀୟମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଲେ। ୧୯୦୦ ମସିହାରେ ସମ୍ବଲପୁର ଅଞ୍ଚଳର ୮୨ଟି ପ୍ରାଇମେରୀ ସ୍କୁଲ ବନ୍ଦ କରାଯାଇ ସେଠାରେ ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରାଗଲା। ୧୯୦୧ ମସିହାରେ ସିମ୍‌ଲାଠାରେ ସର୍ବଭାରତୀୟ ଶିକ୍ଷା ସଂସ୍କାର ସମ୍ମିଳନୀରେ ସମ୍ବଲପୁର ଓଡ଼ିଆଙ୍କ ଦାବି ଉପସ୍ଥାପନ କରିବାକୁ ସର୍ବଶ୍ରୀ ମଦନ ମୋହନ ମିଶ୍ର, ବ୍ରଜ ମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ଆଣ୍ଡ୍ରୁ ଫ୍ରେଜର ସମ୍ବଲପୁର ଗସ୍ତ ସମୟରେ ଅନୁଭବ କଲେ, ସେଠାକାର ବାସିନ୍ଦା ଓଡ଼ିଆ ଭାଷା ସହିତ ହିଁ ଜଡ଼ିତ। ତାଙ୍କରି ଚେଷ୍ଟାରେ ୧୯୦୩ ମସିହାରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହୋଇଥିଲା। ୧୯୦୨ ରେ ବାଲେଶ୍ୱରର ଜମିଦାର ତଥା ଓଡ଼ିଆ ଭାଷା ସାହିତ୍ୟର ପରମ ହିତୈଷୀ ରାଜା

**ଅବଲୋକନ**

କର୍ଜନଙ୍କୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ସ୍ମାରକପତ୍ର ଦେଇଥିଲେ।

୧୯୦୦ ଖ୍ରୀଷ୍ଟାବ୍ଦ ୧୬ ତାରିଖରେ ତତ୍କାଳୀନ ବଡ଼ଲାଟ୍ ଲର୍ଡ କର୍ଜନ ପୁରୀ, ଭୁବନେଶ୍ୱର, କଟକ ଆସିଥିଲେ। ଓଡ଼ିଶାର ପ୍ରାଚୀନ କୀର୍ତ୍ତିଗୁଡ଼ିକର ଅତୁଳନୀୟ ଭାସ୍କର୍ଯ୍ୟ ଓ ସେଗୁଡ଼ିକର ଦୁର୍ଦ୍ଦଶା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଥିଲେ। ବିଚ୍ଛିନ୍ନ ଭାଷାଭାଷୀ ଅଞ୍ଚଳର ମିଶ୍ରଣକୁ ସେ ଦୃଢ଼ ଭାବରେ ସମର୍ଥନ କରିଥିଲେ। ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲା, କଳାହାଣ୍ଡି, ପାଟଣା, ରେଢ଼ାଖୋଲ, ସୋନପୁର, ବାମଣ୍ଡା ଆଦି ଦେଶୀୟ ରାଜ୍ୟଗୁଡ଼ିକ ଏବଂ ଗାଙ୍ଗପୁର, ବଣାଇ ରାଜ୍ୟକୁ ଓଡ଼ିଶା ସହିତ ସଂଯୁକ୍ତ କରାଯାଇଥିଲା। ଗଞ୍ଜାମ ଓ ଜୟପୁର ଅଞ୍ଚଳର ଓଡ଼ିଆମାନଙ୍କ ମିଶ୍ରଣ ପ୍ରସ୍ତାବକୁ ମାନ୍ଦ୍ରାଜ ସରକାର ପ୍ରବଳ ବିରୋଧ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଠିକ୍ ସେହି ସମୟରେ ୧୯୦୩ ଏପ୍ରିଲରେ ବ୍ରହ୍ମପୁରରେ ରାଜା ହରିହର ମର୍ଦ୍ଦରାଜ ଓ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରଚେଷ୍ଟାରେ ଗଞ୍ଜାମ ଜାତୀୟ ସମିତି ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହିଠାରେ ପ୍ରତିବର୍ଷ ଏହି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବାର ସ୍ଥିର ହେଲା। ଶେଷରେ ମଧୁସୂଦନ, ଗୌରୀଶଙ୍କର ରାୟ, ବିଶ୍ୱନାଥ କର, କନିକା ରାଜା ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉଦ୍ୟମରେ ୧୯୦୩ ଡିସେମ୍ବର ୩୦ ଓ ୩୧ରେ କଟକର ଇଦ୍‌ଗା ପଡ଼ିଆରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ଏଥିରେ କେବଳ ଭାଷାର ସୁରକ୍ଷା ପାଇଁ ନୁହେଁ, ବରଂ ଓଡ଼ିଶାର ଜନସାଧାରଣଙ୍କ ଏକତ୍ରୀକରଣ ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା। ରାଜା, ପ୍ରଜା, ଜମିଦାର ସମସ୍ତେ ଏଥିରେ ସାମିଲ ଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ଭାଷା ସୂତ୍ରରେ ୧୯୩୬ ମସିହା ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମାନ୍ୟତା ହାସଲ କରିଥିଲା।

ଆମର ପରମ ସୌଭାଗ୍ୟ ଯେ, ଆମେ ଭାଷାଭିତ୍ତିକ ପ୍ରଦେଶ ପାଇଲୁ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ବି ପାଇଲା। ବ୍ୟକ୍ତି ହେଉ ବା ଜାତି, ତା'ର ଆତ୍ମପରିଚୟ ହିଁ ନିଜସ୍ୱ ଜୀବନର ମହାର୍ଘ ପୁଞ୍ଜି। ଆମ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ, କଳା, ବାଣିଜ୍ୟ ହିଁ ଆମର ଅସଲ ପରିଚୟ। ଏହି ଭାଷା, ସଂସ୍କୃତିକୁ ରକ୍ଷା କରିବା ଆଜି ପ୍ରତ୍ୟେକ ଓଡ଼ିଆଙ୍କର ପ୍ରଥମ କର୍ତ୍ତବ୍ୟ।

– ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ: ୯୪୩୭୯୫୭୬୧୭

## ପୁସ୍ତକ ପରିଚୟ

### ସେହି ଅପବାଦ ଲାଗିଥାଉ



**କବି:** ରାଜ କିଶୋର ଦାସ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/-

ମୋଟ ୩୨ଟି କବିତା ସ୍ଥାନିତ ଆଲୋଚ୍ୟ କବିତାଗ୍ରନ୍ଥରେ, ଯାହାର କଳେବର ଏକଶତ ପୃଷ୍ଠା ବିଶିଷ୍ଟ। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖରେ କବି କହନ୍ତି: ''ମୁଁ ଦାବି କରିପାରିବିନି ଯେ ମୋ' କବିତା କାଳଜୟୀ। ତଥାପି ଯେ ଭିନ୍ନ ରୁଚିର, ଏହା ସୁନିଶ୍ଚିତ। ମୁଁ କେବେ କାହା ଅନୁକରଣରେ, ପ୍ରଭାବରେ ବା ଛାୟାରେ କବିତା ଲେଖେନି। ମୁଁ ଜୀବନକୁ ଯେମିତି ଜିଇଛି ସେମିତି ହିଁ କବିତା ଲେଖିଛି।'' ଏହି ଉକ୍ତି ସପକ୍ଷରେ ରାଜ କିଶୋରଙ୍କର ଅନେକ କବିତା ସାକ୍ଷ୍ୟ ହୋଇ ଛିଡ଼ା ହୁଅନ୍ତି। ଯଥା: ୧. ''ପୁଞ୍ଜରେ ପୁଣି ଗୁଳି, କିଏ ଦାୟୀ?/ କିଏ କାହାକୁ ଫିଙ୍ଗୁଛି ବାରୁଦ?/ ଚାଲ ଆମେ ଏବେ ବୋମା ଭିଡ଼ିବା/ ଲଢ଼େଇ କରିବା।'' ('ନିଜ ନିଜସ୍ୱ ପୃଥ୍ୱୀ'- ପୃ:୧୧), ୨. ''ଆଷାଢ଼ ସରି ଆସିଲାଣି/ କୁଆଡ଼େ ଗଲ ତୁମେ/ ଏ କଥା ତ ଭଲ ଭାବେ ଜାଣ/ କେହି ଜଣେ ଅପେକ୍ଷାରତ ନିଶ୍ଚେ।'' ('ବର୍ଷା, ଆଷାଢ଼, ସ୍ୱପ୍ନ ଓ ତାରା'- ପୃ:୩୪), ୩. ''ଫେରିଗଲିଣି ଏବେ/ ପୁରସ୍ତମରୁ, ତମ ଯାତ୍ରାରୁ/ ତମ ପାଖରୁ/ ମୋ' ପାଖକୁ, ମୋ' ସଂସାରକୁ/ ଏକଲାପଣକୁ, କବିତା କବିତା ଘେରା/ ଜୀବନ-ପାନ୍ଥଶାଳାକୁ।'' ('ପୁରସ୍ତମ ଫେରନ୍ତା'- ପୃ:୬୦)। 'ଈଶ୍ୱରୀ' ଶୀର୍ଷକରେ ୧୬ଟି କବିତା ଗ୍ରନ୍ଥ ଶେଷରେ ସଂଯୋଜିତ। ପ୍ରେମ, ଜୀବନ ଓ ମୃତ୍ୟୁକୁ ଛୁଇଁ ଛୁଇଁ ଏହି ପର୍ଯ୍ୟାୟର କବିତାଗୁଡ଼ିକ ଗତିଶୀଳ। ଶୁଣିହୁଏ, ଦେଖିହୁଏ ଓ ଛୁଇଁହୁଏ ତହିଁରେ ସ୍ପନ୍ଦମାନ ଅନୁଭୂତିର ନିଆରାପଣକୁ। ଗୋଟିଏ ଉଦ୍ଧୃତି– ''କ'ଣ କାହିଁକି/ କାହାପାଇଁ ଏ ଜୀବନ?/ ଜିଇବାର ମାନେ କ'ଣ/ x x ତଥାଗତର ସତ୍ୟତାରେ ସନ୍ଦେହ/ ଭୀମଭୋଇର ଶୂନ୍ୟତାରେ ଅବିଶ୍ୱାସ/ ଚୈତନ୍ୟର କୀର୍ତ୍ତନରେ ବିରତି,/ ସରିନାହିଁ, ସରୁନାହିଁ/ ସରିବ ନାହିଁ ଆତ୍ମରତି?'' ('ଈଶ୍ୱରୀ: ତିନି'- ପୃ:୭୭)। ''ଅକ୍ଷରରେ ଚିତ୍ର ଆଙ୍କିବାର କଳାକୌଶଳ ରାଜ କିଶୋରଙ୍କୁ ଖୁବ୍ ଜଣା''- ଏହି ନିଷ୍କର୍ଷରେ ପହଞ୍ଚି ହୁଏ ଆଲୋଚ୍ୟ ପୁସ୍ତକଟି ପାଠକଲେ।

### ମାନବିକତାର ବିଶ୍ୱମୁକ୍ତି



**ସମ୍ପାଦକ:** ଶଶାଂକ ଚୂଡ଼ାମଣି
**ପ୍ରକାଶକ:** ବିଶ୍ୱମୁକ୍ତି ପବ୍ଲିକେଶନ, ଧଉଳି, ଭୁବନେଶ୍ୱର
**ପ୍ରକାଶକାଳ:** ୨୦୨୬, **ମୂଲ୍ୟ:** ଟ.୭୫/-

'ବିଶ୍ୱମୁକ୍ତି'ର ଫେବୃଆରୀ-ମାର୍ଚ୍ଚ, ୨୦୨୬ ସଂଖ୍ୟାଟି ପ୍ରକାଶ ପାଇଛି 'ଚିତ୍ରଶିଳ୍ପୀ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ ବିଶେଷାଙ୍କ' ଭାବେ। 'ସମ୍ପାଦକୀୟ'ରେ ଶଶାଂକ ଲେଖିଛନ୍ତି: ''ଉପେନ୍ଦ୍ର ମହାରଥୀ କିଏ? ଚିତ୍ରାଚାର୍ଯ୍ୟ ଉପେନ୍ଦ୍ର ମହାରଥୀ। ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ। x x ରାଜଗିରିର ସ୍ତୂପ ନିର୍ମାଣରେ ତାଙ୍କର ଯୋଗଦାନ ରହିଛି। ଭୁବନେଶ୍ୱର ଧଉଳି ଶାନ୍ତିସ୍ତୂପ ନିର୍ମାଣର ସେ ଆଦି ରୂପକାର। ଏଥିରେ ନିବେଦିତ ମହାରଥୀଙ୍କ ଜୀବନ ଓ କୃତି ସମ୍ପର୍କରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱ ସ୍ୱ ଆକଳନ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି– ରକ୍ଷକ ନାୟକ, ପୃଥ୍ୱୀରାଜ ହରିଚନ୍ଦନ, ନିତ୍ୟାନନ୍ଦ କାନୁନ୍‌ଗୋ, ରଘୁନାଥ ପଟ୍ଟନାୟକ, ନୀଳାଦ୍ରିଭୂଷଣ ହରିଚନ୍ଦନ, ଅଚ୍ୟୁତ ସାମନ୍ତ, ପ୍ରଶାନ୍ତ ପଟ୍ଟନାୟକ, ସଦାଶିବ ଦାଶ, ଦେବେନ୍ଦ୍ରନାଥ ମାନସିଂହ, ବିଧୁଧେନ୍ଦୁ କେଶରୀ ଭୋଳ, ବିଜୟ ନାୟକ, ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ଓ ଆଶୁତୋଷ ସାମନ୍ତସିଂହାର। କୃଷ୍ଣଚନ୍ଦ୍ର ତ୍ରିପାଠୀ, ତପନ ପଟ୍ଟନାୟକ, ପ୍ରସନ୍ନ ପାଟ୍ଟଶାଣୀ ଓ ତ୍ରିଲୋଚନ ଭୋଳ ଲେଖିଛନ୍ତି କବିତା। 'ଅନ୍ୟ ଦିଗନ୍ତ' ବିଭାଗରେ ଯେଉଁ କେତେଜଣ ଅଣଓଡ଼ିଆ ଲେଖକଙ୍କ ଲେଖା ପ୍ରକାଶିତ, ତାହା ଉଚ୍ଚକୋଟୀର। ଦିନନାଥ ପାଠୀ ମହାରଥୀଙ୍କ ସ୍ମୃତିଚାରଣ କରି କହନ୍ତି: ''ମହାରଥୀଙ୍କୁ ମନେପକାଇଲେ ମୋତେ ଓଡ଼ିଶାର ଝୋଟି, ମାଟିର ଦୀପ ଓ ବିନ୍ଧାଣି ସ୍ମରଣ ହୁଏ। ସେ ଚିଲିକା ପାଖରେ ଏକ କ୍ରାଫ୍ଟ ଗ୍ରାମ ସ୍ଥାପନାର ସ୍ୱପ୍ନ ଦେଖିଥିଲେ, କିନ୍ତୁ ସେହି ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ।'' 'ବିଶେଷାଙ୍କ'ଟିରେ ସ୍ଥାନିତ ଲେଖାଗୁଡ଼ିକ ଓଡ଼ିଶା ଜଡ଼ିତ, କିନ୍ତୁ ଓଡ଼ିଶା ମାଟିରେ କ୍ୱଚିତ୍ ବିଦିତ ଜଣେ ଜାତୀୟସ୍ତରର ଚିତ୍ରଶିଳ୍ପୀଙ୍କୁ ଚିହ୍ନାଇବାରେ ପାଠିକାପାଠକଙ୍କୁ ସହାୟତା କରିବ ବୋଲି ଆଶା।

## କବିତା

### କହିବାକୁ ବାକି ଅଛି

**ଚନ୍ଦନ କୁମାର ଦାସ**

ଋତୁଟିଏ ଫେରିଗଲା ପରି
ଅଜାଣତେ ତୁମେ ଫେରିଗଲ ସିନା
ହେଲେ ଫେରିନାହିଁ
ତୁମ ଉପସ୍ଥିତିର ଉପବନରେ
ଏବେ ଏବେ ଫୁଟିଥିବା ସଜଳ ଫୁଲଙ୍କର ହସ
ଲିଭି ନାହିଁ ତୁମେ ଛୁଇଁଥିବା
ସମ୍ପର୍କର ପ୍ରତିଟି ସବୁଜ ପତ୍ରରୁ
ତୁମ ପ୍ରଣୟୀ ହାତର ସ୍ପର୍ଶ

ମୁଁ ତ ଏବେ ଅପେକ୍ଷାର କାନ୍ଥରୁ
ଓହଳିପଡ଼ିଥିବା
ଗୋଟିଏ ଅସମ୍ପୂର୍ଣ୍ଣ କବିତା
ଯା'ର ପ୍ରତିଟି ଶବ୍ଦରେ ଗୁଞ୍ଜରିତ
ତୁମ ଫେରିବାର ଲଳିତ ଆଶ୍ୱାସନା
ବର୍ଷି ନ ପାରିବାର ଅବସୋସରେ ଆର୍ଦ୍ର
ପ୍ରତୀକ୍ଷା ସବୁ ପାଲଟିଯାଇଛନ୍ତି ଏବେ
ତୁମ ନିରୁତା ପ୍ରେମର ନିଃସର୍ତ୍ତ ବିଭାବନା

ଆସ ସଖୀ!
ତୁମ ସହ ବିତିଥିବା ଅନକ୍ଷର ଅନୁଭୂତିରେ
ସଜାଇଦିଅ ଅସମ୍ପୂର୍ଣ୍ଣ କବିତାର ପଂକ୍ତିସବୁ
ପାଦରୁ ପଦ ପର୍ଯ୍ୟନ୍ତ ପିନ୍ଧାଇଦିଅ
ସମ୍ଭାବନାର ଈପ୍ସିତ ଅଳଙ୍କାର
ଆପାତତଃ ସ୍ୱଳ୍ପଲବ୍ଧ ସ୍ୱପ୍ନଟିଏ ଦେଖି
କଥା ଦେଇ ନ ଫେରିବାର ପ୍ରତାରଣାରୁ
ମୁକ୍ତି ପାଇଯିବ ପ୍ରେମିକଟିଏ

ତୁମକୁ ଯେତେଥର ଦେଖିଲେ
ତଥାପି କହିବାକୁ ଥାଏ ଅନେକ କଥା
ହେଲେ କଥା ତ ପ୍ରେମିକର ସରୁ ନ ଥିବା ସଞ୍ଚ
ଯା'ର ପ୍ରତୀକ୍ଷାରେ ରାତି ସରିଯାଏ ସିନା
ସରେ ନାହିଁ ସଳିତାରୁ ସ୍ୱପ୍ନ
ସେମିତି ଜଳି ଜଳି ପ୍ରତୀକ୍ଷାର ପାହାଚରେ
ଆଙ୍କୁଥାଏ ତୁମ କୁଆଁରୀ ଦେହର କଅଁଳ ସ୍ମୃତି।

ମୋ: ୮୧୧୪୩୪୫୯୮୮

### କାମନା

**ବସନ୍ତ ବେହେରା**

କବିତା ନୁହଁ
ବରଂ ଧାଡ଼ି ମଝିରେ ଉଙ୍କିମାରୁଥିବା
କିଛି କମା, ହାଇଫେନକୁ ସେ ପଢ଼ିଲା ଏଥର
ଖୋଜିଲା ସେମାନଙ୍କର ଦୀର୍ଘଶ୍ୱାସର କାରଣ

କାନ୍ଥରେ ଟଙ୍ଗାହେଇଥିବା
ସୁନାର ଘଣ୍ଟା ବି ଅଟକାଇପାରେନି
ଦ୍ରୁତ-କ୍ଷୟିଷ୍ଣୁ ଜୀବନକୁ ବୋଲି ବୁଝିଲା ପରେ
ତା' ନେପଥ୍ୟର ଟିକ୍‌ଟିକ୍ ହ୍ରସ୍ୱଧ୍ୱନିକୁ
ଶୁଣିଲା ଏଥର ଧ୍ୟାନପୂର୍ବକ

ସମ୍ପର୍କର ପ୍ରଶ୍ନଖାତାରେ
ଅନୁତ୍ତରିତ କ୍ଷୁଦ୍ର ଶୂନ୍ୟସ୍ଥାନଗୁଡ଼ିକୁ
ପୂରଣ କରିବାକୁ ଚେଷ୍ଟାକଲା ସତ୍ୟନିଷ୍ଠଭାବେ

ମହଲ କି ମନ୍ଦିର ନ ତୋଳି
ତୋଳିଲା ଗୋଟେ ପତ୍ରକୁଡ଼ିଆ
ଯେଉଁଠି ଅବାଧରେ ଚଳପ୍ରଚଳ କଲା ପବନ
ଓ ଶୋଇପଡ଼ିଲା ତା'ର ବିଭ୍ରାନ୍ତ ମନ
ଘଡ଼ିଏ ଶାନ୍ତିରେ

ପୁନରୁଦ୍ଧାର କଲା ଚିରିଯାଇଥିବା ଚିଠିର
ସେଇ ଅଣଦେଖା ଅକ୍ଷରଗୁଡ଼ିକୁ
ଓ ଅନ୍ୟମନସ୍କତାରେ ଭୁଲିଯାଇଥିବା
ନିରୀହ ଖୁସିର ଅଳ୍ପାୟୁ ମୁହୂର୍ତ୍ତମାନଙ୍କୁ

ମନେପକେଇଲା ସର୍ବୋଚ୍ଚ ଶିଖର ନୁହଁ,
ଯାତ୍ରାପଥରେ ସେଇ ଛୋଟ ପଥରଖଣ୍ଡକୁ
ଓ ସେମାନଙ୍କର ଆଘାତରେ
ପାଦରୁ ଝରିପଡ଼ିଥିବା ବୁନ୍ଦାବୁନ୍ଦା ରକ୍ତକ୍ଷରଣକୁ
ଛୋଟ ଗୋଟେ ବଗିଚା ଗଢ଼ିଲା
ଯେଉଁଠି ତ୍ୟାଗର ପରାଗରେଣୁରେ ଭରା
ପ୍ରୀତିର ଫୁଲରେ
ଉଡ଼ିବୁଲିଲେ ସ୍ନିଗ୍ଧ ସ୍ମୃତିର ଟିକି ପ୍ରଜାପତି

ଯେହେତୁ କବିତା ଲେଖିବା ତା'ର ନିହାତି ଥିଲା
ତେବେ କାଳିରେ ନୁହଁ
ଲେଖିଲା ଲୁହରେ ଲହୁରେ ମହୁରେ
ବ୍ରହ୍ମାଣ୍ଡର ସମସ୍ତ କାବ୍ୟତତ୍ତ୍ୱକୁ ସମାଧି ଦେଇ
ରୋପଣ କଲା ସେଇଠି
ସହିଷ୍ଣୁତାର ଚାରାଟିଏ
ନିରବରେ, ମୁଦ୍ରିତ ନୟନରେ।

ମୋ: ୮୧୧୭୮୩୭୮୭୯

**ଗୀତି-କବିତା**

### ରହରେ ସମୟ ଯାଆନାରେ ଚାଲି

**ଶରତ କୁମାର ଦାସ**

ରହରେ ସମୟ ଯାଆନାରେ ଚାଲି
ନେହୁରା ହେଉଛି ତୋତେ,
ଆଗରେ ପଡ଼ିଛି ଅସରନ୍ତି ବାଟ
ଭାରି ମନଲୋଭା ଦୁନିଆର ହାଟ
ଦେଏନାରେ ଧୋକା ମୋତେ...।

ସୁନା ଚଢ଼େଇର ଡେଣା ଗଣିବାକୁ
ଆହୁରି ଅନେକ ବାକି
ବେଳ ସରିଗଲେ ଖେଳ ସରିଯିବ
ଚାଲୁଚାଲୁ ଯିବି ଥକି
କହରେ ତୁ ଥରେ ଏଡ଼େ ବେଗିବେଗି
କାହିଁକି ଧାଉଁଛୁ ଏତେ
ରହରେ ସମୟ ଯାଆନାରେ ଚାଲି
ନେହୁରା ହେଉଛି ତୋତେ।

ତୋ ସାଥିରେ ପାଦ କାଢ଼ି ଚାଲିବାକୁ
ବଳ ପାଉନାହିଁ ମୋର
ସଭିଏ ଜାଣନ୍ତି ବଳବାନ ତୁହି
ଲାଗୁଛି ମୋତେ ତ ଡର
ନିରାଶା ଅନ୍ଧାରେ ଆଶାର ଆଲୋକ
ଅଜାଡ଼ି ଦେ' ତୁ ଯେତେ
ରହରେ ସମୟ ଯାଆନାରେ ଚାଲି
ନେହୁରା ହେଉଛି ତୋତେ।

ମୋ: ୮୨୪୯୧୩୭୦୯୧

## କାଳକାଳକୁ



**''କଳା କ'ଣ, ଯଦି ତହିଁରେ ତମ ଅନ୍ତରାତ୍ମା ଅବ୍ୟକ୍ତ?''**
**– ଏମିଲ୍ ଜୋଲା**

**ଏମିଲ୍ ଜୋଲାଙ୍କ** ଜନ୍ମ ୨ ଏପ୍ରିଲ ୧୮୪୦ରେ ଓ ପରଲୋକ ୨୯ ସେପ୍ଟେମ୍ବର ୧୯୦୨ରେ, ଫ୍ରାନ୍ସରେ। ସେ ଏକାଧାରରେ ଔପନ୍ୟାସିକ, ନାଟ୍ୟକାର ଓ ବାର୍ତ୍ତାଜୀବୀ। ଫ୍ରାନ୍ସର ମୁକ୍ତ ରାଜନୀତିକୁ ତାଙ୍କର ଅବଦାନ ଅତୁଳନୀୟ। ଉଲ୍ଲେଖନୀୟ କୃତି ମଧ୍ୟରେ ଅନ୍ତର୍ଭୁକ୍ତ– 'ଲେସ୍ ରୋଗାନ୍ ମାକ୍ୱାର୍ଟ', 'ଥେରେସେ ରାକ୍ୱିନ୍', 'ମେଡେଲିନ୍ ଫେରାଟ୍' ଓ 'ଜର୍ମିନଲ୍'। ସେ କହନ୍ତି: ''ସତ୍ୟର ଜୟଯାତ୍ରା ଆଗେଇ ଚାଲିଛି, କୌଣସି ଶକ୍ତି ନାହିଁ ଯିଏ ତା'ର ପଥରୋଧ କରିବ।'' ପୁଣି କହନ୍ତି: ''କଳାକାର ଭିତରେ ଦୁଇଟି ବ୍ୟକ୍ତିତ୍ୱ ଥାଏ। ଗୋଟିଏ କବିର ଓ ଆଉ ଗୋଟିଏ ଶିଳ୍ପକାରର। କବିଟି ଜନ୍ମିଥାଏ, ଶିଳ୍ପକାରଟି ତିଆରି ହୁଏ।''

## ପ୍ରେମ ଅପରାଧୀ

**ଅନୁବାଦ ଗଳ୍ପ**

**ମୂଳ ହିନ୍ଦୀ-ଯୋଗୀ ରାମ**
**ଅନୁବାଦ-ମନୋଜ କୁମାର ବେହେରା**

ମୁଁ ସିଏ, ଯିଏ ପ୍ରତ୍ୟେକ ଥର ପଛକୁ ହଟିଯାଇଥିଲା...ମନୋଜ...ତୁମର ମୌନ ମୋତେ ଉଜାଗର କରିଥିଲା। ମନୋଜ! ତୁମେ କିଛି ତ ମାଗି ନଥିଲ, କେବଳ ଗୋଟିଏ ଭରସା ଥିଲା କି ତୁମ ସହିତ ସେହି ଜୀବନ ବିତେଇ ପାରିବି ତୁମେ କ୍ଷେତର ପାଦଚଲା ସରୁ ରାସ୍ତାରେ ଚାଲିକରି ତୁମେ ମୋ' ପରଛାଇ ହୋଇଯାଅ। କିନ୍ତୁ ମୁଁ ଡରିଲି କି ଲୋକେ କ'ଣ କହିବେ? କି ତୁମେ ଏତେ ପାଠ ପଢ଼ିଲ, କି ତୁମର ଚେହେରା ସେମିତି ନୁହେଁ ଯେମିତି ମୁଁ ନିଜ ମା'କୁ ଦେଖେଇ ପାରିବି। ମୁଁ ଦେଖିଲି ତୁମର ଚେହେରା ଯେତେବେଳେ ମା' ବାହାଘର ପାଇଁ ମନା କଲେ, ତୁମେ କିଛି କହିଲ ନାହିଁ। କିନ୍ତୁ ମୁଁ ପ୍ରଥମ ଥର କୌଣସି ସ୍ତ୍ରୀର ଆତ୍ମାକୁ ତୁରନ୍ତ ଆଉ ସାର୍ବଜନିକ ରୂପରେ ଚମକୁ ଥିବାର ଦେଖିଲି। ମୁଁ ତୁମକୁ କେବେ ବଢ଼େଇନି କି ସେଦିନ ରାତିରେ ଏକଲୟରେ ଲଣ୍ଠନକୁ ଦେଖି ଚାଲିଥିଲି ଯେମିତି ଏହାର ଲୁରେ ନିଜ ଭିତରର କାୟରତାକୁ ଜଳାଉଛି।

ସୀମା– ତୁମ ଆଖିରେ ଯେଉଁ ପ୍ରଶ୍ନ ଥିଲା ତାହା ଏବେ ମୋ ଆତ୍ମାର ଦର୍ପଣ। ତୁମେ ମୋ' କ୍ଲାସ୍‌ରେ ସବୁଠୁ ବୁଦ୍ଧିମାନ ଝିଅ ଥିଲ। କିନ୍ତୁ ତୁମେ ନିଜ ହୃଦୟ ଭିତରେ ମୋ' ଭଳି ଡରୁଆକୁ କାହିଁକି ସ୍ଥାନ ଦେଲ? ତୁମେ ଯେତେବେଳେ କହିଲ, ''କ'ଣ ତୁମେ ମୋତେ ବିବାହ କରିବ?'' ମୁଁ ତାହାକୁ ଥଟ୍ଟାରେ ଉଡ଼େଇ ଦେଇ କହିଲି, ''ତୁମ ଘର ଲୋକ ମାନିବେ ନାହିଁ'' କିନ୍ତୁ ସତ ଏହା ଥିଲା କି ମୁଁ ନିଜେ ହିଁ ନିଜ ମନର ମାଲିକ ନ ଥିଲି। ତୁମ ମୌନତାର ସେହି କ୍ଷଣ, ଯେତେବେଳେ ତୁମେ ନିଜର ପ୍ରଶ୍ନ ପୁଣିଥରେ ଗିଳିଦେଲ, ତାହା ମୋ' ଜୀବନର ସବୁଠୁ ବଡ଼ ଚାପୁଡ଼ା ଥିଲା। ଏବେ ଯେତେବେଳେ ମୁଁ ନିଜକୁ ପଚାରୁଛି, 'କାହିଁକି ନୁହେଁ' ଆଉ ମୋ' ଉତ୍ତର ହୋଇଥାଏ କାହିଁକିନା ମୁଁ ସେହି ପ୍ରେମର ପାତ୍ର ହିଁ ନଥିଲି।



ମନ୍ଦାକିନୀ-ତୁମର ମୌନ ବଳିଦାନକୁ ମୁଁ ରାକ୍ଷୀରେ ବାନ୍ଧି ଦେଲି। ମନ୍ଦାକିନୀ... ତୁମେ କେବଳ ପ୍ରେମ ବ୍ୟକ୍ତ କରି ନ ଥିଲ। ମୋତେ ଜଣାଥିଲା ଯେବେ ମୋର ପୋଷାକ ତୁମେ ପ୍ରେସ୍ କରୁଥିଲ କିମ୍ବା ମୋ' ମା'ର ଔଷଧ ନ କହି ନେଇ ଆସୁଥିଲ, ତା'ହେଲେ ସେ ସବୁ ତ ପ୍ରେମ ଥିଲା। ସ୍ତ୍ରୀର ସେହି ପ୍ରେମ ଯାହା କେବେ କୁହାଯାଇ ପାରେନା, କିନ୍ତୁ ପ୍ରତ୍ୟେକ କାମ କହିଥାଏ। ମୁଁ ପ୍ରତ୍ୟେକ ରକ୍ଷାବନ୍ଧନରେ ତୁମ ଆଖିରେ ସେହି ପ୍ରଶ୍ନକୁ ଦେଖି ରହୁଥିଲି, ଯାହା ତୁମେ କେବେ ପଚାରିଲନି। ମୁଁ ତୁମ ପ୍ରେମକୁ ଗୋଟିଏ 'ଭଉଣୀ'ର ନାଁରେ ବାନ୍ଧିଦେଲି କାହିଁକି ମୁଁ ସମାଜରୁ ପଳେଇ ଯାଉଥିଲି।

ରାଜଶ୍ରୀ– ତୁମର ସ୍ୱର ମୋର ଚୁପ୍‌ର ହତ୍ୟା କରି ଦେଇଥିଲା। ରାଜଶ୍ରୀ! ତୁମେ ଯେତେବେଳେ କହିଲ, ''ମୋ' ପାଇଁ ବିବାହଠୁ ଅଧିକ ମୋର ସ୍ୱତନ୍ତ୍ରତା ଜରୁରୀ''। ଆଉ ମୋତେ ପ୍ରଥମ ଥର ଲାଗିଲା କି ମୁଁ ଗୋଟିଏ ସ୍ତ୍ରୀର ଆଖିରେ ନୁହେଁ, ତାହାର ଆତ୍ମାର ଉଚ୍ଚତାକୁ ଡରୁଛି। ମୁଁ ସାଙ୍ଗମାନଙ୍କ ଆଗରେ କହିଲି, 'ସେ ବହୁତ କଥା କହୁଛି'। କାହିଁକି ମୁଁ ଚାହୁଁ ନ ଥିଲି କି ଲୋକେ ଜାଣନ୍ତୁ ମୁଁ ତୁମ ସାମ୍ନାରେ ବହୁତ ଛୋଟ ହୋଇ ଯାଉଥିଲି। ମୁଁ ତୁମକୁ କେବେ ବଢ଼େଇନି ତୁମର ସ୍ୱର ଯେତେବେଳେ ମୋ' କାନରେ ଗୁଞ୍ଜନ କରେ, ତାହା ଗୋଟିଏ ଚାପୁଡ଼ା ହୋଇକରି।

ସନ୍ଧ୍ୟା– ତୁମର ନିର୍ଦ୍ଦୋଷପଣକୁ ମୋର ଜାତି ମାରିଦେଲା। ତୁମ ପ୍ରେମ ତାହାଥିଲା ଯେଉଁ ରଙ୍ଗରେ ଧୋଇ ହୋଇଥାଏ ହୋଲିର ଅବିର। ତୁମ ଚେହେରା ଲାଲ୍ ହୋଇଥିଲା, ଯେତେବେଳେ ତୁମେ ମୋ' ପିଠିରେ ରଙ୍ଗ ପକେଇଥିଲ, ଆଉ ମୋ' ହୃଦୟ ସେହିକ୍ଷଣି ତୁମର ହୋଇଯାଇଥିଲା। କିନ୍ତୁ ଯେତେବେଳେ ବାପା କହିଲେ, ''ସେ ଅନ୍ୟ ଜାତିର, ଆଉ ମୁଁ ମୁଣ୍ଡ ତଳକୁ କରି ଦେଇଥିଲି।'' ମୁଁ ତୁମଠାରୁ ଏମିତି ମୁହଁ ମୋଡ଼ିଲି ଯେମିତି ମୁଁ ତୁମକୁ ଆଦୌ ଜାଣିନି। ଏବେ ମୋତେ ରଙ୍ଗ ଦେଖିଲେ ଡର ଲାଗୁଛି।

ଇତିଶ୍ରୀ– ମୁଁ ତୁମ ସାବନା ଦ୍ୱରାରୁ ନୁହେଁ, ନିଜ ଖରାପ ଭାବନାରୁ ହାରିଯାଇଥିଲି। ଇତିଶ୍ରୀ! ତୁମ ପ୍ରେମ ସଚ୍ଚା ଥିଲା। ତୁମେ ମୋ' ମା'କୁ ଶାଶୁ ମାନୁଥିଲ ବିନା କୌଣସି ଔପଚାରିକତାରେ। ତୁମ ଆଖିରେ କୌଣସି ପ୍ରଶ୍ନ ନ ଥିଲା, ବାସ୍ ଗୋଟିଏ ମୌନତାର ଜ୍ୱାଳା ଥିଲା, ଯାହା କହୁଥିଲା କି, ''ତୁମେ ମୋର ହେଲ ନାହିଁ, ଆଉ ଅନ୍ୟ କାହାର ମଧ୍ୟ ହେବ ନାହିଁ।''

ମୋ: ୭୯୭୮୩୦୬୧୧

# ଜେଲ ଗଲେ ଏସ୍‌ଡିଓ

## ଆୟଠାରୁ ୩୩୪ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ବ୍ରହ୍ମପୁର/ଭଞ୍ଜନଗର,୨୭।୩
(ସୁବାସ ଚନ୍ଦ୍ର ପାଢ଼ୀ/ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଡହ ମଧ୍ୟମ ଜଳସେଚନ ପ୍ରକଳ୍ପ ଏସ୍‌ଡିଓ ପଞ୍ଚୁ ବେହେରାଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗିରଫ କରିଛି। ତାଙ୍କର ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆୟଠାରୁ ଶତକଡା ୩୩୪ ପ୍ରତିଶତ ଅଧିକ ବୋଲି ଶୁକ୍ରବାର ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ ଏସ୍‌ଡିଓ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ନଂ.୩/୨୬ରେ ଆୟବହିର୍ଭୂତ


ଗିରଫ ଏସ୍‌ଡିଓ ପଞ୍ଚୁ ବେହେରା

ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୨ ତାରିଖରେ ଉକ୍ତ ମାମଲାର ସିଡି ଦାଖଲ ପାଇଁ କୋର୍ଟ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।

ଘର ତଲାସି ବେଳେ ଏସ୍‌ଡିଓ ପଞ୍ଚୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କା ମୂଲ୍ୟର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଥିବା ଠାବ କରାଯାଇଥିଲା। ବ୍ରହ୍ମପୁର ବସନ୍ତ ବିହାରରେ ୩ ମହଲା କୋଠା, ବ୍ରହ୍ମପୁର ସହର ଏବଂ ଏହାର ଆଖପାଖରେ ୫ଟି ମୂଲ୍ୟବାନ ପ୍ଲଟ୍, ନଗଦ ୧୮ ଲକ୍ଷ ୯୦ ହଜାର ୮୦୦ଟଙ୍କା (ବ୍ରହ୍ମପୁରର ଆବାସିକ ଘରୁ ୧୫.୧୩ ଲକ୍ଷ ଏବଂ ଭଞ୍ଜନଗରର ସରକାରୀ କ୍ୱାର୍ଟର୍ସରୁ ୩ ଲକ୍ଷ ୭୨ହଜାର ୮୦୦), ୧୭୮ ଗ୍ରାମ୍‌ର ସୁନା କଏନ୍ ସମେତ ୫୬୮ ଗ୍ରାମ ଓଜନର ସୁନା ଅଳଙ୍କାର, ପ୍ରାୟ ୯୦ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଙ୍କ, ଡାକ ଏବଂ ବୀମା ଜମା, ୨୦୨୪ରେ ୫୭ ଲକ୍ଷ ଟଙ୍କାରେ କିଣାଯାଇଥିବା ଗୋଟିଏ ଆଜାକ୍ସ ଏଗ୍ରୋ ୪୩୦୦ କଂକ୍ରିଟ ମିକ୍ସର ମେଶିନ, ୨୦୨୫ରେ ୩୭ ଲକ୍ଷ ଟଙ୍କାରେ କିଣାଯାଇଥିବା ଗୋଟିଏ ହୁଣ୍ଡାଇ ଏକ୍ସକାଭେଟର ମେଶିନ, ଗୋଟିଏ କାର୍ (ହୁଣ୍ଡାଇ ଆଇ-୨୦) ଏବଂ ୩ଟି ବାଇକ୍, ପ୍ରାୟ ୮.୫୭ ଲକ୍ଷ ଟଙ୍କାର ଘରୋଇ ଜିନିଷପତ୍ର ରହିଥିବା ଆକଳନ କରାଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭୋର୍ ୫ଟାରେ ଭିଜିଲାନ୍ସ ଟିମ୍ ପଞ୍ଚୁଙ୍କ ସରକାରୀ କ୍ୱାର୍ଟର୍ସ ଓ ଚାମ୍ବରରେ ପଶିଥିଲା। ସମାନ ସମୟରେ ବ୍ରହ୍ମପୁର ବସନ୍ତବିହାର ଚତୁର୍ଥ ଗଳିରେ ଥିବା ତାଙ୍କ ଘରେ ଆଉ ଗୋଟିଏ ଟିମ୍ ଚଢ଼ାଉ କରିଥିଲା । ଏହାବାଦ ପୋଲସରାର ପୈତୃକ ଘର ଓ ବ୍ରହ୍ମପୁର ବୀମାନଗରରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଯାଞ୍ଚ ହୋଇଥିଲା। ପଞ୍ଚୁ କ୍ୱାର୍ଟର୍ସରେ ଥିଲା ବେଳେ ବ୍ରହ୍ମପୁର ଘରେ ତାଙ୍କ ସ୍ତ୍ରୀ ଓ ଅନ୍ୟ ସଦସ୍ୟ ଥିଲେ। ୩ ଡିଏସପି ଓ ୭ ଇନ୍ସପେକ୍ଟରଙ୍କ ସହ ଅନ୍ୟ ଅଧିକାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଅଭିଯୁକ୍ତ ପଞ୍ଚୁ ୨୦୧୧ ସେପ୍ଟେମ୍ବର ୨୭ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ଭାବେ ବିଭିନ୍ନ ଜିଲାରେ କାମ କରିବା ପରେ ସେ ୨୦୨୨ ଏପ୍ରିଲରେ ଜଳସେଚନ ବିଭାଗକୁ ବଦଳି ହୋଇ ଏସ୍‌ଡିଓ ଭାବେ ନିଯୁକ୍ତ ହୋଇଥିଲେ। ମାତ୍ର ୯୩୦୦ ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ପଞ୍ଚୁ ଏତେ ସମ୍ପତ୍ତି କେମିତି ଠୁଳ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଢାବା ମାଲିକ, କର୍ମଚାରୀ ଗିରଫ

## ଦିବ୍ୟାଙ୍ଗ କର୍ମଚାରୀଙ୍କୁ ହତ୍ୟା ମାମଲା

### ମୋବାଇଲ ଦେଖା ହେଲା କାଳ

ବାଲୁଗାଁ,୨୭।୩(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତାର ସୁବୁଦ୍ଧିପାଟଣା ଛକ ନିକଟ ପଣ୍ଡା ଢାବାର ଦିବ୍ୟାଙ୍ଗ କର୍ମଚାରୀ ପପୁ ଦଳବେହେରା(୨୨)ଙ୍କ ହତ୍ୟା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତଥା ପପୁଙ୍କ ସାଥୀ କର୍ମଚାରୀ ଶାନ୍ତନୁ ପ୍ରଧାନ ଏବଂ ଅନ୍ୟତମ ଅଭିଯୁକ୍ତ ଢାବା ମାଲିକ ମନୋରଞ୍ଜନ ବେହେରା। ଏଥିସହ ହତ୍ୟାରେ ବ୍ୟବହୃତ ଛୁରି ଓ ଗୋଟିଏ ଗାମୁଛାକୁ ଢାବା ପାର୍ଶ୍ୱସ୍ଥ ଏକ ବୁଦାମୂଳରୁ ପୋଲିସ ଜବତ କରିଛି। ମୋବାଇଲ ଫୋନ୍ ଦେଖାକୁ ନେଇ ପପୁଙ୍କ ସହ ବଚସା ହେବା ପରେ ଏହି ହତ୍ୟାକାଣ୍ଡ ଭିଆଇଥିବା ଅଭିଯୁକ୍ତ ଶାନ୍ତନୁ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସେହିପରି ଘଟଣାକୁ ଭିନ୍ନମୋଡ଼ ଦେବା ପାଇଁ ମନୋରଞ୍ଜନ ପ୍ରମାଣ ନଷ୍ଟ ଉଦ୍ୟମ କରିଥିଲେ ବୋଲି ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଶୁକ୍ରବାର ପୋଲିସ ଶାନ୍ତନୁଙ୍କୁ ଘଟଣାସ୍ଥଳକୁ ଆଣି କ୍ରାଇମ ସିନ୍ ରିକ୍ରିଏଶନ କରିଥିଲା। ସେ କିପରି ହତ୍ୟାକାଣ୍ଡ ଘଟାଇଥିଲେ


ଗିରଫ ୨ ଅଭିଯୁକ୍ତ।

ସବୁ ଗୋଟି ଗୋଟି କରି ବଖାଣିଥିଲେ।

ସୂଚନା ମୁତାବକ, ସ୍ଥାନୀୟ ବିଧାରପୁର ଗ୍ରାମର ମନୋରଞ୍ଜନଙ୍କ ଢାବାରେ ବାଣପୁର ଥାନା ଅଧୀନ ଏକଡାଳିଆ ଗ୍ରାମର ପପୁ ଏବଂ ମଙ୍ଗରାଜପୁର ଗ୍ରାମର ଶାନ୍ତନୁ ତିନିମାସ ହେଲା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଦୁଇଦିନ ତଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଘଟଣା ଦିନ ବିଳମ୍ବିତ ରାତ୍ରିରେ ଶାନ୍ତନୁ ଶୋଇପଡ଼ିବା ପରେ ତାଙ୍କ ମୋବାଇଲ ଆଣି ପପୁ ଦେଖୁଥିଲେ। ଶାନ୍ତନୁ ଏହା ଜାଣିବା ପରେ ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା। ଉତ୍ତକ୍ଷିପ୍ତ ହୋଇ ଶାନ୍ତନୁ ଏକ ଭଙ୍ଗାକାଚରେ ପପୁଙ୍କ ବେକକୁ ଆକ୍ରମଣ କରିଥିଲେ। ପପୁ ରକ୍ତାକ୍ତ ଅବସ୍ଥାରେ ବାହାରକୁ ଦୌଡ଼ିଥିଲେ। ଶାନ୍ତନୁ ତାଙ୍କ ପଛରେ ଗୋଡ଼ାଇ ଏକ ଧାରୁଆ ଛୁରିରେ ବିଲ ଭିତରେ ତାଙ୍କ ବେକକୁ ଅତି ନୃଶଂସ ଭାବେ କାଟିଦେଇଥିଲେ। ଘଟଣାସ୍ଥଳରେ ପପୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ରାତି ପ୍ରାୟ ୪ଟାରେ ଢାବା ମାଲିକଙ୍କୁ ଫୋନ କରି ପପୁ କୁଆଡ଼େ ପଳାଇଥିବା କହିଥିଲେ। ମାଲିକ ମନୋରଞ୍ଜନ ଢାବାରେ ପହଞ୍ଚି ଏକାଧିକ ସ୍ଥାନରେ ରକ୍ତଛିଟା ପଡ଼ିଥିବା ଦେଖିବା ପରେ ଶାନ୍ତନୁ ସବୁ କଥା ମାନିଯାଇଥିଲେ। ତେବେ ଢାବା ବଦ୍‌ନାମ ନ ହେବା ପାଇଁ ସେ ଘଟଣାକୁ ଭିନ୍ନମୋଡ଼ ଦେବା ଉଦ୍ଦେଶ୍ୟରେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ପରଦିନ ସକାଳେ ସେ ପପୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପପୁଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ଭିତ୍ତିରେ ବାଲୁଗାଁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା।

# ୨ ଦିନରେ ୩ ଘରେ କଳାକନା ବୁଲାଇଲେ

ଜଗନ୍ନାଥପ୍ରସାଦ,୨୭।୩(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳରେ ଚୋର ମାତିଛନ୍ତି। ଗୋଟିଏ ରାତିରେ ୩ଜଣଙ୍କ ଘରୁ ଚୋରି ଅଞ୍ଚଳର ଲୋକଙ୍କ ନିଦ ହଜାଇ ଦେଇଛି। ୨୫ ତାରିଖ ରାତିରେ ଚୋରମାନେ ତ୍ରିନାଥ ଜୁଏଲର୍ସ ମାଲିକ ତ୍ରିନାଥ ଆଚାରିଙ୍କ ଘରେ ବାରିପଟ ଲୁହା ଗ୍ରିଲ କାଟି ଦୋକାନ ପାଖ ଘରେ ପଶି ଲୁହା ଆଲମିରା ଭାଙ୍ଗି ପଶି ନଗଦ ୫୦ହଜାର ଟଙ୍କା, ସୁନା କାନର ଦୁଇ ହଳ, ରୁପା ପାଉଁଞ୍ଜି ୧୦ହଳ, ୨୨ କ୍ୟାରେଟ ସୁନା ୭ ଗ୍ରାମ ଚୋରି କରି ନେଇଯାଇଛନ୍ତି। ଏନେଇ ତ୍ରିନାଥ ୨୬ରେ ଥାନାରେ ଅଭିଯୋଗ କରିଥିଲେ। ନଂ. ୧୧୬/୨୬ରେ ପୋଲିସ ଏକ ମାମଲା ରୁଜୁ କରଛି।

ସେହିପରି ୨୬ ତାରିଖ ରାତିରେ ମୁଖ୍ୟ ରାସ୍ତାରେ ଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ଘରୁ ଚୋରି ହୋଇଛି। ଘର ବାରିପଟେ ଚୋର ପଶି ପ୍ରଥମ ମହଲା ତୃତୀୟ ବଖରାରେ ଥିବା କାଠ ଆଲମିରାରୁ ୧୨ ଭରି ସୁନା, ୧୮ ଭରି ରୁପା ସମେତ ଚିକିତ୍ସା ପାଇଁ ଥିବା ୧ଲକ୍ଷ ୫୦ ଟଙ୍କା ଚୋରି କରି ନେଇଛନ୍ତି।ଏନେଇ ଜାଣିବା ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୋଲିସକୁ ଖବର ଦେଇଥିଲେ। ଥାନା କର୍ମଚାରୀ ଆସି ତଲାସ କରିଥିଲେ ମଧ୍ୟ କାହାକୁ ନ ପାଇ ଫେରିଯାଇଥିଲେ। ଏନେଇ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୧୭/୨୬ରେ ଏକ ମାମଲା ରୁଜୁ କରିଛି। ସେହିପରି ସେହି ରାତିରେ ନିରଞ୍ଜନଙ୍କ ଘରଠାରୁ ୨୦୦ ମିଟର ଦୂରରେ ଥିବା ମମି ଗୌଡ଼ଙ୍କ ଘର ବାରିପଟ କବାଟ ତାଡି ଚୋରମାନେ ଆସବାବ ପତ୍ର, ସମ୍ବଲପୁରୀ ଦାମୀ ଲୁଗା ପଟା, ଦାମୀ କଂସା ପିତଳ ବାସନ, କାଠ ସିନ୍ଧୁକ ଖୋଲି ସେଥିରେ ଥିବା ୧୦ ହଜାର ଟଙ୍କା ଚୋରି କରି ନେଇଥିବା ମମଳି ଥାନାରେ ଅଭିଯୋଗ କରିଛନ୍ତି। ନଂ ୧୧୭/୨୬ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ଭଞ୍ଜନଗର ଏସ୍‌ଡିପିଓ ଦୀପକ ମିଶ୍ର ପହଞ୍ଚି ଚୋରି ହୋଇଥିବା ବ୍ୟକ୍ତିମାନଙ୍କ ଘରେ ତଦନ୍ତ କରିଛନ୍ତି।

# ଜୟଦୁର୍ଗା ଫାଉଣ୍ଡେଶନ ଅଧକ୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ

ହାଟଡିହୀ,୨୭।୩(ଶୁଭକାନ୍ତ ନାୟକ)

## ଠକେଇ ମାମଲା

ଠକେଇ ମାମଲାରେ ଗିରଫ ହୋଇଥିବା ଜୟଦୁର୍ଗା ଫାଉଣ୍ଡେଶନ ଅଧକ୍ଷା ସୁରେଶ୍ୱରୀ ସାଗରିକା ଜେନାଙ୍କ ଜାମିନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଫେବୃୟାରୀ ୧୬ ତାରିଖରେ ସୁରେଶ୍ୱରୀ ଖୋର୍ଦ୍ଧା ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ କୋର୍ଟରେ ଜାମିନ୍ ଆବେଦନ କରିଥିଲେ। ଫେବୃୟାରୀ ୨୫ରେ ଆଡିଶନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ ଜଜ୍-୨ରେ ଜାମିନ ମାମଲାର ଶୁଣାଣି ହୋଇ ଖାରଜ ହୋଇଥିଲା। ଫଳରେ ସୁରେଶ୍ୱରୀ ମାର୍ଚ୍ଚ ୨୩ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜାମିନ ପାଇଁ ମାମଲା ଦାୟର କରିଛନ୍ତି।



ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ଅନ୍ତର୍ଗତ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରିକାଙ୍କୁ ଖଣ୍ଡଗିରି ପୋଲିସ ଫେବୃୟାରୀ ୧୪ରେ ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରିଥିଲା। ଚାକିରି ଦେବାକୁ କହି ସୁରେଶ୍ୱରୀ ୨୨ଲକ୍ଷ ଟଙ୍କା ଠକେଇ କରିଥିବା ଖଣ୍ଡଗିରି ଥାନାରେ ମାମଲା (ନଂ. ୪୬୫/୨୦୨୫) ରୁଜୁ ହୋଇଥିଲା। ଗିରଫରୁ ବର୍ତ୍ତିବା ପାଇଁ ସୁରେଶ୍ୱରୀ ପ୍ରଥମେ ୧୭ ଜୁଲାଇ ୨୦୨୫ ରେ ଓଡିଶା ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ୧୦ ଡିସେମ୍ବର ୨୦୨୫ରେ ହାଇକୋର୍ଟ ସୁରେଶ୍ୱରୀଙ୍କୁ ଜାମିନ ପାଇଁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-ଭି କୋର୍ଟରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦ ଜାନୁୟାରୀ ୨୦୨୬ ରେ ସୁରେଶ୍ୱରୀ ହାଇକୋର୍ଟଙ୍କଠାରେ ଜାମିନ ସମ୍ପର୍କିତ ଆଉ ଏକ ଦରଖାସ୍ତ କରିଥିଲେ। ୨୯ ଜାନୁୟାରୀ ୨୦୨୬ରେ ଶୁଣାଣି ହୋଇ ଦରଖାସ୍ତକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ପରେ ଦ୍ୱିତୀୟ ଥର ପାଇଁ ସୁରେଶ୍ୱରୀ ୩୦ ଜାନୁୟାରୀ ୨୦୨୬ରେ ହାଇକୋର୍ଟଙ୍କ ଠାରେ ପୁଣି ଜାମିନ ଆବେଦନ କରିଥିଲେ। ଏହି ମାମଲାର ଶୁଣାଣି ହେବା ପୂର୍ବରୁ ସୁରେଶ୍ୱରୀଙ୍କୁ ପୋଲିସ ଗିରଫ କରିଥିଲା। ତୃତୀୟ ଥର ପାଇଁ ଉକ୍ତ ଠକେଇ ମାମଲାରୁ ଆଶ୍ୱସ୍ତି ପାଇବା ପାଇଁ ସୁରେଶ୍ୱରୀ ଅନ୍ୟ ଏକ ମାମଲା ହାଇକୋର୍ଟରେ ଦାୟର କରିଥିଲେ ମଧ୍ୟ ତାଙ୍କୁ ଆଶ୍ୱସ୍ତି ମିଳି ନ ଥିଲା। ଅପରପକ୍ଷେ ସୁରେଶ୍ୱରୀଙ୍କ ନାମରେ ନନ୍ଦିପଦା ଥାନାରେ ମଧ୍ୟ ଚାକିରୀ ଦେବାକୁ କହି ୧୫ ଲକ୍ଷ ଟଙ୍କାର ଅନ୍ୟ ଏକ ଠକେଇ ମାମଲା (ନଂ. ୧୦୬/୨୦୨୫) ରହିଛି।

## ରାଜ୍ୟ ଖବର

# ଏକ୍ସପାଏରି ଅବଧି ଥାଇ ବି ଫିଙ୍ଗିଦେଲେ

## ରାସ୍ତାକଡ଼ ବୁଦାରେ ପୁଳାପୁଳା ସରକାରୀ ଔଷଧ

ସୁନ୍ଦରଗଡ଼,୨୭।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସହର ଅମଲିପାଲି ବାଏ୍‌ପାସ୍ ରାସ୍ତା କଡ ଜଙ୍ଗଲ ବୁଦା ଭିତରେ ଶୁକ୍ରବାର ସକାଳେ ପୁଳାପୁଳା ସରକାରୀ ଔଷଧ ପଡିରହିଥିବା ଦେଖିବାକୁ ମିଳିଥିଲା। କେତେଜଣ ଲୋକ ଏହା ଦେଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ପ୍ରାୟ ଅଢ଼େଇ କି.ମି ଦୂର ଓ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲର ଅନତି ଦୂରରେ ଏହି ସରକାରୀ ଔଷଧ


ରାସ୍ତା କଡରେ ପଡିଥିବା ଔଷଧ।

ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଫିଙ୍ଗାଯାଇଥିବା ଔଷଧଗୁଡିକ ମଧ୍ୟରେ ଟାବ୍‌ଲେଟ ଓ ସିରପ୍ ରହିଛି। ଔଷଧଗୁଡିକର ଏକ୍ସପାଏରୀ ଅବଧି ଆଉ ୬/୮ମାସ ଲେଖାଏଁ ରହିଛି। ସରକାରଙ୍କ ପକ୍ଷରୁ ମାଗଣା ଯୋଗାଇ ଦିଆଯାଉଥିବା ଏହିସବୁ ଔଷଧ କିଏ ଓ କାହିଁକି ଫିଙ୍ଗିଲା, ତାହା ଅସ୍ପଷ୍ଟ ରହିଛି।

ଏନେଇ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡିଏମଓ) ସୁରେଶଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ, ରାସ୍ତା କଡ଼ରେ ଫିଙ୍ଗା ହୋଇଥିବା ସରକାରୀ ଔଷଧ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପଡିଥିବା ଔଷଧ ଗୁଡିକରେ ଓଏସ୍‌ଏମ୍‌ସିଏଲ୍ ଲେବଲ ନାହିଁ। ଏଣୁ ଏହା କୌଣସି ପ୍ରାଇଭେଟ କମ୍ପାନୀର ଔଷଧ କିମ୍ବା ଏଠାକାର କେହି ଔଷଧ ହୋଲସେଲର ଅବଧି ଶେଷ ହେବା ପରେ ଏହାକୁ ରାସ୍ତା କଡରେ ପକାଇ ଚାଲି ଯାଇଛନ୍ତି। ଔଷଧ ପଡିଥିବା ଖବର ମିଳିବା ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହାନ୍ତି ଜଣେ ଡ୍ରଗ୍ସ ଇନ୍ସପେକ୍ଟର ଓ ଜିଲା ଔଷଧ ବ୍ୟାଙ୍କର କେତେଜଣ ଅଧିକାରୀଙ୍କୁ ଘଟଣା ସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ସରକାରୀ ହସ୍ପିଟାଲ ଗୁଡିକରେ ଅବଧି ଶେଷ ହୋଇଯାଉଥିବା ଔଷଧ ଗୁଡିକ ରାଜ୍ୟ ସରକାରଙ୍କ ତରଫରୁ ନିଯୁକ୍ତ ସ୍ୱତନ୍ତ୍ର ଏଜେନ୍ସି ଜରିଆରେ ସଂଗ୍ରହ କରାଯାଇ ସରକାରୀ ନିୟମାନୁମୋଦିତ ପ୍ରକ୍ରିୟା ଅନୁସାରେ ନଷ୍ଟ କରାଯାଉଛି।

## ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍‌ସିବିରେ ସରିଲା...

ପକ୍ଷରୁ ସୂଚନା ମିଳିଛି। ସେହିପରି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ୨ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଉଭୟଙ୍କୁ ଭେଣ୍ଟିଲେଟରୁ ବାହାର କରାଯାଇ ନ୍ୟୁରୋ ସର୍ଜରି ଆଇସିୟୁରେ ଅଧିକ ଚିକିତ୍ସା ପାଇଁ ରଖାଯାଇଛି।

ପ୍ରକାଶ ଯୋଗ୍ୟ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଗତ ସୋମବାରଠାରୁ ମେଡିକାଲ, କଲେଜ ଓ ହଷ୍ଟେଲର ପ୍ରତ୍ୟେକ କୋଣଅନୁକୋଣ ଯାଞ୍ଚ କରାଯାଇଥିଲା। ଏହିଟିମ୍‌ଯାଞ୍ଚ ସମୟରେ ପ୍ରତ୍ୟେକ କୋଠାରେ ବିଦ୍ୟୁତ୍ ମିଳି ପାରୁଛି ନା ନାହିଁ, ଯନ୍ତ୍ରାଂଶଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ। ବିଶେଷ କରି ବିଦ୍ୟୁତ୍ ପ୍ୟାନେଲ ବୋର୍ଡଗୁଡ଼ିକୁ ଭଲ ଭାବେ ଯାଞ୍ଚ କରିବା ସହ ଯେଉଁଠି ଯେଉଁ ସମସ୍ୟା ରହିଛି ତାହାକୁ ନୋଟ୍ କରିଥିଲା। ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପରେ ଏହାର କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

# ପୋଖରୀରେ ବୁଡ଼ି ଶିଶୁ ମୃତ, ସାଥୀ ଉଦ୍ଧାର

ବାଲୁଗାଁ, ୨୭।୩
(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅନ୍ତର୍ଗତ ପାଇକ କୁଶଡିହ ଗ୍ରାମରେ ଶୁକ୍ରବାର ସକାଳେ ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ସାଥୀଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟାରେ ଉକ୍ତ ଗ୍ରାମର ରାଜୁ ସୁନ୍ଦରାୟଙ୍କ ପୁଅ ମହେଶ (୧୦) ସାଙ୍ଗ ସହ ମିଶି ଗାଁ ପୋଖରୀ ନିକଟରେ ଖେଳୁଥିଲେ। ତେବେ କୌଣସି କାରଣବଶତଃ ଦୁହେଁ ହାତ ଧରାଧରି ହୋଇ ପୋଖରୀ ମଧ୍ୟକୁ ଖସିପଡ଼ିଥିଲେ।

# ନକଲି ସାର୍ଟିଫିକେଟ୍‌ରେ ଶିକ୍ଷକ ଚାକିରି

## ଉମରକୋଟ୍ ଥାନାରେ ଏତଲା ଦେଲେ ବିଇଓ

ନବରଙ୍ଗପୁର, ୨୭।୩
(ସଦାଶିବ ପ୍ରହରାଜ)

ନକଲି ସାର୍ଟିଫିକେଟରେ ଚାକିରି କରିବା ଜଣେ ଶିକ୍ଷକଙ୍କୁ ଏବେ ଅଡୁଆରେ ପକାଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ସନଧର ମାଝୀଙ୍କ ନାମରେ ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝି ଥାନାରେ ଏତଲା ଦେଇଛନ୍ତି।

ଉମରକୋଟ ବ୍ଲକ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନଧର ମାଝୀ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଥିଲେ। ତେବେ ତାଙ୍କ ଯୁକ୍ତ ୨ ସାର୍ଟିଫିକେଟ ନକଲି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସାର୍ଟିଫିକେଟ ଯାଞ୍ଚ ପାଇଁ ବୋର୍ଡକୁ ପଠାଯାଇଥିଲା। ବୋର୍ଡରୁ ନକଲି ସାର୍ଟିଫିକେଟ ବୋଲି ରିପୋର୍ଟ ପାଇବା ପରେ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝିଙ୍କୁ ଶିକ୍ଷକଙ୍କ ବିରୋଧରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଇଓ ମାଝୀ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନା ଅଧିକାରୀ ବିପିନ କୁମାର ବାଗଙ୍କୁ ପଚାରିବାରୁ ବିଇଓଙ୍କୁ ଡକାଯାଇଛି। ଡକ୍ୟୁମେଣ୍ଟ ଯାଞ୍ଚ ପରେ ମାମଲା ରୁଜୁ କରାଯିବ। ତେବେ ଛୁଟି ଯୋଗୁ ବିଇଓ ଆସିପାରିନାହାନ୍ତି। ରାମନବମୀ ପାଇଁ ସନ୍ଧ୍ୟାରେ ଶୋଭାଯାତ୍ରା ରହିଛି। କାର୍ଯ୍ୟକ୍ରମ ସରିବା ପରେ ବିଇଓଙ୍କୁ ଡାକି ଏତଲାରେ ଆବଶ୍ୟକ ଡକ୍ୟୁମେଣ୍ଟ ରହିଛି ନାହିଁ ତାହା ଦେଖିବା ପରେ ଏତଲା କରାଯିବ ବୋଲି କହିଛନ୍ତି।

# ଘରୋଇ ବସ୍-ପିକ୍‌ଅପ୍ ମୁହାଁମୁହିଁ, ୧୦ ଯାତ୍ରୀ ଆହତ


ଦୁର୍ଘଟଣାଗ୍ରସ୍ତ ବସ୍ ଓ ପିକ୍‌ଅପ୍।

ପାପଡ଼ାହାଣ୍ଡି, ୨୭।୩
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦେଇଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଆମପାଣିର ଖଡକାଘାଟି ବୁଲାଣିରେ ଶୁକ୍ରବାର ଏକ ଘରୋଇ ବସ୍ ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ପରେ ପିକ୍‌ଅପ୍ ଗାଡି ଓଲଟି ପଡିଥିଲା। ଦୁର୍ଘଟଣାରେ ୨ ଗାଡିର ଡ୍ରାଇଭରଙ୍କ ସମେତ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ରହିଛି । ଆହତ ସମସ୍ତଙ୍କୁ ମୈଦଲପୁର ଓ ପରେ ପାପଡାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୈଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡି ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନା ପ୍ରକାରେ ଯାତ୍ରୀବାହୀ ବସ୍ (ଓ ୬୩୧୩ ) ମୁଖିଗୁଡାରୁ ଜୟପୁର ଯାଉଥିବା ବେଳେ ପିକ୍‌ଅପ୍ (ସିଜି ୦୪ଏନଏନ ୪୯୯୯ ) ମୈଦଲପୁରରୁ କଳାହାଣ୍ଡି ଜିଲା କୋକସରାକୁ ଯାଉଥିଲା। ଖଡକା ଘାଟି ବୁଲାଣିରେ ଦୁଇ ଗାଡି ମୁହାଁମୁହିଁ ଧକ୍କା ହେବା ପରେ ବସ୍ ଏକ ଗଛରେ ଧକ୍କାହେବା ସହ ପିକ୍‌ଅପ୍ ରାସ୍ତା କଡରେ ଓଲଟି ପଡିଥିଲା।

# ଉତ୍ସାହରେ ରାମନବମୀ

ଭୁବନେଶ୍ୱର, ୨୭।୩(ସୁନିତ୍ ମିଶ୍ର)

ଭୁବନେଶ୍ୱରରେ ରାମ ନବମୀ ବହୁ ଧୁମଧାମରେ ପାଳନ କରାଯାଇଛି। ଏକାଧିକ ଛକରେ କାର୍ ଏବଂ ବାଇକ୍‌ର ଲମ୍ବାଧାଡ଼ି ସହ ଯୁବକମାନେ ବେକରେ ରାମ ଓ ହନୁମାନଙ୍କ ପ୍ରତିଛବି ରହିଥିବା ଉତ୍ତରୀୟ ପକାଇ ରାଲି କରୁଥିବା ଦେଖିବାକୁ ମିଳିଛି। ୟୁନିଟ୍-୮ ଅଞ୍ଚଳର ଏକ ଘରୋଇ ସ୍କୁଲ ନିକଟରୁ ଏକାଧିକ ଯୁବକ ଗୋଟିଏ ବିରାଟ ରାଲି ଓୟୁଏଟି ଗେଷ୍ଟହାଉସ ଆଡ଼କୁ ବାହାର କରିଥିଲେ। ୨ଟି ଡିଜେ ଗାଡ଼ି ଉଚ୍ଚଶବ୍ଦରେ ବାଜୁଥିବା ବିଭିନ୍ନ ହିନ୍ଦୀ, ଓଡ଼ିଆ ଏବଂ ଆଲବମ୍ ଗୀତରେ ଯୁବଗୋଷ୍ଠୀ ନାଚକରି ଯାଉଥାଆନ୍ତି। ଉପସ୍ଥିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ଯେପରି ପ୍ରବଳ ଉତ୍ସାହ ରହିଥିଲା। ରାସ୍ତାର ଦୁଇକଡ଼ରେ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ମଧ୍ୟ ଉପସ୍ଥିତ ଥାଆନ୍ତି। ପୂରା ରାସ୍ତାରେ କେବଳ ରାମନବମୀକୁ ଧୁମଧାମରେ ପାଳନ କରୁଥିବା ଯୁବକମାନେ ହିଁ ରହିଥାଆନ୍ତି। ସେହି ରାସ୍ତା ଦେଇ ଯାଉଥିବା ସାଧାରଣ ଲୋକ ଯୁବକମାନଙ୍କ ଏଭଳି ଉତ୍ସାହ ଦେଖି କିପରି ସେମାନଙ୍କୁ ଅତିକ୍ରମକରି ସେଠାରୁ ତୁରନ୍ତ ଚାଲିଯିବେ ସେଥିଲାଗି ଚିନ୍ତା କରୁଥାଆନ୍ତି। ଯୁବପିଢ଼ିଙ୍କ ଏଭଳି ଆଗ୍ରହ ଏବଂ ଉତ୍ସାହ ଦେଖି ରାଜଧାନୀରେ ଟ୍ରାଫିକ୍ ନିୟମକୁ କୋହଳ କରାଯାଇଥିବା ଭଳି ମନେହେଉଥିଲା। ଅନ୍ୟପଟେ ସ୍ୱତନ୍ତ୍ର ରାମନବମୀ ଲାଗି କେତେଜଣ ଯୁବକ ସରକାର ବ୍ୟାନ୍ କରିଥିବା ବିକଟାଳ ରଡ଼ି କରୁଥିବା ସାଇଲେନ୍ସର ଗାଡ଼ିକୁ ସାଙ୍ଗରେ ଆଣିବା ସହ କାର୍ ଡୋର୍ ଦେବାପରେ ପ୍ରଧାନମନ୍ତ୍ରୀ କିମ୍ବା ଦେଶ ଓ ରାଜ୍ୟର ଅନ୍ୟ କ୍ଷମତାଶାଳୀ ନେତାମାନଙ୍କ ପିଏସ୍‌ଓ(ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ)ମାନେ ଯେଭଳି ଓହଳିକରି ଯାଇଥାଆନ୍ତି ସେମିତି ଦୃଶ୍ୟ ମଧ୍ୟ ରାମନବମୀ ରାଲିଗୁଡିକରେ ଦେଖିବା ପାଇଁ ମିଳିଥିଲା। ଆହୁରି ଅନେକ ସ୍ଥାନରେ ରାଲିରେ ଯାଉଥିବା ଅନେକ କାର୍ ଯାହାର କାଚ ସମ୍ପୂର୍ଣ୍ଣ କଳା ଜରିରେ ଆବଦ୍ଧ ହୋଇ ରହିଥିଲା ଏବଂ ଗାଡ଼ି ପଛରେ ଜୟ ଶ୍ରୀରାମ ମଧ୍ୟ ଲେଖା ରହିଥିଲା। ରାଜଧାନୀରେ ଗଡୁଥିବା ଅଧିକାଂଶ ଗାଡ଼ିରେ ଏଭଳି ଲେଖା ଉଲ୍ଲେଖ ରହିଥିବାର ଦୃଶ୍ୟ ମଧ୍ୟ ଅନେକ ଲୋକ ସେମାନଙ୍କ ଯାତାୟାତ ସମୟରେ ଦେଖିଥିବେ। ରାଲିରେ ଯାଉଥିବା ଆହୁରି ଅନେକ ଛାତ୍ର ଓ ଯୁବକ କାର୍ ଗଡୁଥିବା ସମୟରେ କାଚ ବାଟେ ବାହାରକୁ ବାହାରି ହାତ ହଲାଇ ଅନେକ ଉତ୍ସାହର ସହିତ ନାଚିକରି ଯାଉଥାଆନ୍ତି। ପିଲାମାନଙ୍କ ଏଭଳି ଖୁସି ଦେଖି ସାଧାରଣରେ ମଧ୍ୟ ବହୁ ସାଧାରଣ ଲୋକ ଆନନ୍ଦିତ ହେଉଥିଲେ। ସେହିପରି ପଟିଆ ଅଞ୍ଚଳ, ରସୁଲଗଡ଼ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ, କଳ୍ପନା ଛକ ଏହିପରି ରାଜଧାନୀର ବହୁ ସ୍ଥାନରେ ଭିନ୍ନ ଭିନ୍ନ ଗୋଷ୍ଠୀ ସେମାନଙ୍କ ରାମନବମୀ ରାଲି କାଢ଼ି ଯାଉଥାଆନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରାଯାଇଛି। କିଛିଦିନ ହେଲା ଲୋକସେବା ଭବନରୁ କଳ୍ପନା ଆଡ଼କୁ ଯାଉଥିବା ଲୋକମାନେ ଏଜି ଟ୍ରାଫିକ୍ ପାଖରେ କେତେଜଣ ପୋଲିସ ଏବଂ ଟ୍ରାଫିକ୍ କର୍ମଚାରୀ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଅଟକାଇ ଜରିମାନା ଆଦାୟ କରୁଛନ୍ତି। ମାତ୍ର ରାନବମୀ ସକାଶେ ଶୁକ୍ରବାର ସେହି ପୋଲିସ ଏବଂ ଟ୍ରାଫିକ୍ କର୍ମଚାରୀମାନଙ୍କୁ ବୋଧହୁଏ ଟ୍ରାଫିକ୍ ନିୟମ ପାଳନ ନ କରିବା ପାଇଁ ନିର୍ଦ୍ଦେଶ ରହିଥିବ କାରଣ ଶୁକ୍ରବାର ସେଠାରେ ଦିନବେଳା ଯେଉଁ ସମୟରେ ଟ୍ରାଫିକ୍ ଚେକିଂ ହୁଏ ତାହା ବନ୍ଦ ରହିଥିଲା।

# ୬ ମାସ ପାଇଁ ୮.୨ ଲକ୍ଷ କୋଟିର ଋଣ କରିବ କେନ୍ଦ୍ର

## ରାଜକୋଷ ନିଅଣ୍ଟ ଭରଣା

ନୂଆଦିଲ୍ଲୀ, ୨୭।୩ (ପି.ଟି.)



ରାଜକୋଷ ନିଅଣ୍ଟ ଭରଣା କରିବା ପାଇଁ କେନ୍ଦ୍ର ସରକାର ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ୬ ମାସ (ଏପ୍ରିଲ-ସେପ୍ଟେମ୍ବର) ମଧ୍ୟରେ ବଜାରରୁ ୮.୨ ଲକ୍ଷ କୋଟି ଟଙ୍କାର ଋଣ ସଂଗ୍ରହ କରିବାକୁ ଯୋଜନା କରିଛନ୍ତି। ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

୨୦୨୬-୨୭ ବଜେଟ ଅନୁଯାୟୀ, ମୋଟ ବଜାର ଋଣ ପରିମାଣ ୧୭.୨୦ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ତେବେ ଗଭର୍ନମେଣ୍ଟ ସିକ୍ୟୁରିଟି (ଜି-ସେକ୍) ସୁଇଚ୍ ପ୍ରକ୍ରିୟା ପରେ ଏହି ମୋଟ ଋଣ ପରିମାଣ ୧୬.୦୯ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଜି-ସେକ୍ ହେଉଛି ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ଋଣ ପତ୍ର। ଯେତେବେଳେ ସରକାରଙ୍କୁ ନିଜର ଖର୍ଚ୍ଚ, ଯେପରିକି ରାସ୍ତା, ବ୍ରିଜ ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ପାଇଁ ଟଙ୍କାର ଆବଶ୍ୟକତା ପଡ଼େ, ସେତେବେଳେ ସେ ଜନସାଧାରଣ ବା ବଡ଼ ବଡ଼ ସଂସ୍ଥାରୁ ଋଣ ନିଅନ୍ତି ଏବଂ ବଦଳରେ ଏକ ପ୍ରମାଣପତ୍ର ଦିଅନ୍ତି, ତାହାକୁ ଜି-ସେକ୍ କୁହାଯାଏ। ଅର୍ଥ ମନ୍ତ୍ରଣାଳୟ କହିଛି ଯେ, ଏହି ୧୬.୦୯ ଲକ୍ଷ କୋଟି ଟଙ୍କା ମଧ୍ୟରୁ ୫୧ ପ୍ରତିଶତ ଅର୍ଥାତ୍ ୮.୨୦ ଲକ୍ଷ କୋଟି ଟଙ୍କା ପ୍ରଥମାର୍ଦ୍ଧ (ଏଚ୍୧) ରେ ସରକାରୀ ସିକ୍ୟୁରିଟିଜ୍ ଜରିଆରେ ସଂଗ୍ରହ କରାଯିବ। ଏଥିମଧ୍ୟରେ ୧୫,୦୦୦ କୋଟି ଟଙ୍କାର ସୋଭେରିନ ଗ୍ରୀନ୍ ବଣ୍ଡ୍ (ଏସ୍‌ଜିଆର୍‌ବିଏସ୍) ମଧ୍ୟ ସାମିଲ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ ୨୦୨୬-୨୭ ପାଇଁ ରାଜକୋଷୀୟ ନିଅଣ୍ଟକୁ ଜିଡିପିର ୪.୩ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପରିମାଣ ଦୃଷ୍ଟିରୁ ଏହି ନିଅଣ୍ଟ ପ୍ରାୟ ୧୬.୯ ଲକ୍ଷ କୋଟି ଟଙ୍କା। ଏହି ନିଅଣ୍ଟକୁ ଭରଣା କରିବା ପାଇଁ ବଜାରରୁ ମୋଟ ଋଣ ପ୍ରାୟ ୧୧.୭ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବାକି ଅର୍ଥ କ୍ଷୁଦ୍ର ସଞ୍ଚୟ ଏବଂ ଅନ୍ୟାନ୍ୟ ଉତ୍ସରୁ ମିଳିବ।

ସରକାରୀ ବିବୃତି ଅନୁଯାୟୀ, ୨୬ଟି ସାପ୍ତାହିକ ନିଲାମ ଜରିଆରେ ଏହି ୮.୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରକ୍ରିୟା ଶେଷ ହେବ। ଏଥିପାଇଁ ୩, ୫, ୭, ୧୦, ୧୫, ୩୦, ୪୦ ଏବଂ ୫୦ ବର୍ଷିଆ ସିକ୍ୟୁରିଟିଜ୍ ବ୍ୟବହାର କରାଯିବ। ସେଥିମଧ୍ୟରୁ ୧୦ ବର୍ଷିଆ ସିକ୍ୟୁରିଟିଜ୍‌ର ଅଂଶ ସବୁଠାରୁ ଅଧିକ (୨୯%) ରହିବ। ସରକାରୀ ବଣ୍ଡ୍ ବଜାରରେ ସ୍ୱଚ୍ଛତା ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ପରାମର୍ଶ କରି ସରକାର ପ୍ରତି ସପ୍ତାହରେ ୨୮,୦୦୦ ରୁ ୩୪,୦୦୦ କୋଟି ଟଙ୍କାର ଋଣ କରିବେ। ସାଧାରଣ ଖୁଚୁରା ନିବେଶକଙ୍କ ପାଇଁ ପ୍ରତି ନିଲାମରେ ୫ ପ୍ରତିଶତ ଅଂଶ ସଂରକ୍ଷିତ ରହିବ।

# ଓଡ଼ିଶା ଦିବସ ପାଇଁ ରିଲାଏନ୍ସ ଡିଜିଟାଲର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)




ଓଡ଼ିଶା ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଓଡ଼ିଶାରେ ଏହାର ଷ୍ଟୋରଗୁଡ଼ିକରେ ସ୍ୱତନ୍ତ୍ର ଫେଷ୍ଟିଭ ଅଫରଗୁଡ଼ିକର ଶୁଭାରମ୍ଭ କରାଯାଇଛି । ଏହି ସ୍ୱତନ୍ତ୍ର କ୍ୟାମ୍ପେନରେ ଗ୍ରାହକଙ୍କ ପାଇଁ ନୂତନ ଇଲେକ୍ଟ୍ରୋନିକ୍ସ ଓ ଆପ୍ଲାଏନ୍ସ ସହ ଅପ୍‌ଗ୍ରେଡ୍ କରିବା ଲାଗି ଉପଯୁକ୍ତ ଅଫର ପ୍ରଦାନ କରୁଛି। ଏହି ଅବସରରେ ରିଲାଏନ୍ସ ଡିଜିଟାଲର ଭୁବନେଶ୍ୱରର ବାପୁଜୀନଗରସ୍ଥିତ ଷ୍ଟୋରରେ ଏହାର ଓଡ଼ିଶା କ୍ଲଷ୍ଟର ମ୍ୟାନେଜର ବିଶ୍ୱଜିତ ସାହୁ, ଓଡ଼ିଶା ମାର୍କେଟିଂ ମ୍ୟାନେଜର, ପଲକ କୁମାର ସାହୁ ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ରିଲାଏନ୍ସ ଡିଜିଟାଲର ଏକ ନିୟମିତ ଗ୍ରାହକ, କ୍ରିଷ୍ଣା ରାଉତ ପ୍ରମୁଖ ଉପସ୍ଥିତ ରହି ଅଫରଗୁଡ଼ିକର ଘୋଷଣା କରିଥିଲେ। ଓଡ଼ିଶା ଦିବସ ଅବସରରେ ଗ୍ରାହକମାନେ ବିଭିନ୍ନ ବ୍ୟାଙ୍କ କାର୍ଡ ଉପରେ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ତତ୍କାଳ ରିହାତି ସହିତ ପେପର ଫାଇନାନ୍ସ ବିକଳ୍ପ ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଲାଭ ପାଇପାରିବେ। ଏହି ଅଫର ଅବଧି ମାର୍ଚ୍ଚ ୨୮ ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସେହିପରି ରିଲାଏନ୍ସ ଡିଜିଟାଲ ନିର୍ଦ୍ଦିଷ୍ଟ ୧.୫ ଟନ-ଏୟାର କଣ୍ଡିସନର କ୍ରୟ ଉପରେ ମାଗଣା କ୍ୟୁଏଲ୍‌ଇଡି ଟିଭି ଏବଂ ନିର୍ଦ୍ଦିଷ୍ଟ ମଡେଲର ଫ୍ରଣ୍ଟ-ଲୋଡ୍ ୱାଶିଂ ମେଶିନ କ୍ରୟ ଉପରେ ମାଗଣା ଟିଭି ସମେତ ଆକର୍ଷଣୀୟ ମେଗା କମ୍ବୋ ଡିଲ୍ ପ୍ରଦାନ କରୁଛି । ଏହି ପଦକ୍ଷେପ ସହଜ ଋଣ ବିକଳ୍ପ, ଆକର୍ଷଣୀୟ ଏକ୍ସଚେଞ୍ଜ ଅଫର, ଶୀଘ୍ର ଡେଲିଭରି ଓ ଇନ୍‌ଷ୍ଟଲେଶନ ସର୍ଭିସ ସହ ସାମଗ୍ରିକ ଗ୍ରାହକ ସୁବିଧାକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛି, ଯାହା ଏକ ବାଧାମୁକ୍ତ ଶପିଂ ଅନୁଭୂତି ନିଶ୍ଚିତ କରିଥାଏ। ଗ୍ରୀଷ୍ମଋତୁର ଆବଶ୍ୟକତା ପାଇଁ ନିର୍ମିତ ଏୟାର କଣ୍ଡିସନର, ରେଫ୍ରିଜରେଟର, ୱାଶିଂ ମେଶିନ ଓ ସ୍ମାର୍ଟ ଟେଲିଭିଜନ ଭଳି ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟଗୁଡିକର ଏକ ବିସ୍ତୃତ ରେଞ୍ଜ୍ ସହିତ ରିଲାଏନ୍ସ ଡିଜିଟାଲ ଓଡ଼ିଶାରେ ଉପଭୋକ୍ତାଙ୍କ ବିକଶିତ ଜୀବନଶୈଳୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି।

# ସ୍ଥିର ଗୁଣବତ୍ତା ବିଶ୍ୱସନୀୟତାକୁ ଦୃଢ଼ କରେ

**୧୬ ବର୍ଷରୁ ଅଧିକ ସମୟ ଧରି ଭୁବନେଶ୍ୱରରେ ପ୍ରତିଷ୍ଠିତ 'ଏକରରାଇଜ୍ ପ୍ରମୋଟର୍ସ ପ୍ରା. ଲି.' ଓଡ଼ିଶାର ଆବାସିକ ରିୟଲ ଇଷ୍ଟେଟ୍ ପରିଦୃଶ୍ୟକୁ ପରିବର୍ତ୍ତନ କରିବାରେ ଆଗରେ ରହିଛି। ଉଦ୍ୟୋଗୀ ଶଶିକାନ୍ତ ବାରିକ ଏବଂ ଶେଖ୍ ମୈରାଜୁଲ ହକ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବ୍ରାଣ୍ଡ ଓଡ଼ିଶାରେ ବିଶ୍ୱସନୀୟତା, ଡିଜାଇନ୍‌ରେ ଉତ୍କୃଷ୍ଟତା, ଉତ୍କୃଷ୍ଟ ନିର୍ମାଣ ମାନଦଣ୍ଡ ଏବଂ ଚିନ୍ତାଶୀଳ ଯୋଜନା ସହିତ ନୂତନ ମାନଦଣ୍ଡ ସ୍ଥାପନ କରିଛି। ତେବେ ଏକରରାଇଜ୍‌ର ବର୍ତ୍ତମାନ ପର୍ଯ୍ୟନ୍ତ ଯାତ୍ରା ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଏହାର ସହପ୍ରତିଷ୍ଠାତା ଶଶିକାନ୍ତ ବାରିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**





ଶଶିକାନ୍ତ ବାରିକ

**ପ୍ର. ଭୁବନେଶ୍ୱରର ରିୟଲ୍ ଇଷ୍ଟେଟ୍ ବଜାରର ପରିବର୍ତ୍ତନରେ ଏକରରାଇଜ୍‌ର କ'ଣ ଅବଦାନ ରହିଛି?**

ଉ- ଏକରରାଇଜ୍ ଭୁବନେଶ୍ୱରର ରିୟଲ ଇଷ୍ଟେଟ ଲ୍ୟାଣ୍ଡସ୍କେପ୍‌କୁ ଏକ ସ୍ପଷ୍ଟ ଓ ଭବିଷ୍ୟତମୁଖୀ ଦୃଷ୍ଟିଭଙ୍ଗୀ ସହିତ ପୁନଃପରିଭାଷିତ କରୁଛି, ଯେଉଁଥିରେ ସ୍କେଲ୍, ଲାଇଫ୍‌ଷ୍ଟାଇଲ୍ ଏବଂ ସଷ୍ଟେନବିଲିଟି ନିଖୁଣ ସମନ୍ୱିତ ହୋଇଛି। ୱାନ୍ ୱାର୍ଲ୍ଡ ଅଭୂତପୂର୍ବ ସ୍କେଲ୍‌ରେ ଗ୍ଲୋବାଲ୍ ଷ୍ଟାଣ୍ଡାର୍ଡ ଓ ଅଭିଜ୍ଞତାଭିତ୍ତିକ ଜୀବନଯାପନ ପରିଚୟ କରାଉଛି। ଏକରରାଇଜ୍ ଆଜ୍ୟୁର ରିଭରଫ୍ରଣ୍ଟ ଲକ୍‌ଜୁରିର ଏକ ନୂତନ ଅଦ୍ଧ୍ୟାୟ ସ୍ଥାପନ କରିଛି। ଏକରରାଇଜ୍ ଅରା ପ୍ରକୃତି ଏବଂ ସଷ୍ଟେନବିଲିଟିକୁ ନିତିଦିନିଆ ଜୀବନରେ ସୁନ୍ଦର ଭାବେ ସମ୍ମିଳିତ କରୁଛି। ଏକରରାଇଜ୍ ଆମନ୍ତ୍ରଣ ମଧ୍ୟ ସ୍ମାର୍ଟ ଏବଂ ଉତ୍ତମ ଗୁଣବତ୍ତାଯୁକ୍ତ ସେବା ପ୍ରଦାନ କରୁଛି।

**ପ୍ର-ଗତ ଦଶନ୍ଧି ମଧ୍ୟରେ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ ଏକରରାଇଜ୍ କେଉଁ ରଣନୀତି ବ୍ୟବହାର କରିଛି?**

ଉ- ଗତ ଦଶବର୍ଷରେ ଏକରରାଇଜ୍ ପାରମ୍ପରିକ ରିୟଲ ଇଷ୍ଟେଟ୍ ପରିବର୍ତ୍ତେ ବିଶ୍ୱାସ, ଦୂରଦୃଷ୍ଟି ଏବଂ ଗ୍ରାହକ-କୈନ୍ଦ୍ରିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ପ୍ରତିଷ୍ଠା ଲାଭ କରିଛି। ଆରମ୍ଭରୁ ଏହି ବ୍ରାଣ୍ଡ୍ ଆଇନଗତ ସ୍ୱଚ୍ଛତା ଏବଂ ନିୟମ ପାଳନକୁ ପ୍ରାଥମିକତା ଦେଇ ଆସିଛି, ଯାହାର ପ୍ରତିଫଳନ ହେଉଛି ତା'ର ଶୂନ୍ୟ ରେରା ଅଭିଯୋଗ ରେକର୍ଡ। 'କିପିଂ ୟୁ ଆହେଡ୍' ଏହି ଦର୍ଶନ ସହିତ ଏକରରାଇଜ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏପରି ପ୍ରୋଜେକ୍ଟ ତିଆରି କରୁଛି, ଯାହା ଗ୍ରାହକଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣ କରେ ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରେ। କମ୍ପାନୀ ଭୁବନେଶ୍ୱର, ପୁରୀ, ତ୍ରିଶୂଳିଆ ଏବଂ ପାଣ୍ଡରା ଭଳି ଉଚ୍ଚ ସମ୍ଭାବନା ଥିବା ସୂକ୍ଷ୍ମ ବଜାରରେ ରଣନୈତିକ ଭାବେ ସମ୍ପ୍ରସାରଣ କରୁଛି।

**ପ୍ର- ଭୁବନେଶ୍ୱରର ଦ୍ରୁତ ଅଭିବୃଦ୍ଧିଶୀଳ ରିୟଲ ଇଷ୍ଟେଟ ବଜାରରେ କ'ଣ ଆହ୍ୱାନ ଏବଂ ସୁଯୋଗ ରହିଛି?**

ଉ- ଭୁବନେଶ୍ୱରରେ ନୂତନ ରାସ୍ତା, ପ୍ରସ୍ତାବିତ ମେଟ୍ରୋ ସଂଯୋଗ ଏବଂ ଆର୍ଥିକ କରିଡର ଯୋଗୁ ନୂତନ ମାଇକ୍ରୋ-ମାର୍କେଟ ଖୋଲିବା ସହିତ ଭିତ୍ତିଭୂମି ବିକାଶ ହେଉଛି। ଆଇଟି, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପ୍ରଶାସନିକ କ୍ଷେତ୍ରରେ ଦ୍ରୁତ ପ୍ରସାର ହେଉଥିବା ଏହି ସହର ଏକ ଟାୟାର-୨ ହବ୍ ଭାବରେ ଉଭା ହେଉଛି। ଗତ ଦଶନ୍ଧି ଧରି ସମ୍ପତ୍ତି ମୂଲ୍ୟରେ ନିରନ୍ତର ବୃଦ୍ଧି ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିଛି। ସୁଲଭ, ମଧ୍ୟମ ବର୍ଗ ଏବଂ ପ୍ରିମିୟମ ଗୃହ ପାଇଁ ଚାହିଦା ବୃଦ୍ଧି ପାଉଛି। ଅନ୍ୟପଟେ ଜମି ସମ୍ବନ୍ଧୀୟ ସମସ୍ୟା, ବିଳମ୍ବିତ ଅନୁମୋଦନ ଏବଂ ଏକକ-ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍‌ର ଅଭାବ, ଉଚ୍ଚ ଇନ୍‌ପୁଟ୍ ମୂଲ୍ୟ ଏବଂ ରିୟଲ ଇଷ୍ଟେଟ-ନିର୍ଦ୍ଧାରିତ ଟିକସ ନୀତି ନ ଥିବାରୁ ନିର୍ମାଣ ଖର୍ଚ୍ଚ ବୃଦ୍ଧି ଭଳି ଚ୍ୟାଲେଞ୍ଜ ରହିଛି।

**ପ୍ର-ଏକ ଭବିଷ୍ୟତ ଦୃଷ୍ଟିକୋଣ ଏବଂ ନିର୍ଭରଶୀଳତା କିପରି ରିୟଲ୍ ଇଷ୍ଟେଟ୍ କମ୍ପାନୀଗୁଡ଼ିକୁ କ୍ରେତା ଏବଂ ନିବେଶକଙ୍କ ଭରସା ହାସଲ କରିବାରେ ସାହାଯ୍ୟ କରେ?**

ଉ- ଗ୍ରାହକଙ୍କୁ ପ୍ରାଥମିକତା ଦେଇ କମ୍ପାନୀଗୁଡ଼ିକ ସ୍ମାର୍ଟ ଲେଆଉଟ୍ ପ୍ରସ୍ତୁତ କରିବା ଉଚିତ୍। ସମୟୋଚିତ ବିତରଣ ଏବଂ ସ୍ଥିର ଗୁଣବତ୍ତା ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରେ। ଡିଜାଇନ, ନିର୍ମାଣ ଓ ଗ୍ରାହକଙ୍କ ସମ୍ପୃକ୍ତିରେ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ସ୍ୱଚ୍ଛତା ଏବଂ ଅଭିଜ୍ଞତାକୁ ବୃଦ୍ଧି କରେ। ପରିଶେଷରେ, ଦୃଷ୍ଟିକୋଣ, ନବସୃଜନ ଏବଂ ଭରସାଯୋଗ୍ୟ କାର୍ଯ୍ୟାନ୍ୱୟନର ଏହି ମିଶ୍ରଣ ବିଶ୍ୱାସ ସୃଷ୍ଟି କରିବା ସହ ଦୀର୍ଘକାଳୀନ ସମ୍ପର୍କ ଗଠନ କରେ।

**ପ୍ର-ଏହି ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବା ପାଇଁ କିପରି ପ୍ରେରିତ ହୋଇଥିଲେ ଏବଂ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ଚାହୁଁଥିବା ଉଦ୍ୟୋଗୀମାନଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଶିଳ୍ପରେ ବିଶ୍ୱାସର ଅଭାବ, ସ୍ୱଚ୍ଛତା ଏବଂ ଦୀର୍ଘକାଳୀନ ଚିନ୍ତାଧାରାର ସ୍ପଷ୍ଟ ଅଭାବକୁ ଦେଖି ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ପ୍ରବେଶ କରିବାର ପ୍ରେରଣା ମିଳିଥିଲା। ଆକାଂକ୍ଷୀ ଉଦ୍ୟୋଗୀମାନଙ୍କ ପାଇଁ କହିବାକୁ ଚାହେଁ, ରିୟଲ୍ ଇଷ୍ଟେଟ୍ ଏକ ବିଶ୍ୱାସ ଦ୍ୱାରା ଚାଳିତ ବ୍ୟବସାୟ। ପ୍ରଥମ ଦିନରୁ ଆଇନଗତ ସ୍ପଷ୍ଟତା, ଗୁଣବତ୍ତା ଏବଂ ଗ୍ରାହକ ଅଭିଜ୍ଞତା ଉପରେ ଧ୍ୟାନ ଦିଅନ୍ତୁ। ଦୀର୍ଘକାଳୀନ ଚିନ୍ତା କରନ୍ତୁ, ବୁଦ୍ଧିମତ୍ତାର ସହ ସ୍ଥାନ ବାଛନ୍ତୁ, ଶୃଙ୍ଖଳା ସହିତ କାର୍ଯ୍ୟ କରନ୍ତୁ ଏବଂ ସର୍ବଦା ସମୟସୀମା ପୂରଣ କରନ୍ତୁ। ପରିବର୍ତ୍ତନ ସହିତ ଖାପ ଖୁଆଇବା, ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ଏବଂ ନିରନ୍ତର ଭାବରେ ପ୍ରତିଶ୍ରୁତି ପାଳନ କରିବା ଦ୍ୱାରା ସଫଳତା ଆସିଥାଏ।

# ବନ୍ଧ୍ୟାପଣ ଦୂରକରୁଛି ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍




ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଓଡ଼ିଶାରେ ଦମ୍ପତିମାନଙ୍କଠାରେ ବଢୁଥିବା ବନ୍ଧ୍ୟାପଣ ସମସ୍ୟାର ସମାଧାନକରି ଭୁବନେଶ୍ୱର ରୂପାଲୀ ଛକସ୍ଥିତ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍ ଅତ୍ୟାଧୁନିକ ରିପ୍ରଡକ୍ଟିଭ ଟେକ୍ନୋଲୋଜି ଓ ବ୍ୟକ୍ତିଗତ ଚିକିତ୍ସା ପଦ୍ଧତିଗୁଡିକ ଦ୍ୱାରା ସମର୍ଥିତ ୭୦ରୁ ୮୦%ର ଏକ ସଫଳତା ହାର ହାସଲ କରିଛି । ଏହି ସମସ୍ୟା ଉପରେ ମତବ୍ୟକ୍ତକରି ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍‌ର ସେଣ୍ଟର ହେଡ୍ ଡା. ଅମ୍ରିତା ନନ୍ଦ କହିଛନ୍ତି, ରାଜ୍ୟର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବନ୍ଧ୍ୟାପଣ ଲୋକଙ୍କୁ ପ୍ରଭାବିତ କରୁଛି। ଓଡ଼ିଶାର ପ୍ରାୟ ୧୫% ଦମ୍ପତିଙ୍କୁ ବନ୍ଧ୍ୟାପଣ ପ୍ରଭାବିତ କରୁଥିବା ବେଳେ ଏହି ହାର ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନ ରହିଛି । ଡା. ନନ୍ଦ କହିଛନ୍ତି, ଆଧୁନିକ ଜୀବନଶୈଳୀ କାରକଗୁଡିକ ଯୁବପିଢ଼ିଙ୍କ ମଧ୍ୟରେ ବନ୍ଧ୍ୟାପଣ ବୃଦ୍ଧିରେ ବହୁମାତ୍ରାରେ ଯୋଗଦାନ ଦେଉଛନ୍ତି । ଦ୍ରୁତ ଗତିଶୀଳ ଜୀବନ, କ୍ୟାରିୟର ଚାପ, କାର୍ଯ୍ୟ ଚାପ, ଲାପ୍‌ଟପ୍ ଓ ମୋବାଇଲ ଭଳି ଇଲେକ୍ଟ୍ରୋନିକ ଡିଭାଇସଗୁଡିକର ଅତ୍ୟଧିକ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ ଏହାର ପ୍ରମୁଖ କାରଣ ହୋଇଛି। ୧ ବର୍ଷରୁ ଅଧିକ ସମୟ ହେବ ଗର୍ଭଧାରଣ କରିବାକୁ ଚେଷ୍ଟା କରୁଥିବା ଦମ୍ପତିମାନେ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ବନ୍ଧ୍ୟାପଣର ସାଧାରଣ ସମସ୍ୟାଗୁଡିକୁ ହାଇଲାଇଟ କରି ଡା. ନନ୍ଦ ପିସିଓଏସ୍ (ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ), ପୁରୁଷ କାରକ ବନ୍ଧ୍ୟାତ୍ୱ, କମ୍ ଡିମ୍ବାଶୟ ସଂରକ୍ଷଣ ଓ ଅସ୍ପଷ୍ଟ ବନ୍ଧ୍ୟାପଣ ଭଳି ସ୍ଥିତିଗୁଡିକୁ ସୂଚିତ କରିଛନ୍ତି । ଏହି ସେଣ୍ଟର ଦମ୍ପତିମାନଙ୍କୁ ବିଭିନ୍ନ ପ୍ରଜନନ ସମ୍ପର୍କିତ ସମସ୍ୟାଗୁଡିକୁ ଭଲ ଭାବରେ ବୁଝିବା ଓ ପରିଚାଳନା କରିବାରେ ସାହାଯ୍ୟ କରିବା ପାଇଁ ସକ୍ରିୟ ଭାବେ କାଉନ୍‌ସେଲିଂ ସେବା ମଧ୍ୟ ପ୍ରଦାନ କରୁଛି ।

# ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସର ଅକ୍ଷୟ ତୃତୀୟା ଅଫର



ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଭୁବନେଶ୍ୱର ଶହୀଦନଗରସ୍ଥିତ ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସର ୫ମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସର ଏମ୍‌ଡି ବାବୁରାମ ସ୍ୱାଇଁ, ସାମାଜିକ କର୍ମୀ ଜାପାନ ରାଉତରାୟ ଓ ଜୀବନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ରାମନବମୀ ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଥିଲା। ସୁନାଗହଣା ଉପରେ ଫ୍ଲାଟ୍ ୫% ଗଢ଼ା ମଜୁରି ଏବଂ ବିପିଏଲ୍ କାର୍ଡଧାରୀଙ୍କ ପାଇଁ ୪.୫% ଗଢ଼ା ମଜୁରି ରହିଛି। ଏହି ଅଫର ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଅନ୍ୟପଟେ ଭାଗ୍ୟଶାଳୀ ବିଜେତାଙ୍କ ପାଇଁ ଲକି ଡ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ବିଜେତାଙ୍କୁ ଟିଭିଏସ୍ ସ୍କୁଟର ପ୍ରଦାନ କରାଯିବାକୁ ଥିବାବେଳେ ୨ୟ ଓ ୩ୟ ବିଜେତାଙ୍କୁ ଏଲ୍‌ଇଡି ଏବଂ ଫ୍ରିଜ୍ ପ୍ରଦାନ କରାଯିବ। ସେହିପରି ୧୦ ଜଣ ଲେଖାଏ ଗ୍ରାହକଙ୍କୁ ମିକ୍ସର ଗ୍ରାଇଣ୍ଡର ଓ ହାତଘଣ୍ଟା ଉପହାର ଦିଆଯିବ।

# କୋଇଲା ଖଣି ପରିଦର୍ଶନକଲେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ


ମା' ହିଙ୍ଗୁଳାଙ୍କ ଉଭାସ୍ଥଳରେ ଦର୍ଶନ କରୁଛନ୍ତି କୋଲ୍ ଇଣ୍ଡିଆ ଅଧ୍ୟକ୍ଷ।

ତାଳଚେର,୨୭।୩(ମନୋଜ ନନ୍ଦ)

ଓଡ଼ିଶା ଗସ୍ତରେ ଆସିଥିବା କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଶୁକ୍ରବାର ଶିଳ୍ପାଞ୍ଚଳ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କୋଇଲା ଉତ୍ପାଦନ ଓ ପରିବହନ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମଧ୍ୟ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ପୂର୍ବତନ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଅରୁଣ ପ୍ରଧାନ, ସଞ୍ଜୟ ସାହୁ, ସନ୍ତୋଷ ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖ ଅଧ୍ୟକ୍ଷ ସାଇରାମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ଉଦୟ ଅନନ୍ତ କାୱଲେ, ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ନିର୍ଦ୍ଦେଶକ ଅଜୟ କୁମାର ବେଉରା, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ଧଳ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ୍.ଭି.ଜୋଶୀ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଆର୍.ଆର୍. ନାୟକ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ତାଳଚେର କ୍ଷେତ୍ର ମହାପ୍ରବନ୍ଧକ କେ.ବି. ଚୌଧୁରୀ, ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାରେ ଖୋଲିଲା ନୂଆ ଏମ୍‌ଆର୍‌ଏଫ୍ ଟାୟାର ଶୋ'ରୁମ୍

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)



ବିଜୟଲକ୍ଷ୍ମୀ ଟାୟାର୍ସ ପକ୍ଷରୁ ଖୋର୍ଦ୍ଧାର ଦଧିମାଛ ଗାଡ଼ିଆଠାରେ ଏକ ନୂଆ ଏମ୍‌ଆର୍‌ଏଫ୍ ଟାୟାର ଶୋ'ରୁମ୍ ଖୋଲାଯାଇଛି। ଶୋ'ରୁମ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶୋ'ରୁମ୍ ମାଲିକ ବୃନ୍ଦାବନ ଅରିସଲଙ୍କ ସହ ମୁଖ୍ୟ ଅତିଥି ଭାବେ ଏମ୍‌ଆରଏଫ୍‌ର ଡିଷ୍ଟ୍ରିକ୍ଟ ମ୍ୟାନେଜର ସୁମନ୍ତ କୁମାର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଆର୍‌ଏଫ୍ ଟିମ୍‌ର ଶୁଭମ୍ ଶାହ, ବିପୁଳ ବୋଷ, ଆଦିତ୍ୟ ଦାସ, ରିତେଶ ରୋଶନ ଏବଂ ଲୋକେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବ୍ୟାପକ ରେଞ୍ଜର ଟାୟାର ଏବଂ ଟ୍ୟୁବ୍ ଉପଲବ୍ଧ ହେଉଥିବାବେଳେ ଗ୍ରାହକଙ୍କୁ ସ୍ୱତନ୍ତ୍ର ସେବା ପ୍ରଦାନ କରାଯିବ। ଏହାସହ ଅଟୋମେଟିକ୍ ଟାୟାର ଚେଞ୍ଜିଂ ସୁବିଧା ମଧ୍ୟ ମିଳିବ।

# ସିୟୁଓ ପରିଦର୍ଶନକଲେ ପିଆଇବି ଏଡିଜି

ଭୁବନେଶ୍ୱର, ୨୭।୩ (ଅନୁରାଧା ମହାରଣା)



ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ୪ ଦିନିଆ କୋରାପୁଟ ଗସ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ପରିସରରେ ଆୟୋଜିତ 'ଯୋଗାଯୋଗର ସମାଜ ଶାସ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମିଶ୍ର କହିଥିଲେ, ଡିଜିଟାଲ ଯୁଗରେ ନୀତି ପ୍ରଣୟନ ଏବଂ ଜନସଚେତନତା ମଧ୍ୟରେ ଥିବା ବ୍ୟବଧାନକୁ ଦୂରକରିବା ପାଇଁ ସୂଚନାର ସମୟୋଚିତ, ସ୍ୱଚ୍ଛ ଏବଂ ସୁଲଭ ପ୍ରସାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସମାବେଶୀ ଜାତୀୟ ବିକାଶରେ ଯୋଗଦାନ ଦେବା ପାଇଁ ସରକାରୀ ଯୋଜନା ଏବଂ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚାଇବା ଲାଗି ପ୍ରଭାବଶାଳୀ ଯୋଗାଯୋଗ ଉପକରଣ ଉପଯୋଗକରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ନରସିଂହ ଚରଣ ପଣ୍ଡା, ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. କପିଳା ଖେମୁଣ୍ଡୁ, ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ନିଖିଲ ଗୌଡ଼ା ଏବଂ ସହାୟକ ପ୍ରଫେସର ଡକ୍ଟର ସୌରଭ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍‌କମ୍ ଟାକ୍ସ ସମ୍ପର୍କିତ ଆଉଟରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ଏବଂ ଟ୍ୟାକ୍ସ ରିସର୍ଚ୍ଚ ଡିପାର୍ଟମେଣ୍ଟର ମିଳିତ ସହଯୋଗରେ ନୂତନ ଆୟକର ଆଇନ-୨୦୨୫ ସମ୍ପର୍କିତ ଏକ ଆଉଟରିଚ୍ କାର୍ଯ୍ୟକ୍ରମ ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଡିରେକ୍ଟରଟ୍ ଅଫ୍ ଟ୍ରେନିଂ ସହଯୋଗରେ ଡାଇରେକ୍ଟ ଟ୍ୟାକ୍ସେସନ କମିଟି ଓ ଇନ୍‌କମ୍ ଟ୍ୟାକ୍ସ ଆକ୍ଟ-୨୦୨୫ ଟାକ୍ସଫୋର୍ସଙ୍କ ମାର୍ଗଦର୍ଶନରେ ତିଆରିତ୍ତି ଦ୍ୱାରା ପରିଚାଳିତ ଦେଶବ୍ୟାପୀ ପଦକ୍ଷେପର ଏକ ଅଂଶ ଥିଲା। ମୁଖ୍ୟ ଅତିଥି ଭାବେ ନାଲ୍‌କୋର ଅର୍ଥ ନିର୍ଦ୍ଦେଶକ ସିଏମ୍‌ଏ ଅଭୟ କୁମାର ବେହୁରିଆ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରିନ୍ସିପାଲ କମିଶନର ଅଫ୍ ଇନକମ୍ ଟ୍ୟାକ୍ସ ସରୋଜ ମହାପାତ୍ର, ସିଏମ୍‌ଏ ଶ୍ରୀକାନ୍ତ କୁମାର ସାହୁ, ସିଏମ୍‌ଏ ଗଗନ ବିହାରୀ ସ୍ୱାଇଁ, ସିଏମ୍‌ଏ କ୍ଷୀରୋଦ ଚନ୍ଦ୍ର ନନ୍ଦ, ଆଇସିଏମ୍‌ଏଆଇର ପୂର୍ବତନ ସଭାପତି ସିଏମ୍‌ଏ ବିଭୂତି ଭୂଷଣ ନାୟକ ଏବଂ ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍‌ଏ ଆରତି ଗାଙ୍ଗୁଲି, ଉପାଧ୍ୟକ୍ଷ ଦାମୋଦର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସିଏମ୍‌ଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସିଏମ୍‌ଏ ସୁଧାଂଶୁ କୁମାର ସାହୁ ଓ ଅବିନାଶ କୋଟ୍‌ନି ଏହି ଟେକ୍ନିକାଲ ସେସନର ପରିଚାଳନା କରିଥିଲେ। ଭୁବନେଶ୍ୱର ଚାପ୍ଟରର ସେକ୍ରେଟାରି ସିଏମ୍‌ଏ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ସିଏମ୍‌ଏ ବରଦା ପ୍ରସନ୍ନ ନାୟକ ଏବଂ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।

# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୫୦ ହ୍ୟାଣ୍ଡୱାଶ୍ ମେଶିନ ପ୍ରଦାନ


ଅତିଥି ହ୍ୟାଣ୍ଡ ୱାଶ ମେଶିନ ପ୍ରଦାନ କରୁଛନ୍ତି।

ମାଲକାନଗିରି,୨୭।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସିଏସଆର୍ ଆକ୍ଟିଭିଟି ଦ୍ୱାରା ସିଡିପିଓ କାର୍ଯ୍ୟାଳୟରେ ୫୦ ହ୍ୟାଣ୍ଡ ୱାଶ ମେଶିନ ୫୦ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ମାଲକାନଗିରି ସିଡିଓ ଦାଶରଥୀ ସରାବୁ ପ୍ରଦାନ କରିଥିଲେ। ଯାନବାଇ ସ୍ୱାଭିମାନ ଅଞ୍ଚଳରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଲକାନଗିରି ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ବିନୋଦ କୁମାର ବିଷୋୟୀ, ସହ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ ଆୟୋଜନ କରିଥିଲେ। ଏଲ୍‌ଡିଏମ୍ ଚକ୍ରଧର ନାୟକ, ଡିଏସ୍‌ଡବ୍ଲ୍ୟୁ ଓ ସିଡିପିଓ ଉପସ୍ଥିତ ଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଦେଭ୍ୟାନ୍ସ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ରାୟପୁରରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସରେ ଶୁକ୍ରବାର ଭାରୋତ୍ତୋଳନ ଇଭେଣ୍ଟରେ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ବିଦ୍ୟୁସ୍ମିତା ଭୋଇ,ମୀନା ସାନ୍ତା ଓ ମୀନା ସିଂ।

# ଫାଇନାଲରେ ଏଲ୍ଏଲ୍‌ସିସି

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୯୪ ରନରେ ହରାଇ ଆୟୋଜକ ଏଲ୍ଏଲ୍‌ସିସି ଫାଇନାଲରେ ପ୍ରବେଶ କରିଛି। ଫଳରେ ୨୦୨୪ ଓ ୨୦୨୫ରେ ଚାମ୍ପିୟନ ହୋଇଥିବା ଏଲ୍ଏଲ୍‌ସିସି ଏଥର ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏଲ୍ଏଲ୍‌ସିସି ରୋହିତ ବିଭାରଙ୍କ ବିସ୍ଫୋରକ ୭୭ (୫୭ ବଲରେ, ୧୯ ଚୌକା)ରନ ବଳରେ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୨୦ ରନ କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତେଜେଶ୍ୱର ପଣ୍ଡା ୨୮ ଓ ଆର୍ଯ୍ୟ ପାଟଶାଣୀ ୨୪ ରନ କରିଥିଲେ। ବିପକ୍ଷ ଦଳର ଆର୍ଯ୍ୟ ମୋରେ ୩ଟି ଓ ଏବି ଭିଜନ ୨ଟି ଉଇକେଟ ନେଇଥିଲେ। ୨୨୧ ରନ ବିଜୟ ଲକ୍ଷ୍ୟର ପିଛାକରି ସହିଦ ସ୍ପୋର୍ଟିଂ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଅଧିନାୟକ ସୂରଜ ଜେ. ଧଳ ସର୍ବାଧିକ ୩୨ ରନ କରିଥିଲେ। ବିଜୟୀ ଦଳର ମୋହିତ ପଙ୍କଜ ସାହୁ ଓ ଆର୍ଯ୍ୟ ପାଟଶାଣୀ ୩ଟି ଲେଖାଏ ଓ ଶ୍ରେୟାଂଶ ସଂକଳ୍ପ ପରିଡ଼ା ୨ଟି ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ରୋହିତ ବିଭାରଙ୍କୁ ଅତିଥି ଲିଙ୍ଗରାଜ ମିଶ୍ର ପୁରସ୍କୃତ କରିଥିଲେ। ଶନିବାର ଦ୍ୱିତୀୟ ସେମି ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ସହ ରେଡ୍ ଷ୍ଟାରର ମୁକାବିଲା ହେବ। ରବିବାର ଫାଇନାଲ ଅନୁଷ୍ଠିତ ହେବ।



ରୋହିତ ବିଭାରଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଏସିଆନ ଗେମ୍ସ ପାଇଁ ବେଲାରିରେ କବାଡ଼ି କ୍ୟାମ୍ପ

**ବେଲାରି, ୨୭।୩ (ପି.ଟି.)**

ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଜାପାନରେ ଏସିଆନ ଗେମ୍ସଲାଗି ଉଭୟ ପୁରୁଷ ଓ ମହିଳା ସମ୍ଭାବ୍ୟ ଖେଳାଳିମାନଙ୍କୁ ନେଇ ବେଲାରିରେ ଏକ କବାଡ଼ି କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିରେ ନବୀନ କୁମାର, ପବନ ଶେରାୱତ, ଅର୍ଜୁନ ଦେଶୱାଲ ଓ ସୋନାଲି ବିଷ୍ଣୁ ଶିଙ୍ଗାଟେଙ୍କ ଭଳି ବହୁ ଜଣାଶୁଣା ଖେଳାଳି ଭାଗ ନେଇଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ଭାରତର କବାଡ଼ି ଇକୋ ସିଷ୍ଟମକୁ ସୁଦୃଢ଼ କରିବା, ଯେଉଁଥିରେ ଖେଳାଳିମାନଙ୍କ ବିକାଶ, ଫିଟ୍‌ନେଶ ଏବଂ ସେମାନେ ଯେପରି ଲମ୍ବା ସମୟ ଧରି ଭଲ ପ୍ରଦର୍ଶନ କରିପାରିବେ ସେ ଦିଗରେ ଧ୍ୟାନ ଦିଆଯିବ। ମହାଦେଶୀୟ ସ୍ତରରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗରେ ବହୁ ଦିନ ଧରି ଏକ ପାୱାରହାଉସ ରହି ଆସିଛି। ସେମାନେ ଗତ ଏସିଆନ ଗେମ୍ସର ଉଭୟ ପୁରୁଷ ଓ ମହିଳା ବିଭାଗ ଚାମ୍ପିୟନ। ଏହି କ୍ୟାମ୍ପରେ ଆହୁରି ମଧ୍ୟ ପୁରୁଷ ବିଭାଗରେ ନବୀନ କୁମାର, ଅର୍ଜୁନ ଦେଶୱାଲ, ପବନ ଶେରାୱତ ଅସ୍‌ଲାମ ଇମାନ୍‌ଦାର, ସୁନୀଲ କୁମାର, ଅଂଶୁ ମଲିକ ଓ ଭରତ ହୁଦା ପ୍ରମୁଖ ଯୋଗଦେଇଛନ୍ତି।


Well wishes for the 12th Birthday on 18.03.2026



Ipsit Kumar (Devyansh)

On the occasion of Happy Birthday of our lovely grandson/son, we pray the almighty god of the universe to shower His abundant blessings for Devyansh's brilliant & colourful bright future for all time to come.

With hearty blessings from:

Bapa/Maa, Daddy, Mummy, Baby didi/ Piusa, Kalyani Aii, Bablu Uncle/Aunty, Chanti Mausi/Mausa

D-3767


**ଏସିଆ କପ୍-ୱାର୍ଲ୍ଡ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ**

# ଭାରତୀୟ ତୀରନ୍ଦାଜଙ୍କୁ ୧୦ ପଦକ

**ବ୍ୟାଙ୍କକ୍, ୨୭।୩ (ପି.ଟି.)**

ଭାରତୀୟ କମ୍ପାଉଣ୍ଡ ତୀରନ୍ଦାଜମାନେ ଏଠାରେ ଚାଲିଥିବା ଏସିଆ କପ୍-ୱାର୍ଲ୍ଡ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଷ୍ଟେଜ୍-୧ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେମାନେ ମିକ୍ସଡ ଟିମ୍‌ରେ ସ୍ୱର୍ଣ୍ଣ ଓ ମହିଳା ଟିମ୍‌ରେ ରୌପ୍ୟ ଜିତିଥିବା ବେଳେ ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ସୁଇପ୍ କରିଛନ୍ତି। ଭାରତ ଆହୁରି ମଧ୍ୟ ଅପରାହ୍ନ ସେସନରେ ରିକର୍ଭ ବିଭାଗରେ ଦୁଇ ରୌପ୍ୟ ପଦକ ହାସଲ କରିଛି। ଫଳରେ ଭାରତର ପଦକ ସଂଖ୍ୟା ୧୦ (୨ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ ବ୍ରୋଞ୍ଜ)ରେ ପହଞ୍ଚିଛି। ଗତ ସଂସ୍କରଣରେ ଭାରତ ୮ ପଦକ ଜିତିବାରେ ସମର୍ଥ ହୋଇଥିଲା। ସ୍ୱର୍ଣ୍ଣ ପଦକ ଦୃଷ୍ଟିରୁ ଭାରତର ସଂଖ୍ୟା ଏଥର ହ୍ରାସ ପାଇଛି। ଗତଥର ଭାରତ ୫ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଏହାର ମୁଖ୍ୟ କାରଣ ହେଲା ଏଥର ରିକର୍ଭ ବିଭାଗରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଜଣେ ହେଲେ ତୀରନ୍ଦାଜ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇ ନାହାନ୍ତି। ସେମାନେ ପୁରୁଷ ବ୍ୟକ୍ତିଗତ ବିଭାଗ ଏବଂ ମିକ୍ସଡ ଟିମ୍ ଇଭେଣ୍ଟରେ ଗୋଟିଏ ହେଲେ ପଦକ ଜିତିବାରେ ସମର୍ଥ ହୋଇ ନାହାନ୍ତି। ୨୦୨୫ରେ ଭାରତ ପୁରୁଷ ବ୍ୟକ୍ତିଗତ ରିକର୍ଭରେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ବେଳେ ମିକ୍ସଡ ଟିମ୍ ଏକ ରୌପ୍ୟ ପଦକ ପାଇଥିଲା। ଦିନର ଉଲ୍ଲେଖନୀୟ ଘଟଣା ହେଲା ଭାରତ ବ୍ୟକ୍ତିଗତ ପୁରୁଷ କମ୍ପାଉଣ୍ଡ ବିଭାଗରେ କ୍ଲିନ୍ ସୁଇପ୍ ହାସଲ କରିବା। ଏକ ରୋମାଞ୍ଚକ ଅଲ୍-ଇଣ୍ଡିଆନ ଫାଇନାଲରେ ଉଦୟ କାମ୍ବୋଜ ୧୪୫-୧୪୪ରେ ପ୍ରଥମେଶ ଜକରଙ୍କୁ ପଛରେ ପକାଇ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଖା ଖେଳାଳି ରଜତ ଚୌହାନ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

# ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ: ଦ୍ୱିତୀୟ ସ୍ଥାନରେ ଓଡ଼ିଶା

**ରାୟପୁର, ୨୭।୩ (ପି.ଟି)**

ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ଶୁକ୍ରବାର ଥିଲା ତୃତୀୟ ଦିବସ। ସୁଇମିଂ ପୁଲ୍‌ରେ କର୍ଣ୍ଣାଟକ ପୁଣି ଆଧିପତ୍ୟ ବିସ୍ତାର କରିବା ସହ ପ୍ରଥମ ରାଜ୍ୟ ଭାବେ ୧୦ରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ହାସଲ କରି ପଦକ ତାଲିକାର ଶୀର୍ଷରେ ରହିଛି। ମଣିକାନ୍ତ ଏଲ୍‌ଙ୍କ ନେତୃତ୍ୱରେ କର୍ଣ୍ଣାଟକର ସନ୍ତରଣକାରୀମାନେ ପଦକ ତାଲିକାରେ ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଯୋଗ କରିଛନ୍ତି। ତୃତୀୟ ଦିବସ ସୁଦ୍ଧା କର୍ଣ୍ଣାଟକ ୧୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିପାରିଛି। ଓଡ଼ିଶା ୬ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ୯ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଆସାମ (୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ) ୮ ପଦକ ସହ ତୃତୀୟ ସ୍ଥାନରେ ରହିଛି। ଛତିଶଗଡ଼ ଓ ତ୍ରିପୁରା ପ୍ରତ୍ୟେକ ୩ ରୌପ୍ୟ ଏବଂ ସମାନ ସଂଖ୍ୟକ ବ୍ରୋଞ୍ଜ ସହ ମିଳିତ ୭ମ ସ୍ଥାନରେ ଅଛନ୍ତି। ଓଡ଼ିଶାର ଭାରୋତ୍ତୋଳିକା ବିଦ୍ୟୁସ୍ମିତା ଭୋଇ ୬୩ କେଜି ଓଜନରେ ଭାଗ ନେଇ ସ୍ନାଚ ଏବଂ କ୍ଲିନ୍ ଏଣ୍ଡ ଜର୍କରେ ମୋଟ୍ ୧୯୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ମୀନା ସାନ୍ତା ମହିଳା ୫୩ କେଜି ବର୍ଗରେ ରୌପ୍ୟ ଏବଂ ମୀନା ସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ସୂଚନାଯୋଗ୍ୟ, ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ପ୍ରଥମ ସଂସ୍କରଣରେ ୩୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପାଖାପାଖି ୩୮୦୦ ପ୍ରତିଯୋଗୀ ୯ଟି କ୍ରୀଡ଼ା ବିଭାଗରେ ଅଂଶଗ୍ରହଣ କରିଛନ୍ତି। ତୀରନ୍ଦାଜୀ, ଆଥ୍‌ଲେଟିକ୍ସ, ଫୁଟ୍‌ବଲ, ହକି ସୁଇମିଂ, ୱେଟ୍‌ଲିଫ୍ଟିଙ୍ଗ ଓ ରେସ୍‌ଲିଂ ଏବଂ ମାଲଖମ୍ବ ଓ କବାଡି ଭଳି ପ୍ରଦର୍ଶନ ଖେଳ ଭାବେ ସାମିଲ କରାଯାଇଛି।

# ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ ସହ ୨୬ ପଦକ



ଜାତୀୟ ପାରା ଫେନ୍‌ସିଂରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

**ଜାତୀୟ ପାରା ଫେନ୍‌ସିଂ**

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ୨ୟ ଜାତୀୟ ପାରା ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୧୦ ସ୍ୱର୍ଣ୍ଣ ସହ ମୋଟ ୨୬ ପଦକ ହାସଲ କରିଛି। ଏହା ମଧ୍ୟରେ ୬ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ସାମିଲ। ଅନ୍ତିମ ଦିବସରେ ଅନୁଷ୍ଠିତ ମହିଳା ଇପି 'ଏ' ବର୍ଗରେ ମାଳତି ପାନୁରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ସେ ଅନ୍ୟତମ ଓଡ଼ିଶା ଫେନ୍‌ସର ଶୀଳା ମନ୍ତ୍ରୀଙ୍କୁ ୧୫-୩ରେ ପରାସ୍ତ କରିଛନ୍ତି। ଫଳରେ ଏହି ଇଭେଣ୍ଟରେ ଓଡ଼ିଶାକୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ମହିଳା ଇପି 'ବି' ବର୍ଗରେ ନିତୁ ପ୍ରଧାନ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ଫାଇନାଲରେ ଆଶା ସିଂଙ୍କୁ ୧୫-୧୨ରେ ହରାଇ ଦେଇଛନ୍ତି। ଏଥିରୁ ମଧ୍ୟ ଓଡ଼ିଶାକୁ ସ୍ୱର୍ଣ୍ଣ-ରୌପ୍ୟ ମିଳିଛି। ମହିଳା ଇପି ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳକୁ ରୌପ୍ୟ ପଦକ ମିଳିଛି। ହରିୟାଣାଠାରୁ ୯-୧୪ରେ ହାରି ଓଡ଼ିଶା ରନରଅପ୍ ହୋଇଛି। ମହିଳା ସାବ୍ରେ 'ବି' ବର୍ଗରେ ଓଡ଼ିଶା ଦଳ ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛି। ମହିଳା ସାବ୍ରେ ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳ ରୌପ୍ୟ ପଦକ ଜିତିଛି। ହରିୟାଣାଠାରୁ ଓଡ଼ିଶା ୯-୧୪ରେ ପରାଜିତ ହୋଇଛି। ପୁରୁଷ ଇପି 'ଏ' ବର୍ଗରେ ଭି. ରମେଶ ରାଓ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ହରିୟାଣାର ପ୍ରଭିନଙ୍କଠାରୁ ୧୩-୧୫ରେ ହାରି ଯାଇଛନ୍ତି। ପୁରୁଷ ଇପି ଟିମ୍ ଇଭେଣ୍ଟରେ ଓଡ଼ିଶା ୧୫-୯ରେ ହରିୟାଣାକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଓମ୍ ପ୍ରକାଶ ବେହେରା, ପବୀତ୍ର ସାହୁ, ରାଖାଲ କୁମାର ସେଠୀ ଓ ଭି. ରମେଶ ରାଓ ଓଡ଼ିଶା ଦଳର ସଦସ୍ୟ ଥିଲେ।

**ସର୍ବଭାରତୀୟ ୯ବଲ୍ ସ୍ନୁକର**

# ଆଶୁତୋଷଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ପଞ୍ଜାବର ଲୁଧିଆନାଠାରେ ଚାଲିଥିବା ସର୍ବଭାରତୀୟ ୯ ବଲ୍ ସ୍ନୁକର ଚାମ୍ପିୟନଶିପ୍‌ରେ ଓଡ଼ିଶାର ଆଶୁତୋଷ ପାଢ଼ୀ ପ୍ରଭାବୀ ପ୍ରଦର୍ଶନ କରି ଟପ୍-୩୨ରେ ପ୍ରବେଶ କରିଛନ୍ତି। ନିଜର ଏହି ଯାତ୍ରା ପଥରେ ଆଶୁତୋଷ ପୂର୍ବତନ ବିଶ୍ୱ ଚାମ୍ପିୟନ ଶ୍ରୀକ୍ରିଷ୍ଣା ସୂର୍ଯ୍ୟନାରାୟଣଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସୂର୍ଯ୍ୟନାରାୟଣଙ୍କ ବିପକ୍ଷରେ ଆଶୁତୋଷ ଏକଦା ୩-୫ରେ ପଛୁଆ ରହିଥିଲେ। ମାତ୍ର ଚାପ ସ୍ଥିତିରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଶୁତୋଷ ୬-୫ରେ ବିଜୟୀ ହୋଇଥିଲେ। ରାଉଣ୍ଡ ଅଫ୍-୨୬୪ରେ ଆଶୁତୋଷ ଅତି ସହଜରେ ନୀରଜ ବାଗାଙ୍କୁ ୬-୦ରେ ହରାଇ ଦେଇଥିଲେ। ରାଉଣ୍ଡ ଅଫ୍-୧୨୮ରେ ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ କରି ରେଲୱେର ନୀତେଶ ମଦନଙ୍କୁ ୬-୫ରେ ହରାଇ ଦେଇଥିଲେ। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।


# Classified Everyday

0674-2580101, 9692975378



REAL ESTATE

SALE

GA Colony ଭରତପୁରରେ Fully Developed Colony ମଝିରେ 2700 ବର୍ଗଫୁଟ ସ୍ଥିତିବାନ୍ Plot For sale. Owner- 8917622925. D-3763

Ready to move 3BHK Duplex Bungalow, BOTANDA, SUNDARPADA, BHUBANESWAR, near SBI, Ranging: 1.18Cr. Contact: 9861125539, 9040521173. D-301

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

Limited CDA and RERA (RP/07/2023/01069) Approved Plot available near K.V-3 & CISF Munduli with all Infrastructure Development. Contact- 7008513309. D-3764

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

I, BABBAN, S/o.- Late Kanhai Prasad, residing at Qrs. No. C/25, Sector-3, Rourkela- 769002, P.S.- Sector-3, Dist.- Sundargarh, Odisha declare vide No. A/43 dtd. 19.03.2026 that, my correct name is BABBAN, but in the Registration Certificate of my vehicle Regd. No. OD14F 5751 and in my Driving Licence No. OR 14 19880018201 my name has been mentioned as BABBAN PRASAD, S/o.- Kanhai. That, Babban and Babban Prasad is one and same person. and Kanhai and Kanhai Prasad is one and same person i.e my father.

D-3761

By virtue of this affidavit sworn before the Executive Magistrate, Binjharpur/ Notary Public, Jajpur on dated 20th January 2026, I, Mr. Rajesh Jena, Address: At- Sayedpur, P.O.- Binjharpur, P.S.- Binjharpur, Dist.- Jajpur, Odisha, PIN- 755004 have changed my name from "Rajendra Jena" to "Rajesh Jena". Henceforth, I shall be known as "Rajesh Jena" for all purpose.

Rajesh Jena

D-3762

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦିବାକର ନାୟକ

ତିହିଡ଼ି, ଭଦ୍ରକ

ଆବିର୍ଭାବ: ୨୩।୦୪।୧୯୪୦

ତିରୋଧାନ: ୧୭।୦୩।୨୦୨୬

ଆପଣଙ୍କୁ ଏବେ ଆମେ ଖୁବ୍ ବେଶି ମନେ ପକାଉଛୁ। ଅନୁଭବ କରୁଛୁ ଆପଣଙ୍କ ସ୍ପର୍ଶ। ବାରି ପାରୁଛୁ ଆପଣଙ୍କ ମହକ। ଲାଗୁଛି ଆପଣ ଏଇଠି କୋଉଠି ଅଛନ୍ତି। ପବନରେ ଧୀରେ ଧୀରେ ପହଁରି ଯାଉଛି ଆପଣଙ୍କ ପାଦଶବ୍ଦ। ଆମେ ଦେଖିପାରୁଛୁ ଆପଣଙ୍କ ପାନଖିଆ ପାଟିର ହାଲକା ହସ। ଆପଣ ଯେଉଁ ନାଆ ଗଢ଼ି ଦେଇ ଯାଇଛନ୍ତି ଆମ ପାଇଁ, ଆମେ ନିଶ୍ଚେ ସେଥିରେ ସଂସାର ନଈ ପାରିହେବୁ। ଆପଣ ବିଶ୍ୱାସ ରଖିଥାନ୍ତୁ ବାପା। ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ।

ଆପଣଙ୍କ ଶ୍ରଦ୍ଧାନୁବଦ୍ଧ: ବାସନ୍ତୀ ପାଢ଼ୀ (ଝିଅ), ଶଶୀକାନ୍ତ ପାଢ଼ୀ (ଜ୍ୱାଇଁ), ବାପୁଜୀ ନାୟକ (ପୁଅ), କଳ୍ପନା ନାୟକ (ବୋହୂ), ଅଭୟ ନାୟକ (ପୁଅ), ଜାନକୀ ନାୟକ (ବୋହୂ), ନାତିନାତୁଣୀ ଓ ଆତ୍ମୀୟସ୍ୱଜନ

ଧ-୩୭୬୫


# ହକିରୁ ଗୁର୍‌ଜାନ୍ତଙ୍କ ଅବସର



ଗୁର୍‌ଜାନ୍ତ ସିଂ

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

ଭାରତର ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଗୁର୍‌ଜାନ୍ତ ସିଂ ଶୁକ୍ରବାର ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଗତବର୍ଷ ପିଠିରେ ଆଘାତପ୍ରାପ୍ତ ପରେ ତାଙ୍କୁ ଜାତୀୟ ଦଳରେ ଆଉ ସ୍ଥାନ ମିଳି ନ ଥିଲା। ଗୁର୍‌ଜାନ୍ତ କହିଛନ୍ତି ଅବସର ପାଇଁ ତାଙ୍କ ଲାଗି ଏହା ଏକ ଉପଯୁକ୍ତ ସମୟ ବୋଲି ସେ ମନେ କରିଥିଲେ। ଗୁର୍‌ଜାନ୍ତ ସିନିୟର ସ୍ତରରେ ୧୩୦ ମ୍ୟାଚ ଖେଳିଛନ୍ତି। ଦଳକୁ ଚାଇନାରେ ୨୦୨୩ ରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ଜିତାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଅମୃତସର ଖାଇଲାରା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ୩୧ବର୍ଷୀୟ ଫରୱାର୍ଡ ଗୁର୍‌ଜାନ୍ତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ପଛକୁ ପଛ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ଜଣେ ସଦସ୍ୟ ଥିଲେ। ଶୁକ୍ରବାର ଏଠାରେ ୮ମ ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ଉତ୍ସବ ବେଳେ ତାଙ୍କର ଅବସର ଘୋଷଣା କରିଛନ୍ତି। ପିଠିରେ ଇଞ୍ଜୁରୀ ଯୋଗୁ ସେ ଗତବର୍ଷ ଜୁନ୍ ପ୍ରୋ-ଲିଗ୍ ପରେ ସିନିୟର ଦଳରୁ ବାଦ ପଡ଼ିଥିଲେ। ପାଖାପାଖି ୭ରୁ ୮ମାସ ଧରି ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳି ନ ଥିଲା। ଏହାପରେ ସେ ହକି ଇଣ୍ଡିଆ ଲିଗ୍ ଓ ଘରୋଇ ହକି ଖେଳିଥିଲେ ହେଁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ତେଣୁ ଅବସର ନେବା ସହ ଜୁନିୟର ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ସେ ବିଚାର କରିଥିଲେ ବୋଲି ଗୁର୍‌ଜାନ୍ତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭେଡେନରେ ଝଡବର୍ଷା ସାଙ୍ଗକୁ କରାମାଡ଼

ଭେଡ଼େନ,୨୭।୩ (ହୃଷୀକେଶ ଖମାରୀ): ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଝଡ଼ବର୍ଷା ହୋଇଛି। ଏହି କ୍ରମରେ ଭେଡେନ ବ୍ଲକର ବିଭିନ୍ନ ଅଞ୍ଚଳରେ ଝଡ଼ବର୍ଷା ସହ କରାମାଡ (କୁଆପଥର) ହୋଇଛି। ଏହାର ପ୍ରଭାବରେ ପରିବା ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ସେମାନଙ୍କ ମୁଗ, ଟମାଟୋ, ବାଇଗଣ ଆଦି ପରିବା ଫସଲ ପ୍ରଭାବିତ ହୋଇଛି। ଦେଶଭଟଲି, ଦେଶ ପଥର୍ଲା, ଉଦେପୁର ଅଞ୍ଚଳର ଚାଷୀମାନେ ଏଥିରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

### ପୋଲ ଉପରୁ ଖସିଲା ଟ୍ରକ୍

ବରପାଲି,୨୭।୩(ଚିତ୍ତରଞ୍ଜନ ସାହୁ): ବରପାଲିରେ ଏକ ଟ୍ରକ ପୋଲ ଉପରୁ ଖସି ପଡିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ସକାଳେ ବରପାଲି ବଲାଙ୍ଗୀର ରାସ୍ତାରେ ମହଦା ପୋଲ ଉପରୁ ପ୍ରାୟ ୫୦ ଫୁଟ ତଳକୁ ବେଦାନ୍ତର ଏକ ଟ୍ୟାଙ୍କର ଟ୍ରକ ଖସି ପଡିଥିଲା। ଟ୍ୟାଙ୍କର ଖାଲିଥିବା ଜଣା ପଡି ଥିବା ବେଳେ ଘଟଣା ସ୍ଥଳରେ ଡ୍ରାଇଭର କିମ୍ବା ହେଲପେର ନ ଥିବାରୁ ମୃତାହତଙ୍କ ଖବର ଜଣା ପଡ଼ିନାହିଁ। ଭାର ସାମ୍ୟ ହରାଇ ଟ୍ରକ ପୋଲ ତଳକୁ ଖସି ପଡିଥିବା ଅନୁମାନ କରାଯାଉଛି। ବରପାଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ଆବଶ୍ୟକବେଳେ ମିଳୁନି ୟୁରିଆ, ଚାଷୀ ହନ୍ତସନ୍ତ

ବରଗଡ଼,୨୭।୩(ପ୍ରେମାନନ୍ଦ ଖମାରୀ)


କଳାପାଣିରେ ସାର ପ୍ରୟୋଗ ପାଇଁ ଜଣେ ଚାଷୀ ପ୍ରସ୍ତୁତ ହେଉଛନ୍ତି।


ଧାନ ଫସଲରେ ସାର ପ୍ରୟୋଗ କରାଯାଉଛି।

■ ଜୋର୍ ଧରିଛି ସାର କଳାବଜାର
■ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର

ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏଠାରେ ଚାଷ ଏବଂ ଚାଷୀଙ୍କ ସମସ୍ୟା ଅସମାହିତ ହୋଇ ରହିଛି। ଧାନବିକ୍ରି ସମସ୍ୟା ସାଧାରଣରେ ପରିଣତ ହୋଇଥିବାବେଳେ ଫସଲରେ ରୋଗପୋକ ଉପଦ୍ରବ, ଅଦିନିଆ ବର୍ଷା, କରାମାଡରେ ଫସଲକ୍ଷତି ବିଭିନ୍ନ ସମୟରେ ଚାଷୀଙ୍କ ଆର୍ଥିକ ଓ ମାନସିକ ସ୍ଥିତିକୁ ଦୋହଲାଇ ଦେଇଥାଏ। ବର୍ତ୍ତମାନ ଜିଲାରେ ଖରିଫ୍ ଫସଲ ଚାଲିଥିବାବେଳେ ସାର ସଙ୍କଟ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ଧାନ ଫସଲରେ ବର୍ତ୍ତମାନ ୟୁରିଆ ସାରର ଆବଶ୍ୟକତା ରହିଛି। ମାତ୍ର ଜିଲାରେ ଏହାର କୃତ୍ରିମ ଅଭାବ ଦେଖାଦେଇଛି। ଆବଶ୍ୟକତା ଅନୁସାରେ ଚାଷୀମାନଙ୍କୁ ସେହି ସାର ଯୋଗାଇ ଦିଆଯାଉନାହିଁ। ଅନ୍ୟପକ୍ଷେ ଚଢାଦରରେ ୟୁରିଆ ସାର ବିକ୍ରି କରି କଳାବଜାର କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଖରିଫ ଋତୁରେ ଜିଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନଚାଷ ହୋଇଥାଏ। କିନ୍ତୁ ରବି ଋତୁରେ ମୁଖ୍ୟତଃ ହୀରାକୁଦ ଜଳସେଚିତ ଅଞ୍ଚଳର ଚାଷୀମାନେ ଧାନଚାଷ କରନ୍ତି। ସେହିପରି ଯେଉଁଠି ଉଠା ଜଳସେଚନ ପ୍ରକଳ୍ପର ସୁବିଧା ରହିଛି ସେଠାରେ କେବଳ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଧାନ ଚାଷ କରିଥାନ୍ତି। ଏହି ଦୃଷ୍ଟିରୁ ଖରିଫ୍ ତୁଳନାରେ ରବି ଫସଲ ପାଇଁ କମ୍ ସାର ଆବଶ୍ୟକ ପଡେ। ଏହି କ୍ରମରେ କୃଷି ବିଭାଗର ତଥ୍ୟ ଅନୁସାରେ ବରଗଡ଼ ଜିଲାକୁ ରବି ପାଇଁ ୨୯ହଜାର ୩୦୦ ମେଟ୍ରିକ ଟନ୍ ୟୁରିଆ, ୧୧ହଜାର ୬୦୦ ମେଟ୍ରିକ ଟନ୍ ଡିଏପି, ୨୭୦୦ ମେଟ୍ରିକ୍ ଟନ୍ ଏମ୍ଓପି, ୧୭ହଜାର ୪୦୦ ମେଟ୍ରିକ୍ ଟନ୍ ଏନ୍ପିକେଏସ୍ ଏବଂ ୪୦୦ ମେଟ୍ରିକ ଟନ୍ ଏସ୍ଏସ୍ପି ସାର ଆବଶ୍ୟକ ପଡିଥାଏ। ଆବଶ୍ୟକତା ଅନୁଯାୟୀ ଜିଲାକୁ ପ୍ରାୟତଃ ସାର ପହଞ୍ଚିଛି। ସରକାରୀ ସହାୟକ ମୂଲ୍ୟରେ ସେହି ସାର ଚାଷୀମାନଙ୍କୁ ଆବଣ୍ଟନ ପାଇଁ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ଏବଂ ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀଙ୍କୁ ତାହା ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ଜିଲାରେ ୟୁରିଆ ସାର ନିଅଣ୍ଟ ଚର୍ଚ୍ଚାର ବିଷୟ ହୋଇଛି। ୟୁରିଆ ସାର ମହଜୁଦ ସତ୍ତ୍ୱେ କୃତ୍ରିମ ଅଭାବ ଏବଂ କଳାବଜାର କରାଯାଉଛି ବୋଲି ଚାଷୀ ମହଲରେ ଅଭିଯୋଗ ହୋଇଛି। ସରକାରୀ ନିର୍ଦ୍ଧାରିତ ଦର ଅନୁଯାୟୀ, ୟୁରିଆ ସାର ପ୍ୟାକେଟ୍ ପ୍ରତି ୨୬୬ଟଙ୍କା ୫୦ ପଇସା ଏବଂ ଡିଏପି ସାର ପ୍ୟାକେଟ୍ ପ୍ରତି ୧୩୫୦ ଟଙ୍କା ରହିଛି। କେତେକ ଲାଇସେନ୍ସପ୍ରାପ୍ତ ହୋଲସେଲର ଓ ରିଟେଲର ୟୁରିଆ ସାର ୫୦୦ ଟଙ୍କାରୁ ଅଧିକ ଦରରେ ଏବଂ ଡିଏପି ସାର ୧୮୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେଭଳି କଳାବଜାର ଯୋଗୁ ଚାଷୀମାନେ ଶୋଷଣର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କଲେ ଲୋକ ଦେଖାଣିଆ ଧରପଗଡ଼ ହେଉଛି। ସେହିଭଳି କଳାବଜାରରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ମିଳିଥିବା ଲାଇସେନ୍ସକୁ ସାମୟିକ ରଦ୍ଦ କରାଯାଉଛି। ସେଭଳି କଳାବଜାରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଯୋଗୁ ପରବର୍ତ୍ତୀ ସମୟରେ ଜିଲାରେ ସାର କଳାବଜାର ପୁଣି ଜୋର୍ ଧରୁଥିବା ଅଭିଯୋଗ ହେଉଛି। ଚାଷୀନେତା ସୁରେଶ ନେକାଣ୍ଡି କହିଛନ୍ତି, ବରଗଡ଼ ଜିଲାକୁ ପର୍ଯ୍ୟାପ୍ତ ପରିମାଣରେ ସାର ଆସୁଛି ସତ କିନ୍ତୁ ଏଠାରେ ରହିଥିବା କେତେକ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟକ ମୂଲ୍ୟରେ ଜିଲାର ଚାଷୀଙ୍କୁ ସାର ଯୋଗାଇ ଦେବା ବଦଳରେ ପଡୋଶୀ ଛତିଶଗଡ଼ ରାଜ୍ୟକୁ ଚଢାଦରରେ ଚାଲାଣ କରୁଛନ୍ତି। ଅନ୍ୟପକ୍ଷେ ଜିଲାର ଚାଷୀମାନେ ସାର ପାଇଁ ସେମାନଙ୍କ ପାଖକୁ ଗଲେ ୟୁରିଆ ସାର ପ୍ୟାକେଟ୍ ପ୍ରତି ୨୬୬ ଟଙ୍କା ୫୦ ପଇସା ପରିବର୍ତ୍ତେ ୪୨୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି କରୁଛନ୍ତି। ସେହିପରି ପ୍ରାଥମିକ କୃଷି ସମବାୟ ସମିତିରେ କେବଳ ଋଣୀ ଚାଷୀଙ୍କୁ ସାର ଯୋଗାଇ ଦିଆଯାଉଛି। ଅଣଋଣୀ ଚାଷୀମାନଙ୍କୁ ସେଥିରୁ ବଞ୍ଚିତ କରାଯାଉଛି। ଫଳରେ ଜିଲାର ଚାଷୀମାନେ ସାର ପାଇଁ ହନ୍ତସନ୍ତ ହେଉଛନ୍ତି ଏବଂ ଅଭିଯୋଗ କଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ ବୋଲି ଚାଷୀନେତା ନେକାଣ୍ଡି କହିଛନ୍ତି।

## ଶ୍ରୀରାମ ଜନ୍ମୋତ୍ସବ ପାଳିତ

ବରପାଲି,୨୭।୩(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ସିର୍କିଡି ଗ୍ରାମରେ ରାମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସଭାପତି ଲକ୍ଷୀନ୍ଦ୍ର ସେଠ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ତେଜରାଜ ବାଗ ସଭା ପରିଚାଳନା କରିଥିଲେ। ସମ୍ପାଦକ ରାମାନନ୍ଦ ପ୍ରଧାନ, ସହ ସମ୍ପାଦକ କିଶୋର ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜିତ ସାହୁ, ସଂଯୋଜକ ଶରତ ଚନ୍ଦ୍ର ପାଣିଗ୍ରାହୀ, ଗ୍ରାମର ସଭାପତି ଗତି କୃଷ୍ଣ ତ୍ରିପାଠୀ, ସମ୍ପାଦକ ମାଣିଆଁ ମିର୍ଦ୍ଧା, ପୁରୋହିତ ଅଶିନୀ କୁମାର ପାଣିଗ୍ରାହୀ, କର୍ତ୍ତା ଭାବରେ ସିତାରାମ ସାହୁ ଓ ଅମୃତ ସାହୁ , ପ୍ରବଚକ ସତ୍ୟାନନ୍ଦ ତ୍ୟାଗି, ପାଇକ ବାହାଲ, ବିଂଶିପାଲିର ବାଦ୍ୟକାର ବାଦ୍ୟ ପରିବେଷଣ କରିଥିଲେ। ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଲୋକନାଥ ବାଗ, ଲୁକୁ ସେଟ, ଭୁକାଲୁ ଭୋଇ, ନରୋତ୍ତମ ପ୍ରଧାନ, ଚତୁର୍ଭୁଜ ବାଘ, ଶ୍ୟାମ ସାହୁ, ସୌରେନ୍ଦ୍ରୀ ପାଣିଗ୍ରାହୀ, ବୀଣା ପଧାନ, ସରୋଜିନୀ ପ୍ରଧାନ, ମାଧବୀ ପ୍ରଧାନ, ତ୍ରିପୁରା ବାଗ, ଆନନ୍ଦିନୀ ବାଗ, ମୁଖି ପଧାନ, ଦେବକୀ ପ୍ରଧାନ, ବୀଣା ପ୍ରଧାନ, ସାବିତ୍ରୀ ପଟେଲ ଏବଂ ଗ୍ରାମର ବହୁ ଭକ୍ତ ଉପସ୍ଥିତ ରହି ରାମ ଜନ୍ମ ମହୋତ୍ସବକୁ ପାଳନ କରିଥିଲେ।

## ଶ୍ରୀରାମ ନବମୀ ପାଳନ, ରାମଲୀଳା ଆରମ୍ଭ

ବିନିକା, ୨୭।୩ ( ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ. ୧୦ ଉର୍ଲେ ଗ୍ରାମରେ ଶୁକ୍ରବାର ଶ୍ରୀରାମ ନବମୀ ଧୁମଧାମ୍‌ରେ ପାଳିତ ହୋଇଛି। ଉକ୍ତ ଗ୍ରାମରେ କେଉଁ ଆବାହମାନ କାଳରୁ ରାମଲୀଳା ନାଟକ ପରିବେଷଣ ହୋଇଆସୁଛି । ଏହି ଗାଁରେ ସମସ୍ତଙ୍କ ଘର କାନ୍ଥରେ ଜୟ ଶ୍ରୀରାମ ଓ ଘର ସାମ୍ନାରେ ପୂର୍ଣ୍ଣ କଳସ ବସାଇ ପାଳନ କରାଯାଉଛି। ସନ୍ଧ୍ୟାରେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରୁ ଭଜନ କୀର୍ତ୍ତନ କରି ରାମଲୀଳା ନାଟକ ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ମହାପ୍ରଭୁ ଶ୍ରୀରାମଙ୍କ ଜନ୍ମ ନାଟକ ପରିବେଷଣ ହୋଇଥିଲା । ଭଜନ କୀର୍ତ୍ତନ ଘଣ୍ଟ ଶଙ୍ଖରେ ସାରା ଗାଁ ଭକ୍ତିମୟ ବାତାବରଣ ସୃଷ୍ଟି ହୋଇଥିଲା । ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଫୁଲ ବର୍ଷା କରିଥିଲେ । ଏହି ଦୃଶ୍ୟ ଦେଖିବା ପାଇଁ ଆଖପାଖରୁ ଶହ ଶହ ଶ୍ରଦ୍ଧାଳୁ ଆସିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମନବମୀ ଉତ୍ସବ


ବିଭିନ୍ନ ବେଶରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ପଦ୍ମପୁର,୨୭।୩(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଗୋପାଳ ଜୀ ମନ୍ଦିରରୁ ପୂଜକ ମୁନ୍ଦିରଥ ପଣ୍ଡା ରାଧାକ୍ରିଷ୍ଣ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ଆଣିଥିଲେ। ଏକ ସୁସଜ୍ଜିତ ରଥରେ ଶୋଭାଯାତ୍ରାରେ ଶିଶୁ ମନ୍ଦିରରୁ ବାହାରି ମେହେର ପଡା, ଅହିଂସା କ୍ଲବ ଛକ, ହନୁମାନ ପଡା,ଭେଡଁରିଆ ଛକ, ସୂର୍ଯ୍ୟ ନଗର,ଥାନାଛକ ଦେଇ ଶିଶୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶୋଭାଯାତ୍ରାରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବେଶଧାରୀ ବନବାସୀ ରାମ, ଲକ୍ଷ୍ମଣ ଓ ସୀତା , ରାଜାରାମ , ସୀତା ଓ ଲକ୍ଷ୍ମଣ, ହନୁମାନ ବେଶରେ ସୁସଜ୍ଜିତ ରଥରେ ଡ଼ିଜେ ବାଜାର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ଶ୍ରୀରାମ ଧ୍ୱନିରେ ବିଭିନ୍ନ ସ୍ଥାନରେ ଝୋଟି ଚିତା ପକାଇ କଳସ ସ୍ଥାପନ କରି ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ବାଞ୍ଛାନିଧି ପଣ୍ଡା, ଭକ୍ତଚରଣ ସାହୁ , ଜୟନାରାୟଣ ତ୍ରିପାଠୀ, ସଭାପତି ପୃଥିରାଜ ସାହୁ, ସମ୍ପାଦକ ଜନକଲାଲ ମେହେର, ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ, ମାତୃ ଭାରତୀ ସଭ୍ୟା ବୃନ୍ଦ, ପୂର୍ବ ଛାତ୍ର ପରିଷଦର ସଭ୍ୟଙ୍କ ସମେତ ଅଭିଭାବକ, ଗୁରୁଜୀ ଗୁରୁମା ଶିଶୁ ସାମିଲ ହୋଇଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଜାଳେଣି ଗ୍ୟାସ୍ ଅଭାବ, କାଠଚୁଲିରେ ରୋଷେଇ

ବୀରମହାରାଜପୁର,୨୭।୩ (ଯୁଗଳ କିଶୋର ମିଶ୍ର)

ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଭିନ୍ନ ସ୍କୁଲରେ ଏବେ ମଧ୍ୟାହ୍ନ ଭୋଜନ ଦେବା କଷ୍ଟକର ହେଲାଣି। ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ କେନ୍ଦୁପାଲି ସରକାରୀ ସ୍କୁଲରେ ଏବେ ପ୍ରାୟ ୪୦୦ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ଗ୍ୟାସ ଅଭାବରେ କାଠରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ଦେଉଛନ୍ତି। ଫଳରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପରିଚାଳନା କମିଟିର ସଦସ୍ୟାସଦସ୍ୟ। ସେ ପଟେ ଗ୍ୟାସ ବୁକିଙ୍ଗ ୪୫ ଦିନ ହୋଇଥିବାରୁ ଗ୍ୟାସ ସିଲିଣ୍ଡର ପାଇ ପାରୁନାହାନ୍ତି ଶିକ୍ଷୟିତ୍ରୀ ଶିକ୍ଷକ । ଉଜ୍ଜ୍ୱଳା ଯୋଜନାରେ ମଧ୍ୟ ୪୫ ଦିନ ଧାର୍ଯ୍ୟ କରାଯାଇଥିବାରୁ ସେମାନେ ମଧ୍ୟ ଗ୍ୟାସ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ରାଜ୍ୟ ସରକାର ତୁରନ୍ତ ସମାସ୍ୟାର ସମାଧାନ ନ କଲେ ଅବସ୍ଥା ଅସମ୍ଭାଳ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି। ଏ ବିଷୟରେ ଜିଲାପାଳ ଡ଼ ନୃପରାଜ ସାହୁ କହିଛନ୍ତି, ଏବେ ଯେଉଁ ସ୍କୁଲରେ ହଷ୍ଟେଲ ଅଛି, ସେହି ସ୍କୁଲମାନଙ୍କ ପାଇଁ ରନ୍ଧନ ଗ୍ୟାସର ବ୍ୟବସ୍ଥା କରିଛୁ। ବାକି ସରକାରୀ ସ୍କୁଲରେ ରନ୍ଧନ ଗ୍ୟାସ ଅଭାବ ଥିବା ଖବର ପହଞ୍ଚିଲାଣି। ରାଜ୍ୟ ସରକାରଙ୍କ ଖାଉଟି ଓ ଯୋଗାଣ ବିଭାଗ ତରଫରୁ ଯାହା ନିର୍ଦ୍ଦେଶ ଆସିବ ତାକୁ ଜିଲା ପ୍ରଶାସନ କାର୍ଯ୍ୟ କରିବ। ଶାନ୍ତି ଲତା ମେହେର କହିଛନ୍ତି, ଆମର ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପାଇଛୁ। ଏହା ୪୫ ଦିନରେ ଥରେ ଗ୍ୟାସ ଦିଆଯିବ ବୋଲି କହୁଛନ୍ତି ଡିଲର। ବୁକିଂ କଲେ ହେଉନାହିଁ। ଏ ପଟେ ଗ୍ୟାସ ଅଭାବରେ ବାଧହୋଇ କାଠରେ ରୋଷେଇ କରୁଛୁ। ଜାଳେଣି କାଠର ଘୋର ଅଭାବ। ଏଣୁ ବିଭିନ୍ନ ପ୍ରକାରର ଛୋଟ ଛୋଟ କାଠରେ ବାଧ ହୋଇ ରାନ୍ଧିବାକୁ ପଡୁଛି। ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଛୁରାମାଡ଼ରେ ଯୁବକ ଗୁରୁତର, ବୁର୍ଲା ସ୍ଥାନାନ୍ତର



ଡୁଙ୍ଗୁରିପାଲି, ୨୭।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଇଛାପୁର ଗ୍ରାମପଞ୍ଚାୟତ ସାନଫଟାମୁଣ୍ଡା ଗ୍ରାମରେ ଛୁରାମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ଗୁଲାପ ଭୁଏ (୨୪ )। ବୁଧବାର ରାତି ଗୋଟାଏରେ ଗୁଲାପ ଘରେ ଶୋଇଥିବାବେଳେ କେହି ଘରେ ପଶି ତାଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାତିରେ ତୁରନ୍ତ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ଗୁଲାପଙ୍କ ବାପା ସାଧୁ ତାଙ୍କ ପୁଅକୁ ଛୁରାମାଡ଼ ହୋଇଥିବା ନେଇ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମର ୨ଜଣ ଯୁବକ ତାଙ୍କ ପୁଅକୁ ଛୁରାମାଡ କରିଥିବା ସନ୍ଦେହ କରି ଅଭିଯୋଗପତ୍ରରେ ଦର୍ଶାଇଥିବା ପୋଲିସ କହିଛି। ପୋଲିସ ଘଟଣାସ୍ଥଳକୁ ଯାଇ ଏକ ଛୁରି ଜବତ କରିଛି। ଅନ୍ୟ ପକ୍ଷେ ଗୁଲାପଙ୍କ ଛାତିରେ ଓ ହାତରେ ଛୁରାମାଡ଼ ହୋଇଥିବାରୁ ଅବସ୍ଥା ଗୁରୁତର ରହିଛି। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ସାଧୁଙ୍କ ଅଭିଯୋଗ କ୍ରମେ ଡୁଙ୍ଗୁରିପାଲି ପୋଲିସ ଏକ ମାମଲା (ନଂ. ୭୯/୨୦୨୬) ରୁଜୁକରି ତଦନ୍ତ ଜାରି ରଖିଛି। ଥାନା ଏସ୍ଆଇ ରାଜକିଶୋର ବାରିକ ଘଟଣାର ତଦନ୍ତ କରୁଛନ୍ତି। ୩ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଧରାପଡ଼ିନାହାନ୍ତି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରୋଜାଲିନ ପଟେଲ କହିଛନ୍ତି।

## ଚମ୍ପାମାଲରେ ପବିତ୍ର ଶ୍ରୀରାମ ନବମୀ

ବୀରମହାରାଜପୁର,୨୭।୩ (ଯୁଗଳ କିଶୋର ମିଶ୍ର)


ଚମ୍ପାମାଲଠାରେ ପବିତ୍ର ଶ୍ରୀରାମ ନବମୀରେ ପୂଜା ଚାଲିଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଲଠାରେ ଶୁକ୍ରବାର ପବିତ୍ର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ପ୍ରଥମେ ମନ୍ଦିରରୁ ନାଟ ମଣ୍ଡପକୁ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର, ସୀତା ମାତା, ଲକ୍ଷ୍ମଣ, ଭରତ, ଶତ୍ରୁଘନ ଏବଂ ବୀର ହନୁମାନଙ୍କୁ ଅଣାଯାଇଥିଲା । ପ୍ରସିଦ୍ଧ ଶିବ ମନ୍ଦିର ଚମ୍ପେଶ୍ୱରଙ୍କ ବରଣ ପରେ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତମାନଙ୍କ ଉପସ୍ଥିତିରେ ମାନସିକଧାରୀମାନେ ଉପବାସ ରହି ରାମ ନବମୀ ପାଳନ କରିଥିଲେ। ଶ୍ରୀରାମଙ୍କ ଜନ୍ମ ସହିତ ବ୍ରତୋପନୟନ କରାଯାଇଥିଲା। ଉକ୍ତ ଗ୍ରାମରେ ୧୮ଦିନ ଧରି ରାମଲୀଳା ନାଟକ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଦସ୍ୟମାନେ ପ୍ରକାଶ କରିଥିଲେ। ଶୁକ୍ରବାର ପ୍ରଦ୍ୟୁମ୍ନ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ରାମ ମନ୍ଦିର ପୂଜକ ପ୍ରକାଶ ପଣ୍ଡା, ବରିଷ୍ଠ ସଦସ୍ୟ ରାମକୃଷ୍ଣ ହୋତା, ଚମ୍ପେଶ୍ୱର ରଘୁନାଥ ନାଟ୍ୟ ସଂସଦର ସମ୍ପାଦକ କିଶୋର ହୋତା, ପ୍ରମୋଦ ପୁରୋହିତ, ବିଦ୍ୟାଧର ଥନାପତି, ଅକ୍ଷୟ ହୋତା,ସତ୍ୟମ ପ୍ରିତମ ହୋତା, ରବିଚନ୍ଦ୍ର ବିଶି ପ୍ରମୁଖ ଚମ୍ପେଶ୍ୱର ବାବାଙ୍କ ବରଣ କାର୍ଯ୍ୟ ସମାପନ କରିଥିଲେ । ଶତାଧିକ ଭକ୍ତ ସାମିଲ ହୋଇଥିଲେ ।

## ଏପ୍ରିଲ ୧ରୁ ମାରାଗୁଡ଼ା ଲୋକ ମହୋତ୍ସବ

ନୂଆପଡ଼ା,୨୭।୩ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକ ମହୋତ୍ସବ ଆସନ୍ତା ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ନୂଆପଡ଼ାର ନ୍ୟାଶନାଲ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ମହୋତ୍ସବର ପ୍ରତ୍ୟହ ସାଂସ୍କୃତିକ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦେଇ ଦର୍ଶକମାନଙ୍କୁ ମନୋରଞ୍ଜନ କରିବେ। ଉଦ୍‌ଘାଟନୀ ଉତ୍ସବ ଦିନ ପ୍ରସିଦ୍ଧ ଗାୟକ ବିଷ୍ଣୁ ମୋହନ କବି ଓ ଅନ୍ୟ ଦିନମାନଙ୍କରେ ସ୍ୱୟମ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ଜୟଶ୍ରୀ ଧଳ, ଉମାକାନ୍ତ ବାରିକ ପ୍ରମୁଖ ଯୋଗଦେବେ। ମହୋତ୍ସବ ପୂର୍ବରୁ କଳାକାରମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ ନୂଆପଡ଼ାବାସୀଙ୍କୁ ଆମନ୍ତ୍ରଣ ଜଣାଇ ଉତ୍ସବରେ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ଏହି ଅବସରରେ ଲୋକକଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ହସ୍ତଶିଳ୍ପ ପ୍ରଦର୍ଶନୀ ଓ ଖାଦ୍ୟମେଳା ଆୟୋଜିତ ହେବ। ମାରାଗୁଡ଼ା ଅଞ୍ଚଳର ପୁରାତନ ଐତିହ୍ୟ ଓ ଲୋକସଂସ୍କୃତିକୁ ଜନମନରେ ପ୍ରଚାର କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ମହୋତ୍ସବକୁ ଜିଲା ସଂସ୍କୃତି ପରିଷଦ, ଜିଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜନ କରାଯାଉଛି।

## ବାସନ୍ତୀକ ନବରାତ୍ର ପୂଜା ଉଦ୍‌ଯାପିତ

ବରଗଡ଼,୨୭।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରାସ୍ଥିତ ଶ୍ରୀ ଶ୍ରୀ ମାଁ ସମଲେଶ୍ୱରୀ ଦେବୀଙ୍କ ବାସନ୍ତୀକ ନବରାତ୍ର ପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଚଣ୍ଡୀପାଠ ସହିତ ପୂର୍ଣ୍ଣାହୂତି ହୋଇଥିଲା। ଗୋପାଳକୃଷ୍ଣ ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ବାଳକୃଷ୍ଣ ପଣ୍ଡା ମନ୍ତ୍ରପାଠ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ସେମାନଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।


ଉଦ୍‌ଯାପନୀ ଦିବସରେ ଶ୍ରଦ୍ଧାଳୁଙ୍କ ଗହଣରେ କର୍ତ୍ତା।

## ଆତ୍ମବିଶ୍ୱାସ ଭବିଷ୍ୟତ ଗଢ଼ିବାରେ ସହାୟକ ହୁଏ

ଅମରପାଲି, ୨୭।୩(ପୀତାମ୍ବର ସାହୁ)



କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଢେଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବ କେବଳ ଏକ ଆନନ୍ଦ ଅବସର ନୁହେଁ, ଏହା ଛାତ୍ରୀଛାତ୍ରଙ୍କ ସମ୍ପୂର୍ଣ୍ଣ ବିକାଶର ଏକ ମଞ୍ଚ ଅଟେ। ଏହି ଉତ୍ସବ ମାଧ୍ୟମରେ ଛାତ୍ରୀଛାତ୍ର ନିଜ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବାର ସୁଯୋଗ ପାଆନ୍ତି। କେହି ଗୀତ ଗାଆନ୍ତି, କେହି ନୃତ୍ୟ ପ୍ରଦର୍ଶନ କରନ୍ତି, କେହି ନାଟକ ମାଧ୍ୟମରେ ନିଜର ପ୍ରତିଭା ସମାଜକୁ ଜଣାଇବାକୁ ଚେଷ୍ଟା କରନ୍ତି। ଏହି ସବୁ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ବଢ଼ାଇଥାଏ ଓ ତାଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରେ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧୀନସ୍ଥ ଢେଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷାଠିଏତମ ବାର୍ଷିକ ଉତ୍ସବ "ଶିଶୁଝରନ"ରେ ଯୋଗଦେଇଥିବା ଅତିଥିମାନେ ନିଜ ବକ୍ତବ୍ୟରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଡ.ଅନିରୁଦ୍ଧ କୁରୁକୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବ ସଭାରେ ଉଲୁଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାଶ ମୁଖ୍ୟ ଅତିଥି ଏବଂ ଲୋକପ୍ରିୟ ଗାୟକ ଶତ୍ରୁଘ୍ନ ଲୁହା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପିଲାଙ୍କ ଚରିତ୍ର ଗଠନ ସହିତ ଉତ୍ତମ ମଣିଷ ହେବାକୁ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ମୁକେଶ ଚନ୍ଦ୍ର ଭୋଇ, ଘନଶ୍ୟାମ ମେହେର, ଭରତ ମହାପାତ୍ର, ଦୟାନିଧି ଦେବତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ଶିକ୍ଷା ସାହିତ୍ୟ ଓ କଳାତ୍ମକ ଦିଗରେ ସୁନାମ ଅର୍ଜନ କରିଥିବା ସୋନପୁର ବ୍ଲକର ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ, ଡୁଙ୍ଗୁରିପାଲି ବ୍ଲକର ଶିକ୍ଷକ ରବୀନ୍ଦ୍ର କୁମ୍ଭାର, ବୀରମହାରାଜପୁର ବ୍ଲକର ପ୍ରଦୀପ ଜଗଦଲା, ଉଲୁଣ୍ଡା ବ୍ଲକର ସୁଷମା ଲୁହା, କଳାକାର ଶତ୍ରୁଘ୍ନ ଲୁହା, ନିର୍ମଳ ଭରାସାଗର, ବିଦ୍ୟାଳୟର ନବାଗତ ଚେରୁ ମେହେର ଓ ଶିକ୍ଷୟିତ୍ରୀ ନମିତା ସାହୁ, ବିଦାୟୀ ଶିକ୍ଷକ ସ୍ୱାଧୀନ ପଧାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ବିବିଧ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଭାରତୀ ବାଘ, ମିକିରାଣୀ ବାଘ, ବିଷ୍ଣୁପ୍ରିୟା ମହାକୁର, ପୂଜା କୁମ୍ଭାର, ଲିଜା କୁମ୍ଭାର, ଅର୍ଚ୍ଚିତା କୁମ୍ଭାର, ବାଦଲ ଭୁଏ, ଶୁଭମ ମହାନନ୍ଦ,ଶାଶ୍ୱତ ଭରାସାଗର, ଅନିତା ବାଦୀ,ରାକ୍ଷୀ ଲୁହା, ସୋନାଲି ରୋପାଲି, ଶ୍ରେୟାଂଶି ପ୍ରିୟଦର୍ଶିନୀ ପାଢ଼ୀ,ରାକେଶ ବାଘ ପ୍ରମୁଖଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥଲା। ଆଶିଷ କୁମାର ପର୍ଡିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁରନ୍ଦର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ସାଇସେବା ସଂସ୍ଥାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

**ରାଉରକେଲା(ବିପ୍ଳବ ରଞ୍ଜନ ଦାଶ):** ରାମ ନବମୀ ଅବସରରେ ସେକ୍ଟର-୮ ସ୍ଥିତ ସାଇ ସେବା ସଂସ୍ଥାନ ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ସାଇବାବାଙ୍କ ସମସ୍ତ ନୀତି ସହ ଆଳତୀ ଓ ନିମ୍ବ ଗଛ ମୂଳରେ ସ୍ୱତନ୍ତ୍ର ପୂଜା ଆୟୋଜନ କରାଯାଇଥିଲା। ନୂତନ କୁଣ୍ଡରେ ଦ୍ୱାରିକା ମାଈଙ୍କ ପୂଜନ କରାଯାଇ ଅଗ୍ନି ସଂଯୋଗ କରାଯାଇଥିଲା। ସାଇ ସେବା ସଂସ୍ଥାନର ଅଧ୍ୟକ୍ଷ ହରିହର ରାଉତରାୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୈଦ୍ୟନାଥ ଦାଶ, ଜର୍ଜ ଆନନ୍ଦ, ରିଙ୍କୁ ସାମଲ, ରାଜା ରାୟ, ଅଜିତ ସାହୁଙ୍କ ସମେତ ସଂସ୍ଥାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସଂସ୍ଥାନର ଲୋକ ସମ୍ପର୍କ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସଂକ୍ଷେପରେ

### ରାଜଗାଙ୍ଗପୁର ରାମନବମୀ ଶୋଭାଯାତ୍ରା



**ରାଜଗାଙ୍ଗପୁର,୨୭ା୩(ଅଶୋକ ପାଣି) :** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଶୁକ୍ରବାର ରାମନବମୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସହରର ପୁରୁଣା ଶୈବପୀଠ ବାବାତଲାବ ଠାରୁ ଅପରାହ୍ଣ ୩ଟା ୩୦ ମିନିଟରେ ଆରମ୍ଭ ହୋଇଥିଲା। ୧୦ ଫୁଟ ଉଚ୍ଚତା ବିଶିଷ୍ଟ ରାମ ମୂର୍ତ୍ତି ତଥା ଏକ ହନୁମାନ ମୂର୍ତ୍ତିକୁ ରଥ ଉପରେ ସ୍ଥାପନ କରି ପୂଜାର୍ଚ୍ଚନା ପରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ୨୩ ଟି ଆଖଡା ଦଳ ଶୋଭାଯାତ୍ରାରେ ଯୋଗଦେଇ ସହର ପରିକ୍ରମଣ କରିଥିଲେ। ରାଜ୍ୟ ତଥା ବାହାରୁ ବିଭିନ୍ନ ବାଦ୍ୟଯନ୍ତ୍ର ଅଣାଯାଇ ବାଦ୍ୟ ପରିବେଷଣ କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ନିମିତ୍ତ ୨୫ ପ୍ଲାଟୁନ ଫୋର୍ସ ମୁତୟନ ସହ ୧୦୦ ପୋଲିସ ଅଫିସର ଓ ୧୦ ମାଜିଷ୍ଟ୍ରେଟ ନିୟୋଜିତ କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ଓ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ ପାଲ କୌର ଉପସ୍ଥିତ ରହି ତଦାରଖ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଜାରି ରହିଛି।

### ଟେନସା ମାର୍କେଟରେ ଶ୍ରୀରାମ ନବମୀ ଉତ୍ସବ



**ଟେନସା,୨୭ା୩(ସମୀର କୁମାର ପାଢୀ):** ସୁନ୍ଦରଗଡ଼ ଜିଲା ଟେନସା ମାର୍କେଟରେ ଥିବା ହନୁମାନଙ୍କ ପୀଠରେ ଶ୍ରୀରାମ ନବମୀ ଶୁକ୍ରବାର ପାଳିତ ହୋଇଯାଇଛି। ସକାଳୁ ପୀଠରେ ବିଭିନ୍ନ ପ୍ରକାର ପୂଜାର୍ଚ୍ଚନା କରାଯାଇଥିଲା। ହନୁମାନ ଚାଳିସା ପାଠ କରାଯିବା ସହିତ ହୋମ ଯଜ୍ଞ ଆଦି କରାଯାଇଥିଲା। କର୍ତ୍ତାଭାବେ ଜୟଶଙ୍କର ପୂଜାରୀ ଯୋଗ ଦେଇଥିଲେ। ଦିନ ତମାମ ଭଜନ କୀର୍ତ୍ତନ ଆୟୋଜିତ କରାଯାଇଥିଲା। ମାର୍କେଟର ରମେଶ ପାଣି, ବୀର ଦେହୁରୀ, ହରିହର ଦାସ, ରାଜେଶ ଜୟସୱାଲ, ଶଙ୍କର ଭଗତ ପ୍ରମୁଖ ପରିଚାଳନା କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

# ହାତୀ ଭୟରେ ଶୋଉନାହାନ୍ତି ଗ୍ରାମବାସୀ

- ସନ୍ଧ୍ୟା ହେଲେ ଗାଁମୁହାଁ ହେଉଛନ୍ତି
- କ୍ଷତିଗ୍ରସ୍ତ ଲୋକଙ୍କୁ ମିଳୁନି ସହାୟତା

**ଟେନ୍‌ସା,୨୭ା୩(ସମୀର କୁମାର ପାଢ଼ୀ)**



ସୁନ୍ଦରଗଡ଼ ଜିଲା ବରସୁଆଁ ବନ ବିଭାଗ ଅନ୍ତର୍ଗତ ବନ୍ଦଲ ଓ କୁଲା ଗ୍ରାମରେ ଗତ ଏକ ସପ୍ତାହ ହେଲା ୨ଟି ହାତୀ ଆତଙ୍କ ଖେଳାଉଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲରୁ ହାତୀ ୨ଟି ଗ୍ରାମ ମୁହାଁ ହେଉଛନ୍ତି। ନିରୀହ ଆଦିବାସୀଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରୁଛନ୍ତି । କ୍ଷତି ପୂରଣ ଦେବାରେ ବନ ଅଧିକାରୀମାନେ ନାନା ହଇରାଣ କରୁଥିବା କ୍ଷତିଗ୍ରସ୍ତ ଲୋକମାନେ ଅଭିଯୋଗ କରିଛନ୍ତି। ହାତୀ କେତେବେଳେ କୁଲା ଗ୍ରାମରେ ତ, କେତେବେଳେ ତନ୍ତ୍ରା, ରେଙ୍ଗମା, ବନ୍ଦଲ ଗ୍ରାମରେ ଆତଙ୍କ ଖେଳାଇଛନ୍ତି। ଦୀର୍ଘ ୧୫ବର୍ଷ ଧରି ହାତୀ କ୍ଷତିଗ୍ରସ୍ତ ପରିବାରକୁ ଆଜି ପର୍ଯ୍ୟନ୍ତ ସାହାଯ୍ୟ ମିଳି ନ ଥିବା କୁଲାବାସୀମାନେ ଅଭିଯୋଗ କରିଛନ୍ତି। ଗତ ୨ ଦିନ ତଳେ ସ୍କୁଲଘର ଭାଙ୍ଗି ଚାଉଳ, ଡାଲି ମଧ୍ୟ ଖାଇଦେଇଥିଲେ। ଜଙ୍ଗଲ ବିଭାଗକୁ ପହଞ୍ଚିବା ଆଗରୁ ଗ୍ରାମବାସୀମାନେ ନିଆଁହୁଲା ଜାଳି ବାଣ ଫୁଟାଇବାରୁ ହାତୀ ନିକଟ ଜଙ୍ଗଲକୁ ପଳାଇ ଯାଇଥିଲେ। ଗ୍ରାମବାସୀଙ୍କ କହିବା କଥା, ହାତୀ ନିକଟସ୍ଥ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗ୍ରାମକୁ ଆସି ନାନା ପ୍ରକାର ହଇରାଣ କରୁଛନ୍ତି। ଧାନ ଫସଲ ନଷ୍ଟ କରିବା ସହିତ ଗ୍ରାମବାସୀଙ୍କ କ୍ଷେତ ବାଡ଼ିରେ ଲଗାଇଥିବା ବିଭିନ୍ନ ପନିପରିବା ଖାଇବା ସହ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ରାତିରେ ଗ୍ରାମବାସୀମାନେ ହାତୀ ଭୟରେ ଜୀବନ କାଟୁଛନ୍ତି। କୁଲା, କମଣ୍ଡ, ରେଙ୍ଗମା, ରାଇକେଲା, ଡେଙ୍ଗୁଲା ଗ୍ରାମବାସୀମାନେ ଫରେଷ୍ଟର, ରେଞ୍ଜର, ବଣାଇ ଡିଏଫ୍‌ଓଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏନେଇ ଆମେ ଡେଙ୍ଗୁଲା ଫରେଷ୍ଟର ସଦାନନ୍ଦ ପାତ୍ରଙ୍କୁ ପଚାରିବାରୁ, ଆମେ ରାତିସାରା ହାତୀଙ୍କୁ ଘୋଡାଉଛୁ। ଏବେ ହାତୀ ୨ଟି ଚୋରଧରା ଜଙ୍ଗଲରେ ଅଛନ୍ତି। କେତେବେଳେ କେଉଁ ଆଡେ ମୁଭ୍ କରୁଛନ୍ତି କିଛି ଜଣାପଡୁନାହିଁ। ବିଳମ୍ବ ହେଲେ ମଧ୍ୟ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତି ପୂରଣ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ଯେଉଁମାନେ ୧୫ବର୍ଷ ଧରି କ୍ଷତିପୂରଣ ପାଇ ନାହାନ୍ତି ବୋଲି କହୁଛନ୍ତି ସେତେବେଳେ ମୁଁ ନ ଥିଲି । ସେହି ସମୟରେ ଅନ୍‌ଲାଇନ ହେଉ ନ ଥିଲା । ହୁଏତ କାଗଜପତ୍ର ଠିକ୍ ଭାବେ ଦେଇ ନ ଥିବେ, ମୁଁ ସେମାନଙ୍କ ସହିତ କଥା ହୋଇ ପଦକ୍ଷେପ ନେବି ବୋଲି ଫରେଷ୍ଟର ପାତ୍ର ପ୍ରକାଶ କରିଥିଲେ।



ଶୋଭାଯାତ୍ରାରେ ବଡ଼ଗାଁ ଗ୍ରାମବାସୀ।

# ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ କାର୍ଯ୍ୟକ୍ରମ



ମକ୍ ଡ୍ରିଲ କରାଯାଉଛି।

**ସୁନ୍ଦରଗଡ,୨୭ା୩(ଜୟ ନାରାୟଣ ମେଣ୍ଡୁଲି)**

ଏନ୍‌ଟିପିସି ଦର୍ଲିପାଲିରେ ସ୍ୱିଚୟାର୍ଡରେ ଶୁକ୍ରବାର ଏକ ବିପର୍ଯ୍ୟୟ ପରିଚାଳନା ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଜରୁରୀକାଳୀନ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ସମୟ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା। ଯୁଦ୍ଧ ଦଳ, ଉଦ୍ଧାର ଦଳ, ସହାୟକ ଦଳ, ଡାକ୍ତରୀ ଦଳ, ସିଆଇଏସଏଫ କର୍ମଚାରୀ, କର୍ମଚାରୀ ଏବଂ ଶ୍ରମିକଙ୍କ ସମେତ ଦଳଗୁଡ଼ିକ ଏହି ଅଭ୍ୟାସରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଓଡିଶା ସରକାରଙ୍କ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ, ରାଉରକେଲା ଡିଭିଜନର ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ଡ୍ରିଲ ସମୟରେ ପ୍ରଦର୍ଶିତ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ। ଆହୁରି ଉନ୍ନତି ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ। ଏହି ମକ ଡ୍ରିଲ ସୂଚନା ପ୍ରଦ, ପ୍ରଭାବଶାଳୀ ଏବଂ ସଫଳ କରିବାରେ ସକ୍ରିୟ ଅଂଶଗ୍ରହଣ ଏବଂ ଅବଦାନ ପାଇଁ ସମସ୍ତ ସହଯୋଗୀଙ୍କୁ ଏନଟିପିସି ଦର୍ଲିପାଲି ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଏପରି ଅଭ୍ୟାସର ନିୟମିତ ପରିଚାଳନା ସମସ୍ତ କର୍ମଚାରୀ ଏବଂ ସମ୍ପତ୍ତିର ମଙ୍ଗଳ ସୁନିଶ୍ଚିତ କରି ସୁରକ୍ଷା, ପ୍ରସ୍ତୁତି ଏବଂ ନିରନ୍ତର ଉନ୍ନତିର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ପ୍ରତି ଅଧିକାରୀ ମାନେ ସଂଗଠନର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲେ।

## ବନ୍ଧମୁଣ୍ଡାରେ ରାମନବମୀ ଶୋଭାଯାତ୍ରା

**ବନ୍ଧମୁଣ୍ଡା,୨୭ା୩(ସୁବ୍ରତ ଦେ):** ବନ୍ଧମୁଣ୍ଡା ଡିଜେଲ ଛକଠାରେ ଶୁକ୍ରବାର ରାମନବମୀ ଆଖାଡ଼ା ଶୋଭାଯାତ୍ରା ବାହାରିଥିଲା। ସୀତାରାମ ଆଖାଡ଼ା ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଶୋଭାଯାତ୍ରା ଡିଜେଲ ଛକ ଠାରୁ ଆରମ୍ଭ ହୋଇ ଡିଜେଲ ରେଲବାଇ କଲୋନୀ ଅଞ୍ଚଳରେ ପରିକ୍ରମା କରିଥିଲା। ଆଖାଡ଼ା ସମିତି ପକ୍ଷରୁ ପ୍ରଦର୍ଶିତ ଆକର୍ଷଣୀୟ ଝାଙ୍କି ଜୁଲୁସ ଆହୁରି ମନୋହର କରି ଦେଇଥିଲା। ଏହି ଅବସରରେ ଆଖାଡ଼ା ସମିତିର ରମାକାନ୍ତ ପରିଡା, ଶେରୁ ଶର୍ମା, ଆଇ ରାଜା ରମେଶ, ପବିତ୍ର ପ୍ରମାଣିକ, ସୁଶୀଲ ମାହାତୋ, ରାଜେନ୍ଦ୍ର ରଜକ, ସୁନୀଲ ସିଂହ, ଅମରଜିତ ରଜକ, ସୁଶାନ୍ତ ତାନ୍ତି, ଚନ୍ଦନ ପ୍ରସାଦ, ଅଜୟ ଖଟୁଆ, ପି. ଶ୍ୟାମଳ ରାଓ, ରାମ ପ୍ରସାଦ ଓରାମ, ଦିଲୀପ ପ୍ରଧାନ, ଏଲ୍ଡି ଓରାମ ଓ ସନ୍ତୋଷ ରାୟ ଉପସ୍ଥିତ ଥିଲେ।

## ରାମ ଜାନକୀ ଜଗନ୍ନାଥ ମନ୍ଦିରରେ ଶ୍ରୀରାମଙ୍କ ଜନ୍ମୋତ୍ସବ

**ବାଲିଶଙ୍କରା,୨୭ା୩(ହୃଦାନନ୍ଦ ବାରିକ):**

ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିରରେ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏଥିରେ କର୍ତ୍ତାଭାବେ ସୁଶୀଲ ବାଘ ଓ ତାଙ୍କ ସହଧର୍ମିଣୀ କମଳିନୀ ବାଘ ଦାୟିତ୍ୱ ତୁଲାଇଥିବାବେଳେ ପୂଜକଭାବେ ଟଙ୍କଧର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ରୀତିନୀତି ଅନୁସାରେ ପୂଜା ସହ ହୋମଯଜ୍ଞ କରାଯାଇଥିଲା।

# ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ଦାବି



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

**ସୁନ୍ଦରଗଡ଼,୨୭ା୩(ଜୟନାରାୟଣ ମେଣ୍ଡୁଲି)**

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ନବଗଠିତ ସୁନ୍ଦରଗଡ଼ ଆମ୍ବେଡକର ପରିବାର ତରଫରୁ ଏକ ପ୍ରତିନିଧିମଣ୍ଡଳୀ ବୁଧବାର ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ପୁରୁଣା ଘରୋଇ ବସଷ୍ଟାଣ୍ଡଠାରେ ସ୍ଥାପିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଚତୁର୍ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସକାଶେ ଦାବି କରାଯାଇଛି। ଏହି ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ନବଗଠିତ ଆମ୍ବେଡକର ପରିବାରକୁ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଏଥିସହିତ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲିଥିବା ଡାକ୍ତର ପଦବୀ ପୂରଣ, ଆଇସିୟୁ ବ୍ୟବସ୍ଥା, ବିଜୁଳି ବନ୍ଧ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ମାଦ୍ରିକାଲୋ ଭବନରେ ଶୀତତାପ ନିୟନ୍ତ୍ରଣ ଓ ଚୌକି ବ୍ୟବସ୍ଥା ଯଥାଶୀଘ୍ର କରାଯିବାକୁ ଦାବି କରାଯାଇଛି। ଏନେଇ ଆମ୍ବେଡକର ପରିବାର ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବା ସହିତ ଏପ୍ରିଲ ୧୪ତାରିଖରେ ସୁନ୍ଦରଗଡ଼ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଥିବା ଯତରା ପଡ଼ିଆରେ ସମ୍ବିଧାନ ପ୍ରଣେତା ଡକ୍ଟର ବି ଆର ଆମ୍ବେଡକରଙ୍କ ଜୟନ୍ତୀ ପାଳନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିବା ସହିତ ଏକ ଆବେଦନ ପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କୁ ସାକ୍ଷାତ ବେଳେ ଆମ୍ବେଡକର ପରିବାରର ସଭାପତି ପ୍ରଫୁଲ୍ଲ ସୁନ୍ୟାନୀ, ପଞ୍ଚା ବାର୍ଲା, ବେଣୁଧର ତାଣ୍ଡିଆ, ଜୟ ନାରାୟଣ ତ୍ରିପାଠୀ, ରମେଶର ଟପ୍ପୋ, ବରୁଣ ବାଗ, ବିଶ୍ୱମ୍ଭର ମହାନନ୍ଦ, ଲଳିନ୍ଦ୍ର ସିଂହ, ମନୋଜ କୁମାର ବାଦୀ ତଥା ଲବଣୀଧର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ହନୁମାନ ଝଣ୍ଡା ସ୍ଥାପନ, ଶୋଭାଯାତ୍ରା

**ବଡ଼ଗାଁ,୨୭ା୩(ଅଶୋକ ଷଡଙ୍ଗୀ)**

**ପ୍ରସିଦ୍ଧ ରାମଲୀଳା ଯାତ୍ରା ଆରମ୍ଭ**

ଶ୍ରୀରାମଚନ୍ଦ୍ରଙ୍କ ତ୍ୟାଗପୂତ ଜୀବନ ଚରିତ, ପିତୃଭକ୍ତି, ସତ୍ୟ ପାଳନ, ପୁତ୍ରର କର୍ତ୍ତବ୍ୟ, ଭାତୃପ୍ରେମର ଗାରିମା ଓ ମହନୀୟତାର ଅପୂର୍ବ ଦାର୍ଶନିକ ତତ୍ତ୍ୱକୁ ପୁଣିଥରେ ସର୍ବ ସାଧାରଣଙ୍କ ଠାରେ ଉଜ୍ଜୀବିତ କରିବାର ସମୟ ଆସିଛି। ଶ୍ରୀରାମ ନବମୀଠାରୁ ଅର୍ଥାତ୍ ଶୁକ୍ରବାର ଠାରୁ ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବହୁ ପୁରାତନ ପ୍ରସିଦ୍ଧ ରାମଲୀଳା ଯାତ୍ରା ମୁକ୍ତ ମଞ୍ଚରେ ଆରମ୍ଭ ହୋଇଛି। ଗ୍ରାମର କଳାପ୍ରେମୀ ରାମ ସେବକମାନେ ରାମ କଥାବସ୍ତୁ ଶୀର୍ଷକ ରାମାୟଣ ବିଷୟବସ୍ତୁକୁ ଖୋଲା ରଙ୍ଗମଞ୍ଚରେ ଅଭିନୟ କରିବେ। ଏଥିପାଇଁ ସୁନ୍ଦରଗଡ଼ ଜିଲାର ବଡ଼ଗାଁ ଚଳଚଞ୍ଚଳ ହୋଇଉଠିଛି। ପ୍ରାୟ ଅଢେଇ ଶହ ବର୍ଷର ରାମଲୀଳା ଯଶକୁ ଖୋଲା ମଞ୍ଚରେ ମଞ୍ଚସ୍ଥ କରି ବଡ଼ଗାଁର କଳାକାରମାନେ ପୁଣିଥରେ ଦେଶବାସୀଙ୍କୁ ଆଧ୍ୟାତ୍ମିକ ଚେତନାରେ ଉଦ୍‌ଭାଷିତ କରିବାକୁ ପ୍ରତିବଦ୍ଧ ହୋଇଛନ୍ତି। ହନୁମାନଙ୍କ ଝଣ୍ଡା ସ୍ଥାପନ ପରେ ରାମଲୀଳା ଯାତ୍ରା ଆରମ୍ଭ ହୋଇଥାଏ। ମଧ୍ୟାହ୍ନରେ ଦେବ ମଣ୍ଡପ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଝଣ୍ଡା ସ୍ଥାପନ ପରେ ଯାତ୍ରା ସଂସଦ ସଭାପତି ଦିଲ୍ଲୀପ ପୁରୋହିତ, ସମ୍ପାଦକ ଦିବ୍ୟ ଲୋଚନ ପୃଷେଟ, କର୍ମକର୍ତ୍ତା ଶଙ୍କର ମହାପାତ୍ର, ଦିଲ୍ଲୀପ ପୃଷେଟ, ପୀତବାସ ପଣ୍ଡା, ପ୍ରଣବ ପଣ୍ଡା, ଚିନ୍ତାମଣି ସାହୁଙ୍କ ସହିତ କଳାକାର ଲୁଲୁ ପାଣିଗ୍ରାହୀ, ବିଟୁ ନାୟକ, ଦୀପକ ପୃଷେଟ, ଟୁନୁ ପାଣିଗ୍ରାହୀ, ଗଙ୍ଗାଧର ସା, ସୀତାରାମ ଖିଚିଡ଼ି, ଅର୍ଜୁନ ନାୟକ, ବିଭୂତି ନାୟକ ଓ ଗ୍ରାମବାସୀମାନେ ଗ୍ରାମ ପରିକ୍ରମା କରିଥିଲେ। ଗୃହିଣୀମାନେ ଘର ସମ୍ମୁଖରେ କଳସ ବସାଇ ହନୁମାନଙ୍କୁ ପୁଷ୍ପ ଅର୍ପଣ କରି ଶୋଭାଯାତ୍ରାକୁ ସ୍ୱାଗତ ଜଣାଇଥିଲେ। ବାଦ୍ୟର ତାଳେ ତାଳେ ଯୁବକମାନେ ନୃତ୍ୟ କରି ଗ୍ରାମ ପରିକ୍ରମା କରିଥିଲେ। ଦେବ ମଣ୍ଡପ ସ୍ଥିତ ହନୁମାନ ମନ୍ଦିରରୁ ଶୋଭାଯାତ୍ରା ବାହାରି ଥାନାପଡା, ମହାବୀର ଛକଦେଇ ଦେବ ମଣ୍ଡପକୁ ଶୋଭାଯାତ୍ରା ଫେରିଥିଲା। ରାତିରେ ରାମଲୀଳା ଯାତ୍ରା ଉଦ୍‌ଘାଟିତ ହୋଇଥିଲା। ସେହିପରି ଭୋଇପାଲି ବଜରଙ୍ଗବଲୀ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ।

# ବଣାଇଁର ବିଭିନ୍ନ ସ୍ଥାନରେ ଶ୍ରୀ ରାମ ନବମୀ ଉତ୍ସବ

**ବଣାଇଁ,୨୭ା୩(ପ୍ରଦୀପ ତ୍ରିପାଠୀ)**



ବଣାଇଁର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ମହିଳା ମାନେ ପବିତ୍ର ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ଏକ ଯାତ୍ରାରେ ଆସି ବସ ଷ୍ଟାଣ୍ଡ ମନ୍ଦିରରେ କଳସ ସ୍ଥାପନା କରିଥିଲେ। ଏହାପରେ ପୂଜକ ଦିଲିପ ଦାସ, ନିରଞ୍ଜନ ଷଡ଼ଙ୍ଗୀ ବୈଦିକ ରୀତିରେ ହୋମଯଜ୍ଞ ଓ ଶାସ୍ତ୍ରମତେ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା କରିଥିଲେ। କମିଟିର ରମେଶ କୁମାର ଦଣ୍ଡିଆ ସପତ୍ନୀ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ବଣାଇଁ ବାବା ବାଣେଶ୍ୱର ମନ୍ଦିର, ଉପ କାରାଗାର ପରିସରରେ ଥିବା ହନୁମାନ ମନ୍ଦିର, ତେଲି ସାହିରେ ଥିବା ହନୁମାନ ମନ୍ଦିର ଗୁଡ଼ିକରେ ଶୁକ୍ରବାର ସକାଳୁ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ପ୍ରତ୍ୟେକ ମନ୍ଦିରରେ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ ହୋଇଯାଇଛି। ବଣାଇଁ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଦେବ ସେନା ପ୍ରଭୃତି ସମସ୍ତ ଦଳର ମିଳିତ ସହଯୋଗରେ ଭକ୍ତମାନେ ଏକତ୍ରିତ ହୋଇ ବାବା ବାଣେଶ୍ୱର ମନ୍ଦିର ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ରାମଙ୍କ ଧ୍ୱନି ଦେଇ ବଣାଇଁ ସହର ପରିକ୍ରମା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବଣାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ୯ମ ଦିନରେ ବି ହୋଇପାରିଲାନି ସମାଧାନ

**କୁଆଁରମୁଣ୍ଡା,୨୭ା୩(ମହେନ୍ଦ୍ର କୁମାର ସାହୁ)**

**ସ୍ଥାୟୀ ନିଯୁକ୍ତି ଦାବିରେ 'ଓସ୍‌ମା' ପକ୍ଷରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ**

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ଷ୍ଟେଟଏମ୍‌ସି ଏବଂ ଏପିଓ ଆସୋସିଏଶନ ପକ୍ଷରୁ ଜାରି ରହିଥିବା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୁକ୍ରବାର ୯ମ ଦିନରେ ପହଞ୍ଚିଛି। ଗତ ୧୮ ତାରିଖରୁ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଏପିଓମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସକାରାତ୍ମକ ନିଷ୍ପତ୍ତି ନିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘ ପ୍ରକାଶ କରିଛି। ସଂଘର ସୂଚନା ଅନୁଯାୟୀ, ଦୀର୍ଘ ଦିନର ନିରନ୍ତର ସେବା ଓ ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ସରକାରଙ୍କ ଉଦାସୀନ ମନୋଭାବ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଜିଲାର ୧୭ଟି ବ୍ଲକ ସମେତ ସାରା ରାଜ୍ୟର ଏପିଓମାନେ କଳାବ୍ୟାଜ ପରିଧାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସହ ନିଜର ହକ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ଏପିଓ ଶ୍ରବଣ କୁମାର ସାହୁ କହିଛନ୍ତି, ଆମେ ଶାନ୍ତିପୂର୍ଣ୍ଣ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛୁ, କିନ୍ତୁ ଆଜି ନବମ ଦିନ ହେଲେ ବି କୌଣସି ସୁଫଳ ମିଳିନାହିଁ। ରାଜ୍ୟ ସଭାପତି ଗୋପାଳ ପଣ୍ଡା ଓ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଚେତାବନୀ ଦେଇଛନ୍ତି ଯେ, ଯଦି ଆସନ୍ତା ୩୧ ସୁଦ୍ଧା ସ୍ଥାୟୀ ନିଯୁକ୍ତି ନେଇ ସରକାରୀ ନିର୍ଦ୍ଦେଶନାମା ଜାରି ନ ହୁଏ, ତେବେ ସଂଘ ଆଗାମୀ ଦିନରେ ନିଜର ଆନ୍ଦୋଳନକୁ ଆହୁରି ତୀବ୍ର ଓ ବ୍ୟାପକ କରିବାକୁ ବାଧ୍ୟ ହେବ। ରାଜ୍ୟ ସରକାର ତୁରନ୍ତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରି ୧୫ ବର୍ଷରୁ ଅଧିକ ସମୟ ଧରି ନିଷ୍ଠାର ସହ କାର୍ଯ୍ୟ କରୁଥିବା ଏହି ଅସ୍ଥାୟୀ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ।

# ରାଧାକୃଷ୍ଣ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ

**କୁଆଁରମୁଣ୍ଡା,୨୭ା୩(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ତହସିଲ ନିକଟସ୍ଥ ରାଧାକୃଷ୍ଣ ମନ୍ଦିରରେ ଶୁକ୍ରବାର ଶ୍ରୀରାମ ନବମୀ ଉପଲକ୍ଷେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଗୁରୁବାର ଅପରାହ୍ନରେ ତହସିଲଦାର ବିଶ୍ୱଜିତ ପ୍ରଧାନଙ୍କ ସହ ସମସ୍ତ ତହସିଲ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳବାସୀ କଳସ ବୁଡ଼ାଇବା ପାଇଁ ବେଦବ୍ୟାସସ୍ଥିତ ତ୍ରିବେଣୀ ସଙ୍ଗମକୁ ଯାଇ ସେଠାରୁ କଳସୀରେ ଜଳ ଉଠାଇଥିଲେ। ଶୁକ୍ରବାର ପ୍ରାତଃ ୬ଟାରେ ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଛି। ଶନିବାର ପ୍ରାତଃ ୬ଟାରେ ନାମ ସଂକୀର୍ତ୍ତନ ସମାପ୍ତ ହେଲା ପରେ ସକାଳ ୮ଟାରେ ନଗର କୀର୍ତ୍ତନ ଆରମ୍ଭ ହେବ ବୋଲି ରାଧାକୃଷ୍ଣ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା କୁଆଁରମୁଣ୍ଡା ତହସିଲଦାର ବିଶ୍ୱଜିତ ପ୍ରଧାନ ସୂଚନା ଦେଇଛନ୍ତି। ଏହି ନାମ ସଂକୀର୍ତ୍ତନରେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନାମଯଜ୍ଞ ଚାଲୁ ରଖିଛନ୍ତି।



# ୬ ମାସରେ ଫାଟିଥିବା କଂକ୍ରିଟ୍ ରାସ୍ତା ମରାମତି ହେଲା

**ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା**

**କୁତ୍ରା,୨୭ା୩(ଦେବାଶିଷ ସାହୁ)**

ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ନବ ନିର୍ମିତ କଂକ୍ରିଟ ରାସ୍ତାର ଗୁଣବତ୍ତାକୁ ନେଇ ଉଠିଥିବା ପ୍ରଶ୍ନ ଉପରେ ଶେଷରେ ପ୍ରଶାସନ ତତ୍ପର ହୋଇଛି। ଖବର ପ୍ରକାଶ ପରେ ରାସ୍ତାର ମରାମତି କାମ ଶୁକ୍ରବାର ଆରମ୍ଭ ହୋଇଥିବା ଦେଖାଯାଇଛି। କୁତ୍ରା ବ୍ଲକର କନ୍ଦେଇମୁଣ୍ଡା ପଞ୍ଚାୟତ ଅଧୀନ କରୁଙ୍ଗା ଗାଁରେ ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ପକ୍ଷରୁ ପ୍ରାୟ ୩ ଲକ୍ଷ



ଫାଟିଥିବା ରାସ୍ତାର ମରାମତି ହେଉଛି।

୫୦ ହଜାର ଟଙ୍କା ବ୍ୟୟରେ କାମିନୀ ଡିହି ଲାଲଘର ଠାରୁ ସଇଲେସ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ନିର୍ମାଣର ୬ ମାସ ମଧ୍ୟରେ ରାସ୍ତାଟି ବିଭିନ୍ନ ସ୍ଥାନରେ ଫାଟିଯାଇ ଖଣ୍ଡବିଖଣ୍ଡ ହୋଇପଡ଼ିଥିଲା। ଏହା ଫଳରେ ଗ୍ରାମବାସୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେବା ସହିତ ଦୁର୍ଘଟଣାର ଆଶଙ୍କା ବଢ଼ିଯାଇଥିଲା। ନିମ୍ନମାନର କାମ ହେତୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକମାନେ ତଦନ୍ତ ସହିତ ଦୁର୍ନୀତିଖୋର ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ କନ୍ଦେଇମୁଣ୍ଡା ସରପଞ୍ଚ ସୁଧୀର ମିଞ୍ଜ କହିଥିଲେ ଯେ ରାସ୍ତାର ଗୁଣବତ୍ତା ଖୁବ୍ ଖରାପ ଥିବାରୁ ଏହା ଶୀଘ୍ର ନଷ୍ଟ ହୋଇଯାଇଛି ଓ ତଦନ୍ତ ଅତ୍ୟାବଶ୍ୟକ। ଅନ୍ୟପଟେ କୁତ୍ରା ବିଡିଓ ଗୋପୀନାଥ ଖାଖା ଏହାକୁ ନେଇ କ'ଣ ହୋଇଛି, ମୁଁ ଦେଖୁଛି ବୋଲି କହିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ସର୍ବଭାରତୀୟ ରାଜ୍ୟ ପେନ୍‌ସନଭୋଗୀ ଫେଡେରେଶନର ଆହ୍ୱାନକ୍ରମେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖା, ଭେଲିଡେସନ ଆଇନ ୨୦୨୫କୁ ପ୍ରତ୍ୟାହାର କରି ଅଷ୍ଟମ ବେତନ କମିଶନଙ୍କ ଦ୍ୱାରା ଉପଯୁକ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ବଲାଙ୍ଗୀର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ଗୋବିନ୍ଦ ମିଶ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ, ସହସମ୍ପାଦକ ଚୈତନ୍ୟ ପଟେଲ, ବରିଷ୍ଠ ସଭ୍ୟ ଲୋକନାଥ ନେପାକ, ଗୋପବନ୍ଧୁ ପୁରୋହିତ, ଶ୍ୟାମ ସୁନ୍ଦର ଦାଶ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ଅସରାଏ ବର୍ଷାରେ ମୁରସିଂ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

**ଦେଓଗାଁ,୨୭।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂ ଗାଁରେ ଅସରାଏ ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ନ ପାରି ଆଣ୍ଠୁଏ ଉଚ୍ଚର ଜମା ହେଉଥିବାରୁ ଲୋକେ ହନ୍ତସନ୍ତ ହେଉଥିବା ନଜରକୁ ଆସିଛି। ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ଝଡତୋଫାନ ହୋଇଥିଲା। ଫଳରେ ଉକ୍ତ ଗାଁ ମୁଖ୍ୟ ରାସ୍ତାରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ପାଣି ଜମୁଥିବାରୁ ବିଶେଷ କରି ଗାଁର ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଗିଡିବା ଆଶଙ୍କା ରହିଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବଡ଼ବନ୍ଧ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଦେଓଗାଁ,୨୭।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବନ୍ଧରେ ୯ ଦିନ ବ୍ୟାପି ଚାଲିଥିବା ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ଗ୍ରାମବାସୀଙ୍କ ଆୟୋଜନକ୍ରମେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୫୬ ପ୍ରହରୀ ନାମଯଜ୍ଞ, ନବାହ ପାରାୟଣ ଓ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରହରୀ କର୍ତ୍ତା ଭାବେ ରୂପାଧର ସେଠ ଓ ସବିତା ସେଠ, ନବାହ୍ନ ପାରାୟଣ କର୍ତ୍ତା ଭାବେ ଯୁଗଳ କିଶୋର ମେହେର ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ମେହେର, ଯଜ୍ଞ କର୍ତ୍ତା ଭାବେ ଶୁଶିଳ କୁମାର ଚାନ୍ଦ ଓ ତାଙ୍କ ସ୍ତ୍ରୀ ରଶ୍ମିତା ଚାନ୍ଦ ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ଭାବେ ସୁଦର୍ଶନ ପୁରୋହିତ ଓ ବ୍ୟାସ ଭାବେ ମିଳନ ମିଶ୍ର ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମନ୍ଦିରର କୁମ୍ଭ ସ୍ଥାପନ ଓ ପୂର୍ଣ୍ଣାହୁତି ସହ ଉତ୍ସବ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଯୁବନେତା ବିଶ୍ୱଜିତ ପାତ୍ର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ,ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇ ବିଭୂ କୃପା ଲାଭ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲା।

## ହାଇସ୍କୁଲପଡ଼ାରେ ନାମ ସଂକୀର୍ତ୍ତନ

**ଟିଟିଲାଗଡ଼,୨୭।୩(ଶରତ ମିଶ୍ର)**

ରାମ ନବମୀ ଅବସରରେ ଟିଟିଲାଗଡ଼ ହାଇସ୍କୁଲ ପଡାଠାରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗ ଦେବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । କୃଷ୍ଣ ନାମ ଶୁଣିବାକୁ ସହର ତଥା ଆଖପାଖ ଗ୍ରାମର ଭକ୍ତଙ୍କ ଭିଡ଼ ଜମିଛି। ପୂଜକ ଅଶୋକ ରଥ, କାହ୍ନୁ ମିଶ୍ର, କର୍ତ୍ତା ଭାବେ ରାଜୁ ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ ନିତୁ ଦାୟିତ୍ୱ ତୁଲାଇଥିଲେ । ଦେବ ଷଡ଼ଙ୍ଗୀ, ଶୁକଦେବ ପ୍ରଧାନୀ, ଜଗଦୀଶ ପ୍ରଧାନୀ, ଅଶୋକ ରତେଇ, ବନମାଳୀ ବର୍ଗଡ଼ି ପୂଜା ଦାୟିତ୍ୱରେ ରହିଛନ୍ତି । ପ୍ରହରୀ କମିଟି ସଭାପତି ସତ୍ୟ ଥନାପତି, ସମ୍ପାଦକ ରୋଶନ ଶର୍ମା, ଉପଦେଷ୍ଟା ରବି ବାଗ , ସନ୍ତୋଷ ଚନ୍ଦନ, ଭିଙ୍ଗରାଜ ଜାଲ, କାହ୍ନୁ ବାଗ, ଶିବ ପ୍ରସାଦ ଷଡ଼ଙ୍ଗୀ, ବିଦେଶୀ କଟା, ପ୍ରମୋଦ ଜାଲ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି ।

# ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା

**ବଲାଙ୍ଗୀର,୨୭।୩(ବୀରେନ୍ଦ୍ର କୁମାର ଝାଙ୍କର)**



ରାମଲୀଳା କଳାକାରମାନେ ଶ୍ରୀରାମ, ସୀତା, ଲକ୍ଷ୍ମଣ ବେଶରେ ସହର ପରିକ୍ରମା କରୁଛନ୍ତି।

ବଲାଙ୍ଗୀର ସହରରେ ଶ୍ରୀରାମ ନବମୀ ପୂଜାର୍ଚ୍ଚନା ଉତ୍ସାହର ସହ ପାଳିତ ହୋଇଛି। ଶୁକ୍ରବାର ସକାଳୁ ସହରର ଶ୍ରୀରାମ ମନ୍ଦିର ଓ ଅନ୍ୟ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ବଲାଙ୍ଗୀର ସହର ଡେଲିମାର୍କେଟସ୍ଥିତ ଶ୍ରୀରାମ ଚରିତ ମାନସ ମନ୍ଦିର, ରାମଜୀପଡା ଶ୍ରୀରାମ ମନ୍ଦିର, ବିଭିନ୍ନ ହନୁମାନ ମନ୍ଦିର, ସୁଦପଡା, କଳାମଣ୍ଡଳ ରୋଡ ଓ ଅନ୍ୟ ଅଞ୍ଚଳରେ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବଲାଙ୍ଗୀର ଜଗନ୍ନାଥପଡା ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରାମଜୀ ନାଟକ ସଂସଦ ପକ୍ଷରୁ ଶନିବାରଠାରୁ ପ୍ରସିଦ୍ଧ ରାମଲୀଳା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶ୍ରୀରାମ ନବମୀରୁ ରାମଜୀ ଗଳିରେ ଥିବା ସର୍ବପୁରାତନ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶ୍ରଦ୍ଧାଳୁମାନେ ମନ୍ଦିରରୁ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ବିଗ୍ରହ ନେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ରାମଲୀଳାରେ ଅଭିନୟ କରୁଥିବା କଳାକାରମାନେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ବେଶରେ ଏକ ସୁସଜ୍ଜିତ ରଥରେ ସହର ପରିକ୍ରମା କରିଛନ୍ତି। ଏହାସହିତ ହନୁମାନ, ଜାମ୍ବବାନ, ବାନର ସେନା ମଧ୍ୟ ସହର ପରିକ୍ରମା କରିଛି। ଶୋଭାଯାତ୍ରାରେ ରାମଜୀ ନାଟକ ସଂସଦ, ଜଗନ୍ନାଥପଡା, ଅଘରିଆପଡା, ରାମଜୀ ଗଳି, ରାଧାରାଣୀପଡା ଓ ସହରର ବହୁ ଶ୍ରଦ୍ଧାଳୁ ସହର ପରିକ୍ରମା କରିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ରାମଜୀ ନାଟ୍ୟ ସଂସଦ ପକ୍ଷରୁ ସହର ପରିକ୍ରମା**

## ଯୋଗୀସର୍ଡାରେ ରାମନବମୀ ପାଳିତ



ରାମନବମୀ ଅବସରରେ କଳସ ଶୋଭାଯାତ୍ରା ।

**ଲୋଇସିଂହା,୨୭।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଦଧିବାମନ କଳା ପରିଷଦ ପକ୍ଷରୁ ଶନିବାର ରାମ ନବମୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ କଳାକାର ଓ ଗ୍ରାମବାସୀଙ୍କ ପକ୍ଷରୁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଦେଉଳ ପୋଖରୀରୁ ଗ୍ରାମର ମହିଳା,ପୁରୁଷ ପୂର୍ଣ୍ଣ କଳସ ଆଣି ରାମମନ୍ଦିର ଓ ରାମଲୀଳା ନାଟକ ମଞ୍ଚରେ ସ୍ଥାପନ କରିଥିଲେ। ପୂଜକ ମୋହନ ମିଶ୍ର ରାମ ମନ୍ଦିର ଓ ନାଟ୍ୟ ମଞ୍ଚରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ଅନୁଷ୍ଠାନର ସମ୍ପାଦକ ସୀତାକାନ୍ତ ମିଶ୍ର ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶୁକ୍ରବାରଠାରୁ ୧୪ ଦିନ ଧରି ରାମଲୀଳା ନାଟକ ପରିବେଷଣ କରାଯିବ। ରାମ ଜନ୍ମରୁ ରାବଣ ବଧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଗୁଗୁଡ଼ିଖାଲ ରାମ ମନ୍ଦିରରେ ୯ ଦିନ ବ୍ୟାପୀ ଚାଲିଥିବା ରାମାୟଣ ପାରାୟଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଠାରେ ବ୍ୟାସ ମିନକେତନ ନନ୍ଦ ପାରାୟଣ କରିଥିଲେ।

# ସରପଞ୍ଚ, ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ



ପୂର୍ବତନ ଏମ୍‌ପି ଥାନା ଆଗରେ ତଳେ ବସି ଧାରଣା ଦେଇଛନ୍ତି।

**ଲୋଇସିଂହା,୨୭।୩(ସୁଶାନ୍ତ ବାରିକ)**

**ପ୍ରତିବାଦରେ ଧାରଣାରେ ବସିଲେ ପୂର୍ବତନ ଏମ୍‌ପି ବାଲଗୋପାଳ ମିଶ୍ର**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରାମପୁର ଗ୍ରାମରେ ରାମନବମୀ ଉପଲକ୍ଷେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞରେ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଗାଁରେ ଲଗାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଫଟୋ ଥିବା ପୋଷ୍ଟରକୁ ହଟାଇଥିବା ଅଭିଯୋଗରେ ଗୁରବାର ରାତିରେ ବେନ୍ଦ୍ରା ସରପଞ୍ଚ ରବୀନ୍ଦ୍ର ସାହୁ ଓ ସମିତି ସଭ୍ୟାଙ୍କ ସ୍ୱାମୀ ଉତ୍ତମ ଭୋଇଙ୍କୁ ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଥିଲା । ଏହି ଖବର ପାଇ ପୂର୍ବତନ ଏମ୍‌ପି ବାଲଗୋପାଳ ମିଶ୍ର ଶୁକ୍ରବାର ଲୋଇସିଂହା ଥାନାକୁ ଆସି ବିନା କାରଣରେ କାହିଁକି ସେମାନଙ୍କୁ ଅଟକ ରଖାଯାଇଛି କହି ଥାନା ଆଗରେ ତଳେ ବସି ଧାରଣା ଦେଇଥିଲେ। ତେବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରାମପୁର ଗସ୍ତ ସରିବା ପରେ ଅପରାହ୍ନ ୨ଟାରେ ଅଟକ ଥିବା ଦୁଇଜଣଙ୍କୁ ପୋଲିସ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା। ଏହାପରେ ପୂର୍ବତନ ଏମ୍‌ପି ମିଶ୍ର ଧାରଣାରୁ ଉଠି ଯାଇଥିଲେ। ତେବେ ପୂର୍ବତନ ଏମ୍‌ପି ମିଶ୍ର ଏହି ଅଟକକୁ ଅଣତାନ୍ତ୍ରିକ କହି ପୋଲିସ ଉପରେ ବର୍ଷିଥିଲେ।

ପ୍ରକାଶ ଯେ, ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ରାମପୁର ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ରମନବମୀ ଅବସରରେ ନାମଯଜ୍ଞ ଅନୁଷ୍ଠିତ ହେଉଛି । ନାମଯଜ୍ଞ ସହିତ ଗ୍ରାମରେ ନବନିର୍ମିତ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା । ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ତରଫରୁ ଏକ ବୈଠକ ଆହୂତ ହୋଇଥିଲା। ଗ୍ରାମରେ ଆଧାତ୍ମିକ କାର୍ଯ୍ୟକ୍ରମ ଚାଲିଥିବାରୁ କୌଣସି ରାଜନେତାଙ୍କ ଫଟୋ ପୋଷ୍ଟର ନ ଲଗାଇବାକୁ ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଥିଲା। ଏହାପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲାଗିଥିବା ପୋଷ୍ଟରକୁ ହଟାଇ ଦିଆଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜଣେ ସମର୍ଥକ ଏନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଏଥିପାଇଁ ସରପଞ୍ଚ ସାହୁ ଓ ସମିତି ସଭ୍ୟଙ୍କ ସ୍ୱାମୀ ଭୋଇଙ୍କୁ ଦାୟୀ କରି ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଥିଲା । ଅଟକ ଥିବା ଦୁଇଜଣ ବିରୋଧୀ ଗୋଷ୍ଠୀର ହୋଇଥିବାରୁ ପ୍ରତିବାଦ ଭୟରେ ଏପରି କାର୍ଯ୍ୟାନୁଷ୍ଠାନ ହୋଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଆଇଆଇସି ସିପରା ସରାୟ ଲୁଗୁନ କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଅଭିଯୋଗ ଆଧାରରେ ସେମାନଙ୍କୁ ଅଟକ ରଖଯାଇଥିଲା । ଏହାଛଡା ପୋଷ୍ଟର ଚିରା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ ।

## ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ,୨୭।୩(ଅଭୟ ତ୍ରିପାଠୀ)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଦେବୋତ୍ତର ବିଭାଗ ତରଫରୁ ଆଗାମୀ ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବୋତ୍ତର କର୍ଯ୍ୟନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର ମେଳା ପରିଚାଳନା ଉପରେ ଆଲୋଚନା କରିବା ସହିତ ଗତବର୍ଷର ବ୍ୟୟ ଉପରେ ଆଲୋକପାତ କରିଥିଲେ। ବୈଠକ ରେ ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା କିପରି ଠିକ ଭାବେ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ଉପ ମୁଖ୍ୟମନ୍ତ୍ରୀ ମେଳାକୁ ସରସ ସୁନ୍ଦର ଓ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ, ବେଲପଡା ବିଡ଼ିଓ ରାଜେଶ କୁମାର ମେହେର, ପାଟଣାଗଡ଼ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ପୀତବାସ ସାହା, ଥାନା ଅଧିକାରୀ ନରେନ୍ଦ୍ର ଛତର, ଡ଼ା. ଓମପ୍ରକାଶ ଯୋଶୀ, ସଦାଶିବ ସରାଫ, ଲକ୍ଷ୍ମୀକାନ୍ତ ମିଶ୍ର, ପଦ୍ମ କୁମାର ସିଂ ବରିହା, ସନ୍ତୋଷ କୁମାର ଭଇସାଲ, ସବ କମିଟି ସଦସ୍ୟ ବିପ୍ର ବିଶି ଯୋଗଦେଇଥିଲେ। ଶେଷରେ ଦେବୋତ୍ତର କମିଟି ସଦସ୍ୟ ଡ: ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ହେଲ୍ପେଜ ଇଣ୍ଡିଆ ପକ୍ଷରୁ ଅନ୍ତେବାସୀଙ୍କୁ ଉପକରଣ ପ୍ରଦାନ



ଅନ୍ତେବାସୀଙ୍କୁ ଉପକରଣ ପ୍ରଦାନ କରାଯାଉଛି ।

**ଦେଓଗାଁ,୨୭।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ବୟୋଜ୍ୟେଷ୍ଠ ନାଗରିକ ଆବାସକୁ ଶୁକ୍ରବାର ଶ୍ରୀରାମ ନବମୀ ଅବସରରେ ହେଲ୍ପେଜ ଇଣ୍ଡିଆ ତରଫରୁ ଅନ୍ତେବାସୀଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା । ଉକ୍ତ ସଂସ୍ଥାର ପ୍ରତିନିଧିମାନେ ବୟୋଜ୍ୟେଷ୍ଠ ନାଗରିକ ଆବାସକୁ ଆସି ଅଣ୍ଟାବେଲ୍ଟ, ହୁଇଲ ଚେୟାର, ସାହାଯ୍ୟକାରୀ ବାଡି, ଆଣ୍ଠୁ ବେଲ୍ଟ ତଥା ଆଙ୍କ୍ଲ ଗାର୍ଡ ଆଦି ପ୍ରଦାନ କରିଥିଲେ । ଉପଦେଷ୍ଟା ନନ୍ଦି କିଶୋର ଷାଣ୍ଢ, ଅଧୀକ୍ଷକ ରମାକାନ୍ତ ସାହୁ, କାର୍ଯ୍ୟନିର୍ବାହୀ କର୍ମୀ ଶିବ ପ୍ରସାଦ ସାହୁ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଜଗା ଦର୍ଶନ ପାଇଁ ବେଲପଡ଼ାରୁ ଶ୍ରୀକ୍ଷେତ୍ର ପଦଯାତ୍ରା

**ଲୋଇସିଂହା,୨୭।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଯୁବା ପଞ୍ଚାୟତ ଝାରଫଟାମୁଣ୍ଡା ଗ୍ରାମର ସୁବ୍ରତ ଭୂଏ(୨୭) ଜଗା ଦର୍ଶନ ପାଇଁ ପୁରୀକୁ ପଦଯାତ୍ରାରେ ବାହାରିଛନ୍ତି। ଜାତୀୟ ପତାକା ଧରି ସେ ପଦଯାତ୍ରାରେ ଯାଉଛନ୍ତି। ପଦଯାତ୍ରାର ୪ର୍ଥ ଦିବସରେ ଗୁରୁବାର ସକାଳେ ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ତାଙ୍କ ସହ ସାକ୍ଷାତ ହୋଇଥିଲା । ଏହି ଅବସରରେ କହିଥିଲେ, ସେ ହେଉଛନ୍ତି କୁମର ଭୂଏଙ୍କ ପୁଅ । ହେଲେ ଅର୍ଥ ଅଭାବରୁ ସେ ଯୁକ୍ତ ୩ ଶେଷ କରି ପାରି ନ ଥିଲେ । ପାଠ ଛାଡିବା ପରେ ଗତ କିଛି ବର୍ଷ ପାଇଁ ଦାଦନ ଖଟିଥିଲେ। ଏବେ ଗାଁକୁ ଫେରିଛନ୍ତି । ଭବିଷ୍ୟତରେ ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଥିବା ଏହି ଅବସରରେ କହିଥିଲେ । ସେ କହିବା ଅନୁଯାୟୀ, ପରିବାରରେ ଜମିବାଡି ବିବାଦ ରହିଛି । ପୁରୀରେ ମହାପ୍ରଭୁଙ୍କ ଦର୍ଶନ ପୂର୍ବରୁ କେବେ ହୋଇନାହିଁ । ମହାପ୍ରଭୁଙ୍କ ଡୋରି ଲାଗିଥିବାରୁ ସେ ପଦଯାତ୍ରାରେ ସୋମବାର ଠାରୁ ପୁରୀ ଅଭିମୁଖ ବାହାରିଥିବା କହିଛନ୍ତି । ବୁଧବାର ରାତିରେ ଲୋଇସିଂହାର କୌଣସି ଏକ ମନ୍ଦିରରେ ଆଶ୍ରୟ ନେବାକୁ କହିଥିଲେ । କିନ୍ତୁ ବର୍ତ୍ତମାନ ସମୟରେ ମନ୍ଦିରଗୁଡିକରୁ ଚୋରି ହେଉଥିବାରୁ କେହି ରାଜି ନ ହେବାରୁ ଶେଷରେ ରେଳ ଷ୍ଟେଶନରେ ରାତ୍ରିଯାପନ କରିଥିବା ଜଣାଇଥିଲେ ।

## ତାରିଣୀ ପୂଜା ପାଇଁ କଳସ ଶୋଭାଯାତ୍ରା



ବେଲପଡାରେ କଳସ ଶୋଭାଯାତ୍ରା କରାଯାଉଛି ।

**ବେଲପଡା,୨୭।୩(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡାରେ ଶୁକ୍ରବାର ତାରିଣୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଲାହାନ୍ତ ନଦୀ ନିକଟରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା କରି ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏଥିରେ କର୍ତ୍ତା ଭାବରେ ହେମନ୍ତ ସିଂ ଓ ତାଙ୍କ ସ୍ତ୍ରୀ ହେମଲତା ସିଂ ରହିଥିବା ବେଳେ କୁନା ମିଶ୍ର ଓ ମାନସ ନାଏକ ପୂଜକ ଦାୟିତ୍ୱରେ ରହିଛନ୍ତି। କମିଟିର ସଭାପତି ଜନାର୍ଦ୍ଦନ ସିଂ, ଉପସଭାପତି ପ୍ରମୋଦ ବୁଡେକ, ସଂପାଦକ ବିଶ୍ୱ ବୁଡେକ, ସହ ସଂପାଦକ ପ୍ରଦୀପ ବୁଡେକ, ପ୍ରଭାତ ବୁଡେକ, ମେଘନାଦ ଧରୁଆ, କୌତୁକ ଭୋଇ, ଚତୁର୍ଭୁଜ ବୁଡେକ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ପୂଜା ୭ ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ଶୋଭାଯାତ୍ରା ବେଳେ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

**କଣ୍ଟାବାଞ୍ଜି,୨୭।୩(ଗୁରୁଦୟାଲ ହଂସ)**



ଶ୍ରୀରାମଙ୍କ ରଥ ପରିକ୍ରମା ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ନଅ ଦିନ ଧରି ଶ୍ରୀରାମ ମନ୍ଦିର ଓ ପିଡକୁଡିସ୍ଥିତ ରାମେଶ୍ୱର ମନ୍ଦିରରେ ଶ୍ରୀରାମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଶ୍ରୀରାମ ନବମୀ କମିଟି ଦ୍ୱାରା ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ପ୍ରତ୍ୟହ ଶ୍ରୀରାମ ମନ୍ଦିରରେ ସନ୍ଧ୍ୟାରେ ରାମଲୀଳା ଅନୁଷ୍ଠିତ ହେଉଥିଲା। ଶ୍ରୀରାମ ଜନ୍ମ ମହୋତ୍ସବ ପାଳନ ଅବସରରେ ନଅ କୁଣ୍ଡିୟ ଯଜ୍ଞ ହୋଇଥିଲା। ରାମଲୀଳା ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ ଜମୁଥିଲା । ଶୁକ୍ରବାର ଦିନ ନଅ କୁଣ୍ଡିୟ ଯଜ୍ଞର ପୂର୍ଣ୍ଣାହୁତି ପରେ ପୂର୍ବାହ୍ନରେ ଏକ ବାଇକ୍ ରାଲି ନଗର ପରିକ୍ରମା କରିଥିଲା। ଅପରାହ୍ନରେ ଅନୁଷ୍ଠିତ ଏକ ବିଶାଳ ଶୋଭାଯାତ୍ରାରେ ଜନସାଧାରଣ ସାମିଲ ଥିଲେ। ଏହି ଶୋଭାଯାତ୍ରା କମିଟିରେ ସଭାପତି ରାଜୁଭାଇ ଶର୍ମାଙ୍କ ନେତୃତ୍ୱରେ ହୋଇଥିବା ବେଳେ କମିଟିରେ ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଶ୍ରୀରାମ ନବମୀ କମିଟି ଦ୍ୱାରା ଶ୍ରୀରାମ ଜନ୍ମ ଉତ୍ସବ ପାଳନରେ ସମ୍ପାଦକ ବେଦବ୍ୟାସ ନାଗ, କୋଷାଧ୍ୟକ୍ଷ ପ୍ରବୀଣ ଆର୍ଯ୍ୟା, ୧୦ଜଣ ଉପସଭାପତି, ୧୦ଜଣ ସହ ସମ୍ପାଦକ, ଦୁଇ ଜଣ ସହ କୋଷାଧ୍ୟକ୍ଷ, ବିଧାୟକ ଲକ୍ଷ୍ମଣ ବାଗଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ସେହିପରି ପିଡକୁଡିସ୍ଥିତ ଶ୍ରୀରାମେଶ୍ୱର ମନ୍ଦିରରେ ନଅ ଦିନ ଧରି ଶ୍ରୀରାମ ନବମୀ ପାଳିତ ହୋଇଯାଇଛି । ଶ୍ରୀରାମେଶ୍ୱର ମନ୍ଦିର କମିଟିର ସଭାପତି କିଶୋର ପୁରୋହିତଙ୍କ ନେତୃତ୍ୱରେ ଆଶ୍ରମପଡା, ପି.ଡବ୍ଲୁ.ଡି.କଲୋନୀ ୱାର୍ଡ ନଂ. ୧୪ ଓ ୧୫ର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ଥିଲା।

# 'ବିଶ୍ୱବିଦ୍ୟାଳୟର ଖାଲି ପଦବୀ ଶୀଘ୍ର ପୂରଣ କର'

**ବଲାଙ୍ଗୀର,୨୭।୩(ବୀରେନ୍ଦ୍ର କୁମାର ଝାଙ୍କର)**




ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ୧୪ଟିସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ସହ ସ୍ଥାୟୀ ଭିତ୍ତିରେ ପ୍ରଫେସର, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ଦାବିରେ ଗୁରୁବାର ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (ଏଆଇଡ଼ିଏସଓ) ବଲାଙ୍ଗୀର ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ବିକ୍ଷୋଭକାରୀମାନେ ସାମ୍ପ୍ରତିକ ଶିକ୍ଷାନୁଷ୍ଠାନଗୁଡିକର ଦୁଃସ୍ଥିତି ସମ୍ପର୍କରେ କହିଥିଲେ। ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି, ପ୍ରଫେସର, ଅଧ୍ୟାପକ ନିଯୁକ୍ତି ନ ହେବା ଫଳରେ ପାଠପଢା ଏକ ପ୍ରକାର ଠପ୍ ହେବାକୁ ବସିଲାଣି। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ୧୪୩୪ ଅଧ୍ୟାପକ ଓ ୨୦୭୧ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନେକ ବିଭାଗରେ ଜଣେ କି ଦୁଇଜଣ ଅଧ୍ୟାପକଙ୍କୁ ନେଇ ପାଠପଢା ଚାଲିଛି। ଫଳରେ ବିଶ୍ୱବିଦ୍ୟାଳୟରେ ପାଠପଢାରୁ ଆରମ୍ଭ କରି ପରୀକ୍ଷା ପରିଚାଳନାରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଏଣୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ କୁଳପତି, ପ୍ରଫେସର, ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଯଦି ସରକାର ନିଯୁକ୍ତି କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଜୋରଦାର ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ସଙ୍ଗଠନ ରାଜ୍ୟ ଉପସଭାପତି ସୁନୀଲ କୁମାର ଭୋଇ, ବିଶ୍ୱବିଦ୍ୟାଳୟ ଛାତ୍ର ବିଶ୍ୱଜିତ, ଲିଲି, ମାନସଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ।

**ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ**

ଲଇକେରା,(ରଞ୍ଜନ କୁମାର ମେହେର)- ଝାରସୁଗୁଡ଼ା ଜିଲା ଲଇକେରା ଗ୍ରାମରେ ନବନିର୍ମିତ ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୪ଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବ ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ପତ୍ନୀ ମିନତି ଦାସ ଯୋଗଦେଇଥିଲେ। ମନ୍ଦିର ପ୍ରତିଷ୍ଠା କମିଟି, କାର୍ଯ୍ୟକାରୀ କମିଟି, ଉପଦେଷ୍ଟା କମିଟି, ଲଇକେରା ପୋଲିସ ଓ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ବ୍ୟକ୍ତି ମୃତ

**ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ଅଧୀନ ପୁରୁକୁଣ୍ଡା ଗ୍ରାମରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଜୁରିବାହାଲ ଗ୍ରାମର ଘନଶ୍ୟାମ ପ୍ରଧାନ(୫୦)। ପୂର୍ବରୁ ସେ ବିଦ୍ୟୁତ୍ ବିଭାଗରେ କାମ କରୁଥିଲେ। ସ୍ଥାନୀୟ ଜଣେ ବ୍ୟକ୍ତି ବିଦ୍ୟୁତ୍ ମରାମତି ପାଇଁ ତାଙ୍କୁ ଡାକିଥିଲେ। ବ୍ୟକ୍ତିଗତ ଭାବରେ ସେ ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ମରାମତି କରୁଥିବାବେଳେ ଅସାବଧାନତା ବଶତଃ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟରେ ମୃତଦେହ ଲାଗି ରହିଥିଲା। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବାସନ୍ତିକ ଦୁର୍ଗାପୂଜା

**ବ୍ରଜରାଜନଗର,୨୭।୩(ବିଜୟ ବରାଡ଼)**

ବ୍ରଜରାଜନଗର ସହରାଞ୍ଚଳର ସାନଯୋବ ମଧୁବନ ନଗର ମା' ଜୟଦୁର୍ଗା ମହିଳା ସମିତି ସଭାପତି ନଳିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମଧୁବନ ନଗର କଲ୍ୟାଣ ମଣ୍ଡପରେ ୨ ଦିନ ଧରି ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଲଜାକୁରା କୋଇଲା ଖଣିର ପ୍ରୋଜେକ୍ଟ ଅଫିସର ପ୍ରଶାନ୍ତ କୁମାର ମିଶ୍ର, ପ୍ରୋଜେକ୍ଟ ମ୍ୟାନେଜର ଶଶିଭୂଷଣ ସାହୁ, ବିଜେଡି ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ଗୋବିନ୍ଦ ସିଂହଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ପୂଜାରେ କର୍ତ୍ତା ଭାବେ ଜୟଦେବ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁ ଚରଣ ସିଂହ, ବିଜୟ କୁମାର ସାହୁ, ଲବ ପ୍ରଧାନ, କୁସ ପ୍ରଧାନ, ଜିତେନ ସିଂହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଶ୍ୱ ନାଟ୍ୟ ଦିବସ ପାଳିତ

**ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)**

ବିଶ୍ୱ ନାଟ୍ୟ ଦିବସ ଅବସରରେ ଶୁକ୍ରବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଦ୍ୱାରା ଆଲୋଚନାଚକ୍ର ଏବଂ ଜାଗରଣ କଳାକାରଙ୍କ ଦ୍ୱାରା ନାଟକ ପରିବେଷିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ନାଟ୍ୟ ଭୂଷଣ ମାର୍କଣ୍ଡେଶ୍ୱର ଶତପଥୀ, ରାମଚନ୍ଦ୍ର ମହାପାତ୍ର, ବାଣୀ ଗୌରବ ନିରଞ୍ଜନ ଦ୍ୱିବେଦୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସମ୍ପାଦକ ସୁଜିତ କମାର ପାତ୍ର, ବିଶାଳ କୁମାର ନାୟକ ଏବଂ ଅମ୍ଳାନସୁ ପୂଜାରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପ୍ରକାଶ ଦେବତା, ଜନ୍ମଜୟ ନାୟକ, ଶୁଭମ ମହାଙ୍କୁର, ରାଜେଶ କୁମାର ଶତପଥୀ, ଶିବାଶିଷ ଝାଙ୍କର, ନମନ କୁମାର ନାୟକ, ଶାଶ୍ୱତୀ ପରିଡ଼ା, କୁମାରୀ ବିଷ୍ଣୁପ୍ରିୟା ଗଡ଼ତିୟା, କୁମାରୀ ଜୁଲି ଷଣ୍ଢ,ଏବଂ କୁମାରୀ ସିଦ୍ଧିପ୍ରଜ୍ଞା ପରିଡ଼ା ଉପସ୍ଥିତ ଥିଲେ।

### ରାମନବମୀରେ ଶୋଭାଯାତ୍ରା

**ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)**

ରାମ ନବମୀ ଅବସରରେ ଶୁକ୍ରବାର ଝାରସୁଗୁଡ଼ାରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚମୁଖୀ ଆଖଡ଼ା ଓ ବୁରୋମାଲ ଡିଏକ୍ସ ସଙ୍ଗଠନ ପକ୍ଷରୁ ମନମୋହନ ପଡିଆରୁ ବାହାରିଥିବା ଶୋଭାଯାତ୍ରାରେ ଅଭିନେତା, ପୂର୍ବତନ ଏମ୍‌ପି ତଥା ବର୍ତ୍ତମାନର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସାମିଲ ହୋଇଥିଲେ। ସେହିପରି ଶିବଶକ୍ତି ଆଖଡ଼ା ସଙ୍ଗଠନ ପକ୍ଷରୁ ମଙ୍ଗଳ ବଜାରଠାରୁ ବାହାରିଥିବା ଶୋଭାଯାତ୍ରାରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ସାମାଜିକ କର୍ମୀ ପୁରୁଷୋତ୍ତମ ମହାନ୍ତି ଯୋଗଦେଇଥିଲେ। ଭୀମସେନା ଚୌକ ଓ ସଙ୍କଟ ମୋଚନ ଆଖଡ଼ା ସଙ୍ଗଠନ ପକ୍ଷରୁ ସରବାହାଲଠାରୁ ବାହାରିଥିବା ଶୋଭାଯାତ୍ରାରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଯୁବନେତା ବିଶାଳ ଦାସ ତାଙ୍କ ସମର୍ଥକଙ୍କ ସହିତ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶଧାରୀ ସାମିଲ ହୋଇଥିବାବେଳେ ବିଭିନ୍ନ ପ୍ରକାର ନୃତ୍ୟ, ବାଦ୍ୟ ପରିବେଷଣ କରାଯାଇଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣଙ୍କ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଥିଲା।

# ୪୯.୭୨ କିମି ରାସ୍ତାର ହେବ ସମ୍ପ୍ରସାରଣ

**ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟ ରାଜପଥ-୪୯ର ସମ୍ପ୍ରସାରଣ ତଥା ୪-ଲେନ୍‌ବିଶିଷ୍ଟ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଡିଏମ୍‌ଏଫ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସ୍ତାବିତ ପ୍ରକଳ୍ପ ରୂପରେଖର ଚୂଡ଼ାନ୍ତ ରୂପ ଦିଆଯାଇଛି। ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୪୯.୭୨ କିଲୋମିଟର ରହିଛି। ବର୍ତ୍ତମାନ ଏହି ରାସ୍ତା ୨-ଲେନ୍ ବିଶିଷ୍ଟ ହୋଇଥିବାବେଳେ ବଢୁଥିବା ଯାନବାହନ ଚଳାଚଳ ଓ ପରିବହନ ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ୪-ଲେନ୍‌ବିଶିଷ୍ଟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସ୍ତାବିତ ଆଲାଇନମେଣ୍ଟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଜିଲାପାଳ ଚହ୍ୱାଣ ସମ୍ପୂର୍ଣ୍ଣ ରାସ୍ତାରେ ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଝାରସୁଗୁଡ଼ା-କନକତୋରା ୪-ଲେନବିଶିଷ୍ଟ ଜାତୀୟ ରାଜପଥ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ**

ସ୍ଥାପନ ପାଇଁ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ରାଜପଥରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଏହି ସୌର ଆଲୋକ ପ୍ରକଳ୍ପର ପ୍ରସ୍ତାବକୁ ମୂଳ ପ୍ରକଳ୍ପ ରୂପରେଖରେ ସାମିଲ କରିବାକୁ କହିଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ଏବଂ ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ମତ ଉପସ୍ଥାପନ କରିଥିଲେ। ଏଥିସହିତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ଗେଲ୍ କର୍ତ୍ତୃପକ୍ଷ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏବଂ ବେଦାନ୍ତ କୋଲ୍ ବ୍ଲକର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶୀଦାରଙ୍କ ସହମତି ପରେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

**ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)**

**ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ**

ଝାରସୁଗୁଡ଼ା ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ମାସିକ ସମୀକ୍ଷା ବୈଠକ ଜିଲାପାଳଙ୍କ ବୈଠକ ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଜିଲାର ସମସ୍ତ ପୌରାଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ବୈଠକ ପ୍ରାରମ୍ଭରେ ଜିଲାପାଳ ରାଜସ୍ୱ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ 'ଉନ୍ନତି' ଯୋଜନା, ୧୫ଶ ଅର୍ଥ କମିଶନ ଏବଂ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ ଚାଲିଥିବା କାର୍ଯ୍ୟଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ଏମ୍‌ପି ଏବଂ ଏମ୍‌ଏଲ୍‌ଏ ଲ୍ୟାଡ୍ ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ପ୍ରକଳ୍ପର ସ୍ଥିତି ପରଖିବା ସହ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ମୁକ୍ତା ଯୋଜନାରେ ସ୍ଥାନୀୟ ଶ୍ରମିକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସହଭାଗିତାରେ ହେଉଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ଓ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ କହିଛନ୍ତି। ଏହି ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ସମସ୍ତ ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲାସ୍ତରୀୟ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗାନ୍ଧୀ ଛକଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବିପତ୍ର

**ବ୍ରଜରାଜନଗର,୨୭।୩(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରରେ ନିର୍ମାଣ ହେବାକୁ ଥିବା ନୂତନ ବସ୍‌ଷ୍ଟାଣ୍ଡକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ରବିବାର ପୌରାଞ୍ଚଳର ୨୨/୨୩ ନମ୍ବର ୱାର୍ଡର ଜନସାଧାରଣଙ୍କ ସମେତ ୨ ଜଣ କାଉନ୍‌ସିଲର ଗାନ୍ଧୀ ଛକଠାରେ ବସ୍‌ଷ୍ଟାଣ୍ଡ କରିବା ପାଇଁ ଲିଖିତ ଆକାରରେ ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ସମ୍ପର୍କିତ କପି ଜିଲାପାଳ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ପ୍ରଦାନ କରିଛନ୍ତି। ଗାନ୍ଧୀ ଛକରେ ସର୍ବଦା ଯାତ୍ରୀଙ୍କ ଭିଡ଼ ଲାଗିରହୁଛି। ଏହି ଛକ ଏନ୍.ଏଚ୍-୪୯ରେ ଅବସ୍ଥିତ। ଏହାର ପୂର୍ବରେ ଝାରସୁଗୁଡ଼ା, ପଶ୍ଚିମରେ ବେଲପାହାଡ, ଦକ୍ଷିଣରେ ଦରଲିପାଲି ଏନ୍‌ଟିପିସି ଏବଂ ଉତ୍ତର ଦିଗରେ ବ୍ରଜରାଜନଗର ସହର ଅବସ୍ଥିତ। ଯାତ୍ରୀଙ୍କ ପାଇଁ ଗାନ୍ଧୀ ଛକଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ସବୁ ଦୃଷ୍ଟିରୁ ସୁବିଧା ହେବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ତେବେ ଗାନ୍ଧୀ ଛକଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ସହରବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି। ସହରର ବୁଦ୍ଧିଜୀବୀମାନେ ଗାନ୍ଧିଛକଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରିବା ସହିତ ପୂର୍ବ ନିର୍ଦ୍ଧାରିତ ସ୍ଥାନ ମଙ୍ଗଳା ମନ୍ଦିରଠାରେ କରାଯାଉ ନଚେତ ଗୋଲ ଛକଠାରେ କରାଯାଉ ବୋଲି ମତପ୍ରକାଶ କରିଛନ୍ତି। ସହରବାସୀଙ୍କ କହିବାନୁଯାୟୀ, ବସ୍‌ଷ୍ଟାଣ୍ଡ ମୁଖ୍ୟ ବଜାରରେ ଥିଲା। ଫଳରେ ଯାତ୍ରୀଙ୍କ ଯାତାୟାତରେ ସୁବିଧା ହେଉଥିଲା। ଗାନ୍ଧୀ ଛକରେ ବସ୍‌ଷ୍ଟାଣ୍ଡ ତିଆରି ହେଲେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବେ। କାରଣ ଗାନ୍ଧୀ ଛକଠାରୁ ସହରର ଦୂରତା ୪କିମିରୁ ଊର୍ଦ୍ଧ୍ୱ ହେବ। ଯାତ୍ରୀମାନେ ବସ୍‌ରୁ ଓହ୍ଲାଇଲେ ଅଟୋରେ ଗଲେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ବସ୍‌ଷ୍ଟାଣ୍ଡ ବ୍ରଜରାଜନଗର ସହର ପାଖାପାଖି କରିବାକୁ ଦାବି କରିଛନ୍ତି। ଏନେଇ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପଚାରିବାରୁ ସେ ଫୋନ୍ ରିସିଭ କରି ନ ଥିଲେ। ନିର୍ବାହୀ ଅଧିକାରୀଙ୍କ ନାମରେ ପୋଲିସରେ ଅଭିଯୋଗ ହେବା ପରଠାରୁ ସେ କୌଣସି ଉତ୍ତର ଦେଉନାହାନ୍ତି। ନିର୍ବାହୀ ଅଧିକାରୀଙ୍କ ନୀରବତା ସହରରେ ଗୋଷ୍ଠୀ ବିବାଦର ସୂତ୍ରପାତ ହେବାରେ ସହାୟକ ହେଉଛି। ଜିଲା ପ୍ରଶାସନ ତୁରନ୍ତ ଏ ଘଟଣାର ବିଚାର କରି ବସ୍‌ଷ୍ଟାଣ୍ଡ କେଉଁଠାରେ କରାଯିବ ତାହା ସ୍ପଷ୍ଟ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

# କୋଲାବିରାରେ କାଜୁ ବଗିଚାର ପୁନରୁଦ୍ଧାର ପାଇଁ ପରାମର୍ଶ

**ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଗୁରୁବାର ଜିଲା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏଥିସହ ଜିଲାରେ କୃଷିର ଉନ୍ନତି ଓ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିବାବେଳେ ଜିଲାରେ କୃଷି ବିବିଧିକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ଲଖନପୁର ବ୍ଲକ୍‌ର ଜଳପ୍ଲାବିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ସେଠାରେ ଧାନ ବଦଳରେ ସ୍ୱଳ୍ପ ମିଆଦୀ ପନିପରିବା ଚାଷ କରିବାକୁ ସେ କହିଛନ୍ତି। ଏହାଦ୍ୱାରା ଚାଷୀମାନେ ପାରମ୍ପରିକ ଚାଷରୁ ବାହାରି ଅଧିକ ଲାଭବାନ ହୋଇପାରିବେ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। କୋଲାବିରା ବ୍ଲକ୍ ଅଧୀନ ଚାନ୍ଦନୀମାଲଠାରେ ଥିବା ପୁରାତନ କାଜୁ ବଗିଚାର ପୁନରୁଦ୍ଧାର ପାଇଁ ଏକ ବୈଷୟିକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲାରେ ବର୍ଷସାରା ଫୁଲଚାଷ କରିବା ପାଇଁ ପୁଷ୍ପଚାଷ ଅଞ୍ଚଳର ସମ୍ପ୍ରସାରଣ ଉପରେ ସେ ଜୋର୍ ଦେଇଛନ୍ତି। ଜିଲାରେ ମହୁ ଉତ୍ପାଦନ ବୃଦ୍ଧି ଏବଂ ଏହାର ବଜାର ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଲଇକେରା ହନି ଫେଡ୍ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଦ୍ୱାରା ଉତ୍ପାଦିତ ମହୁର ସ୍ୱତନ୍ତ୍ର ବ୍ରାଣ୍ଡିଂ ପାଇଁ ଉଦ୍ୟାନ କୃଷି ଅଧିକାରୀ ଜିଲାପାଳଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ, ଯାହାକୁ ଜିଲାପାଳ ଗ୍ରହଣ କରିଛନ୍ତି। ଶେଷରେ ଜିଲାପାଳ କାର୍ଯ୍ୟାଳୟ ପରିସର ଏବଂ କୋଠା ବୁଲି ଦେଖିବା ସହ କାର୍ଯ୍ୟାଳୟର ସମସ୍ତ ରୁମ୍ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସ୍ୱଚ୍ଛ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମା' କନକଦୁର୍ଗାଙ୍କ ସିଦ୍ଧିଦାତ୍ରୀ ବେଶ



**ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)**

ବାସନ୍ତିକ ନବରାତ୍ର ପୂଜାର ଶୁକ୍ରବାର ନବମ ଦିବସରେ ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ଏହି ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ପରେ ମା' କନକଦୁର୍ଗାଙ୍କୁ ସିଦ୍ଧିଦାତ୍ରୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା' ଦକ୍ଷିଣକାଳୀ ଓ ଶନି ମନ୍ଦିରରେ ମଧ୍ୟ ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା ଚାଲିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମନବମୀ ଉତ୍ସବ



ଅତିଥିଙ୍କ ଗହଣରେ ବିଭିନ୍ନ ବେଶଧାରୀ।

**ଦେବଗଡ଼,୨୭।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳର ବିଶିଷ୍ଟ ସାମାଜିକ କର୍ମୀ ଗାନ୍ଧୀ ଚରଣ ନାୟକ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଆଚାର୍ଯ୍ୟ ମୁକ୍ତେଶ୍ୱର ପାତ୍ର ଏବଂ ପ୍ରେମମଞ୍ଜରୀ ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ, ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା, ଆଚାର୍ଯ୍ୟ ରାକେଶ କୁମାର ସାହୁ ଅଭିଭାଷଣ ପ୍ରଦାନ, ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୁରୁମା, ଗୁରୁଜୀ ଏବଂ ଛାତ୍ରୀଛାତ୍ର ଶ୍ରୀରାମଙ୍କ ଫଟୋ ଧରି ରାମ, ସୀତା, ଲକ୍ଷ୍ମଣ, ହନୁମାନ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁଣି ସମସ୍ତେ ବିଦ୍ୟାଳୟକୁ ଫେରିଥିଲେ।

# ଦୁର୍ଘଟଣାରେ ପୁଅ ମୃତ, ମା' ଗୁରୁତର

**ଝାରସୁଗୁଡ଼ା/କୋଲାବିରା,୨୭।୩ (ଆଶିଷ ରଞ୍ଜନ ଦାଶ/ସଞ୍ଜୟ ପୂଜାରୀ)**

୪୯ ନମ୍ବର ଜାତୀୟ ରାଜପଥର କୋଲାବିରା ଥାନା ଅଧୀନ କୁଣ୍ଡୁରୁସିଂହା ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ହାଇୱା ଚାପାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ କିର୍ମିରା ବ୍ଲକ୍ ଅଧୀନ ଅର୍ଡା ନିକଟସ୍ଥ ତାଲମାଲ ଗ୍ରାମର ଅକ୍ସିତ ପଟେଲ (୧୦)। ତାଙ୍କ ମା' କବିତା ପଟେଲଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କବିତା ସ୍କୁଟି ଚଲାଉଥିବାବେଳେ ଅକ୍ସିତ ପଛରେ ବସିଥିଲେ। ସେମାନେ କୁଚିଣ୍ଡା ଥାନା ଅଧୀନ ଜୁନାନି ଗ୍ରାମ ଅଭିମୁଖେ ଯାଉଥିଲେ। କୁଣ୍ଡୁରୁସିଂହା ଗ୍ରାମଠାରେ ସେମାନେ ଏକ ହାଇୱାକୁ ଉଭରଟେକ୍ କରୁଥିବାବେଳେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଅକ୍ସିତ, କବିତା ଓ ବାଇକ୍ ଚାଳକ ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ହାଇୱା ଚକ ଅକ୍ସିତଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ କବିତାଙ୍କୁ ପ୍ରଥମେ କୋଲାବିରା ଓ ପରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିବା ସୂଚନା ମିଳିଛି। କୋଲାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଲରିଆପାଲିଠାରେ ଜନସାଧାରଣ ଅଟକ ରଖିଥିବା ସୂଚନା ମିଳିଛି । ମୃତ ନାବାଳକ ଅର୍ଡ଼ାର ଏକ ଘରୋଇ ସ୍କୁଲର ଛାତ୍ର ବୋଲି ଜଣାପଡିଛି।

# ମହିଳା ଆଇନଜୀବୀଙ୍କୁ ନିର୍ଯାତନା ଅଭିଯୋଗ

**ଝାରସୁଗୁଡ଼ା,୨୭।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାର ମହିଳା ଆଇନଜୀବୀ କଳ୍ପନା ସାହୁଙ୍କୁ ଜିଲା ଓକିଲ ସଂଘର କେତେଜଣ ମହିଳା ଆଇନଜୀବୀ ଓ ପୋଲିସ କର୍ମଚାରୀ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଝାରସୁଗୁଡ଼ାର ଏକ ହୋଟେଲରେ ଶୁକ୍ରବାର ପୂର୍ବାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳ୍ପନା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ମାମଲାରେ ଜିଲାର ଜଣେ ମହିଳା ପୋଲିସ ଅଧିକାରୀ ତାଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ହେଲେ ସେ ମନା କରିଦେଇଥିଲେ। ଫଳରେ ପୋଲିସ ଅଧିକାରୀ ଓ ସହକାରୀ ପୋଲିସ କର୍ମଚାରୀ ତାଙ୍କୁ ଧମକ ଦେଇଥିଲେ। ଏନେଇ କଳ୍ପନା ଟାଉନ୍ ଥାନାରେ ୨୦୨୩ ମାର୍ଚ୍ଚ ୬ ତାରିଖରେ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ୯ ଦିନ ପରେ ଜଣେ ପୋଲିସ କର୍ମଚାରୀଙ୍କ ପକ୍ଷରୁ କଳ୍ପନାଙ୍କ ନାମରେ ଜାତିଆଣ ଆକ୍ଷେପ ଅଭିଯୋଗ ହେବା ପରେ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ କଳ୍ପନା ହାଇକୋର୍ଟରୁ ଜାମିନ ଆଣି ନିଜ ଓକିଲାତି କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ନିଜ ପକ୍ଷରୁ ହୋଇଥିବା ମାମଲାକୁ ପୋଲିସ ଖାରଜ କରିଥିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳରେ ତତ୍କାଳୀନ ଏସ୍‌ପି ଏବଂ ଆଇଆଇସି, ମାମଲା ହୋଇଥିବା ପୋଲିସ ଅଧିକାରୀଙ୍କୁ ହାଇକୋର୍ଟରେ ଉପସ୍ଥିତ ରହି ନିଜର ପକ୍ଷ ରଖିବା ପାଇଁ ନୋଟିସ୍ ଜାରି କରାଯାଇଥିବା କଳ୍ପନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ସମୟରେ କଳ୍ପନା କରୋନା ପଜିଟିଭ ନ ହୋଇ ମଧ୍ୟ କେତେଜଣ ଅଣଓଡ଼ିଆ ଆଇନଜୀବୀ କରୋନା ପଜିଟିଭ କହି ବିଭିନ୍ନ ସୋସିଆଲ ମିଡ଼ିଆ ଗ୍ରୁପରେ ପୋଷ୍ଟ କରିଥିଲେ। ଏଥିସହ ସବୁବେଳେ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି ନିର୍ଯାତନା ଦେଉଥିବା କଳ୍ପନା କହିଛନ୍ତି। ଏହି ନିର୍ଯାତନା ଦେଉଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସରକାର ଓ ଜିଲା ପ୍ରଶାସନ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ କଳ୍ପନା କହିଛନ୍ତି।

# ଯାତ୍ରୀଙ୍କ ସୁବିଧା, ସୁରକ୍ଷାକୁ ଗୁରୁତ୍ୱ

**ବ୍ରଜରାଜନଗର,୨୭।୩(ବିଜୟ ବରାଡ଼)**

ବିଲାସପୁର ରେଳ ମଣ୍ଡଳର ମହାପ୍ରବନ୍ଧକ ତରୁଣ ପ୍ରକାଶ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ଟିମ୍ ସହ ଇବ୍, ବ୍ରଜରାଜନଗର ଓ ବେଲପାହାଡ଼ ରେଲୱେ ଷ୍ଟେଶନରେ ବ୍ୟାପକ ନିରୀକ୍ଷଣ କରିଥିଲେ। ୧୬ଟି ବଗି ଥିବା ବିଶେଷ ନିରୀକ୍ଷଣ ଟ୍ରେନ୍ ସହିତ ପ୍ରାୟ ୨୦୮ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଜିଏମ୍ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାଲୁଥିବା କାମକୁ ସମୀକ୍ଷା କରି ଯାତ୍ରୀଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦେଇଥିଲେ।

ନୂଆ ଶିଡ଼ି ଓ ଟିକେଟ କାଉଣ୍ଟରର ଆଶ୍ୱାସନ ବ୍ରଜରାଜନଗର ଷ୍ଟେଶନରେ ମୂଳଭୂତ ସୁବିଧାର ଅଭାବ ବିଷୟ ଉଠିଥିବାବେଳେ ଜିଏମ୍ କହିଥିଲେ, ପ୍ଲାଟ୍‌ଫର୍ମ ନଂ.୨ ଓ ୩କୁ ଯିବା ପାଇଁ ବର୍ତ୍ତମାନର ପୁରୁଣା ଲୁହା ଶିଡ଼ିକୁ ହଟାଇ ଶୀଘ୍ର ଚଉଡ଼ା ଓ ଆଧୁନିକ ଶିଡ଼ି ନିର୍ମାଣ କରାଯିବ। ଏଥିସହ ଷ୍ଟେଶନର ପଶ୍ଚିମ ପଟେ ଏକ ନୂତନ ଶିଡ଼ି କାମ ଆରମ୍ଭ ହେବ। ପ୍ଲାଟ୍‌ଫର୍ମ ନମ୍ବର ୩ପଟେ ଟିକେଟ୍ କାଉଣ୍ଟରର



ରେଳଷ୍ଟେଶନରେ ଜିଏମ୍ ସ୍ଥିତି ନିରୀକ୍ଷଣ କରୁଛନ୍ତି।

**ବ୍ରଜରାଜନଗର, ବେଲପାହାଡ଼ ରେଳ ଷ୍ଟେଶନ ନିରୀକ୍ଷଣ କଲେ ଜିଏମ୍**

ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଣିଜ୍ୟ ବିଭାଗ ପକ୍ଷରୁ ୬ ମାସ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି କୁହାଯାଇଛି। ଏହି ନିରୀକ୍ଷଣ ସମୟରେ ଷ୍ଟେଶନ ପରିସର ସ୍ୱଚ୍ଛ ଥିବାବେଳେ ଶୌଚାଳୟ ଓ ପ୍ରତୀକ୍ଷାଳୟ ଖୋଲା ରହିଥିଲା। ଏଥିସହ ଷ୍ଟଲ ଚାଳକ ଓ ସଫେଇ କର୍ମଚାରୀ ନିୟମ ଅନୁସାରେ କାମ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ନିରୀକ୍ଷଣ ଟିମ୍ ବେଲପାହାଡ଼ ଷ୍ଟେଶନରେ ପହଞ୍ଚିଥିଲା। ଏଠାରେ ସ୍ଥାନୀୟ ଲୋକମାନେ ଦୀର୍ଘଦିନର ସମସ୍ୟାଗୁଡ଼ିକୁ ଉଠାଇଥିଲେ। ଜିଏମ୍ ବୃଦ୍ଧ ଓ ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁବିଧା ପାଇଁ ଲିଫ୍ଟ ସ୍ଥାପନ ଓ ଫୁଟ୍ ଓଭରବ୍ରିଜ ବିସ୍ତାରକୁ ପ୍ରାଥମିକତା ଦେବାକୁ କହିଥିଲେ। ଏଥିସହ ଅଣ୍ଡର ବାଇପାସ୍ ନିର୍ମାଣ ପାଇଁ ସେ ସକାରାତ୍ମକ ସଙ୍କେତ ଦେଇ ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯିବ ବୋଲି ଉଲ୍ଲେଖ କରିଥିଲେ। ସୂଚନାଯୋଗ୍ୟ, ଏମ୍‌ପି ପ୍ରଦୀପ ପୁରୋହିତ ଏହି ୨ ଷ୍ଟେଶନର ବିକାଶ ଗତି ବଢ଼ାଇବା ପାଇଁ କିଛିଦିନ ତଳେ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ନିରୀକ୍ଷଣ ସମୟରେ ବାଣିଜ୍ୟ ବିଭାଗର ଅଧିକାରୀମାନେ ଷ୍ଟଲ୍‌ର ଖାଦ୍ୟ ପଦାର୍ଥର ଗୁଣବତ୍ତା ଓ ଲାଇସେନ୍ସ ଯାଞ୍ଚ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ନିରୀକ୍ଷଣ ପରେ ଟିମ୍ ବିଲାସପୁରକୁ ଫେରିଯାଇଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 52 Years

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୮/୨୦୨୬ | Bhubaneswar, Saturday, March 28/ 2026

# ଆଜି ଆର୍‌ସିବି-ଏସ୍‌ଆର୍‌ଏଚ୍ ଟକ୍କର






ଅଭ୍ୟାସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫିଲିପ ସଲ୍ଟ, ବିରାଟ କୋହଲି ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ହେନରିଚ୍ କ୍ଲାସେନ।

**ବେଙ୍ଗାଲୁରୁ, ୨୭।୩**

ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ରୋମାଞ୍ଚ। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ସନ୍ ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ଭେଟିବ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଦୀର୍ଘ ୨ ମାସଧରି ଚାଲିବାକୁ ଥିବା ଏହି ହାଇପ୍ରୋଫାଇଲ ଲିଗ୍‌ରେ ମୋଟ ୭୪ଟି ମ୍ୟାଚ ଅନୁଷ୍ଠିତ ହେବ। ସନ୍‌ରାଇଜର୍ସ ଦଳ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୮ ଓ ୨୦୨୪ରେ ରନରଅପ୍ ହୋଇଛି। ଅନ୍ୟପକ୍ଷରେ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ରନରଅପ୍ ହେବାପରେ ୨୦୨୫ରେ ଟାଇଟଲ ସ୍ୱାଦ ଚାଖିଛି। ମିନି ଅକ୍ସନରେ ୧୦ଟି ଯାକ ଦଳ ପୁନର୍ଗଠିତ ହୋଇଛି। ତେଣୁ ସିଜନ ଆରମ୍ଭ ମୁକାବିଲା ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। କେତେକ ଖେଳାଳିଙ୍କ ଆହତ ସମସ୍ୟା ଉଭୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ଓ ଶ୍ରୀଲଙ୍କାର ନୂଆନ ଥୁଶରା ଆର୍‌ସିବି ପାଇଁ ଉପଲବ୍ଧ ହେବେନାହିଁ। ସେହିପରି ଯଶ ଦୟାଲଙ୍କ ସେବାରୁ ମଧ୍ୟ ଦଳ ବଞ୍ଚିତ ହେବ। ଗତ ବର୍ଷ ଆର୍‌ସିବିର ଚାମ୍ପିୟନ ହେବା ପଛରେ ହାଜେଲଉଡ୍ ଓ ଦୟାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିପରି ସନ୍‌ରାଇଜର୍ସ ଏହାର ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ ବିନା ପ୍ରଥମ କେତୋଟି ମ୍ୟାଚ ଖେଳିବ। ତାଙ୍କ ସ୍ଥାନରେ ଇଶାନ କିଶନଙ୍କୁ ଅଧିନାୟକ ମନୋନୀତ କରାଯାଇଛି।

## ଏସ୍‌ଆର୍‌ଏଚ୍ ୧୪, ଆର୍‌ସିବି ୧୧

ରେକର୍ଡ ଅନୁସାରେ ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୬ଟି ଆଇପିଏଲ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ସେଥିମଧ୍ୟରୁ ଏସ୍‌ଆର୍‌ଏଚ୍ ୧୪ଟି ଏବଂ ଆର୍‌ସିବି ୧୧ଟି ମ୍ୟାଚ ଜିତିଛି। ଅବଶିଷ୍ଟ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଗତ ସଂସ୍କରଣରେ ଅନୁଷ୍ଠିତ ଏକମାତ୍ର ମୁକାବିଲାରେ ସନ୍‌ରାଇଜର୍ସ ୪୨ ରନରେ ବିଜୟୀ ହୋଇଥିଲା। ବେଙ୍ଗାଲୁରୁରେ ଉଭୟ ଦଳ ପରସ୍ପରକୁ ମୋଟ ୯ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରୁ ଆର୍‌ସିବି ୫ଟି ଏବଂ ଏସ୍‌ଆର୍‌ଏଚ୍ ୩ଟିରେ ବିଜୟୀ ହୋଇଛି। ଓଭରଅଲ୍ ଶେଷ ୫ ମ୍ୟାଚ ମୁକାବିଲାରେ ଆର୍‌ସିବି ୩ଟି ଏବଂ ଏସ୍‌ଆର୍‌ଏଚ୍ ୨ଟି ଜିତିଛି।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ରଜତ ପଟିଦାର (ଅଧିନାୟକ), ବିରାଟ କୋହଲି, ଫିଲିପ ସଲ୍ଟ, ଦେବଦତ୍ତ ପଡିକାଲ, ଟିମ୍ ଡେଭିଡ, ଜୀତେଶ ଶର୍ମା, କୃନାଲ ପାଣ୍ଡ୍ୟା, ରୋମାରିଓ ଶେଫର୍ଡ, ଭୁବନେଶ୍ୱର କୁମାର, ସୂୟାଶ ଶର୍ମା, ଜ୍ୟାକବ ଡୁଫି, ରଶିଖ ସଲାମ ଦର, ଭେଙ୍କଟେଶ ଆୟର, ମଙ୍ଗେଶ ଯାଦବ, ଭିହାନ ମାଲହୋତ୍ରା, ଭିକି ଓସ୍ୱାଲ, ଅଭିନନ୍ଦନ ସିଂ, ଜ୍ୟାକବ ବେଥେଲ, ଜୋର୍ଡାନ କକ୍ସ, ସ୍ୱପ୍ନିଲ ସିଂ, କନିଷ୍କ ଚୌହାନ, ସତଭିକ ଦେଶୱାଲ।

**ସନ୍‌ରାଇଜର୍ସ ହାଇଦ୍ରାବାଦ:** ଇଶାନ କିଶନ (ଅଧିନାୟକ), ଅଭିଷେକ ଶର୍ମା, ଟ୍ରାଭିସ ହେଡ୍, ଲିଆମ ଲିଭିଂଷ୍ଟୋନ, ହେନରିଚ୍ କ୍ଲାସେନ, ଅନିକେତ ବର୍ମା, ନୀତୀଶ କୁମାର ରେଡ୍ଡୀ, ହର୍ଷଲ ପଟେଲ, ଜୟଦେବ ଉନାଡକଟ, ହର୍ଷ ଦୁବେ, ଏସହାନ ମାଲିଙ୍ଗା, ଶିବମ୍ ମାଭି, ସ୍ମରନ ରବିଚନ୍ଦ୍ରନ, ଜୀଶାନ ଅନସାରି, ସଲିଲ ଆରୋରା, କାମିନ୍ଦୁ ମେଣ୍ଡିସ, ବ୍ରେଡନ କାର୍ସ, ଡେଭିଡ ପେନି, ପ୍ରଫୁଲ ହିଙ୍ଗେ, ସାକିବ ହାସନ, କ୍ରେନ୍ସ ଫୁଲେତ୍ରା, ଅମିତ କୁମାର।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ ଅବସରରେ ଫାଙ୍କା ରଖାଯିବାକୁ ଥିବା ୧୧ ସିଟ୍। ଗତବର୍ଷ ଆରସିବିର ବିଜୟ ଶୋଭାଯାତ୍ରା ଅବସରରେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ଜୀବନ ଯାଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି।

# ଗ୍ରୁପ୍ ପର୍ଯ୍ୟାୟ ମୁକାବିଲା

**ବେଙ୍ଗାଲୁରୁ, ୨୭।୩**

| ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' |
| --- | --- |
| ଚେନ୍ନାଇ ସୁପର କିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ |
| କୋଲକାତା ନାଇଟ ରାଇଡର୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ରାଜସ୍ଥାନ ରୟାଲ୍ସ | ଗୁଜରାଟ ଟାଇଟନ୍ସ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଦିଲ୍ଲୀ କ୍ୟାପିଟାଲ୍ସ |
| ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |

୨୦୨୩ ଆଇପିଏଲ୍ ଫର୍ମାଟ ଅନୁସାରେ ପୂର୍ବ ସଂସ୍କରଣର ପ୍ରଦର୍ଶନ ଭିତ୍ତିରେ ଏଥର ମଧ୍ୟ ଆଇପିଏଲ୍‌ରେ ଅଂଶଗ୍ରହଣକାରୀ ୧୦ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ନିଜ ଗ୍ରୁପ୍‌ରେ ଥିବା ଅନ୍ୟ ଦଳଗୁଡ଼ିକ ସହିତ ଗୋଟିଏ ଲେଖାଏ ଏବଂ ଗ୍ରୁପ୍ 'ବି'ରେ ଥିବା ଦଳଗୁଡ଼ିକ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବେ। ଅର୍ଥାତ୍ ଏଥର ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଲିଗ୍ ପର୍ଯ୍ୟାୟରେ ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବ। ସେହିପରି ଅନ୍ୟ ଦଳଗୁଡ଼ିକର ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ୪ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବେ।

# ଫିଟ୍‌ନେସ୍ ଟେଷ୍ଟରେ ଥୁଶରା ବିଫଳ

**କଲମ୍ବୋ, ୨୭।୩**

ଶ୍ରୀଲଙ୍କାର ନୂଆନ ଥୁଶରା ଫିଟ୍‌ନେସ ଟେଷ୍ଟରେ ବିଫଳ ହୋଇଛନ୍ତି। ତେଣୁ ସେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରେ ଯୋଗଦେବାରେ ବିଳମ୍ବ ହେବ। ପୂର୍ବରୁ ଜୋଶ୍ ହାଜେଲ୍‌ଉଡ୍ ଓ ଯଶ ଦୟାଲଙ୍କ ବିନା ଆରସିବି ଖେଳିବାକୁ ଯାଉଥିବାବେଳେ ଏବେ ଥୁଶରାଙ୍କ ଫିଟ୍‌ନେସ ଫଳାଫଳ ଦଳୀୟ ଶିବିରରେ ନୈରାଶ୍ୟ ଆଣିଛି। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ଏନ୍‌ଓସି (ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ପାଇଁ) ଫିଟ୍‌ନେସ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ବିଫଳ ହୋଇଥିବାରୁ ଥୁଶରାଙ୍କୁ ଏନ୍‌ଓସି ମିଳି ପାରିନାହିଁ।

# ଶତ୍ରୁ ରାଷ୍ଟ୍ରକୁ ଖେଳାଳିଙ୍କ ଗସ୍ତ ଉପରେ ଇରାନର କଟକଣା

**ତେହେରାନ, ୨୭।୩ (ଏପି)**

ଇରାନ ଶତ୍ରୁରାଷ୍ଟ୍ର ଭାବେ ବିବେଚିତ ଦେଶଗୁଡ଼ିକୁ ଏହାର ଖେଳାଳି ଦଳ ଗସ୍ତ ଉପରେ କଟକଣା ଜାରି କରିଛି। ସାଉଦି ଆରବରେ ଟ୍ରାକ୍ଟର ଏଫ୍‌ସି ବିପକ୍ଷ ଗେମ୍ ପୂର୍ବରୁ ଇରାନ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି। ତେବେ ଜୁନ୍ ୧୧ରୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ଇରାନର ଅଂଶଗ୍ରହଣ ଉପରେ କୌଣସି ସୂଚନା ଦିଆଯାଇ ନାହିଁ। ଦୁବାଇର ଶାବାବ ଅଲ୍ ଅହଲି ବିପକ୍ଷ ଟ୍ରାକ୍ଟର ଗେମ୍ ସାଉଦି ଆରବରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ଏହା ଏସିଆନ ଚାମ୍ପିୟନ୍ସ ଲିଗ୍ ଏଲିଟ୍‌ର ଏକ ପ୍ଲେ-ଅଫ୍ ମ୍ୟାଚ। ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରା ନ ଯିବା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ବର୍ତ୍ତମାନ ପରିସ୍ଥିତିରେ ଶତ୍ରୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଖେଳାଳିଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେଇ ପାରିବେ ନାହିଁ ବୋଲି ଇରାନ କର୍ତ୍ତୃପକ୍ଷ ମନେ କରୁଛନ୍ତି। ଇରାନ ଯୁଦ୍ଧ ଯୋଗୁ ଏହି ଦେଶର ଆଖପାଖରେ ଥିବା ମଧ୍ୟ ପ୍ରାଚ୍ୟର ପ୍ରାୟ ପ୍ରତ୍ୟେକ ଦେଶ ପ୍ରଭାବିତ ହୋଇଛନ୍ତି। କ୍ଷେପଣାସ୍ତ୍ର ହେଉ କିମ୍ବା ଡ୍ରୋନ ଅବା ବୋମାମାଡ଼ ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ବୁଧବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ ଡ୍ର'ର ଫଳସ୍ୱରୂପ ସାଉଦିଆରବରେ ଟ୍ରାକ୍ଟର ବିପକ୍ଷ ପ୍ଲେଅଫ୍ ଗେମ୍ ଆୟୋଜନ କରାଯାଇଛି। ଏଥିରୁ କ୍ୱାର୍ଟରଫାଇନାଲ ଯୋଡ଼ି ନିର୍ଦ୍ଧାରିତ ହେବ। ପଶ୍ଚିମାଞ୍ଚଳ ପ୍ଲେ-ଅଫ ପାଇଁ ଦିନ ଘୋଷଣାର ଦିନକ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ଏହାର ଏପ୍ରିଲ ୧୩-୧୪ରେ ଜେଦାହଠାରେ ଖେଳାଯିବ ବୋଲି ପୁନର୍ନିର୍ଦ୍ଧାରିତ ହୋଇଥିଲା। ସାଉଦି ସହରରେ ଏପ୍ରିଲ ୧୬ରୁ ୨୫ ମଧ୍ୟରେ କ୍ୱାର୍ଟରଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ ଏପ୍ରିଲ ୧୬ରୁ ୨୫ କରିବା ଲାଗି ଦିନ ଧାର୍ଯ୍ୟ କରାଯାଇଛି। ସେତେବେଳକୁ ଅଞ୍ଚଳରେ ଶାନ୍ତି ଫେରିଥିବ ବୋଲି ଆଶା କରି ଅୟୋଜକଗଣ ଏହି ଦିନ ଧାର୍ଯ୍ୟ କରିଛନ୍ତି।

# ଫର୍ମୁଲା-୧ ଗ୍ରାଁପ୍ରିରେ ଇରାନ ଯୁଦ୍ଧର ପ୍ରଭାବ

**ସୁଜୁକା, ୨୭।୩ (ଏପି)**

ରବିବାର ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରି ପରେ ବାହାରିନ ଓ ସାଉଦି ଆରବ ରେସ୍‌କୁ ସ୍ଥଗିତ ରଖାଯାଇଛି। ଫଳରେ ୫ସପ୍ତାହ ମଧ୍ୟରେ ଏହା ଶେଷ ଗ୍ରାଁପ୍ରି ହେବ। ଚଳିତ ସିଜନରେ ଅଷ୍ଟ୍ରେଲିଆ ଓ ଚାଇନା ପରେ ଜାପାନିଜ ଗ୍ରାଁ ପ୍ରି ହେଉଛି ତୃତୀୟ ରେସ୍। ଜର୍ଜ ରସେଲ ଓ କିମି ଆଣ୍ଟୋନେଲି ଯଥାକ୍ରମେ ପ୍ରଥମ ଦୁଇଟି ରେସ୍‌ରେ ବିଜୟ ଲାଭ କରିଛନ୍ତି। ଜାପାନର କେନ୍ଦ୍ରାଞ୍ଚଳରେ ଥିବା ସୁଜୁକା ସର୍କିଟରେ ମର୍ସିଡିଜ ଓ ଫେରାରିକୁ ଫେଭରିଟ୍ ମନେ କରାଯାଉଛି।

# ହାର୍ଦ୍ଦିକ, ନବନୀତ ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

**ହକି ଇଣ୍ଡିଆ ପୁରସ୍କାର**

ଷ୍ଟାର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଓ ଷ୍ଟ୍ରାଇକର ନବନୀତ କୌର ଶୁକ୍ରବାର ଯଥାକ୍ରମେ ପୁରୁଷ ଓ ମହିଳା କାଟେଗୋରୀରେ ହକି ଇଣ୍ଡିଆ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ରାଜଧାନୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗତବର୍ଷ ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଭାରତ ଅଧିନାୟକ ତଥା ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ଜଣେ ଅନ୍ୟତମ ସଦସ୍ୟ ଜାଫର ଇକ୍‌ବାଲଙ୍କୁ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୫ ବର୍ଷ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହାର୍ଦ୍ଦିକ ଓ ନବନୀତ ପ୍ରତ୍ୟେକଙ୍କୁ ୨୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ବ୍ୟତୀତ ସମ୍ମାନଜନକ ବଲ୍‌ବୀର ସିଂ ସିନିୟର ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ଭାରତୀୟ ହକି ପ୍ରତି ଅବଦାନ ପାଇଁ ଇକ୍‌ବାଲଙ୍କୁ ୨୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ମିଳିଥିଲା। ସେ ୧୯୭୮ ଓ ୧୯୮୨ ଏସିଆନ ଗେମ୍ସରେ ଦୁଇ ରୌପ୍ୟ ଏବଂ ୧୯୮୨ଚାମ୍ପିୟନ୍ସ ଟ୍ରଫିରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ବର୍ଷର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ସଞ୍ଜୟଙ୍କୁ ହକି ଇଣ୍ଡିଆ ଅଜିତ ପାଲ୍ ସିଂ ଆୱାର୍ଡ ଏବଂ ବର୍ଷର ଶ୍ରେଷ୍ଠ ଫରୱାର୍ଡ ଭାବେ ସୁଖଜିତ ସିଂ ଧନରାଜ ପିଲେ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ଉଭୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ମିଳିଛି। ୨୧ ବର୍ଷରୁ କମ୍ ମହିଳା ବିଭାଗରେ ଅପ୍‌କମିଂ ପ୍ଲେୟର ଅଫ୍ ଦି ଇୟର ଭାବେ ସାକ୍ଷୀ ରାଣା ହକି ଇଣ୍ଡିଆ ଅସୁନ୍ତା ଲାକ୍ରା ପୁରସ୍କାର ଜିତିଛନ୍ତି। ଏହି କାଟେଗୋରି ପୁରୁଷ ବିଭାଗରେ ଯୁବ ଗୋଲ୍‌କିପର ପ୍ରିନ୍ସ ଦୀପ ସିଂ ଯୁଗରାଜ ସିଂ ଆୱାର୍ଡ ଜିତିଛନ୍ତି। ପ୍ରିନ୍ସ ଦୀପ ଗତବର୍ଷ ଜୁନିୟର ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ଉଭୟରେ ୧୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ତାଙ୍କ ଡେପୁଟି ରକ୍ଷା ଖଡ୍‌ସେ ଏବଂ ହକି ଇଣ୍ଡିଆ ଅଫିସିଆଲ ଉପସ୍ଥିତ ଥିଲେ।




ହକି ଇଣ୍ଡିଆ ପୁରସ୍କାର ଗ୍ରହଣ ଅବସରରେ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଓ ଷ୍ଟ୍ରାଇକର ନବନୀତ କୌର।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ